ଧରିତ୍ରୀ 51 Years
# ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୧୫/୨୦୨୫ (୧୬ ପୃଷ୍ଠା) Bhubaneswar, Monday, September 15/2025 Page 16 ₹ 7.00 | BALASORE
୫୧ଶ ଭାଗ ୨୯୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 291 ମୂଲ୍ୟ ₹୭/-

DSPL-255



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ନିଯୁକ୍ତି ମେଳା

ମୁଖ୍ୟମନ୍ତ୍ରୀ
## ଶ୍ରୀ ମୋହନ ଚରଣ ମାଝୀଙ୍କ
କରକମଳରେ
## ନୂତନ ଭାବେ ଚୟନୀତ ୭ଟି ବିଭାଗର
## ୧୬୮୬ ଜଣ ପ୍ରାର୍ଥୀଙ୍କୁ
## ନିଯୁକ୍ତିପତ୍ର ପ୍ରଦାନ

| | | | |
|---|---|---|---|
| ୩୪ କୃଷି ଓ କୃଷକ ସଶକ୍ତିକରଣ ବିଭାଗ | ୬୧ ଅର୍ଥ ବିଭାଗ | ୪୧୩ ଜଳସମ୍ପଦ ବିଭାଗ | ୩୭ ଆଇନ ବିଭାଗ |
| ୨୩ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ | ୯୮୨ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ | ୧୩୬ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ | |

୧୫ ସେପ୍ଟେମ୍ବର ୨୦୨୫ | ଇଡ଼କୋ ପ୍ରଦର୍ଶନୀ ପଡିଆ, ୟୁନିଟ୍ - ୩, ଭୁବନେଶ୍ୱର

କୃଷି ଓ କୃଷକ ସଶକ୍ତିକରଣ ବିଭାଗ | ଅର୍ଥ ବିଭାଗ | ଜଳସମ୍ପଦ ବିଭାଗ | ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ | ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ | ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ

ଓଡ଼ିଶା ସରକାର

OIPR-32001/13/0012/2526

## ଆସାମରେ ୫.୯ ତୀବ୍ରତାର ଭୂକମ୍ପ

ଆସାମରେ ରବିବାର ଅପରାହ୍ନ ୪ଟା ୪୧ ମିନିଟ୍ ସମୟରେ ୫.୯ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି। ଏହାର କମ୍ପନ ଉତ୍ତର ପଶ୍ଚିମବଙ୍ଗ, ଭୁଟାନରେ ମଧ ଅନୁଭୂତ ହୋଇଥିଲା। ଭୂକମ୍ପର କେନ୍ଦ୍ରସ୍ଥଳ ଉଦଲଗୁରି ଜିଲାରେ ୫ କିଲୋମିଟର ଗଭୀରରେ ବୋଲି ଜଣାପଡ଼ିଛି। ଭୂମିକମ୍ପକୁ ନେଇ ଆତଙ୍କ ଖେଳିଯିବା ସହ ଲୋକେ ଘରୁ ବାହାରି ଆସିଥିଲେ। ତେବେ ଆହତ କିମ୍ବା କ୍ଷୟକ୍ଷତି ସମ୍ପର୍କିତ ଖବର ମିଳିନାହିଁ।

### ସଂକ୍ଷେପରେ

## ଆଜି ୱକ୍‌ଫ ରାୟ

ନୂଆଦିଲ୍ଲୀ,୧୪।୯

ୱକ୍‌ଫ (ସଂଶୋଧନ) ଆଇନ, ୨୦୨୫ର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ଦାଏର ପିଟିଶନଗୁଡ଼ିକ ଉପରେ ସୁପ୍ରିମକୋର୍ଟ ସୋମବାର ଅନ୍ତରୀଣ ରାୟ ଶୁଣାଇବେ। ପ୍ରଧାନ ବିଚାରପତି ବି.ଆର୍. ଗବଇ ଏବଂ ଜଷ୍ଟିସ୍ ଏ.ଜି. ମସିହ୍‌ଙ୍କ ଖଣ୍ଡପୀଠ ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ମେ' ୨୨ରେ ରାୟ ସଂରକ୍ଷିତ ରଖିଥିଲେ। ଅନ୍ୟତମ ପିଟିଶନର ଏଆଇଏମ୍ଆଇଏମ୍ ମୁଖ୍ୟ ତଥା ହାଇଦ୍ରାବାଦ ଏମ୍‌ପି ଅସାଦୁଦ୍ଦିନ ଓୱାଇସି ସଂଶୋଧିତ ଆଇନର ପ୍ରମୁଖ ବ୍ୟବସ୍ଥାଗୁଡ଼ିକ ଉପରେ ପ୍ରଶ୍ନ ଉଠାଇ ପିଟିଶନ ଦାଏର କରିଥିଲେ। 'ୱକ୍‌ଫ ବାଏ କୋର୍ଟସ୍, ୱକ୍‌ଫ ବାଏ ୟୁଜର କିମ୍ବା ୱକ୍‌ଫ ବାଏ ଡିଡ୍ ଭାବେ ଘୋଷିତ ସମ୍ପତ୍ତିଗୁଡ଼ିକୁ ରଦ୍ଦ କରିବା କ୍ଷମତା, ରାଜ୍ୟ ୱକ୍‌ଫ ବୋର୍ଡ ଓ କେନ୍ଦ୍ରୀୟ ୱକ୍‌ଫ କାଉନ୍‌ସିଲ୍ ଗଠନ ଏବଂ ୱକ୍‌ଫ ସମ୍ପତ୍ତି ସରକାରୀ ଜମି ବୋଲି ଜିଲାପାଳଙ୍କ ତଦନ୍ତରୁ ଜଣାପଡିଲେ, ତାହାକୁ ୱକ୍‌ଫ ବିବେଚନା କରାଯିବ ନାହିଁ ଆଦି ବ୍ୟବସ୍ଥାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ଅନ୍ତରୀଣ ରାୟ ସଂରକ୍ଷିତ ରଖିବା ପୂର୍ବରୁ ଖଣ୍ଡପୀଠ ଆବେଦନକାରୀମାନଙ୍କ ଓକିଲ ଏବଂ କେନ୍ଦ୍ର ସରକାରଙ୍କ ତରଫରୁ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କ ଯୁକ୍ତି ଶୁଣାଣି କରିଥିଲେ।

## ରୁଷିଆ ତୈଳ ବିଶୋଧନାଗାରରେ ୟୁକ୍ରେନ୍‌ର ଡ୍ରୋନ୍ ଆକ୍ରମଣ

ମସ୍କୋ,୧୪।୯

ରୁଷିଆର ସର୍ବବୃହତ୍ ତୈଳ ବିଶୋଧନାଗାର ଉପରେ ୟୁକ୍ରେନ୍ ଶନିବାର ରାତିରେ ଡ୍ରୋନ୍ ଆକ୍ରମଣ କରିବାରୁ ନିଆଁ ଲାଗିଯାଇଛି। ଉତ୍ତରପଶ୍ଚିମ ଲେନିନ୍‌ଗ୍ରାଡ୍ ଅଞ୍ଚଳରେ ଥିବା କିରିଶି ରିଫାଇନାରିରେ ଏହି ଆକ୍ରମଣ ହୋଇଛି। କିଛି ସପ୍ତାହ ହେଲା ୟୁକ୍ରେନ୍ ରୁଷିଆର ତୈଳ ଭିତ୍ତିଭୂମିକୁ ଟାର୍ଗେଟ କରିଆସୁଛି। କିରିଶି ରିଫାଇନାରିରୁ ବାର୍ଷିକ ୧୭.୭ ନିୟୁତ ମେଟ୍ରିକ୍ ଟନ୍ ବା ଦୈନିକ ୩,୫୫,୦୦୦ ବ୍ୟାରେଲ୍ ତୈଳ ଉତ୍ପାଦନ ହୋଇଥାଏ। ଆକ୍ରମଣ ପରେ ଉକ୍ତ ଅଞ୍ଚଳର ରାତି ଆକାଶରେ ଧୂଆଁର ବାଦଲ ଦେଖାଯାଇଥିଲା। କିରିଶି ଅଞ୍ଚଳରେ ୩ଟି ଡ୍ରୋନ୍‌କୁ ଖସାଇ ଦିଆଯାଇଥିବାବେଳେ ଏହାର ଭଗ୍ନାବଶେଷ ରିଫାଇନାରି ଉପରେ ପଡ଼ି ନିଆଁ ଲାଗିଯାଇଥିବା ଆଞ୍ଚଳିକ ଗଭର୍ନର ଆଲେକ୍‌ଜାଣ୍ଡାର ଡ୍ରୋଜ୍‌ଡେଙ୍କୋ କହିଛନ୍ତି। ଏଥିରେ କେହି ଆହତ ହୋଇ ନ ଥିବାବେଳେ ନିଆଁକୁ ଆୟତ୍ତ କରାଯାଇଛି।

### ଦିଲ୍ଲୀରେ ଆଜି




ଆମେରିକାରେ ଭାରତୀୟଙ୍କ ହତ୍ୟାର ପ୍ରତିବାଦରେ ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ରବିବାର ସଂଯୁକ୍ତ ହିନ୍ଦୁ ସାମ୍ମୁଖ୍ୟ ଓ ରାଷ୍ଟ୍ରବାଦୀ ଶିବସେନା ପକ୍ଷରୁ ବିକ୍ଷୋଭ କରାଯାଉଛି। (ଫଟୋ- ଚମନ ଗୌତମ)

# ଗାଳିର ବିଷ ପିଇଯିବି: ମୋଦି

- ପାକ୍ ଆତଙ୍କବାଦୀଙ୍କ ସହ ହାତ ମିଳାଇଥିଲା କଂଗ୍ରେସ
- ଅନୁପ୍ରବେଶକୁ ବିଫଳ କରିବା ପାଇ ମିଶନ ଖୁବ୍‌ଶୀଘ୍ର

ଗୁଆହାଟୀ,୧୪।୯

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ତାଙ୍କ ଦିବଂଗତ ମା' ହୀରାବେନ୍‌ଙ୍କୁ ଟାର୍ଗେଟ କରି ଖରାପ ଭାଷାରେ ଗାଳିଗୁଲଜ କରାଯାଇଥିବାରୁ ଏହାକୁ ନେଇ ବିବାଦ ଜୋର୍‌ଦାର ହୋଇଛି। ଏନେଇ ପ୍ରଧାନମନ୍ତ୍ରୀ ମୁଖ୍ୟ ବିରୋଧୀ ଦଳ କଂଗ୍ରେସକୁ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି, ଜନସାଧାରଣ ହେଉଛନ୍ତି ତାଙ୍କ ଭଗବାନ୍, ମାଲିକ ଓ 'ରିମୋଟ୍ କଣ୍ଟ୍ରୋଲ'। ଅନ୍ୟ କେହି ତାଙ୍କ ନିୟନ୍ତ୍ରଣକାରୀ ନୁହନ୍ତି। ସେଥିପାଇଁ ସେ ନିଜ ଯନ୍ତ୍ରଣାକୁ ଜନସାଧାରଣଙ୍କ ଆଗରେ ଉପସ୍ଥାପନ କରିଛନ୍ତି। ସେ ଶିବଭକ୍ତ ଏବଂ ଗାଳିର ବିଷକୁ ପିଇଯିବେ ବୋଲି ଆସାମର ଦରାଙ୍ଗଠାରେ ଏକ ଜନସଭାକୁ କହିଛନ୍ତି।

ନିର୍ବାଚନ ହେବାକୁ ଥିବା ବିହାରରେ ଆର୍‌ଜେଡି-କଂଗ୍ରେସ ମଞ୍ଚରୁ କଂଗ୍ରେସ ନେତାମାନେ ପ୍ରଧାନମନ୍ତ୍ରୀ ଓ ତାଙ୍କ ମା'ଙ୍କ ପ୍ରତି ଅପମାନଜନକ ମନ୍ତବ୍ୟ ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ମା'ଙ୍କୁ ନେଇ କଂଗ୍ରେସ ଏକ ଏଆଇ ପ୍ରସ୍ତୁତ ଭିଡିଓ ସୋସିଆଲ ମିଡିଆରେ ଛାଡ଼ିଥିଲା, ଯାହାକୁ ନେଇ ବିବାଦ ବଢ଼ିଛି। ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କୁ ତତ୍କାଳୀନ ଉପା ଅଧକ୍ଷା ସୋନିଆ ଗାନ୍ଧୀ ନିୟନ୍ତ୍ରଣ କରୁଥିଲେ। ସେହିପରି ବର୍ତ୍ତମାନର କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଗାନ୍ଧୀ ପରିବାର ଦ୍ୱାରା ନିୟନ୍ତ୍ରିତ। ତେଣୁ ପ୍ରଧାନମନ୍ତ୍ରୀ ରିମୋଟ କଣ୍ଟ୍ରୋଲ ଶବ୍ଦ ବ୍ୟବହାର କରିଛନ୍ତି। ମୋଦି କହିଛନ୍ତି, କଂଗ୍ରେସ କ୍ରମାଗତ ଭାବେ ଦେଶ ବିରୋଧୀ ଶକ୍ତି ଏବଂ ପାକିସ୍ତାନ ଦ୍ୱାରା ପ୍ରତିପାଳିତ ଆତଙ୍କବାଦୀଙ୍କ ପକ୍ଷ ନେଇଆସିଛି। ଆମ ବୀର ସୈନିକମାନଙ୍କ ପଛରେ ଛିଡ଼ାହେବା ପରିବର୍ତ୍ତେ କଂଗ୍ରେସ ଅନୁପ୍ରବେଶକାରୀ ଏବଂ ଦେଶର ଏକତା ପ୍ରତିବିପଦ ସୃଷ୍ଟି କରୁଥିବା ଲୋକଙ୍କୁ ସମର୍ଥନ କରିଆସିଛି। ଜମି ଦଖଲ କିମ୍ବା ରାଷ୍ଟ୍ରର ଜନସଂଖ୍ୟାକୁ ବଦଳାଇବା ପାଇଁ ଭାଜପା କଦାପି ଅନୁପ୍ରବେଶକାରୀଙ୍କୁ ଅନୁମତି ଦେବ ନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

ଆସାମରେ ଭାଜପା ସରକାରଙ୍କ କାର୍ଯ୍ୟକୁ ପ୍ରଶଂସା କରି ପ୍ରଧାନମନ୍ତ୍ରୀ କହିଥିଲେ, କଂଗ୍ରେସ ସରକାର ସମୟରେ ହୋଇଥିବା ଭୁଲ୍ ସୁଧାରିବା ଓ ବେଆଇନ ଦାବି ହଟାଇବା କାର୍ଯ୍ୟ ଆରମ୍ଭ ହୋଇଛି। ରାଜ୍ୟରେ କଂଗ୍ରେସ ଶାସନ ବେଳେ କୃଷକଙ୍କ ଜମି ଏବଂ ଉପାସନା ସ୍ଥଳୀଗୁଡ଼ିକୁ ଦଖଲ କରାଯାଇଥିଲା। ସରକାର 'ଜନସାଂଖ୍ୟିକ ମିଶନ' ଆରମ୍ଭ କରିବାକୁ ଯାଉଛନ୍ତି। ଅନୁପ୍ରବେଶକାରୀଙ୍କୁ ସହାୟତା ପାଇଁ ଭାରତର ସୀମାନ୍ତ ଅଞ୍ଚଳର ଜନସଂଖ୍ୟାରେ ପରିବର୍ତ୍ତନ ନିମନ୍ତେ ହୋଇଥିବା ପୂର୍ବଚିନ୍ତିତ ଷଡ଼ଯନ୍ତ୍ରକୁ ପ୍ରତିହତ କରିବା ଏହି ମିଶନର ଲକ୍ଷ୍ୟ। ଅନୁପ୍ରବେଶକାରୀ ଓ ସେମାନଙ୍କ କବଳରୁ ଦେଶବାସୀଙ୍କ ସୁରକ୍ଷା ଭାଜପା ସରକାରଙ୍କ ଲକ୍ଷ୍ୟ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଅନୁପ୍ରବେଶକାରୀଙ୍କ କବ୍‌ଜାରେ ଥିବା ଅନେକ ଲକ୍ଷ ବିଘା ଜମିକୁ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ନେତୃତ୍ୱାଧୀନ ସରକାର ଫେରାଇ ଆଣିଛନ୍ତି ଓ ଉକ୍ତ ଅଞ୍ଚଳ ଜବରଦଖଲ ମୁକ୍ତ ହୋଇଛି।

## ଆସାମକୁ ୧୮,୫୩୦ କୋଟିର ପ୍ରକଳ୍ପ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସାମରେ ୧୮,୫୩୦ କୋଟି ଟଙ୍କା ମୂଲ୍ୟର ପ୍ରକଳ୍ପ ଉଦ୍‌ଘାଟନ ଓ ଶୁଭାରମ୍ଭ କରିଛନ୍ତି। ସେ ଗୋଲାଘାଟ ଜିଲାର ନୁମାଲିଗଡ଼ରେ ୫,୦୦୦ କୋଟି ଟଙ୍କାର ବାଉଁଶ ଭିତ୍ତିକ ଇଥାନୋଲ କାରଖାନାକୁ ଉଦ୍‌ଘାଟନ କରିବା ସହ ନୁମାଲିଗଡ଼ ରିଫାଇନେରୀରେ ୭,୨୩୦ କୋଟି ଟଙ୍କା ମୂଲ୍ୟରେ ପ୍ରତିଷ୍ଠା ହେବାକୁ ଥିବା ପେଟ୍ରୋ ଫ୍ଲୁଇଡାଇଜ୍‌ଡ କାଟାଲାଇଟିକ୍ କ୍ରାକର ୟୁନିଟ୍‌ର ଶିଳାନ୍ୟାସ କରିଛନ୍ତି। ଦ୍ୱିତୀୟ ପିଢ଼ିର ବାୟୋଇଥାନୋଲ ପ୍ଲାଣ୍ଟ ହେଉଛି ଏକ ଶୂନ୍ୟବର୍ଜ୍ୟ ପ୍ରକଳ୍ପ, ଯେଉଁଠି ବାଉଁଶ ଗଛର ସମସ୍ତ ଅଂଶକୁ ବ୍ୟବହାର କରାଯିବ। ବିଶ୍ୱରେ ଏହା ପ୍ରଥମ। ଏହା ଗ୍ରାମାଞ୍ଚଳ ଅର୍ଥନୀତିକୁ ୨୦୦ କୋଟି ଟଙ୍କା ବଢ଼ାଇବ ବୋଲି ଆଶା କରାଯାଉଛି। ଉତ୍ତରପୂର୍ବାଞ୍ଚଳ ରାଜ୍ୟରୁ ୫ ଲକ୍ଷ ଟନ୍ ବାଉଁଶ ସଂଗ୍ରହ କରାଯିବ, ଯେଉଁଥିରୁ ୫୦ ହଜାର ଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଉପକୃତ ହେବେ। ସେହିପରି ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିବା ପଲିପ୍ରୋପାଇଲିନ୍ ପ୍ଲାଣ୍ଟ ପ୍ଲାଷ୍ଟିକ୍ ଉତ୍ପାଦନର ମାଇଲଖୁଣ୍ଟ, ଯେଉଁଠି ବାର୍ଷିକ ୭୫ ହଜାର ଶ୍ରମଦିବସ ସୃଷ୍ଟି ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଦରାଙ୍ଗ ଜିଲା ମଙ୍ଗାଲଡୋଇଠାରେ ପ୍ରଧାନମନ୍ତ୍ରୀ ୬,୩୦୦ କୋଟି ଟଙ୍କାର ସ୍ୱାସ୍ଥ୍ୟ ଓ ଭିତ୍ତିଭୂମି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ।

## ଆମେ ଯୁଦ୍ଧ ଚାହୁଁନୁ

### ଟ୍ରମ୍ପଙ୍କ ଟାରିଫ୍‌ର ଜବାବ ଦେଲା ଚାଇନା

ବେଜିଂ,୧୪।୯

ରୁଷିଆରୁ ତୈଳ କିଣୁଥିବା ଚାଇନା ଉପରେ ୫୦ରୁ ୧୦୦ ପ୍ରତିଶତ ଟାରିଫ୍ ଲଗାଇବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ନାଟୋ ରାଷ୍ଟ୍ରଗୁଡ଼ିକୁ କହିଥିବାବେଳେ ବେଜିଂ ଏହାର ଦୃଢ଼ ଜବାବ ଦେଇଛି। ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ୱାଙ୍ଗ୍ ୟି କହିଛନ୍ତି, ତାଙ୍କ ଦେଶ ଉତ୍ତେଜନପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକର ସମାଧାନ ପାଇଁ ଶାନ୍ତି ଆଲୋଚନାକୁ ପ୍ରୋତ୍ସାହିତ କରିବାକୁ ପ୍ରତିଶ୍ରୁତିବଦ୍ଧ। ଚାଇନା ଯୁଦ୍ଧ ଯୋଜନା କରେନି କି ସେଥିରେ ସାମିଲ ହୁଏ ନାହିଁ। ଯୁଦ୍ଧ ସମସ୍ୟାର ସମାଧାନ କରିପାରିବ ନାହିଁ ଏବଂ କଟକଣା କେବଳ ସେଗୁଡ଼ିକୁ ଜଟିଳ କରିବ ବୋଲି ୱାଙ୍ଗ୍ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଜାତିସଂଘ ଘୋଷଣାପତ୍ରର ଉଦ୍ଦେଶ୍ୟ ଓ ସିଦ୍ଧାନ୍ତର ସୁରକ୍ଷା ପାଇଁ ମିଳିତ ଭାବେ ବହୁପକ୍ଷୀୟବାଦକୁ ସୁଦୃଢ଼ କରିବା ଉପରେ ୱାଙ୍ଗ୍ ଗୁରୁତ୍ୱାରୋପ କରିଛନ୍ତି। ଚାଇନା ଏବଂ ୟୁରୋପ ପ୍ରତିଦ୍ୱନ୍ଦ୍ୱୀ ହେବା ବଦଳରେ ବନ୍ଧୁ ହୋଇ ରହିବା ଆବଶ୍ୟକ ଓ ପରସ୍ପରର ମୁହାଁମୁହିଁ ହେବା ପରିବର୍ତ୍ତେ ସହଯୋଗ କରିବା ଜରୁରୀ ବୋଲି ସେ କହିଛନ୍ତି। ୟୁକ୍ରେନ୍ ଯୁଦ୍ଧ ବନ୍ଦ କରିବାକୁ ହେଲେ ଚାଇନା ଉପରେ ୫୦ରୁ ୧୦୦% ଟାରିଫ୍ ଲଗାଇବାକୁ ହେବ ବୋଲି ଟ୍ରମ୍ପ୍ ଶନିବାର ନାଟୋ ରାଷ୍ଟ୍ରଗୁଡ଼ିକୁ କହିଥିଲେ। ଏଥିସହିତ ରୁଷିଆରୁ ନାଟୋ ରାଷ୍ଟ୍ରଗୁଡ଼ିକ ତେଲ କିଣା ବନ୍ଦ କରିବାକୁ ସେ ପରାମର୍ଶ ଦେଇଦେଇଥିଲେ। ସବୁ ନାଟୋ ଦେଶ ମସ୍କୋରୁ ତୈଳ କିଣା ବନ୍ଦ କରିଦେଲେ ସେ ରୁଷିଆ ଉପରେ ବଡ଼ କଟକଣା ଲଗାଇବେ ବୋଲି ଟ୍ରୁଥ୍ ସୋସିଆଲରେ ଟ୍ରମ୍ପ୍ ଲେଖିଥିଲେ।

## ପ୍ରୀତି ସରନ୍ ଜାତିସଂଘ ସିଇଏସ୍‌ସିଆର୍ ଅଧକ୍ଷ



ନ୍ୟୁୟର୍କ,୧୪।୯(ପି.ଟି.)

ଭାରତର ପୂର୍ବତନ କୂଟନୀତିଜ୍ଞ ପ୍ରୀତି ସରନ୍ ଜାତିସଂଘର ସମ୍ମାନଜନକ ଆର୍ଥିକ, ସାମାଜିକ ଓ ସାଂସ୍କୃତି ଅଧିକାର କମିଟି (ସିଇଏସ୍‌ସିଆର୍)ର ଅଧକ୍ଷ ନିର୍ବାଚିତ ହୋଇଛନ୍ତି। ସଦସ୍ୟ ରାଷ୍ଟ୍ରଗୁଡ଼ିକ ଦ୍ୱାରା ଅର୍ଥନୀତି ଏବଂ ସାମାଜିକ ଅଧିକାର ଉପରେ ଅନ୍ତର୍ଜାତୀୟ ଅନୁବନ୍ଧଗୁଡ଼ିକର କାର୍ଯ୍ୟକାରିତାକୁ ଏହି କମିଟି ତଦାରଖ କରିଥାଏ। ପ୍ରୀତିଙ୍କର ଭାରତୀୟ ବିଦେଶ ସେବାରେ ୩୬ ବର୍ଷରୁ ଊର୍ଦ୍ଧ୍ୱ କ୍ୟାରିୟର ରହିଛି। ସେ ଏସିଆ, ଆଫ୍ରିକା, ୟୁରୋପ ଏବଂ ଆମେରିକାରେ ଭାରତୀୟ ମିଶନରେ ରାଷ୍ଟ୍ରଦୂତ ଭାବେ କାର୍ଯ୍ୟ କରିଛନ୍ତି। ଶୀର୍ଷ ପଦବୀକୁ ପ୍ରୀତି ନିର୍ବାଚିତ ହେବା ବୈଶ୍ୱିକ ସ୍ତରରେ ମାନବାଧିକାରକୁ ପ୍ରୋତ୍ସାହିତରେ ନୂଆଦିଲ୍ଲୀର ଅବଦାନ ଏବଂ ନେତୃତ୍ୱକୁ ସ୍ୱୀକୃତି ବୋଲି ଜାତିସଂଘରେ ଭାରତର ସ୍ଥାୟୀ ମିଶନ ପକ୍ଷରୁ କୁହାଯାଇଛି। ସିଇଏସ୍‌ସିଆର୍ ଜାତିସଂଘ ମାନବାଧିକାର ଆୟୋଗର ପ୍ରଶାସନିକ ନିୟନ୍ତ୍ରଣରେ କାର୍ଯ୍ୟ କରିଥାଏ। ପ୍ରୀତି ବହିର୍ବ୍ୟାପାର ମନ୍ତ୍ରଣାଳୟର ସଚିବ (ପୂର୍ବ) ଭାବେ ୨ ବର୍ଷ କାର୍ଯ୍ୟ କରିବା ପରେ ୨୦୧୮ରେ ଅବସର ନେଇଥିଲେ।

## ହିଂସାକାରୀଙ୍କୁ ଆଇନର କାଠଗଡ଼ାକୁ ଅଣାଯିବ: ସୁଶୀଳା

କାଠମାଣ୍ଡୁ, ୧୪।୯

ନେପାଳର ନବନିଯୁକ୍ତ ଅନ୍ତରୀଣ ପ୍ରଧାନମନ୍ତ୍ରୀ ସୁଶୀଳା କାର୍କି ରବିବାର ସିଂହ ଦରବାର ସଚିବାଳୟରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏକ ଖବରଦାତା ସମ୍ମିଳନୀରେ ସୁଶୀଳା କହିଛନ୍ତି, ସେ ୬ ମାସରୁ କମ୍ ସମୟ ପାଇଁ ଅନ୍ତରୀଣ ସରକାରଙ୍କ ଦାୟିତ୍ୱରେ ରହିବେ। ମାର୍ଚ୍ଚରେ ସଂସଦୀୟ ନିର୍ବାଚନ ପରେ ସେ ଏବଂ ତାଙ୍କ ଟିମ୍ ଶାସନତନ୍ତ୍ରକୁ ନୂତନ ସରକାରଙ୍କୁ ହସ୍ତାନ୍ତର କରିବେ। ଏହି ଅବଧି ମଧ୍ୟରେ ଦେଶର ସମ୍ବିଧାନ ଏବଂ ଗଣତନ୍ତ୍ରକୁ ରକ୍ଷା କରିବା ପାଇଁ ସେ ପ୍ରୟାସ କରିବେ। ଗତ ୮ ଏବଂ ୯ ତାରିଖରେ ଜେନ୍-ଜି ପକ୍ଷରୁ କରାଯାଇଥିବା ବିକ୍ଷୋଭ ପ୍ରଦର୍ଶନର ତଦନ୍ତ ହେବ ଏବଂ ହିଂସା ଓ ଭଙ୍ଗାରୁଜାରେ ସାମିଲ ଲୋକଙ୍କୁ ଆଇନର କାଠଗଡ଼ାକୁ ଅଣାଯିବ। ହିଂସାରେ ପ୍ରାଣ ହରାଇଥିବା ଲୋକଙ୍କୁ ଶହୀଦର ମାନ୍ୟତା ଦିଆଯିବା ସହ ସେମାନଙ୍କ ପରିବାରକୁ ୧୦ ଲକ୍ଷ ନେପାଳୀ ଟଙ୍କା କ୍ଷତିପୂରଣ ଦିଆଯିବ। ସେହିପରି ଆହତଙ୍କ ଖର୍ଚ୍ଚ ମଧ ଅନ୍ତରୀଣ ସରକାର ବହନ କରିବେ ବୋଲି ସେ କହିଛନ୍ତି। ଅନ୍ୟପକ୍ଷେ ଜେନ୍-ଜି ପକ୍ଷରୁ ହୋଇଥିବା ଆନ୍ଦୋଳନ ପ୍ରଭାବରେ ଦେଶରେ ଏକ ଦୁର୍ନୀତିମୁକ୍ତ ରାଜନୈତିକ ବ୍ୟବସ୍ଥା ନିର୍ମାଣ ହେବ ବୋଲି ନେପାଳ ଜେନ୍-ଜିର କୋର୍ କମିଟି ସଦସ୍ୟ ତାନ୍‌କା ଧାମି ଏବଂ ଅର୍ଜୁନ ଶାହି କହିଛନ୍ତି। ଜେନ୍-ଜି ଆନ୍ଦୋଳନ ଦେଶର ଯୁବ ନାଗରିକମାନଙ୍କ ପାଇଁ ଉତ୍ତମ ସୁଯୋଗ ସୃଷ୍ଟି କରିଛି। ସେହିପରି ଭାରତ ଏବଂ ଅନ୍ୟାନ୍ୟ ଦେଶ ନେପାଳରେ ନିବେଶ କରିବେ ବୋଲି ଉଭୟେ ଆଶା ପ୍ରକଟ କରିଛନ୍ତି।



### ମୃତକଙ୍କୁ ଦିଆଯିବ ଶହୀଦ ମାନ୍ୟତା

## ଭିନ୍ନକ୍ଷମ ପୁଅ ସହ ୧୩ ମହଲାରୁ ଡେଇଁ ମହିଳାଙ୍କ ଆତ୍ମହତ୍ୟା

ନଏଡ଼ା,୧୪।୯

ଗ୍ରେଟର ନଏଡ଼ାର ଏସ୍ ସିଟି ସୋସାଇଟିରେ ଥିବା ଏକ ବିଲ୍ଡିଂର ୧୩ତମ ମହଲାରୁ ଜଣେ ୩୭ ବର୍ଷୀୟା ମହିଳା ତାଙ୍କ ୧୧ ବର୍ଷର ଭିନ୍ନକ୍ଷମ ପୁଅଙ୍କ ସହ ଡେଇଁ ଆତ୍ମହତ୍ୟା କରିଛନ୍ତି। ଉଭୟଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ରବିବାର ସକାଳ ୧୦ଟାରେ ଏହି ଘଟଣା ଘଟିଥିବାବେଳେ ବିସ୍ରାଖ ଥାନା ପୋଲିସ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତା ସାକ୍ଷୀ ଚାୱଲାଙ୍କ ଫ୍ଲାଟ୍‌ରୁ ପୋଲିସ ଏକ ସୁଇସାଇଡ୍ ନୋଟ୍ ଜବତ କରିଛି। ସାକ୍ଷୀ ତାଙ୍କ ସ୍ୱାମୀ ଦର୍ପନ ଚାୱଲାଙ୍କ ଉଦ୍ଦେଶ୍ୟରେ ଲେଖିଛନ୍ତି, ଆମେ ଦୁନିଆଁ ଛାଡୁଥିବାରୁ ଦୁଃଖିତ। ଆମେ ଆଉ ତୁମକୁ ଅସୁବିଧାରେ ପକାଇବାକୁ ଚାହୁଁନାହୁଁ। ଆମ ଉପସ୍ଥିତି ତୁମ ଜୀବନକୁ ବରବାଦ କରିବ ନାହିଁ। ଆମ ମୃତ୍ୟୁ ପାଇଁ କେହି ଦାୟୀ ନୁହନ୍ତି।



# ଧରିତ୍ରୀ DHARITRI

51 Years

ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୧୫/୨୦୨୫ | Bhubaneswar, Monday, September 15/2025 | ପୃଷ୍ଠା-୧




**ମୀନାକ୍ଷୀଙ୍କୁ ସ୍ୱର୍ଣ୍ଣ ପଦକ**

ଲିଭରପୁଲ୍‌ଠାରେ ଚାଲିଥିବା ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି ଭାରତୀୟ ମହିଳା ବକ୍ସର ମୀନାକ୍ଷୀ ହୁଡା।

୧୨

୧୧

**ନୂଆବର୍ଷରେ ଅନନ୍ୟା, କାର୍ତ୍ତିକଙ୍କ ଯୋଡ଼ି**

ଅଭିନେତ୍ରୀ ଅନନ୍ୟା ପାଣ୍ଡେ ଓ ଅଭିନେତା କାର୍ତ୍ତିକ ଆର୍ଯ୍ୟନଙ୍କ ଆଗାମୀ ଫିଲ୍ମ 'ତୁ ମେରୀ ମେ ତେରା, ମେ ତେରା ତୁ ମେରୀ' ଆସନ୍ତା ଡିସେମ୍ବର ୩୧ରେ ରିଲିଜ୍ ହେବ।






ବେଆଇନ ଆପ୍ରବାସୀମାନଙ୍କୁ ବ୍ରିଟେନରୁ ବାହାର କରିବା ଦାବିରେ କେନ୍ଦ୍ରୀୟ ଲଣ୍ଡନରେ ରବିବାର 'ୟୁନାଇଟ୍ ଦ କିଙ୍ଗଡମ୍' ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ନିଯୁକ୍ତି ପାଇଁ ଶାରୀରିକ ପରୀକ୍ଷା ଭାରି: ୨ ମୃତ

- **ଛତ୍ରପୁରରେ ହୋମ୍‌ଗାର୍ଡ ପରୀକ୍ଷାର୍ଥୀଙ୍କ ମୃତ୍ୟୁ**
- **ଝାରସୁଗୁଡ଼ାରେ ଓଏସ୍‌ଏପି ବାଟାଲିୟନ ପରୀକ୍ଷା ପ୍ରସ୍ତୁତି ବେଳେ ନେପାଳୀ ଯୁବକଙ୍କ ମୃତ୍ୟୁ**



ଗୋବିନ୍ଦ କୁମାଲ

**ସୁରକ୍ଷା ବାହିନୀ ଓ ପୋଲିସ ବିଭାଗରେ କାର୍ଯ୍ୟ କରିବା ପାଇଁ ଯୁବଗୋଷ୍ଠୀଙ୍କ ମଧ୍ୟରେ ଆଗ୍ରହ ଦେଖିବାକୁ ମିଳୁଛି। ଏପରି କି ହୋମ୍‌ଗାର୍ଡ ପଦବୀ ପାଇଁ ଉଚ୍ଚ ଶିକ୍ଷା ଡିଗ୍ରୀଧାରୀମାନେ ମଧ୍ୟ ଆବେଦନ କରୁଛନ୍ତି। ହେଲେ ସେମାନେ ଶାରୀରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାବେଳେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପରି କି କେତେଜଣ ଶାରୀରିକ ପରୀକ୍ଷା ସମୟରେ ପ୍ରାଣ ମଧ୍ୟ ହରାଉଛନ୍ତି। ପୂର୍ବରୁ ଏଭଳି ଏକାଧିକ ଘଟଣା ଦେଖିବାକୁ ମିଳିଥିବାବେଳେ ରବିବାର ଆଉ ୨ ଯୁବକଙ୍କ ଜୀବନ ଯାଇଛି। ଛତ୍ରପୁରଠାରେ ହୋମ୍‌ଗାର୍ଡ ନିଯୁକ୍ତି ପାଇଁ ଦୌଡ଼ ପ୍ରତିଯୋଗିତା ଚାଲିଥିବା ସମୟରେ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଝାରସୁଗୁଡ଼ାରେ ଆସନ୍ତା ୧୭ରେ ହେବାକୁ ଥିବା ଓଏସ୍‌ଏପି ଦ୍ୱିତୀୟ ବାଟାଲିୟନରେ ନିଯୁକ୍ତି ପାଇଁ ଶାରୀରିକ ଅଭ୍ୟାସବେଳେ ଜଣେ ନେପାଳୀ ଯୁବକଙ୍କ ପ୍ରାଣହାନି ଘଟିଛି।**

**ଛତ୍ରପୁର/ ଝାରସୁଗୁଡ଼ା,୧୪।୯ (ଦିଲୀପ ସାମଲ/ସନ୍ତୋଷ ପାଢ଼ୀ/ ଆଶିଷ ରଞ୍ଜନ ଦାଶ)**

ହୋମଗାର୍ଡ ପଦବୀ ପାଇଁ ଗଞ୍ଜାମ ପୋଲିସ ଜିଲା ଅଧୀନରେ ଛତ୍ରପୁରସ୍ଥିତ ରିଜର୍ଭ ପୋଲିସ ପଡ଼ିଆରେ ରବିବାର ଦୌଡ଼ ପରୀକ୍ଷା ଚାଲିଥିବାବେଳେ ଜଣେ ଚାକିରି ଆଶାୟୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ତାରସିଂ ଥାନା ଅଞ୍ଚଳର ଶିବରାମ ପ୍ରଧାନ। ଶିବରାମ ଦୌଡ଼ିବା ବେଳେ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ ଛତ୍ରପୁର ହସ୍ପିଟାଲ ଓ ସେଠାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଶିବରାମଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାପରେ ଅପରାହ୍ନରେ ଚାଲିଥିବା ପ୍ରାର୍ଥୀମାନଙ୍କ ଶାରୀରିକ ପରୀକ୍ଷାକୁ ସ୍ଥଗିତ ରଖାଯାଇଥିଲା। ଫଳରେ ଆଶାୟୀମାନେ ଘରକୁ ଫେରି ଯାଇଥିଲେ। ପରବର୍ତ୍ତୀ ନିର୍ଦ୍ଦେଶ ପରେ ପୁଣି ପ୍ରାର୍ଥୀମାନଙ୍କ ସାକ୍ଷାତ୍‌କାର ହେବ ବୋଲି ସୂଚନା ମିଳିଛି। ଏନେଇ ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ ପାତ୍ରଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ପ୍ରାର୍ଥୀ ଶିବରାମ ଦୌଡ଼ିବା ବେଳେ ଅସୁସ୍ଥ ହୋଇ ପଡିଥିଲେ। ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ପରିବାର ଲୋକେ ପହଞ୍ଚିବା ପରେ ମୃତଦେହ ☞ପୃଷ୍ଠା-୨

## ବିଷାକ୍ତ ମଦ ପିଇ ଯୁବକଙ୍କ ମୃତ୍ୟୁ ଅଭିଯୋଗ

**ସୋନପୁର/ ବିନିକା,୧୪।୯ (ମୃତ୍ୟୁଞ୍ଜୟ ଶତପଥୀ/ ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ଥାନା ଦୁଲୁଣ୍ଡପାଲି ଗାଁର ରଘୁ ଭୋଇ(୪୩)ଙ୍କ ବିଷାକ୍ତ ମଦ ପିଇବା କାରଣରୁ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ରବିବାର ସକାଳେ ରଘୁ ଗାଁ ନିକଟ ପୋଖରୀ କୂଳରେ ପଡ଼ି ରହିଥିବା ଦେଖିବାକୁ ମିଳିଥିଲା। ଖବର ପାଇ ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରଘୁଙ୍କ ମୃତଦେହ ଡାକ୍ତରଖାନା ଶବାଗାରରେ ରହିଛି, ସୋମବାର ବ୍ୟବଚ୍ଛେଦ କରାଯିବ। ତେବେ ସ୍ଥାନୀୟ ଅଞ୍ଚଳରେ ବିକ୍ରି ହେଉଥିବା ବିଷାକ୍ତ ଖୋଲା ମଦପିଇ ସ୍ୱାମୀଙ୍କ ମୃତ୍ୟୁ ଘଟିଥିବା ରଘୁଙ୍କ ସ୍ତ୍ରୀ ଆହ୍ଲାଦିନୀ ଅଭିଯୋଗ ☞ପୃଷ୍ଠା-୨

# ବ୍ରିଟେନ୍‌ରେ ତେଜିଲା ଜାତୀୟତାବାଦୀ ଆନ୍ଦୋଳନ

**ବ୍ରିଟେନ୍‌ରେ ଦକ୍ଷିଣପନ୍ଥୀ ଆକ୍ଟିଭିଷ୍ଟ ଟୋମି ରବିନ୍‌ସନ୍‌ଙ୍କ ନେତୃତ୍ୱରେ ତେଜିଛି ମୁସଲିମ୍ ବିରୋଧୀ ଭାବାବେଗ। ସଦ୍ୟ ଜାତୀୟତାବାଦୀ ଆନ୍ଦୋଳନ ଏଭଳି ସମୟରେ ମୁଣ୍ଡ ଟେକିଛି, ଯେତେବେଳେ କି ଇଂଲିଶ୍ ଚ୍ୟାନେଲ ଅତିକ୍ରମ କରି ଦେଶକୁ ଆସୁଥିବା ଆପ୍ରବାସୀମାନଙ୍କୁ ନେଇ ଜାରି ବିତର୍କ ବ୍ରିଟେନ୍‌କୁ ଦୁଇଭାଗରେ ବିଭକ୍ତ କରିଦେଇଛି। ବିଦେଶରୁ ଦେଶାନ୍ତରୀ ହୋଇ ବ୍ରିଟେନ୍‌କୁ ଆସୁଥିବା ଲୋକେ ସ୍ଥାନୀୟ ବ୍ରିଟିଶ୍‌ମାନଙ୍କ ନିଯୁକ୍ତି ଓ ଅନ୍ୟ ସୁବିଧାଗୁଡ଼ିକୁ ଛଡ଼ାଇ ନେବା ସହ ଆପରାଧିକ କାର୍ଯ୍ୟ ଭିଆଉଥିବା ଅଭିଯୋଗ ବଢ଼ିବାରେ ଲାଗିଛି। ଏପରି କି ଇଥିଓପିଆର ଜଣେ ବ୍ୟକ୍ତି ଲଣ୍ଡନ୍ ଉପକଣ୍ଠରେ ଜଣେ ୧୪ ବର୍ଷୀୟା ଝିଅଙ୍କୁ ବଳାତ୍କାର କରିଥିବା ନେଇ ଅଭିଯୋଗ ହୋଇଥିଲା। ଏଭଳି ସ୍ଥଳେ ରବିନ୍‌ସନ୍‌ଙ୍କୁ ଦେଶବାସୀ ସ୍ୱତଃପ୍ରବୃତ୍ତ ସମର୍ଥନ ଅଜାଡ଼ି ଦେଇଛନ୍ତି।**

**ଲଣ୍ଡନ୍,୧୪।୯**

ବ୍ରିଟେନରେ ମୁଣ୍ଡ ଟେକିଛି ଆପ୍ରବାସୀ ବିରୋଧୀ ଆନ୍ଦୋଳନ। ସରକାରଙ୍କ ପ୍ରବାସନ ନିରୋଧୀ ନୀତିକୁ ବିରୋଧ କରି ଲଣ୍ଡନରେ ଦକ୍ଷିଣପନ୍ଥୀ କର୍ମୀ ଟୋମି ରବିନ୍‌ସନ୍‌ଙ୍କ ନେତୃତ୍ୱରେ ପ୍ରାୟ ୧,୫୦,୦୦୦ ବିକ୍ଷୋଭକାରୀ ଜାତୀୟ ପତାକା ଓ ବ୍ୟାନର ଧରି କେନ୍ଦ୍ରୀୟ ଲଣ୍ଡନ୍‌ରେ 'ୟୁନାଇଟ୍ ଦ କିଙ୍ଗଡମ୍' ରାଲିରେ ସାମିଲ ହୋଇଛନ୍ତି। ଅନ୍ୟପକ୍ଷେ ଏହି ଆନ୍ଦୋଳନର ମୁକାବିଲା ପାଇଁ

### ଲଣ୍ଡନ୍‌ରେ ଆପ୍ରବାସନ ନିରୋଧୀ ବିଶାଳ ରାଲି

'ଷ୍ଟାଣ୍ଡ୍ ଅଫ୍ ଦି ରେସିଜମ୍' ଗୋଷ୍ଠୀ ପକ୍ଷରୁ 'ମାର୍ଚ୍ଚ ଏଗେନ୍‌ଷ୍ଟ ରେସିଜମ୍' ଶୋଭାଯାତ୍ରା କରାଯାଇଛି। ଏହି ଗୋଷ୍ଠୀ ଦେଶରେ ବର୍ଣ୍ଣବାଦକୁ ବିରୋଧ କରି ପ୍ରବାସୀଙ୍କ ଅଧିକାର ପାଇଁ ଲଢ଼େଇ କରିବାକୁ ପ୍ରତିଶ୍ରୁତିବଦ୍ଧ ହୋଇଛି। ଏମାନଙ୍କ ରାଲିରେ ପ୍ରାୟ ୫,୦୦୦ ☞ପୃଷ୍ଠା-୨

### ଦକ୍ଷିଣପନ୍ଥୀ ଟୋମି ରବିନ୍‌ସନ୍ କିଏ



ଟୋମି ରବିନ୍‌ସନ୍‌ଙ୍କ ପ୍ରକୃତ ନାମ ହେଉଛି ଷ୍ଟିଫେନ୍ ୟାକ୍ସଲେ ଲେନ୍ନୋନ୍। ଜଣେ ଆପ୍ରବାସୀବିରୋଧୀ ତଥା ଇସ୍‌ଲାମବିରୋଧୀ ଆକ୍ଟିଭିଷ୍ଟ ଭାବେ ରବିନ୍‌ସନ୍ ଜଣାଶୁଣା। ତାଙ୍କ ମା' ଆୟର୍ଲାଣ୍ଡର ହୋଇଥିବାବେଳେ ବାପା ବ୍ରିଟେନ୍ ବାସିନ୍ଦା। ରବିନ୍‌ସନ୍ ୨୦୦୯ରେ ନିଜ ସହର ଲୁଟୋନ୍‌ରେ ଇଂଲିଶ୍ ଡିଫେନ୍ସ ଲିଗ୍ (ଇଡିଏଲ୍) ପ୍ରତିଷ୍ଠା କରି ପ୍ରଥମେ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ବିକ୍ଷୋଭରୁ ପରିବର୍ତ୍ତନ

## ଦ୍ରବ୍ୟର ସଂଶୋଧିତ ମୂଲ୍ୟ ତୁରନ୍ତ ଉଲ୍ଲେଖ କର: ମନ୍ତ୍ରୀ

**ଭୁବନେଶ୍ୱର,୧୪।୯ (ରବିନାରାୟଣ ଜେନା)**

ଦ୍ରବ୍ୟ ଓ ସେବାକର(ଜିଏସ୍‌ଟି) ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ ଐତିହାସିକ ନିଷ୍ପତ୍ତି ନେଇଛନ୍ତି। ଜିଏସ୍‌ଟି ପରିଷଦ ବୈଠକରେ ଯେଉଁ ସଂଶୋଧନ ହୋଇଛି ତାହାକୁ ତୃଣମୂଳସ୍ତରରେ ଗ୍ରାହକମାନେ ଯେଭଳି ପାଇପାରିବେ ସେଥିପ୍ରତି ଗୁରୁତ୍ୱ ଦିଆଯାଉଛି। ପ୍ରତ୍ୟେକ ପ୍ୟାକିଂରେ ପୁରୁଣା ମୂଲ୍ୟ ସହିତ ସଂଶୋଧିତ ନୂତନ ମୂଲ୍ୟ (ଏମ୍‌ଆର୍‌ପି) ତୁରନ୍ତ ଉଲ୍ଲେଖ କରିବାକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ରବିବାର ମନ୍ତ୍ରୀ ପାତ୍ର ସମସ୍ତ ଉତ୍ପାଦକ, ପ୍ୟାକର୍ ଓ ଆମଦାନୀକାରୀଙ୍କୁ ସଂଶୋଧିତ ଜିଏସ୍‌ଟି ହ୍ରାସକୁ ସାମଗ୍ରୀ ପ୍ୟାକ୍‌ରେ ପ୍ରତିଫଳିତ କରିବାକୁ କହିଛନ୍ତି। ସେ କହିଛନ୍ତି ଯେ, ସାମଗ୍ରୀରେ ନୂଆ ଏମ୍‌ଆର୍‌ପି ପ୍ରଦର୍ଶନ କରିବାକୁ ହେବ। ସମସ୍ତ ☞ପୃଷ୍ଠା-୨

# ନୂଆ ପ୍ରଜାତିର ମାଛ ଆବିଷ୍କୃତ

## ମଣିପୁର ମଧୁର ଜଳରେ ରହିଛନ୍ତି 'ଗାରା ନାମ୍ଭା ସିଏନ୍‌ସିସ୍'

**ଇମ୍ଫାଲ, ୧୪।୯**

ମଣିପୁର କାମ୍‌ଜୋଙ୍ଗ ଜିଲାର ତାରେତ୍‌ଲୋକ ନଦୀରେ ନୂତନ ପ୍ରଜାତିର ଏକ ମଧୁର ଜଳ ମାଛକୁ ଆବିଷ୍କାର କରାଯାଇଛି। ପିଅର ରିଭ୍ୟୁଡ୍ ସାଇଣ୍ଟିଫିକ୍ ଜର୍ନାଲ ଜୁଟାକ୍ସାରେ ଏ ସମ୍ପର୍କିତ ଏକ ଅଧ୍ୟୟନ ପ୍ରକାଶ ପାଇଛି। ଲାବୋନିନ୍ ମାଛର ନୂତନ ପ୍ରଜାତି 'ଗାରା ନାମ୍ଭା ସିଏନ୍‌ସିସ୍'କୁ ସ୍ଥାନୀୟ କାସୋମ ଖୁଲ୍ଲେନ ନିକଟସ୍ଥ ନାମ୍ଭାଶି ଉପତ୍ୟକାର ତାରେତଲୋକ




ନଦୀରେ ଏହି ମାଛ ଠାବ ହୋଇଛି। ମଣିପୁରର ଧନ୍‌ମଞ୍ଜୁରୀ ୟୁନିଭର୍ସିଟି (ଡିଏମ୍‌ୟୁ) ଆସୋସିଏଟ୍ ପ୍ରଫେସର ବୁଙ୍ଗ୍‌ଡନ୍ ଶାଙ୍ଗ୍‌ନିଙ୍ଗମଙ୍କ ନେତୃତ୍ୱରେ ଗବେଷକମାନେ ଗାରା ନାମ୍ଭା ସିଏନ୍‌ସିସ୍ ମାଛକୁ ଆବିଷ୍କାର କରିଛନ୍ତି। ଶାଙ୍ଗ୍‌ନିଙ୍ଗ୍‌ମ କହିଛନ୍ତି, ଏହି ପ୍ରଜାତିର ମାଛ ଚିହ୍ନଟ ପରେ ସେ ଏବଂ ତାଙ୍କ ଟିମ୍ ଜୁଟାକ୍ସା ପତ୍ରିକାରେ ପ୍ରକାଶନ ନିମନ୍ତେ ଏକ ଅଧ୍ୟୟନପତ୍ର ଦାଖଲ କରିଥିଲେ। ତେବେ ନିକଟରେ ଗାରା ନାମ୍ଭା ସିଏନ୍‌ସିସ୍ ମାଛର ଆବିଷ୍କାରକୁ ଜୁଟାକ୍ସା ସ୍ୱୀକୃତି ଦେଇଛି। ଶାଙ୍ଗ୍‌ନିଙ୍ଗ୍‌ମ ଆହୁରି କହିଛନ୍ତି, ଗାରା ନାମ୍ଭା ସିଏନ୍‌ସିସ୍‌ର ଆକାର ୯ରୁ ୧୪ ସେ.ମି. ମଧ୍ୟରେ ହୋଇଥିବାବେଳେ ଏହା ସ୍ଥାନୀୟ ଅଞ୍ଚଳରେ ନୁଟୁଙ୍ଗନୁ ନାମରେ ପରିଚିତ। ଏହି ନୂତନ ପ୍ରଜାତିର ମାଛଙ୍କଠାରେ ଚତୁର୍ଭୁଜ ଆକାରର ଏକଖଣ୍ଡି ଶୁଣ୍ଢ ରହିଛି। ଶୈବାଳ ଆଚ୍ଛାଦିତ କଙ୍କଣ ଶଯ୍ୟା, ପଥର, ବାଲି, ସୂକ୍ଷ୍ମ ପଙ୍କ ଆଦି ମିଶ୍ରିତ ପଦାର୍ଥ ଥିବା ଦ୍ରୁତ ପ୍ରବାହିତ ନଦୀରେ ଗାରା ନାମ୍ଭା ସିଏନ୍‌ସିସ୍‌କୁ ଆବିଷ୍କାର କରାଯାଇଥିଲା। ପୂର୍ବୋତ୍ତର ଭାରତ, ପୂର୍ବ ହିମାଳୟ ଓ ଇଣ୍ଡୋ ବର୍ମା ଅଞ୍ଚଳର ଚିନ୍ଦୱିନ୍, ବ୍ରହ୍ମପୁତ୍ର, ବରାକ୍, କଳାଦାନ ନଦୀ ସହ ଭୁଟାନ, ତିବ୍ବତ, ବାଂଲାଦେଶକୁ ସଂଲଗ୍ନ ଅଞ୍ଚଳରେ ଥିବା ନଦୀରେ ଏହି ପ୍ରଜାତିର ମାଛ ରହିଛନ୍ତି ବୋଲି ଅଧ୍ୟୟନରେ ପ୍ରକାଶ ପାଇଛି।




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଖୋର୍ଦ୍ଧା ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବାଲିଅନ୍ତା ବ୍ଲକ ଅନ୍ତର୍ଗତ ବେଣ୍ଟପୁରସ୍ଥିତ କଲ୍ୟାଣ ମଣ୍ଡପ, ସମୟ: ସକାଳ ୯ଟା।
- ପ୍ରୟାସ ନବରାତ୍ରୀ ଡାଣ୍ଡିଆ ମହୋତ୍ସବ ନିମନ୍ତେ ଖବରଦାତା ସମ୍ମିଳନୀ, ସ୍ଥାନ: ବୁଦ୍ଧମନ୍ଦିର, ୟୁନିଟ୍ ୩, ସମୟ: ଅପରାହ୍ନ ୪ଟା।
- ମାସିକ ସାଂସ୍କୃତିକ କାର୍ଯ୍ୟକ୍ରମ 'ସଙ୍ଗୀତାୟନ' ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ବିଦ୍ୟାକନକ ସୃଜନାନୁଷ୍ଠାନ ପକ୍ଷରୁ ଆୟୋଜିତ ନାଟ୍ୟ ଲହରୀ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।
- ସିଆର୍‌ଏପିଟିଏସ୍ ଫାଉଣ୍ଡେଶନ୍ ପକ୍ଷରୁ ଇଞ୍ଜିନିୟର୍ସ ଦିବସ ପାଳନ, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ସନ୍ଧ୍ୟା ୭ଟା ୩୦।

## କଟକ

- କଟକ ସିଟି ଇଞ୍ଜିନିୟର୍ସ କ୍ଲବ ପକ୍ଷରୁ ୫୮ତମ ଯନ୍ତ୍ରୀ ଦିବସ ସମାରୋହ, ସ୍ଥାନ: ଶ୍ରୀରାମ ଚନ୍ଦ୍ର ଭବନ, ସମୟ: ସକାଳ ୯ଟା ୩୦।
- ଧନେଶ୍ୱର ରଥ ଫାଉଣ୍ଡେଶନ ପକ୍ଷରୁ ପୂଜ୍ୟପୂଜା ସମାରୋହ ୨୦୨୫, ସ୍ଥାନ: ଜୟଶ୍ରୀ ଅଡିଟୋରିୟମ, ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପୂର୍ଣ୍ଣିମା ଫାଉଣ୍ଡେଶନ ପକ୍ଷରୁ ସାର ଏମ୍ ବିଶେଶ୍ୱରାୟଙ୍କ ୧୬୫ତମ ଜୟନ୍ତୀ ଓ ଯନ୍ତ୍ରୀ ଦିବସ, ସ୍ଥାନ: ମହାନଦୀ ଭବନ, ମହାନଦୀବିହାର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଦି ଓଡ଼ିଶା ଇଞ୍ଜିନିୟର୍ସ ଫୋରମ ପକ୍ଷରୁ ୫୮ତମ ଯନ୍ତ୍ରୀ ଦିବସ ପାଳନ, ସ୍ଥାନ: ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସମୟ: ସନ୍ଧ୍ୟା ୬ଟା ୩୦।
- ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରିଣୀ ସଂଘ ଭକ୍ତିପସରାର ସପ୍ତବିଂଶତମ ବାର୍ଷିକ ଉତ୍ସବ ପ୍ରବଚନର ଉଦ୍‌ଯାପନୀ ଦିବସ, ସ୍ଥାନ: ଶ୍ରୀବଳଦେବଜୀଉ ମନ୍ଦିର ପରିସର, ରାଣୀହାଟ, ସମୟ: ସନ୍ଧ୍ୟା ୭ଟା।
- କଟକ ସତସଙ୍ଗ ବିହାର ଆନୁକୂଲ୍ୟରେ ଖାନନଗର ଗୁରୁଭ୍ରାତାଙ୍କ ପକ୍ଷରୁ ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଭାଦ୍ର ପରିକ୍ରମା ସତସଙ୍ଗ, ସ୍ଥାନ: ଗୋପାଳଜୀଉ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ୩୦।

## ପୁରୀ

- ସର୍ବଭାରତୀୟ ବାଳିକା ଓ ବାଳକ କନିଷ୍ଠ ବର୍ଗ ଟେନିସ ଟୁର୍ନାମେଣ୍ଟ, ସ୍ଥାନ: ସାଇ ଏକାଡେମୀ, ଫୁଲ ଅଳସା, ସାକ୍ଷୀଗୋପାଳ, ସମୟ: ସକାଳ ୮ଟା।
- ଇନ୍‌ଡୋର ଷ୍ଟାଡିୟମ ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ଉତ୍କଳ ମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ, ସାକ୍ଷୀଗୋପାଳ, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର

- କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା,ସ୍ଥାନ:କଣ୍ଟେଇ ଛକ, ବାଲେଶ୍ୱର, ସମୟ:ସକାଳ ୭ଟା ୩୦।
- ୫୮ତମ ଇଞ୍ଜିନିୟର୍ସ ଦିବସ ପାଳନ,ସ୍ଥାନ:ଭେନିୟା ପାରାଡାଇଜ୍, ବାଲେଶ୍ୱର,ସମୟ:ପୂର୍ବାହ୍ନ ୧୦ଟା।
- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଶିବିର,ସ୍ଥାନ:ବ୍ଲକ କାର୍ଯ୍ୟାଳୟ, ନୀଳଗିରି,ସମୟ:ପୂର୍ବାହ୍ନ ୧୦ଟା।

## ଭଦ୍ରକ

- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ବନ୍ଧୁମିଳନ ଓ ପ୍ରସାଦ ସେବନ, ସ୍ଥାନ: କୁଆଁସ କାଞ୍ଚନ ଗଣେଶ ପୂଜା ମଣ୍ଡପ, ଭଦ୍ରକ, ସମୟ: ଅପରାହ୍ନ ୧ଟା।

## କେନ୍ଦୁଝର

- ଜିଲାସ୍ତରୀୟ ଶିଶୁ ମହୋତ୍ସବ, ମହକ ଆଣ୍ଡ ଉତ୍ସାହ, ସ୍ଥାନ: କେନ୍ଦୁଝର ଶଙ୍କରପୁର ଧରଣୀଧର ସ୍ପୋର୍ଟସ କମ୍ପ୍ଲେକ୍ସ, ସମୟ: ପୂର୍ବାହ୍ନ ୯ ଟା।
- ମା' ମଙ୍ଗଳା ମନ୍ଦିର ଓ ଶ୍ରୀ ଜଗନ୍ନାଥ ମନ୍ଦିରର ଷୋଡ଼ଶ ଦିନାତ୍ମକ ପୂଜା, ସ୍ଥାନ: ଯୋଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ

- ମୟୂରଭଞ୍ଜ ଆଥଲେଟିକ ଆସୋସିଏସନ ବିଲ୍ଡିଂର ଶୁଭ ଉଦ୍‌ଘାଟନ, ସ୍ଥାନ:ଷ୍ଟାଡିୟମ ବାରିପଦା,ସମୟ:ସକାଳ ୯ଟା
- ଝୁମର କର୍ମଶାଳା, ସ୍ଥାନ: ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପରିସର, ତକତପୁର, ବାରିପଦା,ସମୟ: ଅପରାହ୍ନ ୩ଟା।

## ବ୍ରହ୍ମପୁର

- ଚାରାରୋପଣ କାର୍ଯ୍ୟକ୍ରମ,ସ୍ଥାନ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ,ସମୟ: ପୂର୍ବାହ୍ନ ୧୦ଟା।

## ଗଞ୍ଜାମ

- ଗ୍ରାମପଞ୍ଚାୟତ ସ୍ତରୀୟ ଜନଶୁଣାଣି, ସ୍ଥାନ: ଆସିକା ବ୍ଲକ ବାଲିଛାଇ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ; ବୁଗୁଡ଼ା, ମୋଟାବାଡ଼ି ; ନିମଖଣ୍ଡି ପେଣ୍ଟ ପଞ୍ଚାୟତ କାର୍ଯ୍ୟାଳୟ,ଦିଗପହଣ୍ଡି, ସମୟ: ପୂର୍ବାହ୍ନ ୧୦ ଟା।
- ଏସ୍‌ଆର୍‌ଏଫ୍ କେମିକାଲ ଆଣ୍ଡ ସ୍ପେସିଆଲ ନିମନ୍ତେ ଭିତ୍ତିପ୍ରସ୍ତର, ସ୍ଥାନ: ଟାଟା ଷ୍ଟିଲ ସ୍ପେସିଆଲ ଇକୋନୋମିକ ଜୋନ୍ ଲିମିଟେଡ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଜନୀତି ବିଜ୍ଞାନ ବିଭାଗର ପାଠଚକ୍ର, ସ୍ଥାନ: ବୁଗୁଡ଼ା,ପିପୁଲ୍ଲ କଲେଜ, ସମୟ: ପୂର୍ବାହ୍ନ ୧୧ ଟା ।
- ହାତୀ ସଭା, ସ୍ଥାନ: ରାମଜୀ କଲେଜ ପରିସର, ଭୀଷ୍ମଗିରି ଗାଁ, ଦିଗପହଣ୍ଡି, ସମୟ: ମଧ୍ୟାହ୍ନ ୧୨ ଟା।

## ଢେଙ୍କାନାଳ

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ହିନ୍ଦୋଳ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଏଏପି ପକ୍ଷରୁ ଗଣଧାରଣା, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ଫାଟକ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା୩୦।

## ଜଗତ୍‌ସିଂହପୁର

- ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ଜଗତ୍‌ସିଂହପୁର ଜିଲାରେ ଓସ୍‌ୱାସର କାର୍ଯ୍ୟକାରିତା ଉପରେ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ସମୟ: ଅପରାହ୍ନ ୧ଟା୩୦।

## କେନ୍ଦ୍ରାପଡ଼ା

- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ଗୃହ, ମହାକାଳପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ମା'ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: କୋରୁଆ, ଗରଦପୁର, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ବଡ଼ଚଣା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।

## ନୟାଗଡ଼

- ଜିଲାପାଳଙ୍କ ଜନଶୁଣାଣି, ସ୍ଥାନ: ଖଣ୍ଡପଡା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ସ୍ୱାସ୍ଥ୍ୟସେବାର ଟାସ୍କଫୋର୍ସ ବୈଠକ, ସ୍ଥାନ: ବଡପଣ୍ଡୁସର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ଅପରାହ୍ନ ୩ଟା ।
- ବିମଳାଙ୍କ ଷୋଡଶ ପୂଜାର ଦିତୀୟ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସନ୍ଧ୍ୟା ୭ଟା ।

## ରାୟଗଡ଼ା

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଗୁଣପୁର ଉପ ଜିଲାପାଳ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହ , ସମୟ: ପୂର୍ବାହ୍ନ ୧୦ଟା ୩୦ ।

## ନବରଙ୍ଗପୁର

- ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଉମରକୋଟ ପୌର କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ପଞ୍ଚାୟତ ସମିତି ସାଧାରଣ ବୈଠକ, ସ୍ଥାନ: ଝରିଗାଁ ପଞ୍ଚାୟତ ସମିତି ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ।
- ଏମ୍‌ଜିଏନ୍‌ଆରଇଜିଏସ୍ ଜନ ଶୁଣାଣି ଶିବିର, ସ୍ଥାନ: ଡାବୁଗାଁ ବ୍ଲକ୍ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ ଟା।

## କୋରାପୁଟ

- ଜିଲାସ୍ତରୀୟ ଜନଶୁଣାଣି, ସ୍ଥାନ: ବ୍ଲକ ସଭାଗୃହ, ନାରାୟଣପାଟଣା, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ଅତଣ୍ଡା ପଞ୍ଚାୟତ, ନନ୍ଦପୁର ବ୍ଲକ୍, ସୋରିଷ ପଦର ପଞ୍ଚାୟତ କାର୍ଯ୍ୟାଳୟ,ସେମିଳିଗୁଡ଼ା ବ୍ଲକ, ସ୍ଥାନ: ଲିଟିଗୁଡା ପଞ୍ଚାୟତ କାର୍ଯ୍ୟାଳୟ ପରିସର,ଲିଟିଗୁଡା ବ୍ଲକ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର, ସ୍ଥାନ: ତହସିଲ କାର୍ଯ୍ୟାଳୟ, ପଟ୍ଟାଙ୍ଗି, ସମୟ: ପୂର୍ବାହ୍ନ ୧୧ଟା।

## ମାଲକାନଗିରି

- ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କୋରୁକୋଣ୍ଡା ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ଯୋଗ ପରିବାର ଆୟୋଜନରେ ନିଃଶୁଳ୍କ ଯୋଗ ଶିବର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା ।
- ଜିଲା ପ୍ରଶାସନର ମିଳିତ ଜନ ଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ : ଜୁଜୁମୁରା ବ୍ଲକ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା ।
- ସତ୍ୟନାରାୟଣ ବହିଦାର ସାହିତ୍ୟ ପରିଷଦ ପକ୍ଷରୁ ସମ୍ବଲପୁରୀ କବିତା ପାଠୋତ୍ସବ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ଅପରାହ୍ନ ୫ଟା ।

## ବଲାଙ୍ଗୀର

- ନଗର କଂଗ୍ରେସ ପକ୍ଷରୁ ଜିଲାପାଳ କାର୍ଯ୍ୟାଳୟ ଘେରାଉ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା
- ନଗର କଂଗ୍ରେସ ପକ୍ଷରୁ ପଥପ୍ରାନ୍ତ ନାଟକ ପରିବେଷଣ, ସ୍ଥାନ: ବିକ୍ରମ ଛକ, ସମଲେଶ୍ୱରୀ ମନ୍ଦିର ଛକ, ସୁଦପଡା ହନୁମାନ ମନ୍ଦିର ଛକ, ପୁରୁଣା ସରକାରୀ ବସଷ୍ଟାଣ୍ଡ ଛକ ଓ ଭାଗିରଥି ଛକ, ବଲାଙ୍ଗୀର ସମୟ: ଅପରାହ୍ନ ୫ଟାରୁ

## ରାଉରକେଲା

- ଶାରଦୀୟ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ, ସେକ୍ଟର-୧୬, ସମୟ: ପୂର୍ବାହ୍ନ ୧୦ଟା।
- ଦୁର୍ଗାପୂଜା ସୁବର୍ଣ୍ଣ ଜୟନ୍ତୀ ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ଗଙ୍ଗାଧରପାଲୀ, ଦୁର୍ଗାପୂଜା ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।

## ସୁନ୍ଦରଗଡ଼

- ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣୀ ଶିବିର, ସ୍ଥାନ: ସଦଭାବନା ଭବନ, ସୁନ୍ଦରଗଡ,ସମୟ: ପୂର୍ବାହ୍ନ ୧୦ଟା୩୦।

## ବରଗଡ଼

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ଅମ୍ବାଭୋନା,ସମୟ:ପୂର୍ବାହ୍ନ ୧୦ଟା।
- ଦୁର୍ଗାପୂଜା ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ କମିଟିର ଖବରଦାତା ସମ୍ମିଳନୀ,ସ୍ଥାନ:ଜଗନ୍ନାଥ ନଗର ଦୁର୍ଗା ମଣ୍ଡପ,ସମୟ:ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଜୟପାଟଣା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଅଗ୍ରସେନ ଜୟନ୍ତୀ ପାଳନ, ସ୍ଥାନ: ଜୁନାଗଡ଼ ଅଗ୍ରେସନ ଭବନ, ସମୟ: ଅପରାହ୍ନ ୪ଟା।

## ବୌଦ୍ଧ

- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣୀ ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ କଣ୍ଟାମାଳ, ସମୟ:ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣ, ସ୍ଥାନ: ବାରକୋଟ ବ୍ଲକ କଣ୍ଡାପାଳି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଲୁଡୁରପଙ୍କ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୦ଟା ।
- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯେଗ ଶୁଣାଣି ଶିବିର, ସ୍ଥାନ: ତରଭା ବ୍ଲକ କମସରା ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଷୋହଳ ପୂଜାର ଦ୍ୱିତୀୟ ଦିବସ, ସ୍ଥାନ: ମାହେଶ୍ୱରୀ ମନ୍ଦିର କର୍ଡାପାଲ, ମୁର୍ଶୁଣ୍ଡି ପଞ୍ଚାୟତ, ବୀରମହାରାଜପୁର, ସମୟ: ଅପରାହ୍ନ ୧ଟା।

## ନୂଆପଡ଼ା

- ପଞ୍ଚାୟତସ୍ତରୀୟ ନୂଆଖାଇ ଭେଟ୍‌ଘାଟ, ସ୍ଥାନ: ଖଡ଼ିଆଳ ବ୍ଲକ ସାନମହେଶ୍ୱର ପଞ୍ଚାୟତ ରଜାମୁଣ୍ଡା ଖେଳପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସିନାପାଲି, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ବର୍ଦ୍ଧିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ସିନାପାଲି ବ୍ଲକ ଛତିଗୁଡ଼ା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୩ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର କର୍ମକ୍ଷେତ୍ରରେ ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବେ। ସାମାଜିକ ସ୍ତରରେ ସାଂସ୍କୃତିକ କିମ୍ବା ଆନୁଷ୍ଠାନିକ କର୍ମ ସମ୍ପାଦନରେ ମୁଖ୍ୟ ଭୂମିକା ଗ୍ରହଣ କରିପାରନ୍ତି। କଚେରି ମାମଲାରେ ପ୍ରତିପକ୍ଷ ପ୍ରତିଶ୍ରୁତି ରକ୍ଷାକରି ଠିକ୍ ସମୟରେ ଆସିବେ। ପାରିବାରିକ ଜୀବନ ସୁଖ, ସନ୍ତୋଷରେ କଟିବାର ଆଶା ରହିଛି।

**ବୃଷ** କର୍ମକ୍ଷେତ୍ରରେ ପରିସ୍ଥିତିକୁ ସଜାଡି ନେବା ସାଙ୍ଗକୁ ଦୃଢ଼ ପଦକ୍ଷେପ ନେଇ କାର୍ଯ୍ୟ ହାସଲ କରିବେ। ସାହିତ୍ୟ ଓ କ୍ରୀଡ଼ା ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ବ୍ୟବସାୟିକ ଦିଗରୁ ଦିନଟି ମନ୍ଦ ନୁହେଁ, ଫଳତଃ ମାନସିକ ସ୍ଥିତି ବହୁତ ଭଲ ରହିବ। ଅଫିସ୍‌ରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହୋଇପାରନ୍ତି।

**ମିଥୁନ** ପାରିବାରିକ ଜୀବନରେ ଚାପର ବଶବର୍ତ୍ତୀ ହୋଇ କେତେକ କାମ କରିବାକୁ ବାଧ୍ୟ ହେବେ। ପଡ଼ୋଶୀ ମାନେ ଈର୍ଷାନ୍ୱିତ ହୋଇ ଭିନ୍ନ ପ୍ରକାରର ମନ୍ତବ୍ୟ ଦେଇପାରନ୍ତି। ବ୍ୟବସାୟ, ପରିବହନ ଓ ବାଣିଜ୍ୟରେ ସ୍ଥିତି ମାନ୍ଦା ହେବନାହିଁ। ଆଜି ଅଫିସ୍‌ରୁ ଫେରନ୍ତା ବାଟରେ ନୂତନ ମିତ୍ରତା ସୃଷ୍ଟି କରିପାରନ୍ତି।

**କର୍କଟ** ପ୍ରତ୍ୟେକ ଦିଗରୁ ଦିନଟି ଖୁସି ଓ ଆନନ୍ଦରେ ଅତିବାହିତ ହେବାର ସୁଯୋଗ ଲଭିବେ। ବନ୍ଧୁମାନଙ୍କ ପ୍ରେରଣା ଲାଭକରି ଆଗାମୀ ଆନୁଷ୍ଠାନିକ କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ। ପୂର୍ବକଳ୍ପିତ ଯୋଜନାକୁ ବାସ୍ତବ ରୂପ ଦେବାରେ ସଫଳ ହେବେ। ନିର୍ମାଣ, ପରିବହନ, ସଭାସମିତି, ସାମ୍ବାଦିକତା ପ୍ରଭୃତି କ୍ଷେତ୍ରରେ ସମସ୍ୟା ଦୂର ହେବ।

**ସିଂହ** ଦୀର୍ଘଦିନରୁ ଯାହା ଆଜିଯାଏ ଚାହୁଁଛନ୍ତି ତାହା ପାଇବା ସକାଶେ ଅନୁକୂଳ ଦିନଟିଏ। ସଭାସମିତି କିମ୍ବା ଆଲୋଚନା କ୍ଷେତ୍ରରେ ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ। ସାମାଜିକ ସ୍ତରରେ ନୀତିଗତ କାମରୁ ପ୍ରଶଂସିତ ହେବାର ସୁଯୋଗ ପାଇବେ। ଭୁଲ୍ ବୁଝାମଣାରୁ ପାରିବାରିକ ଶାନ୍ତି ଓ ସୁସ୍ଥତା ବ୍ୟାହତ ହୋଇପାରେ।

**କନ୍ୟା** କୌଣସି ତ୍ରୁଟି ନ ଥାଇ ମଧ୍ୟ ବାରମ୍ବାର ସମସ୍ୟା ବୃଦ୍ଧି ପାଉଥିବାରୁ ଅନ୍ୟମାନଙ୍କ ପ୍ରତି ଭଲ ଧାରଣା ହ୍ରାସ ପାଇପାରେ। ପାରିବାରିକ ଆବଶ୍ୟକତା ପୂରଣ ସକାଶେ ଧାର ସୂତ୍ରରେ ଅର୍ଥ ଆଣିବେ। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିଯିବ। ଆଜିର ଯାତ୍ରା, ବାଣିଜ୍ୟ, ଯୋଗାଯୋଗ, ଗମନାଗମନ ପାଇଁ ଅସୁବିଧା ହେବନାହିଁ।

**ତୁଳା** ଆଜି ଖଳଲୋକଙ୍କ ଦ୍ୱାରା ସୁନିୟନ୍ତ୍ରିତ କାର୍ଯ୍ୟ ଲାଗି କର୍ମକ୍ଷେତ୍ରରେ ଅପମାନଜନକ ସ୍ଥିତିରୁ ରକ୍ଷା ମିଳିବ। ବାଧ୍ୟବାଧକତାବଶତଃ ଇଚ୍ଛା ନଥିଲେ ମଧ୍ୟ କେତେକ କାମ କରିବାକୁ ପଡ଼ିପାରେ। ଅଭାବ ପୂରଣ ଦିଗରେ ବନ୍ଧୁଙ୍କ ସାହାଯ୍ୟ କାମକୁ ଆସିବାର ସୂଚନା ରହିଛି। ଈର୍ଷାପରାୟଣ ହୋଇ ଆତ୍ମୀୟସ୍ୱଜନ ବିରୁଦ୍ଧାଚରଣ କରିପାରନ୍ତି।

**ବିଛା** ଆଶା ପୂରଣ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବାରେ ସମ୍ପର୍କୀୟଙ୍କ ଅବଦାନକୁ ଭୁଲିପାରିବେ ନାହିଁ। ରାଜନୈତିକ ସ୍ତରରେ ନେତୃସ୍ଥାନୀୟ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ଉପକୃତ ହୋଇପାରନ୍ତି। ପରକଥାକୁ ପ୍ରାଧାନ୍ୟ ଦେଲେ ପାରିବାରିକ କ୍ଷେତ୍ରରେ ଅଶାନ୍ତି ଆସିବ। ସ୍ୱାସ୍ଥ୍ୟହାନି କାରଣରୁ ବାରମ୍ବାର ଧାଁ ଧଉଡ କରିବାକୁ ପଡ଼ିପାରେ।

**ଧନୁ** କର୍ମକ୍ଷେତ୍ରରେ ବନ୍ଧୁମାନଙ୍କ ସାହାଯ୍ୟ ଓ ସଦିଚ୍ଛା ଲାଭ କରି ଖୁସି ରହିବେ। ଅପ୍ରିୟ ସତ୍ୟ ଭାଷଣରୁ ଦୂରେଇ ରହନ୍ତୁ ନଚେତ୍ ଅଯଥା ଅଶାନ୍ତି ସୃଷ୍ଟି ହେବାର ଆଶଙ୍କା ରହିଛି। ଅଜଣା ବ୍ୟକ୍ତିଙ୍କ ଦ୍ୱାରା ଚେଷ୍ଟା କରୁଥିବା କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ନିଜର କୌଣସି କାମ ହାସଲ ପାଇଁ ପର ଉପରେ ନିର୍ଭର କରିପାରନ୍ତି।

**ମକର** ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ କଳହ ଦେଖାଦେଇପାରେ। ଧୈର୍ଯ୍ୟର ସହ ସମସ୍ୟାର ମୁକାବିଲା କରିପାରିଲେ ନିଶ୍ଚିତ ସଫଳତା ହାସଲ କରିବେ। ମାଲିମକଦ୍ଦମା ତଥା ବିବାଦୀୟ କ୍ଷେତ୍ରରେ ପରିସ୍ଥିତି ଭିନ୍ନରୂପ ନେଇପାରେ। ବନ୍ଧୁଙ୍କ ଜରିଆରେ ଅପରାହ୍ନେ ଆଶା କରୁଥିବା ଜିନିଷଟି ପାଇ ଖୁସି ହୋଇଯିବେ।

**କୁମ୍ଭ** ପରିବାରରେ ଅଯଥା ସନ୍ଦେହଜନିତ କଳହ ଲାଗିରହିବ। କର୍ମକ୍ଷେତ୍ରରେ ଯୋଜନାଗୁଡ଼ିକ ଠିକ୍ ଭାବେ କାର୍ଯ୍ୟକାରୀ କରିବା କଷ୍ଟକର ହେବ। ବନ୍ଧୁଙ୍କୁ ସନ୍ତୁଷ୍ଟ କରିବାକୁ ଯାଇ ଭାବବିହ୍ୱଳ ହୋଇ କାମ କରିପାରନ୍ତି। ଆଜିର ଯାତ୍ରା, ବାଣିଜ୍ୟ, ରାଜନୀତି, ଚଳଚ୍ଚିତ୍ରରେ ଥିବା ସମସ୍ୟାର ସମାଧାନ ହୋଇଯିବ।

**ମୀନ** ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ ବନ୍ଧୁମିଳନ ପ୍ରୀତିପ୍ରଦ ରହିବ। ସମସ୍ୟା ବିଜଡିତ ପରିସ୍ଥିତିରେ ବନ୍ଧୁଙ୍କ ସହାନୁଭୂତି ଲାଭ କରି କାମ ହାସଲ କରିବେ। ସାମାଜିକ ସ୍ତରରେ ଜନହିତକର କାର୍ଯ୍ୟରେ ନିଜକୁ ଲିପ୍ତ ରଖିପାରନ୍ତି। ବାଟରେ ବନ୍ଧୁଙ୍କ ଦେଖା ନ ପାଇ ବ୍ୟସ୍ତ ହେବାକୁ ପଡ଼ିପାରେ।

ଆଜି ସେପ୍ଟେମ୍ବର ୧୫ ତାରିଖ, ଅଭିଯନ୍ତା (ଇଞ୍ଜିନିୟର୍ସ ଦିବସ), ଭାରତରତ୍ନ ସାର୍ ଏମ୍. ବିଶ୍ୱେଶ୍ୱରାୟାଙ୍କ ଜୟନ୍ତୀ, ମାସାନ୍ତ, ଆଶ୍ୱିନ କୃଷ୍ଣ ନବମୀ, ସୋମବାର, ରାଶିନକ୍ଷତ୍ର-ସକାଳ ଘ.୦୭।୩୨ ମି. ଗତେ, ଆର୍ଦ୍ରା/ମିଥୁନ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ ମହାଳୟା ବିଧିରେ କରାଯିବ, ସକାଳ ଘ.୦୫।୩୭ ଗତେ ଘ. ୦୭।୦୮ ମଧ୍ୟେ, ଘ.୧୦।୨୮ ଗତେ ଘ.୧୨।୫୪ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୭।୦୮ ଗତେ ଘ.୦୮।୩୯ ମଧ୍ୟେ ରାହୁ କାଳ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ମନ ଗଢେ ପାଠ
ଘର ଗଢେ କାଠ ।**

ପାଠ ବା ଜ୍ଞାନ ମଣିଷକୁ ଦିଗ୍‌ଦର୍ଶନ ଦେଇଥାଏ। ଜୀବନରେ ଉଚିତ ମାର୍ଗ ଦର୍ଶାଇଥାଏ। ଜ୍ଞାନ ବଳରେ ମଣିଷର ସବୁବେଳେ ଜିତାପଟ ହୋଇଥାଏ। ସେହିପରି ଘର ଗଢିବାରେ କାଠର ବହୁତ ଆବଶ୍ୟକତା ରହିଥାଏ। ଘରର ଆସବାବପତ୍ରଠୁ ଆରମ୍ଭ କରି ସୌଖୀନ ବସ୍ତୁ ପର୍ଯ୍ୟନ୍ତ ସବୁଥିରେ କାଠ ଲୋଡା ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ମାଉସୀ ମା
ଖରାବେଳେ ଦିଏ ଖଣ୍ଡିଆ ଦାଆ।।**

ମା' ଯେମିତି ପିଲାଙ୍କ ଯତ୍ନ ନେଇଥାଏ ଓ ସ୍ନେହ ଶ୍ରଦ୍ଧା କରିଥାଏ, ତାହା ସେମିତି ଆଉ କେହି କରିପାରି ନ ଥାନ୍ତି। ମାଆର ଭଉଣୀ ସାବତ ମାଆ କେବେ ଜନ୍ମଦାତ୍ରୀ ମାଆ ପରି ହୋଇପାରି ନ ଥାଏ। କେବେ ବି ସେ ଜନ୍ମକଲା ମାଆ ପରି ପିଲା ମନର ଭାବ, ଆବେଗ ବୁଝିପାରି ନ ଥାଏ। ଅନେକ ସମୟରେ ଏଭଳି ମାଆଠାରୁ ହତାଦର ବା ଅବହେଳାର ଶିକାର ହେବାକୁ ପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଦେଶର ବିକାଶକୁ ଦ୍ରୁତ କରିବ ଏକ ରାଷ୍ଟ୍ର ଏକ ନିର୍ବାଚନ : ସୁନୀଲ ବଂଶଲ

ଭୁବନେଶ୍ୱର,୧୪।୯ (ରବିନାରାୟଣ ଜେନା)

ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ଭାରତ। ମାତ୍ର ଏଠାରେ ବାରମ୍ବାର ନିର୍ବାଚନ ହେବା ଯୋଗୁ ଅନେକ ସମସ୍ୟା ସୃଷ୍ଟି ହେଉଛି। ଏହାକୁ ବଦଳାଇ ଗୋଟିଏ ରାଷ୍ଟ୍ର, ଗୋଟିଏ ନିର୍ବାଚନ କରି ଏହି ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଏହା ଦେଶର ବିକାଶ ଓ ସମୃଦ୍ଧିକୁ ଦ୍ରୁତଗତିରେ ଆଗକୁ ନେବାରେ ସହାୟକ ହେବ ବୋଲି ଭାଜପା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସୁନୀଲ ବଂଶଲ କହିଛନ୍ତି। ରବିବାର ସୋଆ ବିଶ୍ୱବିଦ୍ୟାଳୟଠାରେ 'ଏକ ରାଷ୍ଟ୍ର ଏକ ନିର୍ବାଚନ' ଶୀର୍ଷକ ଆଲୋଚନାଚକ୍ରରେ ଅଂଶଗ୍ରହଣ କରି ବଂଶଲ କହିଛନ୍ତି, ୨୦୧୯ ସାଧାରଣ ନିର୍ବାଚନ ଖର୍ଚ୍ଚ ୬୦,୦୦୦ କୋଟି ଟଙ୍କା ଥିବାବେଳେ ୨୦୨୪ ଲୋକ ସଭା ନିର୍ବାଚନ ଖର୍ଚ୍ଚ ୧.୩୫ ଲକ୍ଷ କୋଟିରେ ପହଞ୍ଚିଛି। ସେହିପରି ଦେଶରେ ବାରମ୍ବାର ନିର୍ବାଚନ ହେବା ଦ୍ୱାରା ୪-୭ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହେଉଛି ବୋଲି ସେ କହିଥିଲେ।

## ପ୍ରଥମ ପୃଷ୍ଠାରୁ...

### ବ୍ରିଟେନ୍‌ରେ ତେଜିଲା ...

ଲୋକ ସାମିଲ ହୋଇଛନ୍ତି। ଉଭୟ ଗୋଷ୍ଠୀ ମୁହାଁମୁହିଁ ଅବସ୍ଥାରେ ଥିବାବେଳେ ରବିନ୍‌ସନ୍‌ଙ୍କ ସମର୍ଥକ ଓ ମେଟ୍ରୋପଲିଟାନ୍ ପୋଲିସ ମଧ୍ୟରେ ସଂଘର୍ଷ ହୋଇଛି। ବିକ୍ଷୋଭକାରୀମାନେ ବୋତଲ ଓ ଟେକାମାଡ଼ କରିବାରୁ ୨୬ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି, ଯାହାଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସ୍ଥିତି ଯେପରି ନିୟନ୍ତ୍ରଣ ବାହାରକୁ ନ ଯିବ ସେଥିଲାଗି ୧,୦୦୦ରୁ ଊର୍ଦ୍ଧ୍ୱ ପୋଲିସ କର୍ମଚାରୀଙ୍କୁ ମୁତୟନ କରାଯାଇଛି। ପୋଲିସ ୨୫ ବିକ୍ଷୋଭକାରୀଙ୍କୁ ଗିରଫ କରିଛି। ସେମାନଙ୍କ ବିରୋଧରେ ହିଂସାତ୍ମକ କାର୍ଯ୍ୟକଳାପ, ଆପରାଧିକ ଉଦ୍ଦେଶ୍ୟ ରଖି ଭଙ୍ଗାରୁଜା ଆଦି ଅଭିଯୋଗରେ ମାମଲା ରୁଜୁ କରାଯାଇଛି। ପଲିଟିକାଲ ଆକ୍ଟିଭିଷ୍ଟ ଟୋମି ରବିନ୍‌ସନ୍‌ଙ୍କ ସମର୍ଥକମାନେ ଚଳାଇଥିବା ଏହି ଆନ୍ଦୋଳନକୁ ଅଭିବ୍ୟକ୍ତି ସ୍ୱାଧୀନତା ପାଇଁ ଉଦ୍ଦିଷ୍ଟ ବୋଲି କୁହାଯାଉଛି। ୟୁରୋପର ବହୁ ସଂଖ୍ୟକ ଇନ୍‌ଫ୍ଲୁଏନ୍ସର ଓ ଦକ୍ଷିଣପନ୍ଥୀ ରାଜନେତା ଏହାକୁ ସମର୍ଥନ କରିଛନ୍ତି। ୟୁରୋପରୁ ମୁସଲିମ୍ ସଂସ୍କୃତିକୁ ବିଦା କରିବା ପାଇଁ ରବିନ୍‌ସନ୍‌ଙ୍କ ନେତୃତ୍ୱରେ ଚାଲିଥିବା ବିକ୍ଷୋଭ ଏକ ଯଥାର୍ଥ ପଦକ୍ଷେପ ବୋଲି ଫ୍ରାନ୍ସର ଦକ୍ଷିଣପନ୍ଥୀ ନେତା ଏରିକ୍ ଜେମୋର କହିଛନ୍ତି। ଇତିମଧ୍ୟରେ ଟେସ୍‌ଲା ସିଇଓ ତଥା ସାମାଜିକ ଗଣମାଧ୍ୟମ ମଞ୍ଚ X ' ମାଲିକ ଏଲନ୍ ମସ୍କ ଏକ ଭିଡିଓ ଲିଙ୍କ୍ ଜରିଆରେ ଆନ୍ଦୋଳନକାରୀଙ୍କୁ ସମ୍ବୋଧିତ କରି ବ୍ରିଟେନ୍‌ର ବାମପନ୍ଥୀ ସରକାରକୁ ନିନ୍ଦା କରିଛନ୍ତି। ବ୍ରିଟିଶ୍ ହେବା ଖୁସିର କଥା। କିନ୍ତୁ ବର୍ତ୍ତମାନ ବ୍ରିଟେନ୍‌କୁ ବରବାଦ କରାଯାଉଛି। ଆରମ୍ଭରୁ ଏହା ଏକ ଧୀର ଅବକ୍ଷୟ ଥିଲା, ଯାହାକି ପରବର୍ତ୍ତୀ ସମୟରେ ଦେଶକୁ ଅନିୟନ୍ତ୍ରିତ ଭାବେ ଧ୍ୱଂସ କରିବାକୁ ବସିଛି ବୋଲି ମସ୍କ କହିଛନ୍ତି। ରବିନ୍‌ସନ୍ ନିଜ ସମର୍ଥକମାନଙ୍କୁ ସମ୍ବୋଧିତ କରି କହିଛନ୍ତି, ବ୍ରିଟେନ୍‌କୁ ନିର୍ମାଣ କରିଥିବା ବ୍ରିଟିଶ୍‌ଙ୍କ ତୁଳନାରେ ବର୍ତ୍ତମାନ ଦେଶର ଆଇନଅଦାଲତ ଆପ୍ରବାସୀମାନଙ୍କୁ ଅଧିକ ଅଧିକାର ପ୍ରଦାନ କରିଛି। ଏହି ଧାରାକୁ ଉଚ୍ଛେଦ କରିବାକୁ ପଡ଼ିବ। ୟୁନିୟନ୍ ଜ୍ୟାକ୍ ଧରିଥିବା ତାଙ୍କ ସମର୍ଥକମାନେ ଏହା ଶୁଣିବା ପରେ ସ୍ଲୋଗାନ ଦେଇଥିଲେ, 'ବହୁତ ହୋଇଗଲା'। 'ଏବେ ସେମାନଙ୍କୁ ବିଦା କର'। 'ଆମ ପିଲାଛୁଆଙ୍କୁ ସୁରକ୍ଷା ଦିଅ'।

### ଦକ୍ଷିଣପନ୍ଥୀ ଟୋମି...

ଚର୍ଚ୍ଚାକୁ ଆସିଥିଲେ। ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ଜାତୀୟତାବାଦୀ ତଥା ଇସ୍‌ଲାମବିରୋଧୀ ସଙ୍ଗଠନ ହେଉଛି ବ୍ରିଟେନ୍‌ର ଅନ୍ୟତମ ସର୍ବାଧିକ ପ୍ରଭାବଶାଳୀ ଦକ୍ଷିଣପନ୍ଥୀ ଅର୍ଗାନାଇଜେଶନ୍, ଯାହାକି ୨୦୧୦ ଦଶକର ମଧ୍ୟଭାଗ ପର୍ଯ୍ୟନ୍ତ ସକ୍ରିୟ ରହିଥିଲା। ରବିନ୍‌ସନ୍ ୨୦୧୧ରେ ଜେନ୍ନା ଲେନୋନ୍‌ଙ୍କୁ ବିବାହ କରିଥିଲେ। ଏହାର ୧୦ ବର୍ଷ ପରେ ଏହି ଦମ୍ପତି ପରସ୍ପରଠାରୁ ବିଚ୍ଛେଦ ହୋଇ ଛାଡ଼ପତ୍ର ପନ୍ଥା ଆପଣାଇଥିଲେ। ଏହାର କିଛିଦିନ ପରେ ରବିନ୍‌ସନ୍‌ଙ୍କୁ ଦେବାଳିଆ ଘୋଷଣା କରାଯାଇଥିଲା। ୨୦୨୧ରେ ଏକ ହାଇକୋର୍ଟ ରାୟକୁ ଅମାନ୍ୟ କରିବାରୁ ଗତବର୍ଷ ଅକ୍ଟୋବରରେ ତାଙ୍କୁ ୧୮ ମାସ ପାଇଁ ଜେଲ ଦଣ୍ଡାଦେଶ ହୋଇଥିଲା। ରବିନ୍‌ସନ୍ ବିଲିଅନେୟାର ଏଲନ୍ ମସ୍କଙ୍କୁ ନିଜର ଜଣେ ସମର୍ଥକ ବୋଲି କହିଥାନ୍ତି। ରବିନ୍‌ସନ୍ ଜେଲରେ ଥିବାବେଳେ ମସ୍କ ତାଙ୍କ ସମର୍ଥନରେ ବାହାରିଥିଲେ। ତାଙ୍କ ବିରୋଧରେ ଆହୁରି କେତେକ ଆପରାଧିକ ମାମଲା ରହିଥିବା ଜଣାପଡ଼ିଛି।

### ନିଯୁକ୍ତି ପାଇଁ ଶାରୀରିକ ...

ବ୍ୟବଚ୍ଛେଦ କରାଯିବ ବୋଲି ଏସ୍‌ପି କହିଛନ୍ତି। ସୂଚନାଯୋଗ୍ୟ, ଗତ ମେ ୨୯ ତାରିଖରେ ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିଠାରେ ହୋମଗାର୍ଡ ନିଯୁକ୍ତି ପାଇଁ ଶାରୀରିକ ପରୀକ୍ଷା ସମୟରେ ୨ ପ୍ରାର୍ଥୀଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟ ୬ଜଣ ଗୁରୁତର ହୋଇଥିଲେ। ସେହିପରି ଓଏସ୍‌ଏପି ଦ୍ୱିତୀୟ ବାଟାଲିୟନରେ ନିଯୁକ୍ତି ନିମନ୍ତେ ଶାରୀରିକ ପରୀକ୍ଷା ପାଇଁ ଝାରସୁଗୁଡ଼ା ଜିଲା ଓଏମ୍‌ପିସ୍ଥିତ ଓଏସ୍‌ଏପି ପଡ଼ିଆରେ ରବିବାର ଅଭ୍ୟାସ କରୁଥିବାବେଳେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନେପାଳର ଗୋବିନ୍ଦ କୁମାଲ(୨୦)। ଆସନ୍ତା ୧୭ରେ ଓଏସ୍‌ଏପି ଦ୍ୱିତୀୟ ବାଟାଲିୟନରେ ନିଯୁକ୍ତି ପାଇଁ ଶାରୀରିକ ପରୀକ୍ଷା ହେବ। ନେପାଳୀ ଗୁରୁଖାମାନଙ୍କ ପାଇଁ କିଛି ପଦବୀ ସଂରକ୍ଷିତ ରହିଛି। ତେଣୁ ନେପାଳର ବହୁ ସଂଖ୍ୟକ ଯୁବକ ଆସି ଝାରସୁଗୁଡ଼ାସ୍ଥିତ ଓଏମ୍‌ପି ଅଞ୍ଚଳରେ ରହି ଓଏସ୍‌ଏପି ପଡ଼ିଆରେ କିଛିଦିନ ହେବ ଅଭ୍ୟାସ ଜାରି ରଖିଛନ୍ତି। ରବିବାର ସକାଳେ ଗୋବିନ୍ଦ ତାଙ୍କ ସାଙ୍ଗମାନଙ୍କ ସହିତ ଅଭ୍ୟାସ କରୁଥିବାବେଳେ ହଠାତ୍ ତଳେ ପଡ଼ିଯାଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ହୃଦ୍‌ଘାତରେ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ଗୋବିନ୍ଦଙ୍କ ପରିବାର ଲୋକେ ଝାରସୁଗୁଡ଼ାରେ ପହଞ୍ଚିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡ଼ିଛି।

### ବିଷାକ୍ତ ମଦ ପିଇ ...

କରିଛନ୍ତି।ଚୋରା ମଦ ବିକ୍ରି ବନ୍ଦ କରିବା ପାଇଁ ପରିବାର ଲୋକେ ଦାବି କରିଛନ୍ତି। ଏନେଇ ବିନିକା ଥାନାରେ ଆହ୍ଲାଦିନୀଙ୍କ ଲିଖିତ ଅଭିଯୋଗକୁ ଆଧାର କରି ପୋଲିସ ଏକ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ଓ ତଦନ୍ତ ସେ ଦିଗରେ ଯିବ ବୋଲି ବିନିକା ଥାନା ଆଇଆଇସି ସତ୍ୟ ନାରାୟଣ ପ୍ରଧାନ କହିଛନ୍ତି। ରଘୁ ମୂଲ ମଜୁରି କରି ପରିବାର ପ୍ରତିପୋଷଣ କରୁଥିଲେ। ତାଙ୍କର ଗୋଟିଏ ୭ ବର୍ଷର ଝିଅ ଓ ୧୦ ବର୍ଷର ପୁଅ ଅଛନ୍ତି । ସ୍ୱାମୀଙ୍କ ମୃତ୍ୟୁ ପରେ ଆହ୍ଲାଦିନୀ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ବିନିକା ଅଞ୍ଚଳରେ ଚୋରା ଦେଶୀ ମଦ କାରବାର ବୃଦ୍ଧି ପାଇଛି। ସବୁଠି ଚୋରା ମଦ ମିଳୁଥିବାରୁ ଯୁବପିଢ଼ି ପଥଭ୍ରଷ୍ଟ ହେଉଛନ୍ତି। ପୋଲିସ ଓ ଅବକାରୀ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

### ଦ୍ରବ୍ୟର ସଂଶୋଧିତ ...

ମୂଲ୍ୟ ସ୍ଲାବ୍‌ରେ ଜିଏସ୍‌ଟି ହ୍ରାସ ହୋଇଛି, ଅନେକ ସାମଗ୍ରୀରେ ସମ୍ପୂର୍ଣ୍ଣ ଛାଡ଼ ହୋଇଛି। ଏହା ପ୍ରଧାନମନ୍ତ୍ରୀଙ୍କର ଏକ ଐତିହାସିକ ନିଷ୍ପତ୍ତି, ଯାହା ସାଧାରଣ ଲୋକଙ୍କର ଆର୍ଥିକ ବୋଝ କମାଇବାରେ ସହାୟକ ହୋଇପାରିବ। ମନ୍ତ୍ରୀ ପାତ୍ର କହିଛନ୍ତି, ଆମ ବିଭାଗ ଏହାକୁ ପୂର୍ଣ୍ଣ ସମର୍ଥନ ଦେଉଛି, ଲାଭଗୁଡ଼ିକ ଗ୍ରାହକଙ୍କ ପାଖେ ତୁରନ୍ତ ପହଞ୍ଚିବା ଉଚିତ।

୨୦୨୫ର ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ପ୍ୟାକ୍ ହୋଇଥିବା ଆବଶ୍ୟକ ସାମଗ୍ରୀ ପୁରୁଣା ଲେବୁଲ୍ ରଖିପାରିବ, କିନ୍ତୁ ନୂଆ ଦର ୨୨ ସେପ୍ଟେମ୍ବର ୨୦୨୫ରୁ ଲାଗୁ ହେବ ଏବଂ ବର୍ଷ ଶେଷ ସୁଦ୍ଧା ଏହାକୁ ସମ୍ପୂର୍ଣ୍ଣ ଭାବେ ଲାଗୁ କରାଯିବ ବୋଲି ମନ୍ତ୍ରୀ କହିଥିଲେ ।

# ପବ୍ଲିକ ଡୋମେନ୍‌ରେ ରହିବ ଅଧିକାରୀଙ୍କ କାର୍ଯ୍ୟଶୈଳୀ

## ଆଇଏଏସ୍‌ଙ୍କ ସମେତ ସବୁବର୍ଗ ଅଧିକାରୀଙ୍କ ପାଇଁ ପ୍ରସ୍ତୁତ ହେବ 'ଇଆର୍'

### ୨ମାସରେ ଶେଷ ଲାଗି ସବୁ ବିଭାଗୀୟ ମୁଖ୍ୟ, ଜିଲାପାଳଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୪।୯(ରବିନାରାୟଣ ଜେନା)

ରାଜ୍ୟରେ କେଉଁ ବର୍ଗର ଅଧିକାରୀଙ୍କ କାର୍ଯ୍ୟ (ସେବା) କ'ଣ ଏବଂ ସେମାନେ ତାଙ୍କ କାର୍ଯ୍ୟକାଳ ମଧ୍ୟରେ କ'ଣ ସବୁ ସେବା ପ୍ରଦର୍ଶନ କରିଛନ୍ତି ବା ଦୁର୍ନୀତି କରିଛନ୍ତି ତା'ର ଚିଳିନିଖି ହିସାବ ରାଜ୍ୟ ସରକାର କରିବେ ଏବଂ ଏ ସମସ୍ତ ତଥ୍ୟ ଲୋକମାନେ ପବ୍ଲିକ ଡୋମେନ୍‌ରେ ଦେଖିପାରିବେ। ସରକାରକୁ ସ୍ୱଚ୍ଛ, ଉତ୍ତରଦାୟୀ କରିବା ସହିତ ଅଧିକାରୀଙ୍କ କାର୍ଯ୍ୟଶୈଳୀ ସମ୍ପର୍କରେ ଲୋକଲୋଚନରେ ଅବଗତ କରାଇବା ଲକ୍ଷ୍ୟ ନେଇ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ସରକାର ହାତକୁ ନେଇଛନ୍ତି। ଏହାକୁ ନେଇ ପ୍ରଥମ ପର୍ଯ୍ୟାୟରେ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀଙ୍କ ସହିତ ଭାରତୀୟ ପୋଲିସ ସେବା (ଆଇପିଏସ୍), ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍), ଓଡ଼ିଶା ବିତ୍ତ ସେବା (ଓଏଫ୍ଏସ୍), ଓଡ଼ିଶା ପୋଲିସ ସେବା (ଓପିଏସ୍) ଏବଂ ଓଡ଼ିଶା ଶିକ୍ଷା ସେବା (ଓଇଏସ୍) ଅଧିକାରୀଙ୍କ କାର୍ଯ୍ୟନିର୍ବାହୀ ରେକର୍ଡ ପ୍ରସ୍ତୁତ ହେବ। ଏହାପରେ ପର୍ଯ୍ୟାୟକ୍ରମେ ଅନ୍ୟ ବର୍ଗର ଅଧିକାରୀଙ୍କ ରେକର୍ଡସିଟ୍ ପ୍ରସ୍ତୁତ ହୋଇ ମାନବ ସମ୍ବଳ ପରିଚାଳନା ସେବା (ଏଚ୍ଆର୍ଏମ୍ଏସ୍) ପୋର୍ଟାଲରେ ଅପ୍‌ଲୋଡ୍ କରାଯିବ; ଯାହାଦ୍ୱାରା ଏଚ୍ଆର୍ଏମ୍ଏସ୍ ତଥ୍ୟ ଶକ୍ତ ହେବା ସହିତ ଅଧିକାରୀଙ୍କ କାର୍ଯ୍ୟ ସମ୍ପାଦନା ବିବରଣୀ ଅପ୍ ଡେଟ୍ ରହିବ, ଯାହାକି ସରକାରଙ୍କୁ ବିଭିନ୍ନ ସମୟରେ ସହାୟତା କରିବ। ଏହି ପ୍ରକ୍ରିୟା ୨ମାସ ମଧ୍ୟରେ ଶେଷ କରିବାକୁ ହେବ। ଯଦି ଏହି ସମୟରେ କୌଣସି ଅଧିକାରୀ ତଥ୍ୟ ଦେବା କିମ୍ବା ଅନ୍ୟ କୌଣସି ବ୍ୟତିକ୍ରମ କରନ୍ତି ତେବେ ଏହାକୁ ସାଙ୍ଘାତିକ ଭାବେ ଗ୍ରହଣ କରାଯିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ଏସଂକ୍ରାନ୍ତରେ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟଶାସନ ସଚିବ(ଏସିଏସ୍) ସୁରେନ୍ଦ୍ର କୁମାର ସମସ୍ତ ବିଭାଗ ମୁଖ୍ୟ, ମୁଖ୍ୟ ଦପ୍ତରର ସମସ୍ତ ବିଭାଗୀୟ ମୁଖ୍ୟ, ଆର୍‌ଡିସି ଓ ଜିଲାପାଳମାନଙ୍କୁ ପତ୍ର ଲେଖି ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ଦର୍ଶାଇଛନ୍ତି। ଗତ ୧୧ ତାରିଖରେ ଏସିଏସ୍ ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି ଯେ, ରାଜ୍ୟ ସରକାରଙ୍କ ଅଧୀନସ୍ଥ ସବୁ ବର୍ଗର ଅଧିକାରୀମାନେ ନିଜର ଏଚ୍ଆର୍ଏମ୍ଏସ୍ ଖାତାରେ ଲଗ୍ ଇନ୍ କରିବେ। ପ୍ରତ୍ୟେକ ଅଧିକାରୀ ନିଜର 'ଇଆର' ସିଟ୍‌କୁ ଦେଖିବେ ଓ ଡାଉନଲୋଡ୍ କରି ସେଥିରେ ଥିବା ବିବରଣୀ ଯାଞ୍ଚ କରିବେ। ଯଦି କୌଣସି ତଥ୍ୟ ଭୁଲ୍ କିମ୍ବା ଅସମ୍ପୂର୍ଣ୍ଣ ଥାଏ ତେବେ ସେହି ଅଧିକାରୀ ତୁରନ୍ତ ବିଭାଗର ଡ୍ରଇଂ ଏବଂ ଡିସ୍‌ବର୍ସିଂ ଅଫିସର (ଡିଡିଓ)ଙ୍କୁ ଅବଗତ କରିବେ, ଯାହାଫଳରେ ସଂଶୋଧନ ହୋଇପାରିବ। ଯାଞ୍ଚ ପରେ ଅଧିକାରୀ ଏଚ୍ଆର୍ଏମ୍ଏସ୍ ପୋର୍ଟାଲରେ ଅପଲୋଡ୍ କରି ଏହା ଠିକ୍ ବୋଲି ଦର୍ଶାଇବେ। ଏହି ସମସ୍ତ ପ୍ରକ୍ରିୟା ୨ମାସ ମଧ୍ୟରେ ଶେଷ ହେବା ଆବଶ୍ୟକ। ସମସ୍ତ ପ୍ରକ୍ରିୟା ଶେଷ ହେବା ପରେ ଅଧିକାରୀଙ୍କ ଉକ୍ତ ବିବରଣୀକୁ ପବ୍ଲିକ ଡୋମେନ୍‌ରେ ଅପ୍‌ଲୋଡ୍ କରାଯିବ। ପରବର୍ତ୍ତୀ ପର୍ଯ୍ୟାୟରେ ଏହାକୁ ଅନ୍ୟ ଅଧିକାରୀଙ୍କ ଲାଗି ମଧ୍ୟ ଉପଯୋଗ କରାଯିବ। ଯଦି କୌଣସି ଅଧିକାରୀ ସରକାରଙ୍କ ନିର୍ଦ୍ଦେଶକୁ ବେଖାତିର କରନ୍ତି ତାହାକୁ ଗୁରୁତ୍ୱର ସହ ଗ୍ରହଣ କରାଯିବ ବୋଲି ଏସିଏସ୍ ଦର୍ଶାଇଛନ୍ତି।

# ସମୁଦ୍ରରେ ବୁଡ଼ିଯାଇ ଜଣେ ନିଖୋଜ

## ସୁନାପୁର ବେଳାଭୂମି ବୁଲି ଯାଇଥିଲେ ୪ ସାଙ୍ଗ

ଚିକିଟି,୧୪।୯(ପ୍ରକାଶ ଚନ୍ଦ୍ର ସାହୁ)

ଗଞ୍ଜାମ ଜିଲା ଚିକିଟି ବ୍ଲକ ଅନ୍ତର୍ଗତ ସୁନାପୁର ବେଳାଭୂମିରେ ରବିବାର ଏକ ଅଘଟଣ ଘଟିଛି। ୪ ସାଙ୍ଗ ବୁଲିବାକୁ ଆସି ସମୁଦ୍ରରେ ଗାଧୋଉ ଥିବାବେଳେ ବୁଡ଼ିଯାଇ ଜଣେ ନିଖୋଜ ଅଛନ୍ତି। ସେ ହେଲେ ଚିକିଟି ବ୍ଲକ କେ. ନୂଆଗାଁ ପଞ୍ଚାୟତ ଲିଆଖାଇ ଗ୍ରାମର ଅମିତ ପ୍ରଧାନ (୧୮)। ଦମକଳ ବାହିନୀ ଖୋଜାଖୋଜି ଜାରି ରଖିଥିଲେ ମଧ୍ୟ ସନ୍ଧ୍ୟା ସୁଦ୍ଧା ତାଙ୍କ ପତ୍ତା ମିଳିନାହିଁ। ଲିଆଖାଇ ଗ୍ରାମର ଅମିତ, ରାଜେଶ ପ୍ରଧାନ (୧୯), ଆଶିଷ ପ୍ରଧାନ (୧୮), ଦୀପକ ପ୍ରଧାନ (୨୨) ସାଙ୍ଗ ହୋଇ ବସ୍‌ଯୋଗେ ସୁନାପୁର ବେଳାଭୂମିକୁ ବୁଲିବାକୁ ଯାଇଥିଲେ। ସମୁଦ୍ର ଭିତରେ ସେମାନେ ଗାଧୋଇବାର ମଜା ନେଉଥିବାବେଳେ ଜୁଆର ଆସିବାରୁ ରାଜେଶ, ଦୀପକ, ଆଶିଷ ଉଦ୍ଧାର ପାଇଯାଇଥିଲେ। ହେଲେ ଅମିତ ଆଉ ଫେରି ନ ଥିଲେ। ୩ ସାଙ୍ଗ ସେଠାକାର ବ୍ଲୁ ଫାର୍ଗର ହୋମଗାର୍ଡଙ୍କୁ ଏହା କହିଥିଲେ। ଖବରପାଇ ବ୍ରହ୍ମପୁର ଦମକଳ ବାହିନୀ ଓ ମେରାଇନ ଥାନା ପୋଲିସ ସେଠାରେ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ଅମିତଙ୍କ ପତ୍ତା ମିଳିନି। ସ୍ଥାନୀୟ ଲୋକେ କହିଛନ୍ତି, ପୂର୍ବରୁ ବନସଂରକ୍ଷଣ ସମିତି ଜରିଆରେ ବେଳାଭୂମିରେ ହୋମଗାର୍ଡ ନିଯୁକ୍ତି ଦିଆଯାଇଥିଲା। ବର୍ତ୍ତମାନ କେହି ହୋମ୍‌ଗାର୍ଡ ନାହାନ୍ତି। କେତେଜଣ ଲୋକ ବେଆଇନ ଭାବେ ଟିକସ ଆଦାୟ କରୁଥିଲେ ବି ବେଳାଭୂମି ସଫେଇ ହେଉନାହିଁ। ସେଠାରେ ସୁରକ୍ଷା ପାଇଁ କୌଣସି ବ୍ୟବସ୍ଥା ହୋଇ ନ ଥିବାରୁ ଏଭଳି ଅଘଟଣ ଘଟିଲା ବୋଲି ଅଭିଯୋଗ କରିଛନ୍ତି।


ଅମିତ ପ୍ରଧାନ

# ମହାନଦୀରେ ଭାସି ନାତି ମୃତ, ପୁତୁରା ନିଖୋଜ

## ମହିଳାଙ୍କ ଦଶାହକର୍ମ ବେଳେ ଅଘଟଣ

ତିର୍ତ୍ତୋଲ,୧୪।୯(ଗୌରାଙ୍ଗ ଚରଣ ସ୍ୱାଇଁ)

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକ କୋଲର ପଞ୍ଚାୟତ ଅନ୍ତର୍ଗତ ନାଗପୁରା ଗ୍ରାମରେ ରବିବାର ଏକ ଅଘଟଣ ଘଟିଛି। ଜଣେ ମହିଳାଙ୍କ ଦଶାହ କର୍ମବେଳେ ନଦୀରେ ବୁଡ଼ି ନାତିଙ୍କ ମୃତ୍ୟୁ ଘଟିଥିବା ବେଳେ ପୁତୁରା ନିଖୋଜ ହୋଇଯାଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ମହାନଦୀର ତାଳତୋଲ ପୋଲ ନିକଟରେ ନାଗପୁରା ଗ୍ରାମର ନର୍ମଦା ଜେନାଙ୍କ ଦଶାହକର୍ମ ଚାଲିଥିଲା। ଏହି ସମୟରେ ନଦୀରେ ସ୍ନାନ କରିବାକୁ ନର୍ମଦାଙ୍କ ନାତି ରୁଦ୍ରନାରାୟଣ ଜେନା (୨୨) ଯାଇଥିଲେ। ମାତ୍ର ନଦୀର ପ୍ରଖର ସ୍ରୋତରେ ସେ ଭାସିଯାଇଥିଲେ। ତାଙ୍କୁ ଉଦ୍ଧାର କରିବାକୁ ନର୍ମଦାଙ୍କ ପୁତୁରା ତଥା ରୁଦ୍ରନାରାୟଣଙ୍କ ଦାଦା ସମ୍ପଦ ଜେନା ନଦୀରେ ଖୋଜାଖୋଜି କରୁଥିବାବେଳେ ସେ ମଧ୍ୟ ନିଖୋଜ ହୋଇଯାଇଛନ୍ତି। ସ୍ଥାନୀୟ ଲୋକେ ରୁଦ୍ରନାରାୟଣଙ୍କୁ ପାଣିରୁ ଉଦ୍ଧାର କରି ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି।

# ୧୭ରୁ 'ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ'

## ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର,୧୪।୯(ବନ୍ଦନା ସେଠୀ)

ସାରା ଦେଶରେ ମହିଳା ଓ ବାଳିକାଙ୍କ ବିଭିନ୍ନ ରୋଗର ସ୍କ୍ରିନିଂ, ପୁଷ୍ଟିସାର ଏବଂ ସୁସ୍ଥତା ସେବା ଉପରେ ଧ୍ୟାନ କେନ୍ଦ୍ରିତ କରିବାକୁ 'ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ' ଆରମ୍ଭ ହେବ। ଆସନ୍ତା ୧୭ ତାରିଖରେ ମଧ୍ୟପ୍ରଦେଶର ଧର୍ ଜିଲାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଅଭିଯାନର ଶୁଭାରମ୍ଭ କରିବେ। ଅକ୍ଟୋବର ୨ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଭିଯାନର ସଫଳତା ଲାଗି ଓଡ଼ିଶାରେ ବ୍ୟାପକ ପଦକ୍ଷେପ ନିଆଯିବ ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅଭିଯାନର ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ୟୁନିଟ–୩ସ୍ଥିତ ଇଡ୍‌କୋ ପଡ଼ିଆରେ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ପ୍ରମୁଖ ଉପସ୍ଥିତ ରହିବେ। ସେହିପରି ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜରେ ହେବାକୁ ଥିବା ଆଞ୍ଚଳିକ କାର୍ଯ୍ୟକ୍ରମର ଶୁଭାରମ୍ଭରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଯୋଗଦେବେ। ରାଜ୍ୟ କାର୍ଯ୍ୟକ୍ରମରେ ୫ହଜାରରୁ ଅଧିକ ମହିଳା ହିତାଧିକାରୀ ଅଂଶଗ୍ରହଣ କରିବେ। ଏମାନେ ଟିବି, ଏନ୍‌ସିଡି, ରକ୍ତହୀନତା, କର୍କଟ ଆଦି ରୋଗର ସ୍କ୍ରିନିଂ କରି ସେମାନଙ୍କ ସ୍ୱାସ୍ଥ୍ୟ ଆବଶ୍ୟକତା ଅନୁଯାୟୀ ପୁଷ୍ଟିସାର ଏବଂ ଖାଦ୍ୟ ବିବିଧତା ଉପରେ ପରାମର୍ଶ ଦେବେ। ମହିଳା ଓ ଝିଅମାନଙ୍କୁ ଉଚ୍ଚ ରକ୍ତଚାପ, ମଧୁମେହ, ମୁଖ, ସ୍ତନ ଏବଂ ଗର୍ଭାଶୟ କର୍କଟ, ରକ୍ତହୀନତା, ଟିବି, ସିକିଲସେଲ ରୋଗ, ମାତୃ ସ୍ୱାସ୍ଥ୍ୟ ଏବଂ ଏନ୍‌ସିଡି ପାଇଁ ସ୍କ୍ରିନିଂ ଲାଗି ଲକ୍ଷ୍ୟ ରଖାଯାଇଛି। ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ପିଏଚ୍‌ସି, ୟୁପିଏଚ୍‌ସି, ସିଏଚ୍‌ସି, ୟୁସିଏଚ୍‌ସି ଏବଂ ଦୂରଦୂରାନ୍ତ ଗ୍ରାମଗୁଡ଼ିକରେ ଶିବିର ଆୟୋଜନ କରାଯିବ। ଗର୍ଭବତୀଙ୍କ ପାଇଁ ବିଶେଷଜ୍ଞଙ୍କ ଦ୍ୱାରା ପ୍ରସବ ପୂର୍ବ ପରୀକ୍ଷା ସୁନିଶ୍ଚିତ କରାଯିବ। ଟିକାକରଣ ହୋଇ ନ ଥିବା ଝିଅମାନଙ୍କୁ ନିୟମିତ ଟିକାକରଣରେ ଅନ୍ତର୍ଭୁକ୍ତ କରାଯିବ ଏବଂ ରକ୍ତହୀନତାରେ ଆକ୍ରାନ୍ତ ମହିଳା ଓ ଝିଅମାନେ ମାଗଣା ଚିକିତ୍ସା ପାଇବେ। ଏହାସହିତ ଅକ୍ଟୋବର ୧ରେ ସାରା ରାଜ୍ୟରେ ରକ୍ତଦାନ ଶିବିର ଆୟୋଜନ କରାଯିବ। ପ୍ରଥମ ପର୍ଯ୍ୟାୟରେ ସମସ୍ତ ମହିଳା ସେବା ପ୍ରଦାନକାରୀ ଏବଂ ଆଗଧାଡ଼ିର କର୍ମୀଙ୍କ ସ୍କ୍ରିନିଂ କରାଯିବ।




DSPL-

ଟେଣ୍ଟ ହାଉସ୍ ମାଲିକ ଏବଂ କର୍ମଚାରୀଙ୍କ ପାଇଁ ବିଦ୍ୟୁତ୍ ସୁରକ୍ଷା ସମ୍ବନ୍ଧୀୟ ପରାମର୍ଶ

- ଅସ୍ଥାୟୀ ପୂଜା ପେଣ୍ଡାଲ ନିର୍ମାଣ ପୂର୍ବରୁ ଆୟୋଜକମାନଙ୍କଠାରୁ ସୁନିଶ୍ଚିତ କରାନ୍ତୁ ଯେ ସ୍ଥାନୀୟ ବିଦ୍ୟୁତ୍ ବିତରଣ କାର୍ଯ୍ୟାଳୟରୁ ଆବଶ୍ୟକୀୟ ଅନୁମତି ନିଆଯାଇଅଛି।
- ବିଦ୍ୟୁତ୍ ଲାଇନ ତଳେ କିମ୍ବା ନିକଟରେ ପୂଜା ମଣ୍ଡପ ନିର୍ମାଣ ଏବଂ ସାଜସଜ୍ଜା କରନ୍ତୁ ନାହିଁ।
- ବିଦ୍ୟୁତ୍ ଖୁଣ୍ଟ, ସବଷ୍ଟେସନ୍ କିମ୍ବା ଷ୍ଟେ ତାରକୁ ସାଜସଜ୍ଜା କାର୍ଯ୍ୟରେ ବ୍ୟବହାର କରନ୍ତୁ ନାହିଁ।
- ଲାଇଟ୍, ପଙ୍ଖା, ଏସି, ସାଉଣ୍ଡ ସିଷ୍ଟମ୍ ଏବଂ ଅନ୍ୟାନ୍ୟ ବୈଦ୍ୟୁତିକ ଉପକରଣ ନିମନ୍ତେ ଉପଯୁକ୍ତ ୱାରିଙ୍ଗ୍ କରନ୍ତୁ।
- ଯଥା ସମ୍ଭବ ବିଦ୍ୟୁତ୍ ତାରରେ କୌଣସି ପ୍ରକାର ଜଏଣ୍ଟ ରଖନ୍ତୁ ନାହିଁ ଏବଂ ଆବଶ୍ୟକ ସ୍ଥଳେ ବିଦ୍ୟୁତ୍ କୁପରିବାହୀ ଟେପ୍ ବ୍ୟବହାର କରନ୍ତୁ।
- ବିଦ୍ୟୁତ୍ ଆଘାତରୁ ସୁରକ୍ଷା ନିମନ୍ତେ ଆର.ସି.ସି.ବି ବ୍ୟବହାର କରନ୍ତୁ।
- ଉପଯୁକ୍ତ ରେଟିଙ୍ଗ୍ ର ଆଇ.ଏସ.ଆଇ ମାନକଯୁକ୍ତ ଉପକରଣ ଯଥା ତାର, କେବୁଲ, ସର୍କିଟ୍ ବ୍ରେକର ଏବଂ ଅନ୍ୟାନ୍ୟ ଉପକରଣ ବ୍ୟବହାର କରନ୍ତୁ।
- ଖୋଲା ସ୍ଥାନରେ ବ୍ୟବହୃତ ବୈଦ୍ୟୁତିକ ଉପକରଣ ଗୁଡିକୁ ପାଣି ଓ ବର୍ଷାରୁ ସୁରକ୍ଷା ନିମନ୍ତେ, ଉପଯୁକ୍ତ ଆଇ.ପି (ଆଇ.ପି ୬୫/ଆଇ.ପି ୬୭/ଆଇ.ପି ୫୫) ମାନକଯୁକ୍ତ ଥିବା ଉପକରଣ ବ୍ୟବହାର କରନ୍ତୁ।
- ଅସ୍ଥାୟୀ ଡିଜି ସେଟ୍ ବ୍ୟବହାର କରୁଥିଲେ ସଠିକ୍ ଆର୍ଥିଙ୍ଗ୍ ଏବଂ ଚେଞ୍ଜଓଭର ସୁଇଚ୍ ବ୍ୟବହାର କରନ୍ତୁ।
- ବୈଦ୍ୟୁତିକ କାର୍ଯ୍ୟ ତାଲିମପ୍ରାପ୍ତ ଇଲେକ୍ଟ୍ରିସିଆନ୍ ଙ୍କ ଦ୍ୱାରା କରାନ୍ତୁ ଏବଂ କାମ କରିବା ସମୟରେ ବ୍ୟକ୍ତିଗତ ସୁରକ୍ଷା ଉପକରଣ ବ୍ୟବହାର ସୁନିଶ୍ଚିତ କରାନ୍ତୁ।

ବିଦ୍ୟୁତ ସୁରକ୍ଷା ଆପଣାନ୍ତୁ ଜୀବନ ସୁରକ୍ଷିତ ରଖନ୍ତୁ।

ଶକ୍ତି ବିଭାଗ, ଓଡ଼ିଶା ସରକାର
ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ

OIPR-04066/13/0032/2526




DSPL-257

୭୧-ନୂଆପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ଉପ-ନିର୍ବାଚନ ପାଇଁ ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ୨୦୨୫

ନୂତନ ଭୋଟର ନାମ ପଞ୍ଜୀକରଣ
ଭୋଟର ପରିଚୟପତ୍ର ବିବରଣୀର ସଂଶୋଧନ (ଯଦି ଆବଶ୍ୟକ)
ଭୋଟର ତାଲିକାରୁ ନାମ ବାଦ୍

ଦାବି ଏବଂ ଆପତ୍ତି ଦାଖଲ କରିବାର ଅବଧି
୧୫.୦୯.୨୦୨୫(ସୋମବାର) ରୁ ୨୯.୦୯.୨୦୨୫(ସୋମବାର)
ଦାବି ଏବଂ ଆପତ୍ତିର ସମାଧାନ
୦୭.୧୦.୨୦୨୫ ସୁଦ୍ଧା (ମଙ୍ଗଳବାର)
ଭୋଟର ତାଲିକାର ଚୂଡ଼ାନ୍ତ ପ୍ରକାଶନ ତାରିଖ
୦୯.୧୦.୨୦୨୫ (ଗୁରୁବାର)

ଅଫଲାଇନ
ନିଜ ଫର୍ମଟିକୁ ପୂରଣ କରି ନିକଟସ୍ଥ ବୁଥ୍-ସ୍ତରୀୟ ଅଧିକାରୀଙ୍କ ପାଖରେ ଦାଖଲ କରିପାରିବେ।

ଅନଲାଇନ
ଡାଉନଲୋଡ୍ କରନ୍ତୁ
GET IT ON Google play | Download on the App Store | କିମ୍ବା | https://voters.eci.gov.in/
ECINet ଆପ୍

ଅଧିକ ସୂଚନା ପାଇଁ ଆମ ଟୋଲ-ଫ୍ରି ନମ୍ବର ୧୯୫୦ ରେ କଲ କରନ୍ତୁ କିମ୍ବା ନିଜ ଅଞ୍ଚଳର ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ କିମ୍ବା ବୁଥ୍ ସ୍ତରୀୟ ଅଧିକାରୀଙ୍କ ସହ ଯୋଗା-ଯୋଗ କରନ୍ତୁ

OIPR-12113/13/0040/2526

ମୁଖ୍ୟ ନିର୍ବାଚନ ଅଧିକାରୀ,ଓଡ଼ିଶା
Chief Electoral Officer, Odisha

Follow us on :
CEO Odisha | Ceoodisha | odishaceo | Chief Electoral Officer Odisha | Channel ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା

ପ୍ରତ୍ୟେକ ବିଷୟ ତା'ର ଅନ୍ତର୍ନିହିତ ସତ୍ୟ ପାଇଁ ସମର୍ଥନ– ଯୋଗ୍ୟ ହୋଇଥାଏ। ପ୍ରତିଟି ସଭାର ସତ୍ୟ କେବେ ବି ଗତିହୀନ ହୋଇ ନ ପାରେ। ବିଶ୍ୱ ପ୍ରତି ମୁହୂର୍ତ୍ତରେ ଗତିକରି ଚାଲିଛି। ଯାହା ବିନେ ସଂପୂର୍ଣ୍ଣ ସତ୍ୟ ବୋଲି ବିବେଚିତ ହୋଇଥିଲା– ତାହା ଆଜି ଆଂଶିକ ସତ୍ୟ ବୋଲି ପ୍ରମାଣିତ ହେଉଛି। –ଶ୍ରୀମା



# ବିକ୍ଷୋଭରୁ ପରିବର୍ତ୍ତନ

ବିଶ୍ୱବ୍ୟାପୀ ଜନବିକ୍ଷୋଭ ପୂର୍ଣ୍ଣମାତ୍ରେ ଜୁଆର ଭଳି ମାଡ଼ିଆସୁଛି। ସମ୍ପ୍ରତି ନେପାଳରେ 'ଜେନ୍ ଜି' ବର୍ଗ ଯେଉଁଭଳି ବିକ୍ଷୋଭ ପ୍ରଦର୍ଶନ କରି ସେଠାକାର ସରକାରକୁ ଗଡ଼ାଇଦେଲେ, ଯୁବବର୍ଗର ଶକ୍ତି କେତେ ତାହା ଜଣାପଡ଼ିଗଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ନେପାଳରେ 'ଜେନ୍ ଜି' କୌତୂହଳ ଭାବେ 'ଡିସ୍‌କର୍ଡ' ନାମକ ଏକ ଆପ୍ ମାଧ୍ୟମରେ ନିଜର ଅନ୍‌ଲାଇନ୍ ଭୋଟିଂ କରି ସୁଶୀଳା କାର୍କି ନାମ୍ନୀ ସୁପ୍ରିମ୍‌କୋର୍ଟର ପୂର୍ବତନ ପ୍ରଥମ ମହିଳା ପ୍ରଧାନ ବିଚାରପତିଙ୍କୁ ଅନ୍ତରୀଣ ସରକାରରେ ପ୍ରଧାନମନ୍ତ୍ରୀ କରାଇଛନ୍ତି। କୌତୂହଳପୂର୍ଣ୍ଣ ଏଇଥିପାଇଁ ଯେ, ୨୮ ବର୍ଷରୁ କମ୍ ବୟସର ଯୁବବର୍ଗଙ୍କ ମଧ୍ୟରୁ ୫ ଜଣ ପ୍ରାର୍ଥୀଙ୍କୁ ଭୋଟ ଦେଇଥିଲେ। ତନ୍ମଧ୍ୟରୁ ସୁଶୀଳା ୩,୮୩୩ ଭୋଟ ପାଇଥିଲେ, ଯାହା ସମଗ୍ର ଭୋଟ୍‌ର ୫୦ ପ୍ରତିଶତ ବୋଲି ଗଣମାଧ୍ୟମରୁ ଜଣାପଡ଼ିଛି। ଏହାର ଅର୍ଥ ହେଲା ମାତ୍ର ୭ କି ୮ ହଜାର ପିଲା ଭୋଟ ଦେଇଛନ୍ତି। ନେପାଳର ମୋଟ ଜନସଂଖ୍ୟା ୨ କୋଟି ୯୭ ଲକ୍ଷ। ଅର୍ଥାତ୍ ମୋଟ ଜନସଂଖ୍ୟାର ମାତ୍ର ୦.୦୨୭୫ ପ୍ରତିଶତ ଭୋଟ ଦେଇଛନ୍ତି। ସେଥିରେ ଯଦି ଅନ୍ତାରୀ ସରକାର ଗଠନ ହୁଏ, ତାହା କିଭଳି ଗଣତାନ୍ତ୍ରିକ ପଦ୍ଧତିକୁ ବଞ୍ଚାଇ ରଖିପାରିବ ମନରେ ସନ୍ଦେହ ଉପୁଜୁଛି। ନେପାଳ ଏକ କ୍ଷୁଦ୍ର ଦେଶ ନୁହେଁ। ୧,୪୭,୫୧୬ ବର୍ଗ କିଲୋମିଟର ବ୍ୟାପୀ ଏହି ଗୋର୍ଖା ଭୂଖଣ୍ଡର ଇତିହାସ ଯୁଦ୍ଧ ଓ ବୀରତ୍ୱରେ ଭରପୂର। ତେବେ 'ଡିସ୍‌କର୍ଡ'ରେ ଭୋଟିଂ ଏହିସବୁ ଇତିହାସକୁ ପାଶୋରିଆ କରିଦେଇଛି। ଡିସ୍‌କର୍ଡରେ ଅଧିକାଂଶ ସଦସ୍ୟ ନିଜ ମୁହଁର ଫଟୋ କିମ୍ବା ନାମ ଦିଅନ୍ତି ନାହିଁ। ଏହି ସଫ୍ଟୱେର ତାହାର ବ୍ୟବହାରକାରୀ କେଉଁ ସ୍ଥାନରେ ଅବସ୍ଥାପିତ ସେଭଳି ତଥ୍ୟକୁ ସମ୍ପୂର୍ଣ୍ଣ ଭାବେ ଗୋପନୀୟ ରଖିଥାଏ। ତେଣୁ ମତ ଦେଇଥିବା ଭୋଟରମାନେ ସମସ୍ତେ ନେପାଳୀ ବୋଲି କହିହେବ ନାହିଁ। ଏହା ହେଉଛି ଆଧୁନିକ ଗଣତନ୍ତ୍ରର ସଦ୍ୟ ରୂପ। ଏଭଳି ଖାମଖିଆଲ ଅଭିମୁଖ୍ୟ ରଖିଥିବା ଯୁବପିଢ଼ି ଅତି ସହଜରେ ସରକାର ଓ ବ୍ୟବସ୍ଥାକୁ ବଦଳାଇ ଦେଇପାରିଲେ। ଆଜିର ସ୍ଥିତିରେ କେହି ଭାବିବା ଉଚିତ ନୁହେଁ ଯେ ପୋଲିସ, ସୈନ୍ୟବାହିନୀ, ପ୍ରବଳ ଅର୍ଥ, ଦଳୀୟ କର୍ମୀ କିମ୍ବା ଗୁଣ୍ଡାଙ୍କ ସମର୍ଥନ ମାଧ୍ୟମରେ ଶାସନ କ୍ଷମତାକୁ ବାନ୍ଧି ରଖିହେବ। ଲକ୍ଷ୍ୟକଲେ ଜଣାପଡ଼େ ଯେ, ନେପାଳରେ କେବଳ ରାଜନୈତିକ ବ୍ୟକ୍ତିଙ୍କୁ ଲକ୍ଷ୍ୟ କରି ଆକ୍ରମଣ କରାଯାଇନାହିଁ। ଅଧିକ ଆକ୍ରମଣର ଶିକାର ହୋଇଛନ୍ତି ସରକାରୀ ଅଫିସର ଓ କର୍ମଚାରୀ। ସଶସ୍ତ୍ର ପୋଲିସ ଥାଇ ମଧ୍ୟ ରିଲ୍ସ ତିଆରି କରୁଥିବା ଝିଅପୁଅଙ୍କ ସାମ୍ନାରେ ସମସ୍ତେ ଅଥର୍ବ ପାଲଟିଯାଇଥିଲେ। ଏହା ହେଲା ଶ୍ରୀଲଙ୍କାରେ ଆରମ୍ଭ ହୋଇ ବାଂଲାଦେଶ ଦେଇ ନେପାଳରେ ପହଞ୍ଚିଥିବା ଏସିଆ ମହାଦେଶର ଏପର୍ଯ୍ୟନ୍ତର ବୈପ୍ଳବିକ ଧ୍ୱନି।

ଏହି ସମୟରେ ୟୁରୋପକୁ ଗଲେ ସେଠାରେ ମଧ୍ୟ ମୁସଲମାନ ଆପ୍ରବାସୀଙ୍କ ବିରୋଧରେ ବିକ୍ଷୋଭ ସୃଷ୍ଟି ହୋଇ ସ୍ଥାନୀୟ ସରକାରଗୁଡ଼ିକୁ ଦୋହଲାଇ ଦିଆଯାଇଥିବା ଦେଖାଗଲାଣି। ୧୦ ସେପ୍ଟେମ୍ବରରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରଁଙ୍କ ବିରୋଧରେ 'ବ୍ଲକ୍ ଏଭ୍ରିଥିଙ୍ଗ୍' ବିକ୍ଷୋଭ ସେଠାକାର ସରକାରକୁ ଅଡୁଆରେ ପକାଇଛି। ୧୩ ସେପ୍ଟେମ୍ବରରେ ବ୍ରିଟେନ୍‌ରେ ଟମି ରବିନ୍‌ସନଙ୍କ ନେତୃତ୍ୱରେ ଦକ୍ଷିଣପନ୍ଥୀଙ୍କ ଆପ୍ରବାସୀ ବିରୋଧୀ ବିକ୍ଷୋଭରେ ପ୍ରାୟ ଦେଢ଼ ଲକ୍ଷ ଲୋକ ସାମିଲ ହୋଇଥିବା ଦେଖିବାକୁ ମିଳିଛି। 'ୟୁନାଇଟ୍ ଦ କିଙ୍ଗଡମ୍'ର ଅଂଶବିଶେଷ ଭାବେ 'ଊିଇ ୱାଣ୍ଟ ଆୱାର କଣ୍ଟ୍ରି ବ୍ୟାକ୍' ବା 'ଆମେ ଆମ ଦେଶ ଫେରିପାଇବା ଚାହୁଁ' ସ୍ଲୋଗାନ ଦେଇ ସେମାନେ ଲଣ୍ଡନର ୱେଷ୍ଟମିନିଷ୍ଟରଠାରେ ବିକ୍ଷୋଭ କରିଛନ୍ତି। ଅତ୍ୟଧିକ ମୁସଲମାନ ପ୍ରୀତି କେର୍ ଷ୍ଟାର୍ମର ସରକାରକୁ ସାଧାରଣ ନାଗରିକଙ୍କଠାରୁ ଦୂରେଇ ଦେଲାଣି। ୟୁରୋପର ସମସ୍ୟା ଏସିଆଠାରୁ ଭିନ୍ନ। ପୃଥିବୀରେ ୫୭ ବୃହତ୍ ମୁସଲମାନ ଦେଶ ଥିବା ସତ୍ତ୍ୱେ ଉତ୍ତର ଆଫ୍ରିକା ଓ ମଧ୍ୟପ୍ରାଚ୍ୟରୁ ନିଜକୁ ଅନୁପ୍ରବେଶକାରୀ ଭାବେ ମୁଖ୍ୟତଃ ଯୁବପୁରୁଷମାନେ ୟୁରୋପର ବିଭିନ୍ନ ଦେଶରେ ଜୋର୍ ଜବରଦସ୍ତ ପ୍ରବେଶ କରିବାରେ ଲାଗିଛନ୍ତି। ସେମାନେ କୌଣସି ମୁସଲମାନ ଦେଶକୁ ଯିବାକୁ ପସନ୍ଦ କରୁନାହାନ୍ତି। ଜର୍ମାନୀ ଭଳି ରାଷ୍ଟ୍ରରେ ଅତ୍ୟଧିକ ଦୟା ଦର୍ଶାଇ ଏହିଭଳି ଇସ୍‌ଲାମୀୟମାନଙ୍କୁ କିଛିବର୍ଷ ଧରି ଶରଣାର୍ଥୀ ଭାବେ ସବୁ ସୁବିଧା ଦିଆଯାଇ ଥଇଥାନ କରାଯାଉଛି। କିନ୍ତୁ କାମ ନ କରି ସେମାନଙ୍କୁ ସରକାରୀ ବାସଗୃହ, ଭତ୍ତା ଏବଂ ସ୍ୱାସ୍ଥ୍ୟ ସୁବିଧା ଦିଆଯିବା ଫଳରେ ସ୍ଥାନୀୟ ନାଗରିକଙ୍କ ମନରେ କ୍ରୋଧ ସୃଷ୍ଟି ହେଲାଣି। ଆଶ୍ଚର୍ଯ୍ୟର ବିଷୟ ହେଉଛି ଏହି ଅନୁପ୍ରବେଶକାରୀମାନେ ପରିବାର ସହ ଆସୁନାହାନ୍ତି। କେବଳ ସୁସ୍ଥ ଯୁବପିଢ଼ି ଏହିଭଳି ଭାବେ ୟୁରୋପରେ ପ୍ରବେଶ କରୁଛନ୍ତି। କିଛିମାସ ବସବାସ କରିବା ପରେ ସେମାନେ ବିଭିନ୍ନ ବିକ୍ଷୋଭ ପ୍ରଦର୍ଶନ ସହିତ ମୁସଲମାନ ଧର୍ମର ସବୁଠାରୁ କଠୋର 'ସରିଆ' ଆଇନକୁ ପ୍ରଣୟନ କରିବା ପାଇଁ ସ୍ୱର ଉତ୍ତୋଳନ ଆରମ୍ଭ କଲେଣି। ଭୋଟ ଲୋଭରେ ଅନେକ ରାଜନୈତିକ ଦଳ ଏହିଭଳି ଦେଶବିରୋଧୀ କାର୍ଯ୍ୟ କରୁଥିବା ଗୋଷ୍ଠୀଙ୍କୁ ସମର୍ଥନ ଜଣାଉଛନ୍ତି। ପୂର୍ବରୁ ଜର୍ମାନୀରେ ଆଞ୍ଜେଲା ମାର୍କେଲ, ବର୍ତ୍ତମାନର ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରଁ ଏବଂ ବ୍ରିଟେନର ଏବେକାର ପ୍ରଧାନମନ୍ତ୍ରୀ କେର୍ ଷ୍ଟାର୍ମର ଭୋଟ ଲୋଭରେ ବିପଦ ସୃଷ୍ଟି କରୁଛନ୍ତି ବୋଲି ସାଧାରଣରେ ମତ ପ୍ରକାଶ ପାଇଲାଣି। ଲଣ୍ଡନର 'ୟୁନାଇଟ୍ ଦ କିଙ୍ଗଡମ୍' ଶୋଭାଯାତ୍ରାରେ ବିପୁଳ ଜନସମାଗମ ପ୍ରମାଣ କରୁଛି ଯେ, ମୁସଲମାନ ଅନୁପ୍ରବେଶକାରୀଙ୍କ ପ୍ରତି ତୁଚ୍ଛିପୂର୍ଣ୍ଣ ଅଭିମୁଖ୍ୟ ଯୋଗୁ ସେହି ମହାଦେଶରେ ଶାସନ ବ୍ୟବସ୍ଥା ପଲଟିଯାଇପାରେ।

ନେପାଳରେ 'ଜେନ୍ ଜି', ବାଂଲାଦେଶରେ 'ଛାତ୍ର ସମାଜ' ଭଳି ବ୍ରିଟେନ୍‌ରେ 'ଟମି ରବିନ୍‌ସନ୍' କୌଣସି ବିଧିବଦ୍ଧ ରାଜନୈତିକ ଦଳ ସହ ଜଡ଼ିତ ନୁହନ୍ତି। କିନ୍ତୁ ସେଇମାନେ ପରିବର୍ତ୍ତନ ଘଟାଉଛନ୍ତି। ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ, ଆସନ୍ତା ସମୟରେ ଗଣତନ୍ତ୍ର ପାଇଁ ରାଜନୈତିକ ଦଳ କିମ୍ବା ପ୍ରତିଷ୍ଠିତ ନେତା ମଞ୍ଚ ଧରିପାରିବେ ନାହିଁ। ହୁଏତ ସେମାନଙ୍କ ବେଳକାଳ ପୁରିଆସିଲାଣି।



ହରେକୃଷ୍ଣ ପଣ୍ଡା

# ନୂତନ ଆର୍ଥିକ ମହାଶକ୍ତି

ବିଶ୍ୱରେ ଆଜି ପର୍ଯ୍ୟନ୍ତ ସୁପରପାୱାର ବୋଲାଇ ଆସିଥିବା ଆମେରିକା ତା'ର ପ୍ରତିପତ୍ତି ଏବେ ହରାଇବାକୁ ଯାଉଛି। 'ବିନାଶ କାଳେ ବିପରୀତ ବୁଦ୍ଧି' ଗୋଟିଏ ପରେ ଗୋଟିଏ ଟ୍ରମ୍ପଙ୍କ ମୁଣ୍ଡକୁ ଛୁଉଛି। ଆଜି ପର୍ଯ୍ୟନ୍ତ ଆମେରିକାକୁ ଟକ୍କର ଦେବା ପାଇଁ କୌଣସି ରାଷ୍ଟ୍ର ଚିନ୍ତା କରି ନ ଥିଲେ। ଚାଇନା ହେଉ ଅବା ଅନ୍ୟ ସେଭଳି କୌଣସି ରାଷ୍ଟ୍ର ତାଟି ତଳେ ରହି ଆମେରିକା ଉପରେ ପଥର ବୃଷ୍ଟି କରୁଥିଲେ। କିନ୍ତୁ ଅନ୍ତର୍ଜାତୀୟ ସ୍ତରରେ ଶକ୍ତି ପ୍ରଦର୍ଶନ କିମ୍ବା ପ୍ରତିରୋଧ ଭଳି କାର୍ଯ୍ୟ କରି ନଥିଲେ। ଆମେରିକାର ଟାରିଫ୍‌ ଲେଇ ଏସିଆ ମହାଦେଶରେ ଯେଉଁ ଗୁଞ୍ଜରଣ ସୃଷ୍ଟି ହେଲା, ତା'ର ଯଥାର୍ଥ ରୂପ ଦେବାରେ ଭାରତ ସମେତ ରୁଷିଆ, ଚାଇନା, ଅନ୍ୟ ୨୫ଟି ଦେଶକୁ ନେଇ ଏବେ ବିଶ୍ୱ ମଞ୍ଚରେ ଏକ ନୂତନ ଆର୍ଥିକ ଶକ୍ତିର ଅଭ୍ୟୁଦୟ ଘଟିଛି। ଏହା ଏବେ ସମ୍ଭବ ହେଉ ବା ନ ହେଉ, କିନ୍ତୁ ଏବେଠାରୁ ଏହାର ସୂତ୍ରପାତ ଘଟିଲା। ଟ୍ରମ୍ପଙ୍କ ନାଲିଆଖି ପରୋକ୍ଷରେ ଏଭଳି ଏକ ମହାଶକ୍ତିକୁ ଜନ୍ମ ଦେଇଛି ବୋଲି କୁହାଯାଉଛି। ଏହି ମହାଶକ୍ତିର ଉତ୍ଥାନକୁ ଆଉ ଭବିଷ୍ୟତରେ ରୋକିବା କଷ୍ଟକର ହେବ। କାରଣ ଏହାର ପ୍ରଚ୍ଛଦରେ ରହିଛି ଏସୀୟ ଏକତାର ସ୍ୱପ୍ନ। ଏହି ସ୍ୱପ୍ନ କେବଳ ଭାରତର ମୌଳିକ ଚିନ୍ତାଧାରା। ସ୍ୱାଧୀନତା ପୂର୍ବରୁ ମହାନ୍ ସ୍ୱାଧୀନତା ସଂଗ୍ରାମୀ, ଯୋଗୀ ଶ୍ରୀଅରବିନ୍ଦ ଏହା ଘୋଷଣା କରିଯାଇଛନ୍ତି।

ଭାରତ ବିଶ୍ୱର ମଙ୍ଗଳ ଚିନ୍ତା କରେ। ବସୁଧୈବ କୁଟୁମ୍ବକମ୍ ଭାରତର ରାଷ୍ଟ୍ରୀୟ ସ୍ୱର। ଭାରତର ଇଚ୍ଛାଶକ୍ତି ଯୋଗୁ କେବଳ ମସ୍କୋ ଓ ନୂଆଦିଲ୍ଲୀ ପର୍ଯ୍ୟନ୍ତ ଅର୍ଥନୈତିକ ଶକ୍ତିର କେନ୍ଦ୍ର ହେବାକୁ ଯାଉଛି। ପ୍ରାଥମିକ ସ୍ତରରେ ଚାଇନାର ଏକଚାଟିଆ ନୀତି ହୁଏତ ଏହି ଅର୍ଥନୈତିକ ବଳୟକୁ ସାକାର କରିବାରେ ସମର୍ଥ ହୋଇ ନ ପାରେ। କିନ୍ତୁ ଆଗାମୀ ଦିନରେ ଅନେକ ଦେଶ ଏହି କରିଡରକୁ ସମର୍ଥନ ଯୋଗାଇବା ଆଶା ଜଳ ଜଳ ହୋଇ ଦେଖାଯାଉଛି। ଅନ୍ୟପକ୍ଷରେ ଦେଖିବାକୁ ଗଲେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ମଉଳିବା ପଛରେ ଧାରଣିଥିବା ଅନୁଭବ କରାଯାଉଛି। ଟ୍ରମ୍ପ ଗାଦି ଛାଡ଼ିବା ପୂର୍ବରୁ ନୋବେଲ ପୁରସ୍କାର ହସ୍ତଗତ କରିବାକୁ ବେଶ ବିଚଳିତ ଓ ତତ୍ପର। ସେଥିପାଇଁ ୟୁକ୍ରେନ୍ ଶାନ୍ତି ଆଲୋଚନାକୁ ପ୍ରାଥମିକତା ଦେଉଛନ୍ତି। ଶାନ୍ତି ପୁରସ୍କାର ଚାହୁଁଥିବା ଆମେରିକାର ରାଷ୍ଟ୍ରପତି ବିଭିନ୍ନ ବିବାଦ ସ୍ଥଳୀରେ ପଞ୍ଚୁ ନିଜକୁ ମଧ୍ୟସ୍ଥ ଭାବେ ଉପସ୍ଥାପନ କରୁଛନ୍ତି। ଏବେ ଏହି ଭୂମିକା ତୁଲାଇବାକୁ ଯାଇ ଭେନେଜୁଏଲା ସହ ଉତ୍ତେଜନା ବଢ଼ାଇଛନ୍ତି। ନିଶା ମାଫିଆଙ୍କ ସହ ମୁକାବିଲା କରିବାକୁ ଯାଇ ଏହି ଦେଶର ଉପକୂଳରେ ତିନି ଯୁଦ୍ଧ ଜାହାଜ ମୁତୟନ କରି ସମାଧାନ ପରିବର୍ତ୍ତେ ଉତ୍ତେଜନା ବଢ଼ାଇ ଚାଲିଛନ୍ତି।



ସେଠାକାର ରାଷ୍ଟ୍ରପତି ନିକୋଲାସ୍ ମାଦୁରୋ ଏହାକୁ ବିରୋଧ କରି ଆମେରିକା ଏକ ଅବିଶ୍ୱାସର ପାତ୍ର ବୋଲି କହିଛନ୍ତି। ଭେନେଜୁଏଲା ଶାନ୍ତି ଓ ସାର୍ବଭୌମ ସହ ଆଗକୁ ବଢ଼ୁଥିବା ବେଳେ ଆମେରିକା ଏକ ସ୍ୱାଧୀନ ଏବଂ ସ୍ୱତନ୍ତ୍ର ଦେଶକୁ ମୁଣ୍ଡ ନୁଆଁଇବାକୁ ବାଧ କରୁଥିବା ଅଭିଯୋଗ କରିଛନ୍ତି। ନିଶା ଚୋରାଚାଲାଣର ଦୃହି ଦେଇ ଭେନେଜୁଏଲା ଉପରେ ଟ୍ରମ୍ପ ଯେଉଁ ରାଗ ଶୁଝାଇବାକୁ ଚେଷ୍ଟା କରୁଛନ୍ତି, ତାକୁ ପ୍ରତିହତ କରିବା ପାଇଁ ତାଙ୍କ ରାଷ୍ଟ୍ରପତି ମଧ୍ୟ ସମାନ ବଳ ଦେଖାଇ ଚାଲିଛନ୍ତି। ଶାନ୍ତି ପୁରସ୍କାର ପାଇଁ ଟ୍ରମ୍ପ ସ୍ଥିର ହୋଇ ପାରୁନାହାନ୍ତି। ଇସ୍ରାଏଲ–ପାଲେଷ୍ଟାଇନ ମଧ୍ୟରେ ମଧ୍ୟସ୍ଥତା କରିବାକୁ ସେ ମଧ୍ୟ ଆଶାପୋଷଣ କରିଛନ୍ତି। ଅପରପକ୍ଷରେ ଇରାନ ସହ ଲଢ଼େଇ ନ କରି ଏବେ ଶାନ୍ତିର କଥା କହୁଛନ୍ତି। ମୋଟ ଉପରେ କହିବାକୁ ଗଲେ ଟ୍ରମ୍ପ ନିଜ ଦେଶର ଗୁରୁତ୍ୱକୁ ହ୍ରାସ କରି ଚାଲିଛନ୍ତି। ଆମେରିକାର ନୀତି ଯାହା, ତାହା କେବେ ବିଶ୍ୱ ଶାନ୍ତି ପ୍ରତିଷ୍ଠା କରିପାରିବ ନାହିଁ ବୋଲି ବିଶ୍ୱବାସୀ ଭଲ କରି ଜାଣନ୍ତି। ଟ୍ରମ୍ପଙ୍କର ଏଭଳି ନାଟକ ମୂଳରେ ରହିଛି ଅନେକ କୁହୁଳା କଥା। ସେ ଏଥର ନିର୍ବାଚନରେ ଜିତିବା ପାଇଁ ଆମେରିକାବାସୀଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ, ତାହାକୁ ପାଳନ କରିବା ସ୍ଥିତିରେ ନାହାନ୍ତି। ବର୍ତ୍ତମାନର ଅବସ୍ଥାରୁ ଯାହା ଜଣାପଡ଼େ, ଆମେରିକୀୟ ଅର୍ଥନୀତି ଭବିଷ୍ୟତରେ ସଙ୍କଟାପନ୍ନ ହେବାକୁ ଯାଉଛି। ବିଦର୍ଭନ ତାଳ ଦେଇ ଦେଶଗୁଡ଼ିକ ଯେପରି ଆଗେଇ ଚାଲିଛନ୍ତି, ଭବିଷ୍ୟତରେ ଅର୍ଥନୀତି ହିଁ କେବଳ ପ୍ରତି ଦେଶର ଅଭିମୁଖ୍ୟ ହେବ। ବାଣିଜ୍ୟ କ୍ଷେତ୍ରରେ ଉତ୍ପାଦନ ଉପରେ ସମସ୍ତେ ନିର୍ଭର କରିବେ। ଅସ୍ତ୍ରଶସ୍ତ୍ର କାରବାର, ସୀମା ବିବାଦ ପ୍ରତି କୌଣସି ଦେଶ ଲକ୍ଷ୍ୟ ରଖିବେ ନାହିଁ। ସେ କ୍ଷେତ୍ରରେ ଆମେରିକା ହିଁ ଶତ୍ରୁ ବୋଲାଉଥିବା ଦେଶ ଉପରେ ନିର୍ଭରଶୀଳ ହୋଇ ରହିବ। ଇତିହାସର ପୃଷ୍ଠା ଲେଉଟାଇଲେ ବିଶ୍ୱରେ ଅଧିକାଂଶ ରାଷ୍ଟ୍ର ଆମେରିକାର ଶତ୍ରୁରାଷ୍ଟ୍ର ହୋଇ ରହିଛନ୍ତି। ବେଳ ଆସିଲେ ଶତ୍ରୁରାଷ୍ଟ୍ର ପୁଣି ଇତିହାସ ପୃଷ୍ଠାକୁ ଯେ ନ ଲେଉଟାଇବେ ତାହା କିଏ କହିବ! ଭାରତ ପ୍ରତି ଟ୍ରମ୍ପ ବିଷୋଦ୍‌ଗାର କରିବାର ବାସ୍ତବ କାରଣଟି ହେଲା ପାକିସ୍ତାନ ପ୍ରତି ଭାରତର ସିନ୍ଦୁର ଅପରେଶନ। ଏଥିରେ ଭାରତର ସାମରିକ ଶକ୍ତି ଆମେରିକାକୁ ଟକ୍କର ଦେବା ଭଳି ପ୍ରତ୍ୟୟ ସୃଷ୍ଟି କରିଛି। ୨ୟ କାରଣ ହେଲା, ଟ୍ରମ୍ପଙ୍କ ମଧ୍ୟସ୍ଥତାରେ ପାକିସ୍ତାନର ଯୁଦ୍ଧ ବିରତିକୁ ଭାରତ ପକ୍ଷରୁ ପ୍ରାମାଣିକ ତଥ୍ୟ ପ୍ରଦର୍ଶନ କରି ଦୃଢ଼ ଭାବେ ଖଣ୍ଡନ କରିବା। ଟ୍ରମ୍ପ ଶାନ୍ତି ପୁରସ୍କାର ପାଇବା ପାଇଁ ଏହାର ଶ୍ରେୟ ନେବାର ଯେଉଁ ଆସ୍ଫାଳନ କରିଥିଲେ, ତାହା ପ୍ରଥମ ପାବଚ୍ଛରେ ବିଫଳ ହେବା ଯୋଗୁ ସେ ସେବେଠୁ ଭାରତ ପ୍ରତି ଅସୂୟା ହୋଇ ପଡ଼ିଲେଣି। ଏବେ ଭାରତ ବିରୋଧରେ ଆମେରିକାର ଚକ୍ରାନ୍ତ ଗୋଟିଏ ପରେ ଗୋଟିଏ ପଦାକୁ ଆସିବାରେ ଲାଗିଲାଣି। ରୁଷିଆ–ୟୁକ୍ରେନ ଯୁଦ୍ଧ ବନ୍ଦ ହୋଇଗଲେ ରୁଷିଆର କିଛି ଲାଭ ହେଉ ବା ନ ହେଉ ଆମେରିକାର ବହୁ କ୍ଷତିସାଧନ ହେବ। ଆମେରିକାର ଆଖି ୟୁକ୍ରେନ୍‌ର ଖଣି ସମ୍ପଦ ଉପରେ। ତେଣୁ ଉପରେ ଶାନ୍ତି ପ୍ରସ୍ତାବ ଆଗତ କରି ଭିତରେ ୟୁକ୍ରେନ୍‌କୁ ଯୁଦ୍ଧାସ୍ତ୍ର ଯୋଗାଇ ଚାଲିଛି। ପୁଟିନ୍ ଏବଂ ଟ୍ରମ୍ପଙ୍କ ମଧ୍ୟରେ ଶାନ୍ତି ଚୁକ୍ତି କଥାବାର୍ତ୍ତା ପରେ ପୁଣି ୟୁକ୍ରେନ୍‌ର କ୍ଷେପଣାସ୍ତ୍ର ରୁଷର ପରମାଣୁ ସ୍ଥଳରେ ନିକ୍ଷେପ କରାଯିବା ଆମେରିକାର ମତିଗତିକୁ ସ୍ପଷ୍ଟ କରିଛି। ଅପରପକ୍ଷରେ ଭାରତର ଶକ୍ତିକୁ ଆମେରିକା ନିଜ ସପକ୍ଷରେ ନେବାରେ ବିଫଳ ହେବା ଯୋଗୁ ସେ ଏହି ଦୋଷକୁ ଭାରତ ଉପରେ ଲଦିବାକୁ ଚେଷ୍ଟା ଚଳାଇଛି। ଟ୍ରମ୍ପଙ୍କ ଧମକକୁ ନ ଡରି ଭାରତ ସମେତ ଯେତେଗୁଡ଼ିଏ ଦେଶ ଏକଜୁଟ ହୋଇଛନ୍ତି, ସେମାନେ ବାଣିଜ୍ୟ କ୍ଷେତ୍ରରେ ଦୃଢ଼ତାର ସହ ମୁକାବିଲା କରିବା ଏକାନ୍ତ ବିଧେୟ। ରୁଷିଆ–ଭାରତ ସମ୍ପର୍କ ବହୁ ପରୀକ୍ଷିତ। କିନ୍ତୁ ଚାଇନାର ଏବେ ସୁଧୁରିବା ବେଳ। ନିଜକୁ ଏକାଙ୍ଗଚକ୍ରବର୍ତ୍ତୀ ହୋଇ ରହିବା ପାଇଁ ୩୦ ବର୍ଷ ଧରି ଆସିଥିବା ସଂଗ୍ରାମ ସଫଳ ହୋଇ ପରିନଥିବା ବେଳେ ଆଉ ସେ ଆମ ନରଖ୍ ଏହି ତ୍ରିଶକ୍ତି ମେଣ୍ଟରେ ନିଜର ବିଶ୍ୱସନୀୟତାକୁ ପ୍ରତିପାଦନ କରିବା ଉଚିତ। ବହୁ ଦେଶ ଆମେରିକାର ମିତ୍ର ହେଲେ ହେଁ ସେମାନେ ଭାରତ ସହ ବନ୍ଧୁତ୍ୱ ରଖିଛନ୍ତି। ୟୁରୋପୀୟ ଦେଶଗୁଡ଼ିକ ମଧ୍ୟରୁ ୪ଟି ଦେଶ ଏବେ ଭାରତର ସପକ୍ଷରେ। ଭାରତର କୂଟନୀତି ରଣକୌଶଳମୂଳକ ହେଲେ ଆମେରିକା ତା'ର କୂଟର୍ନୈତିକ ଖେଳ ଦେଖାଇ ପାରିବନି। ନିକଟରେ ଭାରତ ଯେତେଗୁଡ଼ିଏ ବିଦେଶୀ ରାଷ୍ଟ୍ରଙ୍କୁ ସମ୍ପର୍କର ଡୋରିରେ ବାନ୍ଧି ସାରିଲାଣି, ତାହା ଏହି ମେଣ୍ଟକୁ ଗଢ଼ିବାରେ ସହାୟ ହୋଇପାରିବ। ଅସଲ କଥା ହେଉଛି ଚାଇନା ନିଜ ଜିଦ୍‌କୁ ଯଦି ଧରି ନ ରଖେ, ପାକିସ୍ତାନକୁ ନେଇ ଭାରତଙ୍କୁ ଆତଙ୍କବାଦୀ କ୍ଷେତ୍ରରେ ହଇରାଣ ନ କରେ, ତେବେ ଏହି ମେଣ୍ଟକୁ ନେଇ ଏକ ଆର୍ଥିକ ମହାଶକ୍ତି ମୁଣ୍ଡ ଟେକି ଠିଆ ହୋଇପାରିବ। ଆମେରିକା ବେଶୀ ଆଗେଇ ପାରିବ ନାହିଁ। ଜଣାପଡୁଛି, ନିକଟରେ ଚାଇନା ବୈଦେଶିକ ବ୍ୟାପାର ମନ୍ତ୍ରୀ ନୂଆଦିଲ୍ଲୀ ଆସି ଭାରତ ସହିତ କଥାବାର୍ତ୍ତା କରିବା ଏବଂ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ମସ୍କୋ ଗସ୍ତ କରି ପୁଟିନଙ୍କୁ ଭେଟିବା, ରୁଷିଆ ସହିତ ସମ୍ପର୍କକୁ ଅଧିକ ମଜଭୁତ କରିବା, ଚାଇନା ସହିତ ଭାରତର ସୀମା ଉପରେ ସହମତିରେ ପହଞ୍ଚିବା ଏବଂ ଟ୍ରମ୍ପଙ୍କ ସମ୍ମୁଖୀନ ହେବା କ୍ଷେତ୍ରରେ ଭାରତୀୟ କୂଟନୀତି ପାଇଁ ସ୍ପଷ୍ଟ ଭିତରେ ଏକ ବଡ଼ ପଦକ୍ଷେପ ବୋଲି ମନେହେଉଛି, ଯାହା ଆର୍ଥିକ ମହାଶକ୍ତି ପାଇଁ ଆଶା ସଂଚାର କରିଛି।

ସୈୟଦପୁର, ଯାଜପୁର
ମୋ: ୯୪୩୭୩୧୫୬୨୩




ନାରାୟଣ ଚନ୍ଦ୍ର ବିଶ୍ୱାଳ

# ମିଠା ସ୍ୱର

ଆମମାନଙ୍କ ଭିତରେ ଅନେକଙ୍କ ଧାରଣା ଯେ ଅଭିନେତା ବା କଣ୍ଠଶିଳ୍ପୀମାନେ କେବଳ ନିଜର ସ୍ୱର ଉପରେ ଧ୍ୟାନ ଦେବା ଦରକାର। ମାତ୍ର ସମସ୍ତଙ୍କ ପାଇଁ ସ୍ୱରର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି। ନିକଟରେ ୟୁନିଭର୍ସିଟି ଅଫ୍ ମିଚିଗାନ ହେଲ୍ଥ ସିଷ୍ଟମ୍‌ର ଏକ ରିପୋର୍ଟରେ ତଥ୍ୟ ଅନୁଯାୟୀ, ଜଣକର ସ୍ୱର ହିଁ ତାକୁ ପରିଚିତ କରାଇ ଦେଇପାରିବ ବାହାର ଦୁନିଆରେ। ଏହା ବ୍ୟକ୍ତିତ୍ୱ ଗଠନରେ ମଧ୍ୟ ସହାୟକ ହୋଇଥାଏ। ଲୋକଟି କ'ଣ କହୁଛି ତାହା ତା'ର ସ୍ୱରରୁ ହିଁ ଅନ୍ୟମାନଙ୍କୁ ଆକର୍ଷିତ କରିନିଏ। ଯଦି ସ୍ୱରଯନ୍ତ୍ରରେ ସାମାନ୍ୟ ବି ତ୍ରୁଟି ରହିଯାଏ ତେବେ ତାହା ଜୀବନ ଉପରେ ମଧ୍ୟ କୁପ୍ରଭାବ ପକାଇଥାଏ। ଶରୀର ପାଇଁ ଯେତିକି ପାଣିର ଆବଶ୍ୟକତା ରହିଛି ସେତିକି ପାଣି ନିୟମିତ ନିଶ୍ଚିତ ପିଅନ୍ତୁ। ଆଲ୍‌କୋହଲ ଏବଂ କାଫେନ୍‌ଠାରୁ ଦୂରେଇ ରହନ୍ତୁ। କଥା କହିବା ବା ଗୀତ ଗାଇବାବେଳେ ସ୍ୱର ପେଟିକା ସ୍ୱରତନ୍ତ୍ରୀରେ ଜୋରରେ କମ୍ପନ ସୃଷ୍ଟି ହୋଇଥାଏ। ଉପଯୁକ୍ତ ପରିମାଣର ଜଳ ମିଳିଲେ ତାହା ସ୍ୱର ପେଟିକାକୁ ଓଦା ରଖିଥାଏ।

ଦୈନିକ ଯେତିକି କଥା କହିବା କଥା ବାସ, ସେତିକି କଥା କୁହନ୍ତୁ। ଯେଉଁଦିନ ଅଧିକ କିଛି ଆପଣଙ୍କୁ କହିବାକୁ ପଡ଼ିଥାଏ ସେ ଦିନ ଛୁଟ୍ଟାରେ ଗପିବା ବନ୍ଦ କରିଦିଅନ୍ତୁ। ଆପଣ ହୁଏତ ଜାଣି ନ ଥିବେ ଯେ କିଛିକ୍ଷଣର ନୀରବତା ଆପଣଙ୍କ ଶରୀର ଭିତରେ ଏକ ପ୍ରକାର ନୂତନ ଉର୍ଜା ସୃଷ୍ଟି କରିଥାଏ। ଏହାସହିତ ଆପଣଙ୍କ ସ୍ୱର ପେଟିକାକୁ ଶାନ୍ତମୟ ଗଢ଼ି ତୋଳିବାରେ ସମର୍ଥ ହୋଇଥାଏ। ଯେମିତି କି ଅଧିକ କ୍ଲାସ୍ ନେବାର ଥିଲେ ଶିକ୍ଷକମାନେ କୋଳାହଳମୟ ଷ୍ଟାଫ୍‌ରୁମରେ ଅଧିକ ଗପିବା ଉଚିତ ନୁହେଁ। ଉପଚାର ସମ୍ପର୍କରେ ଅନେକ ଲୋକ ଅନେକ କଥା କହିଥାନ୍ତି ଓ ଏହାକୁ ସେମାନଙ୍କ ବିଚାର ଭାବେ ଧରି ନେଇଥାନ୍ତି। ତେବେ ସର୍ବପ୍ରଥମେ ଆପଣଙ୍କ କଣ୍ଠ ସ୍ୱରକୁ ମଧୁର ଓ ଲଳିତ ତଥା ଶାନ୍ତମୟ କରିବାକୁ ଥିଲେ ଧୂମପାନ କରନ୍ତୁ ନାହିଁ, ଯଦି କରୁଥାନ୍ତି ତୁରନ୍ତ ଛାଡ଼ି ଦିଅନ୍ତୁ। ଧୂମପାନ ଗଳା କର୍କଟର କାରଣ ହୋଇଥାଏ। କେବଳ ସେତିକି ନୁହେଁ ଅନ୍ୟ କେହି ଧୂମପାନ କରୁଥିଲେ ତା'ର ଆଘ୍ରାଣ ଦ୍ୱାରା ମଧ୍ୟ ସ୍ୱର ପେଟିକାରେ କ୍ଷତି ପହଞ୍ଚାଇଥାଏ। ଉତ୍ତେଜିତ ହୋଇ କଥାବାର୍ତ୍ତା କରିବା, ଗାଳି ଦେବା ଏବଂ ଜୋର କଥା ହେବା ଦ୍ୱାରା ଗଳା ଶୁଷ୍କ ତଥା କ୍ଳାନ୍ତ ହୋଇପଡ଼େ। ସ୍ୱର କର୍କଶ ଶୁଭିଲେ ଏହା ଆମକୁ ସ୍ୱର ପେଟିକାର ଯତ୍ନ ନେବାକୁ ସଚେତନ କରାଇଦିଏ।

ଯେତେବେଳେ ଆପଣ ଉଚ୍ଚ ବା ନିମ୍ନ ସ୍ୱରରେ ଗୀତ ଗାଉଛନ୍ତି ବେଳ ଏବଂ ଗଳାର ମାଂସପେଶୀକୁ ଆରାମ ଦିଅନ୍ତୁ। କେତେକ କଣ୍ଠଶିଳ୍ପୀ ଉଚ୍ଚ ସ୍ୱରରେ ଗୀତ ଗାଇବା ବେଳକୁ ମୁଣ୍ଡକୁ ଉପରକୁ ଉଠାଇଥାନ୍ତି ଏବଂ ନିମ୍ନ ସ୍ୱରରେ ଗାଇବାବେଳେ ବେକକୁ ତଳକୁ ଭାଙ୍ଗି ଗାଇଥାନ୍ତି। କଣ୍ଠଶିଳ୍ପୀ ଖୋଦ ସ୍ୱୀକାର କରନ୍ତି ଯେ ବର୍ଷ ବର୍ଷ ଧରି ଏପରି କରିବା ଦ୍ୱାରା ଆମକୁ ଏହାର ମୂଲ୍ୟ ଦେବାକୁ ପଡ଼ିଥାଏ। ଅର୍ଥାତ୍ ଦୀର୍ଘ ସମୟ ଧରି ଏପରି ଚାଲିଲେ କଣ୍ଠରେ ଯନ୍ତ୍ରଣା ଆରମ୍ଭ



ହୋଇଯାଏ। ପରବର୍ତ୍ତୀ ସମୟରେ କଣ୍ଠ କ୍ଷତିଗ୍ରସ୍ତ ହୋଇଥାଏ ଏବଂ ସେହିଠାରୁ ହିଁ ସ୍ୱର ଏକପ୍ରକାର ଦବିବା ଆରମ୍ଭ ହୋଇଥାଏ। ଦୈନନ୍ଦିନ ଆମେ କେଉଁପରି କଥାବାର୍ତ୍ତା କରୁଛେ ତା' ଉପରେ ଆଗେ ଧ୍ୟାନ ଦେବା ଦରକାର। ଅନେକ ଦକ୍ଷ କଣ୍ଠଶିଳ୍ପୀ ମଧ୍ୟ ସେମାନଙ୍କର ସ୍ୱରଯନ୍ତ୍ର ଠିକ୍ ଭାବେ ଯତ୍ନ ନେଇ ନ ଥାନ୍ତି। ଜଣେ ଗବେଷକଙ୍କ ମତରେ, ଅନେକ ବ୍ୟକ୍ତି (କଣ୍ଠଶିଳ୍ପୀମାନେ ବି ସାମିଲ) କଥା କହିବାବେଳେ ଅଧିକ ଥର ବାଧାପ୍ରାପ୍ତ ହୋଇଥାନ୍ତି।

ସର୍ବଦା ନିଜର କଣ୍ଠକୁ ଅଧିକ ମାତ୍ରାରେ ସଫା ରଖନ୍ତୁ ନାହିଁ। ଅଧିକ ଥର ଏହା କରିବା ଦ୍ୱାରା ସ୍ୱରପେଟିକାଗୁଡ଼ିକୁ ଏହା ଦବାଇ ଦେଇଥାଏ ଏବଂ କ୍ଷତି ପହଞ୍ଚାଇଥାଏ। ଯଦି ଆପଣଙ୍କ ସ୍ୱରପେଟିକାରେ କୌଣସି ସମସ୍ୟା ଦେଖାଦିଏ ତେବେ ତୁରନ୍ତ ବାକ୍‌ଶ୍ରବଣ ବିଶେଷଜ୍ଞ ବା ଇଏନ୍‌ଟି ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ଯେତେବେଳେ ଆପଣ ଅସୁସ୍ଥ ଥାନ୍ତି ବେଶି କଥାବାର୍ତ୍ତା କରନ୍ତୁ ନାହିଁ। ଥଣ୍ଡା ବା ସଂକ୍ରମଣ ଯୋଗୁ ଆପଣଙ୍କ ସ୍ୱର କର୍କଶ ଶୁଭିଲେ କଥା ଅଳ୍ପ କୁହନ୍ତୁ। ଆପଣଙ୍କ ସ୍ୱର ଯେତେବେଳେ କ୍ଳାନ୍ତ ହୋଇପଡୁଛି ତାକୁ ତୁରନ୍ତ ଆରାମ ଦିଅନ୍ତୁ। କୌଣସି ସଭାସମିତିରେ ଆପଣଙ୍କୁ କହିବାକୁ ପଡୁଥିଲେ ସେତିକି ସ୍ୱରରେ ଆପଣ ସାଧାରଣରେ କହିବାକୁ ସକ୍ଷମ ବାସ୍ ସେତିକି ସ୍ୱରରେ କୁହନ୍ତୁ। ଅଯଥା ଉଚ୍ଚ ସ୍ୱରରେ କହି ସ୍ୱରପେଟିକାକୁ କ୍ଷତି ପହଞ୍ଚାନ୍ତୁ ନାହିଁ। ମନେରଖନ୍ତୁ, କଣ୍ଠ ସିକ୍ତ ବା ଆର୍ଦ୍ର ରହିଲେ ତାହା ସୁସ୍ଥ ସ୍ୱର ପାଇଁ ଉପଯୋଗୀ ହୋଇଥାଏ। ଧୂଳି ଧୂଆଁ ବାତାବରଣରୁ ନିଜକୁ ମୁକ୍ତ ରଖନ୍ତୁ। ଶ୍ୱାସରେ କୌଣସି ସମସ୍ୟା ଥିଲେ କିମ୍ବା ସାଇନସ ଥିଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ସ୍ୱରକୁ ଠିକ୍ ରଖିବା ପାଇଁ ଚାହୁଁଥିଲେ ପାଟି ବାଟେ ଶ୍ୱାସପ୍ରଶ୍ୱାସ ନିଅନ୍ତୁ ନାହିଁ। ତେବେ ନାକ ବନ୍ଦ ରହିଥିଲେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ଜୋରରେ ଯୁଦ୍ଧଥିବା ପଙ୍ଖା ସାମ୍ନାରେ ବସନ୍ତୁ ନାହିଁ କି ବିଶ୍ରାମ ନିଅନ୍ତୁ ନାହିଁ। ଭାଷଣ ଦେବା ବେଳେ ଏକାବେଳେ ନ କହି ମଝିରେ ମଝିରେ ପାଣି ପିଅନ୍ତୁ। ତେବେ ୪୫ ମିନିଟରୁ ଅଧିକ ସମୟ କୁହନ୍ତୁ ନାହିଁ। ଗାୟକ ଭାବେ ସଙ୍ଗୀତ ପରିବେଷଣ କରୁଥିଲେ ହାଲୁକା ନଶତଶୁମ୍ଭ ପାଣି ପିଇବା ଭଲ। ତେବେ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସଙ୍ଗୀତ ପରିବେଷଣ ହେଉ ବା ଭାଷଣ କିମ୍ବା କୌଣସି କାର୍ଯ୍ୟକ୍ରମର ସଂଯୋଜନା କୌଣସି ପରିସ୍ଥିତିରେ ନିଶା ଦ୍ରବ୍ୟ ସେବନକରି କାର୍ଯ୍ୟକ୍ରମରେ ଯୋଗଦାନ ରଖନ୍ତୁ ନାହିଁ। କାରଣ ଏହା ନିଶ୍ଚିତ ଭାବରେ ଆପଣଙ୍କ କଣ୍ଠସ୍ୱରକୁ କ୍ଷତିଗ୍ରସ୍ତ କରିବ।

ଶାରୀରିକ ଓ ମାନସିକ କ୍ଳାନ୍ତି ସ୍ୱରକୁ ପ୍ରଭାବିତ କରିଥାଏ। କୌଣସି କାର୍ଯ୍ୟକ୍ରମକୁ ଯିବା ପୂର୍ବରୁ ଉତ୍ତମ ନିଦ୍ରା ଏବଂ ବିଶ୍ରାମ ନେବା। ଯୋଗ, ପ୍ରାତଃ ଭ୍ରମଣ କରିବା ଭଲ। ଅଧିକ ତେଲ ମସଲାଯୁକ୍ତ ଖାଦ୍ୟ, ଅଧିକ ଚା' ପିଅନ୍ତୁ ନାହିଁ। ଥଣ୍ଡା ପାନୀୟ, ପାନମସଲା ଆଦିଠାରୁ ଦୂରେଇ ରହନ୍ତୁ। ଉଷୁମ ପାଣିରେ ଗର୍ଗିଙ୍ଗ (ଟଙ୍କିରେ ଭଳି ଘଡ଼ଘଡ଼ କରିବା) କରନ୍ତୁ। ଗୁଡ଼ଖିଆର ଅଧିକବାର ଖାଆନ୍ତୁ। ନିଶାଦ୍ରବ୍ୟଠାରୁ ଦୂରେଇ ରହିବା ଭଲ। କେବଳ ଥଣ୍ଡା ପାନୀୟ ନୁହେଁ ଫ୍ରିଜର ଥଣ୍ଡା ଖାଦ୍ୟ ଠାରୁ ମଧ୍ୟ ଦୂରେଇ ରହିବା ଭଲ। ତେବେ ଏକାଥରକେ ପେଟପୂରା ଖାଆନ୍ତୁ ନାହିଁ। ଖାଇଥିବା ପରେ ଭଲ ଭାବେ କୁଳି କରନ୍ତୁ। ସବୁବେଳେ ଗୋଟିଏ କଥା ମନେରଖନ୍ତୁ ଯେ ମିଠା ସ୍ୱର ଜଣଙ୍କ ବ୍ୟକ୍ତିତ୍ୱର ଅନନ୍ୟ ପରିଚୟ, ଏହାକୁ ଯେପରି ନ ଭୁଲନ୍ତୁ।

ବାକ୍‌ଶ୍ରବଣ ବିଶେଷଜ୍ଞ, 'ଧ୍ୱନି, ମଙ୍ଗଳାବାଗ, କଟକ, ମୋ: ୯୪୩୮୨୭୬୭୬୦

## ଏଇ ଭାରତରେ

କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଚାଳିତ ରୋବୋ ନିର୍ମାଣ କରିଛନ୍ତି ୨୨ ବର୍ଷୀୟ ରାହୁଲ ଆଗ୍ରପାକା। ସେ ଏହାର ନାମ ରଖିଛନ୍ତି ରକ୍ଷକ। କାରଣ ଏହା ଫସଲକୁ ଘାସ ଦାଉରୁ ରକ୍ଷାକରିବ। ଫସଲକୁ ଘାସ କ୍ଷତି କରୁଥିବାରୁ ଏହାକୁ ବାଛିବାରେ କୃଷକମାନେ ଅଧିକ ଖର୍ଚ୍ଚ କରନ୍ତି। ଏକ ଆକଳନରୁ ଜଣାପଡ଼ିଛି ଯେ, ଫସଲରେ ମୋଟ ଯେତିକି ଖର୍ଚ୍ଚ ହୁଏ ତାହାର ୨୦–୨୫% ଘାସ ବଛାରେ ହୋଇଥାଏ। ରାହୁଲ ନିର୍ମାଣ କରିଥିବା ରୋବୋ ଫସଲକୁ କ୍ଷତି ନ କରି ଜମିରୁ ଘାସ ନଷ୍ଟ କରିପାରୁଛି। ରକ୍ଷକ କ୍ଷେତରେ ଏଆଇ ମାଧ୍ୟମରେ ଘାସକୁ ଠାବ କରିବା ପରେ ତାହାକୁ ଲେଜର ଦ୍ୱାରା ନଷ୍ଟ କରିପାରୁଛି। ରାହୁଲ କହନ୍ତି, କମ୍ ସମୟରେ ଏହି କାର୍ଯ୍ୟ କରିପାରୁଥିବାରୁ ଆର୍ଥିକ ଦୃଷ୍ଟିକୋଣରୁ ଏହା କୃଷକଙ୍କ ପାଇଁ ଲାଭଦାୟକ ହେବ। ରାହୁଲ ଏବେ ହାଇଦ୍ରାବାଦସ୍ଥିତ ମହିନ୍ଦ୍ରା ୟୁନିଭର୍ସିଟିରେ ଇଞ୍ଜିନିୟରିଂ ପଢୁଛନ୍ତି। ଏହି ରୋବୋ ନିର୍ମାଣ କରିବା ପାଇଁ ମହିନ୍ଦ୍ରା କମ୍ପାନୀ ମଧ୍ୟ ସହଯୋଗ କରିଛି। ଏହାକୁ ଟ୍ରାକ୍ଟର ବ୍ୟାଟେରିରେ ଚାର୍ଜ କରାଯାଇପାରୁଛି। ରକ୍ଷକ ରୋବୋ ଆଗାମୀ କିଛି ମାସ ମଧ୍ୟରେ ମାର୍କେଟରେ ଉପଲବ୍ଧ ହେବା ଏହାର ମୂଲ୍ୟ ୧୦ ଲକ୍ଷ ଟଙ୍କା ରହିବ ବୋଲି ରାହୁଲ କହିଛନ୍ତି।

## ୫୦ ବର୍ଷ ତଳେ ଧରିତ୍ରୀ

୧୫ ସେପ୍ଟେମ୍ବର ୧୯୭୬

- ରାଜ୍ୟରେ ହସ୍ତତନ୍ତ କ୍ଷେତ୍ରରେ କାର୍ଯ୍ୟକାରୀ କରିବା ପାଇଁ ଦୁଇଟି ନୂତନ ପରିକଳ୍ପନାକୁ କେନ୍ଦ୍ର ସରକାରଙ୍କ ମଞ୍ଜୁରୀ ପ୍ରଦାନ।
- ଦଳ ବିରୋଧୀ କାର୍ଯ୍ୟ ହେତୁ ବାଲେଶ୍ୱର ଜିଲ୍ଲା କଂଗ୍ରେସର ସାଧାରଣ ସମ୍ପାଦକ ହରିହର ଦାଶ ମହାପାତ୍ର ସଭ୍ୟ ଧୀରେନ ଜେନା ଓ ଲକ୍ଷ୍ମଣ କମିଲ ଦଳରୁ ସସ୍ପେଣ୍ଡ।

## ଚିରନ୍ତନୀ

ଶକତି ନାହିଁ କାହାର, ବିଧିର ନିୟୋଗ–
ଘଟିବ ସେ ଦୁର୍ଜ୍ଜୟ ବିୟୋଗ
ଦିବସର ଅବସାନେ।
ସେ ଲାଗି କି ଚଢି ଭାଳେଣି ?
କିଏ ଆଉ ପାର ଲାଗି ଆଗ ହୋଇ
ମାଗିବ ମେଲାଣି ?
–(ଚକ୍ରବାକ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 5 | | | | | | 4 | 2 |
| | | | | 5 | | | | |
| | | 8 | 4 | | | 3 | | |
| | | | | 1 | | | | |
| 2 | | 4 | | 6 | | | | |
| 9 | | | | 2 | 4 | 8 | | |
| 5 | | | | | 2 | 1 | | 9 |
| | | 7 | | | | 6 | | |
| 8 | | | 3 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 1 | 8 | 5 | 6 | 3 | 2 | 7 | 9 |
| 5 | 9 | 2 | 8 | 7 | 4 | 3 | 6 | 1 |
| 6 | 7 | 3 | 1 | 9 | 2 | 8 | 5 | 4 |
| 1 | 2 | 9 | 3 | 8 | 6 | 5 | 4 | 7 |
| 8 | 4 | 5 | 9 | 2 | 7 | 6 | 1 | 3 |
| 3 | 6 | 7 | 4 | 5 | 1 | 9 | 8 | 2 |
| 9 | 8 | 4 | 7 | 3 | 5 | 1 | 2 | 6 |
| 7 | 3 | 6 | 2 | 1 | 8 | 4 | 9 | 5 |
| 2 | 5 | 1 | 6 | 4 | 9 | 7 | 3 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅନ୍‌ଲାଇନ ସେବା ଏକ ପ୍ରହସନ

ମହାଶୟ,

ଅନ୍‌ଲାଇନ ସେବାର ଲୋକପ୍ରିୟତା ଦିନକୁଦିନ ବଢ଼ି ଚାଲିଛି। ସାଧାରଣ ଜନତାଙ୍କ ସୁବିଧା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ କେତେକ ସେବାକୁ ଅନ୍‌ଲାଇନ ମାଧ୍ୟମରେ ଉପଲବ୍ଧ କରାଉଛନ୍ତି। ଲିଜ୍ ହୋଲ୍ଡ ଜମିକୁ ଫ୍ରି ହୋଲ୍ଡରେ କରିବା ପାଇଁ ଅନ୍‌ଲାଇନ ଆବେଦନର ସାତ ମାସ ବିତି ଯାଇଥିଲେ ମଧ୍ୟ ଏହା ଉପରେ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ। ଏ ନେଇ ବିଡିଏ ୱେବ୍‌ସାଇଟ ଓ ମେଲ୍ ଦ୍ୱାରା ଅଭିଯୋଗ କଲେ ବି କେହି ଉତ୍ତର ଦେଉନାହାନ୍ତି। ଫଳରେ ମାସ ମାସ ଧରି ଟ୍ରାଞ୍ଜାକଶନ ଅଣ୍ଡର ପ୍ରୋସେସିଂରେ ରହୁଛି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଏପରି ମନମୁଖି କିମ୍ବା ଉଦେଶ୍ୟପ୍ରଣୋଦିତ କାର୍ଯ୍ୟ ଦ୍ୱାରା ଲୋକମାନେ ଅଯଥାରେ ହଇରାଣ ହେଉଛନ୍ତି। ଅନ୍‌ଲାଇନ ସେବା ଏକ ପ୍ରହସନରେ ପରିଣତ ହେଲାଣି। ଅବହେଳା କରୁଥିବା କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଗଲେ ଅନ୍‌ଲାଇନ ସେବାର ପ୍ରକୃତ ଉଦେଶ୍ୟ ପୂରଣ ହୋଇପାରିବ।

–ଅନନ୍ତ ଚରଣ ସ୍ୱାଇଁ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

DSPL-258

ODISHA
NEW OPPORTUNITIES





**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# କଥା ଦେଇ କଥା ରଖିଲେ ଲୋକଙ୍କ ସରକାର
# ସୃଷ୍ଟି ହେଲା ନୂଆ ରୋଜଗାର

**ନୂତନ ସରକାର ଗଠନ ପରେ ଓଡ଼ିଶାରେ ୫୮ଟି ପ୍ରକଳ୍ପ ମାଧ୍ୟମରେ ୧,୧୧,୮୯୯ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି**

## ୨୭ଟି ନୂଆ ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

**୫୧,୮୨୬ ରୁ ଅଧିକ ନିଯୁକ୍ତି ସୁଯୋଗ | ୨୫,୩୮୦ କୋଟି ଟଙ୍କା ର ପୁଞ୍ଜି ନିବେଶ**

**ମୁଖ୍ୟ ଅତିଥି**

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ

**ଗରିମାମୟ ଉପସ୍ଥିତି**

**ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ**
ମନ୍ତ୍ରୀ, ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା

**ଭିତ୍ତିପ୍ରସ୍ତର ସ୍ଥାପନ**

ଏସ୍‌ଆରଏଫ୍ ଲିମିଟେଡ୍ | ଏପସିଲନ୍ କାର୍ବନ ଅଶୋକା ପ୍ରାଇଭେଟ୍ ଲିମିଟେଡ୍ | ଗ୍ରୀନପ୍ଲାଏ ଗ୍ରୁପ୍
ଶ୍ରୀ ବଜରଙ୍ଗ ପାୱାର ଆଣ୍ଡ ମେଟାଲିକ୍ସ ଲିମିଟେଡ୍ | ସୋଭା ସୋଲାର ଲିମିଟେଡ୍ | ଫେରୋ ଆଲଏଜ୍ କର୍ପୋରେସନ୍ ଲିମିଟେଡ୍
ମାସ୍ ଇଣ୍ଡିଆ କ୍ଲଥିଙ୍ଗ୍ ପ୍ରାଇଭେଟ୍ ଲିମିଟେଡ୍ | ଅଲ୍ଟ୍ରାଟେକ୍ ସିମେଣ୍ଟ ଲିମିଟେଡ୍ | ହିନ୍ଦୁସ୍ତାନ ଆକ୍ୱା ପ୍ରାଇଭେଟ୍ ଲିମିଟେଡ୍
ଏସ୍‌ଏନ୍‌ଏମ୍ ହୋଟେଲ୍ସ ଆଣ୍ଡ ରିସର୍ଟସ୍ ପ୍ରାଇଭେଟ୍ ଲିମିଟେଡ୍ | ସୁମ୍ପାରିଅଲ୍ ମିଡ଼ିଆ ପ୍ରାଇଭେଟ୍ ଲିମିଟେଡ୍ | ସୁପ୍ରିମ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍
ଆଦିସ୍ତମ୍ ଭେଞ୍ଚର୍ସ ପ୍ରାଇଭେଟ୍ ଲିମିଟେଡ୍ | ଆଇଟିସି ଲିମିଟେଡ୍ | ହୋଟେଲ୍ ପାଲ୍ ରିଜେନ୍ସି ପ୍ରାଇଭେଟ୍ ଲିମିଟେଡ୍
ଏସ୍‌ଏପିଏଲ୍ ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ୍ ଲିମିଟେଡ୍ (ୟୁନିଟ୍୨) | ତ୍ରିପଥଗା ଟେକ୍ସଟାଇଲ୍ସ | ବି କେ ଇଣ୍ଟରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ୍
ଅମ୍ରିତାସ୍ ହେଲ୍‌ଥକେୟାର ପ୍ରାଇଭେଟ୍ ଲିମିଟେଡ୍ | କେଶବ ପ୍ଲାଷ୍ଟଟେକ୍ ପ୍ରାଇଭେଟ୍ ଲିମିଟେଡ୍
ମେଡ଼ିଏଡ୍ ମାର୍କେଟିଂ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ | ଚୋସୁନ୍ ସର୍ଭେଶ ରେଫ୍ରାକ୍ଟୋରୀଜ୍ ପ୍ରାଇଭେଟ୍ ଲିମିଟେଡ୍
ଜୟ ଭାରତ ସ୍ପାଇସେସ୍ ପ୍ରାଇଭେଟ୍ ଲିମିଟେଡ୍ | ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ଫେରୋ ଆଲୋଏଜ୍ ଲିମିଟେଡ୍
ମୋଗ୍ଲି ଲାବସ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ | ଲିଣ୍ଡେ ଇଣ୍ଡିଆ ଲିମିଟେଡ୍

**୧୫ ସେପ୍ଟେମ୍ବର ୨୦୨୫ | ଦିବା ୧୦ଘଟିକା | କୃଷି ଶିକ୍ଷା ସଦନ, ଓୟୁଏଟି, ଭୁବନେଶ୍ୱର**

**ଶିଳ୍ପ ବିଭାଗ, ଓଡ଼ିଶା ସରକାର**

OIPR-14005/13/0069/2526

# ବ୍ୟକ୍ତିଗତ ସ୍ୱାର୍ଥରେ ପ୍ରକଳ୍ପ ବିନିଯୋଗ

## ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନା ବାଟବଣା

- ୨ ଥରରେ ୧୦ଲକ୍ଷର ପ୍ରକଳ୍ପ ଜାରି
- ପ୍ରକଳ୍ପକୁ ନେଇ ଡିମାଣ୍ଡ ନୋଟିସ୍‌ରେ ଗ୍ରାମବସୀ ଅଜଣା

ବାରିପଦା,୧୪।୯(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରିପଦା ବ୍ଲକ୍ ଭାଗବତଚନ୍ଦ୍ରପୁର ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍) ବାଟବଣା ହୋଇଛି। ଦାରିଦ୍ର୍ୟ ଓ ପରିବେଶଗତ ଅବକ୍ଷୟକୁ ଦୂର କରିବା ପାଇଁ ଜଳ ସଂରକ୍ଷଣ, ଜଳସେଚନ, ବନୀକରଣ, ଗ୍ରାମୀଣ ରାସ୍ତା, ବନ୍ୟାନିୟନ୍ତ୍ରଣ ଏବଂ ଭୂମି ବିକାଶ ଭଳି ସ୍ଥାୟୀ ଭିତିଭୂମୀ ଉପରେ ଗୁରୁତ୍ୱ ବହନ କରିଥାଏ। ମାତ୍ର ବନୀକରଣ ପରିବର୍ତ୍ତେ ସଂରକ୍ଷିତ ଜଙ୍ଗଲକୁ କାଟି ୨ ଥର ଡିମାଣ୍ଡ ନୋଟିସ୍ କରାଯାଇ ବ୍ୟକ୍ତିଗତ ସ୍ୱାର୍ଥରେ ୧୦ଲକ୍ଷ ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀକୁ ଗ୍ରାମବାସୀ ଘୋର ବିରୋଧ କରିଛନ୍ତି। ଯାହାକୁ ନେଇ ସୋମବାର ଜିଲାଗସ୍ତରେ ଆସୁଥିବା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଅବଗତ କରିବେ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।

ସୂଚନା ଅନୁଯାୟୀ, ଭାଗବତଚନ୍ଦ୍ରପୁର ପଞ୍ଚାୟତ ଟସରଡ଼ା ମୌଜା ସଂରକ୍ଷିତ ଜଙ୍ଗଲ ସଂଲଗ୍ନ ଏକ ଘରୋଇ ଡାକ୍ତରଖାନା ନିର୍ମାଣ କାର୍ଯ୍ୟ ଜାରି ରହିଛି। ଡାକ୍ତରଖାନାକୁ ଯିବାଆସିବା କରିବା ପାଇଁ ବାରିପଦା ବନଖଣ୍ଡ ତଥା ରେଞ୍ଜ ଅଞ୍ଚଳର ସଂରକ୍ଷିତ ଜଙ୍ଗଲ ଜମିକୁ ବେଆଇନ ଭାବେ ଉଚ୍ଛେଦ କରିଛନ୍ତି। ଏକ କିମି ବ୍ୟାପୀ ଏହି ରାସ୍ତା ନିର୍ମାଣ ପାଇଁ ଅନେକ ହଜାର ମୂଲ୍ୟବାନ ଶାଳଗଛ କାଟି ରାସ୍ତା ନିର୍ମାଣ କାର୍ଯ୍ୟ କରାଯାଇଛି। ୨୦୨୫-୨୬ ଆର୍ଥିକ ବର୍ଷରେ ଖଇରବଣୀ ଛକଠାରୁ ଏକ ଘରୋଇ ହସ୍ପିଟାଲ ପର୍ଯ୍ୟନ୍ତ ମାଟି ରାସ୍ତା ନିର୍ମାଣ ବାବଦରେ ୪ ଲକ୍ଷ ୯୯ ହଜାର ୯୯୦ ଟଙ୍କା ବ୍ୟୟ ଅଟକଳରେ ମାଟି କାର୍ଯ୍ୟ ପାଇଁ ଡିମାଣ୍ଡ ନୋଟିସ୍ ଜରିଆରେ ପ୍ରକଳ୍ପ କାର୍ଯ୍ୟ ଶେଷ କରାଯାଇ ବିଲ ପୈଠ କରାଯାଇଛି। କାର୍ଯ୍ୟର କୋର୍ଡ ନଂ. ୧୦୬୩୪୦୩୨ ଅନୁଯାୟୀ ମାଟି ସାମଗ୍ରୀ ବାବଦରେ ୩ ଲକ୍ଷ ୬୭ହଜାର ୮୮୨ ଓ ମଜୁରୀ ବାବଦରେ ୧ ଲକ୍ଷ ୩୧ହଜାର ୧୦୭.୭ଟଙ୍କା ପ୍ରଦାନ କରାଯାଇଥିବା ନେଇ ବିଭାଗ ସୂତ୍ରରୁ ଜଣାପଡ଼ିଛି। ପରବର୍ତ୍ତୀ ସମୟରେ ସେହି ମୂଲ୍ୟର ପୁଣି ଦ୍ୱିତୀୟ ପ୍ରକଳ୍ପ ମଞ୍ଜୁର କରାଯାଇ ରାସ୍ତା ନିର୍ମାଣ ହେଉଥିବାରୁ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ଜଙ୍ଗଲରୁ ବ୍ୟାପକ ଗଛ କାଟି ରାସ୍ତା ନିର୍ମାଣ ଏବଂ ଏମ୍‌ଜିଏନ୍‌ଆରଇଜିଏ ପ୍ରକଳ୍ପ କାର୍ଯ୍ୟକାରୀ ସମ୍ପର୍କରେ ଅବଗତ ନ ଥିବା ଅଞ୍ଚଳବାସୀ ବନବିଭାଗ ନିକଟରେ ଅଭିଯୋଗ କରିଥିଲେ। ଏପରିକି କାର୍ଯ୍ୟକୁ ବିରୋଧ କରି ଅଞ୍ଚଳବାସୀଙ୍କ ପକ୍ଷରୁ ମୋରମ ପକାଉଥିବା ଏକ ଟ୍ରାକ୍ଟରକୁ ଅଟକ ରଖି ବନବିଭାଗକୁ ଖବର ଦେବା ପରେ କର୍ମଚାରୀ ଏହାକୁ ଜବତ କରିଛନ୍ତି। ମାତ୍ର ଅଦ୍ୟାବଧି ବନବିଭାଗ ପକ୍ଷରୁ କୌଣସି ତଦନ୍ତ ନ କରିବା ଏବଂ ପଞ୍ଚାୟତ ପକ୍ଷରୁ ପ୍ରକଳ୍ପ ଅନୁମୋଦନକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଗ୍ରାମସଭା ପକ୍ଷରୁ ଏଭଳି ପ୍ରକଳ୍ପ ସମ୍ପର୍କରେ ଜଣା ନ ଥିବା ବେଳେ ମଞ୍ଜୁର କରିବା ଓ ଜଙ୍ଗଲକୁ କାଟି ସେହି ରାସ୍ତା ନିର୍ମାଣରେ ଅର୍ଥ ବିନିଯୋଗ କରିବାକୁ ନେଇ କେନ୍ଦ୍ରମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିବେ ବୋଲି ଏଫ୍‌ଆରଆଇ(ଫରେଷ୍ଟ ରେଗୁଲେଶନ କମିଟି)ର ଚେୟାରମେନ ପାଲୁ ସୋରେନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଅଭିଯୋଗ କରିବେ ବୋଲି ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବାରିପଦା ବିଡିଓ ଦେବେନ୍ଦ୍ର ବଳ କୁହନ୍ତି, ପିଇଓ ଏବଂ ଏଡିଇଓଙ୍କ ଜରିଆରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି। ଏହାର ତଦନ୍ତ ପୂର୍ବକ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ତେବେ ପରିବେଶ ଏବଂ ଜଙ୍ଗଲ ସୁରକ୍ଷାକୁ ନେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ବ୍ୟାପକ ବନୀକରଣ କରାଯାଉଥିବା ବେଳେ ସଂରକ୍ଷିତ ଜଙ୍ଗଲ କାଟି ପରିବେଶକୁ କ୍ଷତି ପହଞ୍ଚାଉଥିବା ବ୍ୟକ୍ତିଙ୍କ ବିରୋଧରେ ଅନୁକମ୍ପା ପ୍ରଦର୍ଶନ କରାଯାଉଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ ଉଗ୍ରରୂପ ଧାରଣ କରିବ ବୋଲି ଗ୍ରାମବାସୀ କଡ଼ାଚେତାବନୀ ଦେଇଛନ୍ତି।


ଜଙ୍ଗଲ ଜମି ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିଥିବା ଗ୍ରାମବାସୀ।

## ସୁବର୍ଣ୍ଣରେଖା କେନାଲବନ୍ଧ ରାସ୍ତା ଦବିଲା


ଦବି ଯାଇଥିବା ରାସ୍ତା।

କୁଳିଅଣା,୧୪।୯(ଗୋପୀନାଥ ବେହେରା)

କୁଳିଅଣା ବ୍ଲକ ଅଧୀନ ପୁରୁଣାପାଣି ପଞ୍ଚାୟତର ଅମ୍ବପୁଞ୍ଜା ଗାଁ ପାଖ ସୁବର୍ଣ୍ଣରେଖା ମୁଖ୍ୟ କେନାଲବନ୍ଧ ରାସ୍ତା ୧୦ ଫୁଟ ରାସ୍ତା ଦବିଯାଇଛି। ସୁବର୍ଣ୍ଣରେଖା ଜଳସେଚନ ବିଭାଗ ପକ୍ଷରୁ ୩ ବର୍ଷ ପୂର୍ବେ ଏହି ରାସ୍ତା ତିଆରି ହୋଇଥିଲା। ଚାନ୍ଦୁଆ, କେଉଟୁଣିମାରି ଓ ଆଖପାଖ ଗାଁର ଲୋକେ କୁଳିଅଣାକୁ ଆସିବାପାଇଁ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ଏହି ରାସ୍ତାରେ ଆମ ବସ୍ ଯିବା ଆସିବା କରେ। କିଛି ଦିନ ହେଲା ଏହି ରାସ୍ତା ଦବିବା ଆରମ୍ଭ କରିଥିଲା। ରବିବାର ଆମ ବସ୍ ଆସୁଥିବା ସମୟରେ ହଠାତ୍ ମାଟି ଦବିଯାଇଥିଲା। ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁ ଏହି ରାସ୍ତା ମରାମତି ହୋଇପାରୁ ନ ଥିବାବେଳେ ବସ୍‌ଟି ଏକ ବଡ଼ ବିପଦରୁ ବର୍ତ୍ତି ଯାଇଥିଲା। ଏବେ କେନାଲରେ ପୂର୍ଣ୍ଣମାତ୍ରାରେ ପାଣି ଥିବାରୁ ଏହି ରାସ୍ତା ଦେଇ ଯିବାକୁ ଲୋକେ ଭୟ କରୁଛନ୍ତି। ଏ ବାବଦରେ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ସୁରେଶ ବେହେରାଙ୍କୁ ପଚାରିବାରୁ ଭୟ କରିବାର କିଛି ନାହିଁ, ଆମେ ତଦାରଖ କରୁଛୁ ଏବଂ ଯଥା ଶୀଘ୍ର ସମସ୍ୟାର ସମାଧାନ ହେବ ବୋଲି କହିଛନ୍ତି।

## ୧୫ ମଇଁଷି ବୋଝେଇ ୨ ପିକ୍‌ଅପ୍ ଭ୍ୟାନ୍ ଜବତ

ଠାକୁରମୁଣ୍ଡା,୧୪।୯(ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ପୋଲିସ ଠାକୁରମୁଣ୍ଡା-କରଞ୍ଜିଆ ରାସ୍ତାର କେନ୍ଦୁଜିଆଣି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନିକଟରେ ଚଢ଼ାଉ କରି ବେଆଇନ ଭାବରେ ୧୫ ମଇଁଷି ବୋଝେଇ ୨ ପିକ୍‌ଅପ୍ ଭ୍ୟାନକୁ ଜବତ କରିଛି। ପୋଲିସ ମଇଁଷି ଉଦ୍ଧାର କରି ୨ ଗାଡ଼ି ଚାଳକଙ୍କୁ ଗିରଫ କରି ତଦନ୍ତ କରୁଛି। ପ୍ରକାଶ ଯେ, ଆନନ୍ଦପୁର-ଠାକୁରମୁଣ୍ଡା-କରଞ୍ଜିଆ ରାସ୍ତାରେ ଥାନା ଅଧିକାରିଣୀ ସାବିତ୍ରୀ ଦଳେଇଙ୍କ ନେତୃତ୍ୱରେ ପୋଲିସ ଟିମ୍ ଶନିବାର ରାତିରେ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ଭ୍ୟାନ ୨ଟିକୁ ଅଟକାଇ ଯାଞ୍ଚ ସମୟରେ ମଇଁଷି ଚାଲାଣ ହେଉଥିବା ଜଣାପଡ଼ିବା ପରେ ଟିମ୍ ଗାଡ଼ି ଜବତ କରିଥିଲା। ଉଦ୍ଧାର ମଇଁଷିଗୁଡ଼ିକର ସ୍ୱାସ୍ଥ୍ୟ ପରୀକ୍ଷା ପରେ ନିକଟସ୍ଥ ଗୋ-ଶାଳାକୁ ପଠାଇ ଦିଆଯିବ। ମଇଁଷି ଯାଜପୁର ଅଞ୍ଚଳରୁ ବୋଝେଇ ହୋଇ ଝାଡ଼ଖଣ୍ଡ ଅଞ୍ଚଳକୁ ଚାଲାଣ ହେଉଥିବା ନେଇ ପ୍ରାରମ୍ଭିକ ଭାବରେ ଜଣାପଡ଼ିଥିବା ଥାନା ଅଧିକରିଣୀ ସୂଚନା ଦେଇଛନ୍ତି। ଥାନାରେ ଏକ ମାମଲା (ନଂ.୧୦୭,୧୦୮/୨୫) ରୁଜୁ ହୋଇଛି।

## ମୃତଦେହ ରଖି ରାସ୍ତା ଅବରୋଧ


ଉତ୍ତ୍ୟକ୍ତ ଲୋକଙ୍କୁ ପୋଲିସ ବୁଝାଶୁଝା କରୁଛି।

ଝାରପୋଖରିଆ,୧୪।୯
(ସୁଧୀର କୁମାର ମହାନ୍ତ)

### ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଅଧୀନ ଜାତୀୟ ରାଜପଥ ୧୮ ଓ ୪୯ର ମିଳନସ୍ଥଳ ଝାରପୋଖରିଆ ଓଭରବ୍ରିଜ୍ ତଳେ ରବିବାର ଏକ ମର୍ମନ୍ତୁଦ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଚାନ୍ଦୁଆ ଥାନା ଅନ୍ତର୍ଗତ ରଜାବସା ଗ୍ରାମର ସୁରେଶ ବିନ୍ଧାଣି (୩୫)। ଏହାର ପ୍ରତିବାଦରେ ଉତ୍ତ୍ୟକ୍ତ ଲୋକେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

ସୂଚନା ଅନୁଯାୟୀ, ସୁରେଶ ତାଙ୍କ ଶ୍ୱଶୁର ଘର ଝାଡ଼ଖଣ୍ଡ ରାଜ୍ୟ ପୂର୍ବ ସିଂଭୂମ ଜିଲା ଘୋଡ଼ାବାନ୍ଧା ଥାନା ଅଧୀନ ମାଙ୍କଡ଼ି ଗ୍ରାମରୁ ସ୍ତ୍ରୀଙ୍କୁ ସାଙ୍ଗରେ ନେଇ ଏକ ବାଇକ୍ ଯୋଗେ ରଜାବସା ଫେରୁଥିବା ବେଳେ ମଧ୍ୟାହ୍ନ ୧୨ଟା୩୦ରେ ଝାରପୋଖରିଆ ଓଭରବ୍ରିଜ ନିକଟରେ ଏକ ଲୁହା ବୋଝେଇ ଟ୍ରେଲର ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ସୁରେଶଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ସ୍ତ୍ରୀ ଅଳ୍ପକେ ବର୍ତ୍ତି ଯାଇଥିଲେ। ଖବରପାଇ ଝାରପୋଖରିଆ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ମାମଲା (ନଂ.୨୨୬/୨୦୨୫) ରୁଜୁ ହୋଇଛି। ଦୁର୍ଘଟଣା ଘଟାଇଥିବା ଟ୍ରେଲରଟିକୁ ପୋଲିସ ଜବତ କରିଛି। ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ ସ୍ଥାନୀୟ ଜନସାଧାରଣ ମୃତଦେହ ରଖି ୨ଘଣ୍ଟା ଧରି ଅବରୋଧ କରିଥିଲେ। ଫଳରେ ଉଭୟ ଜାତୀୟ ରାଜପଥରେ ଶତାଧିକ ମାଲ ବୋଝେଇ ଭାରିଯାନ ଅଟକି ରହିଥିଲା। ସାରସକଣା ତହସିଲଦାରଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ତହସିଲଦାର ସଦାନନ୍ଦ ଡେଲକି ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ୨୦ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବା ପରେ ଜନସାଧାରଣ ରାସ୍ତା ଅବରୋଧରୁ ହଟିଥିଲେ।

## ଘରେ ପଶି ବନ୍ଧୁକ ଦେଖାଇ ଲୁଟିନେଲେ

ଉଦଳା, ୧୪।୯ (ସନ୍ତୋଷ କୁମାର ବାଛିନୀ)

### ଦୁଇଭାଇଙ୍କୁ ତାଲା ପକାଇ ଫେରାର

ମୟୂରଭଞ୍ଜ ଜିଲା ଶରତ ଥାନା ଅଧୀନ ଦେବାନବାହାଳୀ ଗ୍ରାମରେ ଶନିବାର ରାତିରେ ଦୁର୍ବୃତ୍ତମାନେ ଏକ ଘର ଭିତରେ ପଶି ବନ୍ଧୁକ ଦେଖାଇ ୧୫ ହଜାର ଟଙ୍କା ସହ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଅଳଙ୍କାର ଲୁଟି ନେଇଛନ୍ତି। ଲୁଟ୍‌ର ଶିକାର ହୋଇଥିବା ଗ୍ରାମର ଚନ୍ଦନ କୁମାର ନାୟକ ଏନେଇ ରବିବାର ଶରତ ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ଚନ୍ଦନ ଏବଂ ତାଙ୍କ ଭାଇ ରଞ୍ଜନ ଅଲଗା ଅଲଗା କୋଠରିରେ ଶୋଇଥିଲେ। ରାତି ୧ଟା ବେଳେ ୫ଜଣ ମୁଖା ପିନ୍ଧା ଦୁର୍ବୃତ୍ତ ସିଡ଼ି ରାସ୍ତାରେ ତାଙ୍କ ଘର ଭିତରକୁ ପଶିଥିଲେ। ଦୁଇ ଭାଇଙ୍କ ରୁମ୍‌କୁ ଯାଇ ସେମାନଙ୍କୁ କାବୁ କରି ଛାତିରେ ବନ୍ଧୁକ ଲଗାଇ ଗଡ୍‌ରେଜ ଏବଂ ଅନ୍ୟାନ୍ୟ ସ୍ଥାନରେ ଥିବା ୧୫ ହଜାର ଟଙ୍କା ସହ ସୁନାଗହଣା ନେଇଯାଇଥିଲେ। ଏପରିକି ଲୁଟ୍ ସମୟରେ ଚନ୍ଦନ, ରଞ୍ଜନ ଓ ସେମାନଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏହି ସମୟରେ ୨ ଲୁଟେରାଙ୍କ ମୁହଁରୁ ମାସ୍କ ଖସିଯାଇଥିଲେ ସୁଦ୍ଧା ସେମାନଙ୍କୁ ଚିହ୍ନି ପାରି ନ ଥିଲେ ଚନ୍ଦନ କିମ୍ବା ରଞ୍ଜନ। ଲୁଟେରାମାନେ ଦୁଇ ଭାଇଙ୍କୁ ପୁଣି ରୁମ୍ ଭିତରେ ରଖି ବାହାରୁ କବାଟ ବନ୍ଦ କରିଦେଇଥିଲେ। ଏହାସହ ଘର ଗେଟ୍‌ରେ ବାହାରୁ ତାଲା ପକାଇ ପଳାଇଥିଲେ। ପରେ ଝରକା ଆଢୁ ଘର ପାଖରେ ଅନ୍ୟ ଏକ ଘରେ ରହୁଥିବା ଚନ୍ଦନଙ୍କ କର୍ମଚାରୀଙ୍କୁ ସେ ଡାକ ପକାଇଥିଲେ। କର୍ମଚାରୀମାନେ ଆସି ଗେଟ୍ ତାଲା ଭାଙ୍ଗି ଘର କବାଟ ଖୋଲିଥିଲେ। ଚନ୍ଦନଙ୍କ କହିବା ଅନୁସାରେ, ଲୁଟେରାମାନେ ତାଙ୍କ ନାମ ଧରି ତାଙ୍କୁ ଡାକିବା ସହ ଧମକ ଦେଉଥିଲେ। ଏଣୁ ସେମାନେ ତାଙ୍କୁ ପୂର୍ବରୁ ଜାଣିଥିବା ସେ ଅନୁମାନ କରୁଛନ୍ତି। ଲୁଟେରାମାନେ କେନ୍ଦୁଝର ଅଞ୍ଚଳରେ କୁହାଯାଉଥିବା ଭାଷାରେ ନିଜ ନିଜ ଭିତରେ କଥା ହେଉଥିଲେ। ସେମାନେ କେନ୍ଦୁଝର ଅଞ୍ଚଳର ହୋଇଥିବା ସନ୍ଦେହ କରାଯାଉଛି। ସାଇଣ୍ଟିଫିକ ଟିମ୍ ସହାୟତାରେ ପୋଲିସ ତଦନ୍ତକୁ ତ୍ୱରାନ୍ୱିତ କରିଥିଲେ ସୁଦ୍ଧା ଲୁଟେରାଙ୍କ ଟେର୍ ପାଇପାରି ନାହିଁ।

## ବାପାଙ୍କ ମୃତଦେହ ନେଇ ଫେରୁଥିଲେ, ଦୁର୍ଘଟଣାରେ ଜୀବନ ଗଲା

ଠାକୁରମୁଣ୍ଡା,୧୪।୯(ତାରାକାନ୍ତ ପଟ୍ଟନାୟକ)

ଅସୁସ୍ଥ ବାପାଙ୍କୁ କଟକ ଚିକିତ୍ସା କରିବାକୁ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ରବିବାର ବାପାଙ୍କ ମୃତ୍ୟୁ ଘଟିଲା। ମୃତହେଦ ଆମ୍ବୁଲାନ୍ସ ଯୋଗେ ଠାକୁରମୁଣ୍ଡା ଅଣୁଥିବା ବାଟରେ ଦୁର୍ଘଟଣାରେ ଏକମାତ୍ର ପୁଅଙ୍କ ମୃତ୍ୟୁ ଘଟିଛି। ବାପା ଓ ପୁଅଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ସୂଚନା ଅନୁଯାୟୀ, ଠାକୁରମୁଣ୍ଡା ବ୍ଲକ୍ ମିଟୁଆଣି ଗ୍ରାମର ଗୋପବନ୍ଧୁ ନାୟକ(୬୫) ୩ମାସ ପୂର୍ବରୁ ଉଚ୍ଚ ରକ୍ତଚାପ କାରଣରୁ ଥିବା ତାଙ୍କ ଘର ସମ୍ମୁଖରେ ପଡ଼ିଯାଇ ଅସୁସ୍ଥ ହୋଇଥିଲେ। ତାଙ୍କ ଚିକିତ୍ସା ପାଇଁ ପୁଅ ଶୁଭପ୍ରକାଶ କିଛିଦିନ ପୂର୍ବରୁ ତାଙ୍କୁ କଟକ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଗୋପବନ୍ଧୁଙ୍କ ମୃତ୍ୟୁ ଘଟିଥିଲା। ମୃତଦେହକୁ ଆମ୍ବୁଲାନ୍ସରେ ଠାକୁରମୁଣ୍ଡା ଆଣୁଥିଲେ। ମଧ୍ୟାହ୍ନରେ ପାଣିକୋଇଲି-ଯାଜପୁର ରୋଡ୍ ମଧ୍ୟଭାଗ ମାଧପୁର ନିକଟରେ ଆମ୍ବୁଲାନ୍ସ ଅଟକାଇ ଶୁଭପ୍ରକାଶ ଦୋକାନରୁ ପାଣି ଆଣିବାକୁ ରାସ୍ତା ଅତିକ୍ରମ କରୁଥିବା ସମୟରେ ଏକ ପିକ୍‌ଅପ୍ ଭ୍ୟାନ୍ ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଯାଜପୁର ରୋଡ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରିଥିଲେ। ଡାକ୍ତରଖାନାରେ ପହଞ୍ଚିବା ପୂର୍ବରୁ ଶୁଭପ୍ରକାଶଙ୍କ ମୃତ୍ୟୁ ହୋଇଥିଲା। ମୃତ ଗୋପବନ୍ଧୁ ଭାଜପା ସାଙ୍ଗଠନିକ ପଶ୍ଚିମ ମୟୂରଭଞ୍ଜ ଜିଲାର ପୂର୍ବତନ ଉପସଭାପତି ଥିଲେ। ତାଙ୍କ ମୃତ୍ୟୁରେ ବ୍ଲକ ଭାଜପା କର୍ମକର୍ତ୍ତା ଶୋକବ୍ୟକ୍ତ କରିଛନ୍ତି।

## ରାଷ୍ଟ୍ରଭାଷା ସାହିତ୍ୟ ସଂସ୍କୃତି ଏକାଡେମୀ ପକ୍ଷରୁ ହିନ୍ଦୀ ଦିବସ


ହିନ୍ଦୀ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**ବଡ଼ସାହି,୧୪।୯(ସସ୍ମିତ କୁମାର ରାଉତ):** ବଡ଼ସାହି ବିବେକାନନ୍ଦ ବିହାରଠାରେ ବାଣୀପୀଠ ଆନୁକୂଲ୍ୟରେ ରାଷ୍ଟ୍ରଭାଷା ସାହିତ୍ୟ ସଂସ୍କୃତି ଏକାଡେମୀ ପକ୍ଷରୁ ରବିବାର ହିନ୍ଦୀ ଦିବସ ପାଳନ କରାଯାଇଛି। ପ୍ରଚାରକ ଡ. କୁମାର ବାବୁଲିଙ୍କ ତତ୍ତ୍ୱାବଧାନରେ ଆଶୁକବି ବାସୁଦେବ ନାପିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭାଷା ଗବେଷକ ଡ. ଜଗତବନ୍ଧୁ ଆଚାର୍ଯ୍ୟ ଯୋଗଦେଇ ରାଷ୍ଟ୍ରଭାଷା ରାଷ୍ଟ୍ରୀୟ ଜନଜୀବନର ପ୍ରାଣର ସ୍ପନ୍ଦନ ବୋଲି ଅଭିହିତ କରିଥିଲେ। ମୁଖ୍ୟବକ୍ତା ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ଡ. ଅସୀମ କୁମାର ଚକ୍ରବର୍ତ୍ତୀ, ଆଦରଣୀୟ ଅତିଥି ଅବସରପ୍ରାପ୍ତ ଜିଲା ଶିକ୍ଷାଧିକାରୀ ହିମାଂଶୁ ଶେଖର ଦାସ, ସମ୍ମାନିତ ଅତିଥି ଭାବେ ଓଷ୍ଟା ଜିଲା ସମ୍ପାଦକ କିଶୋର ଆଚାର୍ଯ୍ୟ, ହିନ୍ଦୀ ସାହିତ୍ୟିକ ଡ. ଶଶୀଧର ବିଶ୍ୱାଳ, ଡ.ବନଲତା ଆଚାର୍ଯ୍ୟ, କବି କାର୍ତ୍ତିକ ସେଠୀ, କବୟିତ୍ରୀ ଜାହ୍ନବୀରାଣୀ ଦଣ୍ଡପାଟ ଓ ସଂଯୁକ୍ତା ଦାସ ଯୋଗଦେଇ ରାଷ୍ଟ୍ରଭାଷା ଆମ ଭାରତୀୟ ସଂସ୍କୃତିର ପରିଚୟ ବୋଲି କହିଥିଲେ। ସଞ୍ଜୀବ ଦଳେଇଙ୍କୁ ଯୁବ ହିନ୍ଦୀ ଶିକ୍ଷକ ସାରସ୍ୱତ ସମ୍ମାନ, ଡ. ଶଶୀଧର ବିଶ୍ୱାଳ ଓ ଡ. ଅସୀମ ଚକ୍ରବର୍ତ୍ତୀଙ୍କୁ ବରିଷ୍ଠ ହିନ୍ଦୀ ଶିକ୍ଷକ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା। ମଞ୍ଚ ସଞ୍ଚାଳନ କରିଥିଲେ କବି ଶଚୀନ୍ଦ୍ର ବିଶ୍ୱାଳ। ସୌମ୍ୟରଞ୍ଜନ ନାୟକ, ମୋନାଲିକା ମାଦୁଳୀ, ସବିତା ମହାନ୍ତି, ବର୍ଷାରାଣୀ ମହାନ୍ତ ଓ ରଣଜିତ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଚାରାରୋପଣ କାର୍ଯ୍ୟକ୍ରମ ହୋଇଥିଲା। ମଧ୍ୟାହ୍ନରେ ଉତ୍କଳରତ୍ନ ସ୍ୱର୍ଗତ ପଣ୍ଡିତ ଲକ୍ଷ୍ମୀଧର ରାଉତ ସ୍ମୃତି ପରିଷଦ ପକ୍ଷରୁ ସ୍ୱର୍ଗତ ରାଉତଙ୍କ ତିରୋଧାନ ଦିବସ ପାଳନ କରାଯାଇଥିଲା। ଶିକ୍ଷୟିତ୍ରୀ ମଳୟମଞ୍ଜରୀ ରଥଙ୍କ ଅଧ୍ୟକ୍ଷତାରେ କବିତା ପତି ଓ ବୀଣାପାଣି ବାରିକଙ୍କ ସଂଯୋଜନାରେ ହିନ୍ଦୀ କବିତା ପାଠୋତ୍ସବ ହୋଇଥିଲା। ପୁହାଣ ସୂର୍ଯ୍ୟକାନ୍ତି ରାଉତ ପ୍ରାରମ୍ଭିକ ସୂଚନା ପ୍ରଦାନ ଓ ଗୁରୁଜୀ ଦୀପକ ଦାସ ଧନ୍ୟବାଦ ଦେଇଥିଲେ।

**OFFICE OF THE TRANSPORT COMMISSIONER-CUM-CHAIRMAN STATE TRANSPORT AUTHORITY, ODISHA, CUTTACK**
**TENDER CALL NOTICE**
Notice No: 13679 Date- 13/09/2025
**No.JJ-50** : Sealed tenders are invited for a Request for Proposal (RFP) For "Selection of Transport Management Company (TMC) For 84th Annual Session of The Indian Road Congress at Bhubaneswar by the office of Transport Commissioner for online submission latest by **04/10/2025, 04:00 PM.**
For details, please visit the websites www.odishatransport.gov.in and www.enivida.odisha.gov.in. The RFP will be available on the websites from 15/09/2025.
By the orders of Transport Commissioner, Odisha
Sd./- Joint Commissioner,
Transport (Tech.) STA, Odisha,
Cuttack
OIPR-38003/11/0090/2526

**GOVERNMENT OF ODISHA** No.O-776
**OFFICE OF THE EXECUTIVE ENGINEER RURAL WORKS ELECTRICAL DIVISION BHUBANESWAR**
E-Mail : eerwel_bbsr@yahoo.co.in
**e-Procurement Notice NO - EERWELBBSR - 14/2025-26**

| | | |
|---|---|---|
| 1 | Name of the work | (i) EI to Provision of New Video Conferencing System & Glow Sign Board at O/o Executive Engineer, RW Division, Puri-**7.14 lakhs** (ii) EI to Provision of New Video Conferencing System, Conventional LA, DG Set & Glow Sign Board at 0/0 Executive Engineer RW Division Nimapara- **20.17 lakhs**, (iii) EI to Provision of New Video Conferencing System, Conventional LA & Glow Sign Board at O/o Executive Engineer, RW Division, Nayagarh-**13.44 lakhs** (iv) SITC of 20KVA DG Set, LA, CCTV Camera & Glow Sign Board to RW Circle office Kendrapara-Jajpur at Chandikhole & RW Division Jajpur-II-**26.89 lakhs** (v) SITC of 20KVA DG Set & Glow Sign Board to RW Division office at Kendrapara-I & RW Division office at Kendrapara-II-**20.30lakhs** |
| 2 | Estimated Cost | From **23.56 lakhs** to **39.27 lakhs** (Excluding GST) |
| 3 | Period of completion | 180 days |
| 4 | Date and time of availability of Bid documents in the portal | From Dt.**18.09.2025** at 12.00 A.M. to Dt.**03.10.2025** up to 5.00 P.M. |
| 5 | Date & Time of opening of tender | Dt.**04.10.2025** at 01:00 P.M. |
| 6 | Procurement officer/Name and address of the officer inviting Bids | Executive Engineer, R.W EL.Divn. BBSR At - 1st floor of Divn. Complex, Rasulgarh Behind Esplanade Mall. Dist. - Khordha, Odisha, Pincode-751010 |

Further details can be seen from the Govt. Website www.tenderorissa.gov.in
Sd./- Executive Engineer,
Rural work Electrical Division,
Bhubaneswar
OIPR-25168/11/0019/2526

**GOVERNMENT OF ODISHA** No.O-744
**OFFICE OF THE EXECUTIVE ENGINEER RURAL WORKS ELECTRICAL DIVISION BHUBANESWAR**
E-Mail : eerwel_bbsr@yahoo.co.in
**e-Procurement Notice NO - EERWELBBSR - 12/2025-26**

| | | |
|---|---|---|
| 1 | Name of the work | (i) Provision of Conventional Lighting Arrestor, DG Set and Glow Sign Board at RW Division Bhadrak-I and Bhadrak-II.-37.56 lakhs (ii) Provision of Conventional Lighting Arrestor, DG Set and Glow Sign Board, AC, Solar Light and Video Conferencing at RW Division Balasore-I and Balasore-II-39.27 lakhs (iii) Provision of Conventional Lighting Arrestor, DG Set and Glow Sign Board, AC, Solar Light and Video Conferencing at RW Circle Balasore-23.56 lakhs (iv) Provision of Conventional Lightning Arrestor, DG Set and Glow Sign Board, AC, Solar Light and Video Conferencing at RW Division Jaleswar - 29.39 lakhs |
| 2 | Estimated Cost | From **23.56 lakhs** to **39.27 lakhs** (Excluding GST) |
| 3 | Period of completion | 180 days |
| 4 | Date and time of availability of Bid documents in the portal | From Dt.**16.09.2025** at 12.00 A.M. to Dt.**24.09.2025** up to 5.00 P.M. |
| 5 | date & Time of opening of tender | Dt.**25.09.2025** at 01:00 P.M. |
| 6 | Procurement officer/Name and address of the officer inviting Bids | Executive Engineer, R.W EL.Divn. BBSR At - 1st floor of Divn. Complex, Rasulgarh Behind Esplanade Mall. Dist. - Khordha, Odisha, Pincode-751010 |

Further details can be seen from the Govt. Website www.tenderorissa.gov.in
Sd./- Executive Engineer,
Rural work Electrical Division,
Bhubaneswar
OIPR-25168/11/0016/2526

**WATCO**
**OFFICE OF THE GENERAL MANAGER, WATCO DIVISION-I, BHUBANESWAR,**
Vanivihar Square, Bhubaneswar-751022, Odisha, India
Telefax : +91-674-2542821 E-mail - gmdivonewatco@gmail.com
No.C-1048
**NATIONAL COMPETITIVE BIDDING THROUGH e-PROCUREMENT**
Invitation For Bids (IFB)
GMWATCO-I/47/ 2025-26 Dt.10.09.2025
01 Name of the work : **04 Nos. (Four nos works)**
02 Estimate cost : Rs.10.00 Lakhs to 24.61 Lakhs
03 Period of completion : 60 days
04 Class of contractor : "B, C & D" Class
05 Date & Time of availability of bid document in the portal : From 11.00 A.M. of Dt.17.09.2025 to 5.00 P.M. of 03.10.2025
06 Last date / time of receipt of bids in the portal : 5.00 P.M. of 03.10.2025
07 Date & Time of opening of bids : AT 12.30 P.M. of 04.10.2025
08 Name and address of the Officer Inviting Bid : General Manager WATCO Division-I, BBSR
Further details can be seen from the e-Procurement portal "https://www.tendersorissa.gov.in"
Sd./- GENERAL MANAGER,
WATCO DIVISION-I, BHUBANESWAR
OIPR-13083/11/0018/2526

**GOVERNMENT OF ODISHA** No.O-757
**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, CUTTACK**
e-mail : serw_ctc@yahoo.com
No. Tender Online RWC-19/2025 **e-Procurement NOTICE** Letter No. 3169 Date : 09.09.2025
1. **Name of the work** : Construction of **Road & Building** works.
2. **Class of contractor**
c) Estimated cost more than Rs.6.00 Crore & upto Rs.50.00 Crore : Special Class (of Odisha PWD) & relevant class of other licensing authorities.
d) Estimated cost more than Rs.1.00 Crore & upto Rs.20.00 Crore : A Class (of Odisha PWD) & relevant class of other licensing authorities.
c) Estimated cost more than Rs.20.00 Lakh & upto Rs.3.00 Crore : B Class (of Odisha PWD) & relevant class of other licensing authorities.
3. **Time for Completion** : As specified in the **Column-7 of the Annexure**.
4. **Detail Projects** : **As per Annexure attached**
5. **Other Details** :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 1 | 2 |
| Chief Construction Engineer, Rural Works Circle, Cuttack | Tender Online RWC-19/25 | 16.09.2025 at 11.30 A.M. | 03.10.2025 up to 05.00 P.M. | 03.10.2025 up to 02.00 P.M. | 04.10.2025 at 11.30 A.M. | Will be intimated later |

Further details can be seen from the website www.tendersodisha.gov.in
Sd./- Chief Construction Engineer
Rural Works Circle, Cuttack
OIPR-25097/11/0032/2526

**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**
(ଗ୍ରାମ୍ୟ/ପୋଷ୍ଟ-ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର-୭୬୦୦୧୧, ଗଞ୍ଜାମ, ଓଡ଼ିଶା)
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**
No.O-714: At/PO-Ambapua, Near Income Tax Office, Berhampur-760011, Ganjam, Odisha)
(E-Mail: serwbpr2004@yahoo.com, Tel. No.-0680-2404287)
**NATIONAL COMPETITIVE BIDDING THROUGH e-Procurement**
**Bid Identification No.Online Tender/25-2025-26/BPR**

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online_Tender/ 25-2025-26/BPR | Bridge work under SETU BANDHANA YOJANA (SBY) & Road Works under MMSY-TRIP | 03 Nos. | From Rs.318.43 Lakhs to Rs.533.44 Lakhs | "A" Class as applicable | Period of Completion as provided as per Col. No.5 of Annexure of NIT |

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Chief Construction Engineer, R.W. Circle, Berhampur | Online Tender/25-2025-26/BPR | 18.09.2025 at 10.00 A.M. | 04.10.2025 upto 5.30 P.M. |

(i) EMD/ Bid Security, Cost of Bid Document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website:- www.tendersodisha.gov.in
OIPR-25071/11/0128/2526 Sd./- Chief Construction Engineer, R.W.Circle, Berhampur

# ରାଜ୍ୟରେ ପ୍ରାଣୀ ସହାୟକ କେନ୍ଦ୍ର ଅଭାବ

- ନାହାନ୍ତି ଆବଶ୍ୟକ ପ୍ରାଣୀ ନିରୀକ୍ଷକ
- ଖାଲି ପଡ଼ିଛି ୧୪୦୨ ପଦବୀ
- ଭଦ୍ରକରେ ୧୧୪ କେନ୍ଦ୍ରକୁ ୬୬ ନିରୀକ୍ଷକ

ଭଦ୍ରକ,୧୪।୯ (ସନାତନ ରାଉତ)

କୃଷି ସମ୍ବଳ ରାଜ୍ୟ ଓଡ଼ିଶାର ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବହୁ ଭୂମିହୀନ ପରିବାର ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ବିଭାଗ ଦ୍ୱାରା ବିଭିନ୍ନ ଯୋଜନାରେ ସ୍ୱାବଲମ୍ବୀ ହୋଇ ପରିବାର ପ୍ରତିପୋଷଣ କରୁଛନ୍ତି। ହେଲେ ପ୍ରାଣୀମାନଙ୍କ ଚିକିତ୍ସା ପାଇଁ ରାଜ୍ୟରେ ପ୍ରାଣୀ ସହାୟକ କେନ୍ଦ୍ର ଅଭାବ ସାଙ୍ଗକୁ ଆବଶ୍ୟକ ପ୍ରାଣୀଧନ ନିରୀକ୍ଷକ ନାହାନ୍ତି। ଫଳରେ ଜଣେ ପ୍ରାଣୀ ନିରୀକ୍ଷକଙ୍କୁ ଏକାଧିକ କେନ୍ଦ୍ରର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।

ରାଜ୍ୟର ୬୭୯୮ ପଞ୍ଚାୟତରେ ୩୨୩୯ ପ୍ରାଣୀ ସହାୟକ କେନ୍ଦ୍ର ରହିଛି। ଏହାବାଦ୍ ବିଭିନ୍ନ ସରକାରୀ ଫାର୍ମ ଓ ଅନ୍ୟାନ୍ୟ ୯୧ଟି କେନ୍ଦ୍ର ରହିଛି। ହେଲେ ମୋଟ ୩୩୩୦ କେନ୍ଦ୍ରରେ ମାତ୍ର ୧୯୨୮ ପ୍ରାଣୀଧନ ନିରୀକ୍ଷକଙ୍କ ଦ୍ୱାରା ଚିକିତ୍ସା ସେବା ଚାଲିଛି। ସରକାରୀ ଫାର୍ମ ଓ ଅନ୍ୟାନ୍ୟ ଜାଗାରେ ୯୧ ପ୍ରାଣୀ ନିରୀକ୍ଷକ କାର୍ଯ୍ୟରତ ଅଛନ୍ତି। ୧୪୦୨ ପଦବୀ ଖାଲିପଡ଼ିଛି। ପ୍ରାୟ ୪୨ ପ୍ରତିଶତ ସହାୟକ କେନ୍ଦ୍ରରେ ପ୍ରାଣୀଧନ ନିରୀକ୍ଷକ ନାହାନ୍ତି ବୋଲି ଅଖିଳ ଭାରତୀୟ ପ୍ରାଣୀଧନ ନିରୀକ୍ଷକ ବୈଷୟିକ କର୍ମଚାରୀ ସଂଘର ରାଜ୍ୟ ସମ୍ପାଦକ ଲଳିତେନ୍ଦୁ ଦଲେଇ ସୂଚନା ଦେଇଛନ୍ତି।

ଏହି କ୍ରମରେ ଭଦ୍ରକ ଜିଲାରେ ୧୧୪ଟି କେନ୍ଦ୍ରରେ ମାତ୍ର ୬୬ଜଣ ପ୍ରାଣୀ ନିରୀକ୍ଷକ ନିୟୋଜିତ ଅଛନ୍ତି। ଏହାବ୍ୟତୀତ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ଜାତୀୟ ଜୀବନ ଜୀବିକା ଯୋଜନା, ପ୍ରାଣୀ ଗଣନା, ଘାସ ଚାଷ, ଛେଳି ପାଳନ, ଟିକାକରଣ, କୃତ୍ରିମ ପ୍ରଜନନ, ବୀମାକରଣ ଆଦି କାର୍ଯ୍ୟ ଓ ଯୋଜନା ଚାଷୀଙ୍କ ନିକଟରେ ପହଞ୍ଚାଇବା ପାଇଁ ପ୍ରାଣୀ ନିରୀକ୍ଷକଙ୍କୁ ନିୟୋଜିତ କରାଯାଉଛି। କ୍ଷେତ୍ର କର୍ମଚାରୀ ଭାବେ ପ୍ରାଣୀ ନିରୀକ୍ଷକମାନେ ଚିକିତ୍ସା ସେବା ଚାଷୀଙ୍କ ଘର ପାଖରେ ଅବିଳମ୍ବେ ଯୋଗାଇଥାନ୍ତି। ୨୦୦୬ରେ ପ୍ରତି ପଞ୍ଚାୟତରେ ଗୋଟିଏ ପ୍ରାଣୀ ସହାୟକ କେନ୍ଦ୍ର ଖୋଲିବାକୁ ସରକାରଙ୍କ ପ୍ରାଣୀ ପାଳନ ଓ ଚିକିତ୍ସା ବିଭାଗ ନିର୍ଦ୍ଦେଶାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ହେଲେ ଏହା ଏପର୍ଯ୍ୟନ୍ତ ସରକାରଙ୍କ ନାଳିଫିତା ତଳେ ସୀମିତ ରହିଛି। ସରକାର ପରିବର୍ତ୍ତନ ପରେ ଏହି ବିଜ୍ଞପ୍ତି କାର୍ଯ୍ୟକାରୀ ହେବ ବୋଲି ଆଶା ଉଜ୍ଜ୍ୱଳ ହୋଇଛି। ଅପରପକ୍ଷେ ରାଜ୍ୟରେ ୬୬୭ଟି ଭେଟେନାରି ଟେକ୍ନିସିଆନ (ଭିଟି) କ୍ୟାଡରରୁ ୧୩୫ ପଦବୀ ଖାଲିପଡ଼ିଛି। ଫଳରେ ନିରୀକ୍ଷକମାନଙ୍କ ଉପରେ ଏହି ଅତିରିକ୍ତ କାର୍ଯ୍ୟଭାର ବଢ଼ିଯାଇଛି। ଚାପଗ୍ରସ୍ତ ହୋଇ ସେମାନେ କାର୍ଯ୍ୟଭାର ତୁଲାଉଛନ୍ତି। ପ୍ରାଣୀ ନିରୀକ୍ଷକମାନଙ୍କର ବିଭିନ୍ନ ଦାବି ଥିଲେ ମଧ୍ୟ ତଳସ୍ତରର କର୍ମଚାରୀ ହୋଇଥିବାରୁ ସେମାନଙ୍କ ଦାବିକୁ ଅଣଦେଖା କରାଯାଉଥିବା କେତେଜଣ ପ୍ରାଣୀ ନିରୀକ୍ଷକ କହିଛନ୍ତି। ରାଜ୍ୟ ଅଣ ଗେଜେଟେଡ୍ ପ୍ରାଣୀ ଚିକିତ୍ସା ବୈଷୟିକ କର୍ମଚାରୀ ସଂଘ ସମସ୍ୟା ଓ ଦାବି ବିଷୟରେ ବାରମ୍ବାର ଚିଠି ଲେଖୁଥିଲେ ମଧ୍ୟ ବିଭାଗର ନିର୍ଦ୍ଦେଶକଙ୍କ ସହ ସେମାନଙ୍କ ସମସ୍ୟା ବାବଦରେ ଆଲୋଚନା ପାଇଁ ସୁଯୋଗ ମିଳୁନାହିଁ।

**ସେମାନେ ଯାହା କୁହନ୍ତି...**

“ତଳସ୍ତରରେ ପ୍ରାଣୀ ନିରୀକ୍ଷକମାନେ ଚିକିତ୍ସା ସେବା ସହ ବିଭିନ୍ନ ସରକାରୀ ଯୋଜନା ରୂପାୟନ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି। ବିଭାଗ ପକ୍ଷରୁ ଦିଆଯାଉଥିବା ଟାର୍ଗେଟ ପୂରଣ ପାଇଁ କାର୍ଯ୍ୟ କରିବାକୁ ପଡୁଛି। ଚିକିତ୍ସା ସେବା ସହ ଅନ୍‌ଲାଇନ କାମ କରିବାକୁ ପଡୁଛି। କିନ୍ତୁ ପରିତାପର ବିଷୟ ଚାକିରି କ୍ଷେତ୍ରରେ ପ୍ରଥମ ୬ ବର୍ଷକୁ ଗଣନା କରାଯାଉ ନାହିଁ। ଦୀର୍ଘବର୍ଷ ହେଲା କିଛି ନିର୍ଦ୍ଦିଷ୍ଟ ଦାବି କରିଆସୁଥିଲେ ମଧ୍ୟ ତାହା ପୂରଣ ହେଉନାହିଁ। ଏବେ ନୂଆ ସରକାର ଏହି ଦାବି ପୂରଣ କ୍ଷେତ୍ରରେ ପଦକ୍ଷେପ ନେବେ ବୋଲି ଆଶା ଓ ବିଶ୍ୱାସ ରହିଛି।

**–ଲଳିତେନ୍ଦୁ ଦଲେଇ, ରାଜ୍ୟ ସମ୍ପାଦକ, ଅଖିଳ ଭାରତୀୟ ପ୍ରାଣୀଧନ ନିରୀକ୍ଷକ ବୈଷୟିକ କର୍ମଚାରୀ ସଂଘ**

“ପ୍ରାଣୀ ନିରୀକ୍ଷକ ପଦବୀ ପାଇଁ ଇଣ୍ଟରଭ୍ୟୁ ସରିବା ପରେ କିଛି ପିଲା ଏବେ ଟ୍ରେନିଂରେ ଅଛନ୍ତି। ଟ୍ରେନିଂ ସରିବା ପରେ ସେମାନଙ୍କୁ ନିଯୁକ୍ତି ଦିଆଗଲେ କିଛି ପଦବୀ ପୂରଣ ହେବ।

**–ଡା. ହୃଷୀକେଶ ବେହେରା, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ, ଭଦ୍ରକ**

## ଦେଶୀମଦ ଭାଟିରେ ଚଢ଼ାଉ, ଜଣେ ଗିରଫ

ତିହିଡ଼ି,୧୪।୯(ସଞ୍ଜିତ ବଳ)

ତିହିଡ଼ି ଥାନା ଅଧୀନ ତାଳପଦା ପଞ୍ଚାୟତର ଗୋପ ଗ୍ରାମରେ ଥିବା ଶନିବାର ଏକ ଦେଶୀମଦ ଭାଟି ଉପରେ ପୋଲିସ ଚଢ଼ାଉ କରିଛି। ଦେଶୀମଦ ପ୍ରସ୍ତୁତ ପାଇଁ ଥିବା ବିପୁଳ ସରଞ୍ଜାମକୁ ପୋଲିସ ନଷ୍ଟ କରିଥିବା ବେଳେ ୩୦ ଲିଟର ଦେଶୀମଦ ଜବତ କରିଛି। ଏହି ଘଟଣାରେ ପୋଲିସ ଏକ ମାମଲା(ନଂ.୩୨୪/୨୫) ରୁଜୁ କରି ଦେଶୀମଦ ପ୍ରସ୍ତୁତକାରୀ ଗୋପ ଗ୍ରାମର ଚନ୍ଦା ମାଝୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା।

## ଜଳିଗଲା ଦୋକାନ

ବାସୁଦେବପୁର,୧୪।୯(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକ ସୁଦର୍ଶନପୁର ପଞ୍ଚାୟତର ୫ ନଂ. ୱାର୍ଡରେ ମହାଦେବ ମନ୍ଦିର ସାମ୍ନାରେ ଥିବା ଦିବାକର ନାୟକଙ୍କ ଦୋକାନ ଶନିବାର ବିଳମ୍ବିତ ରାତିରେ ନିଆଁ ଲାଗି ଜଳିଯାଇଛି। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନ ଥିବାବେଳେ ଦୋକାନରେ ଥିବା ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ିଯାଇଛି। ଦୋକାନ ପୋଡ଼ି ଘଟଣାରେ ଦିବାକର ସନ୍ଦେହ ପ୍ରକାଶ କରି ତଦନ୍ତ ଦାବି କରିଛନ୍ତି।

## ଧାମନଗର କଲେଜରେ ପାଠଚକ୍ର



ପାଠଚକ୍ରରେ ଉପସ୍ଥିତ ଅତିଥି।

ଧାମନଗର, ୧୪।୯ (ଦେବେନ୍ଦ୍ର ଆଦ୍ଧିଆ)

ଧାମନଗର କଲେଜ ପରିସରରେ ଶନିବାର ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ଆନୁକୂଲ୍ୟରେ ‘ନିୟମଠାରୁ ସାଧନା: ନୂତନ ଶିକ୍ଷାନୀତି–୨୦୨୦’ ଶୀର୍ଷକ ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଅଜୟ କୁମାର ବେଜଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ପାଠଚକ୍ରରେ ମୁଖ୍ୟଅତିଥି ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟ କଲେଜ ବିକାଶ ପରିଷଦ ନିର୍ଦ୍ଦେଶକ ଡ. ସନ୍ତୋଷ କୁମାର ଅଗ୍ରୱାଲା, ମୁଖ୍ୟବକ୍ତା ଏକାଡେମିକ କନ୍‌ସଲଟାଣ୍ଟ ପ୍ର. ତୁଷାରକାନ୍ତି ତ୍ରିପାଠୀ ଯୋଗଦେଇ କେନ୍ଦ୍ର ସରକାର ପ୍ରଣୟନ କରିଥିବା ‘ଜାତୀୟ ଶିକ୍ଷାନୀତି–୨୦୨୦’ରେ ନୂଆ ନୀତିରେ ଶିକ୍ଷା ଓ ଉଚ୍ଚଶିକ୍ଷାର ପାଠ୍ୟକ୍ରମ, ପରୀକ୍ଷା ପ୍ରଣାଳୀରେ ହୋଇଥିବା ନୂତନ ବ୍ୟାପକ ପରିବର୍ତ୍ତନ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ମହାବିଦ୍ୟାଳୟର ପ୍ରାଣ ପ୍ରତିଷ୍ଠାତା ହୃଦାନନ୍ଦ ମଲ୍ଲିକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଅତିଥିମାନେ ମହାବିଦ୍ୟାଳୟର ପାଠାଗାର, ବିଜ୍ଞାନାଗାର ଏବଂ ଅନ୍ୟାନ୍ୟ ଶ୍ରେଣୀ ପ୍ରକୋଷ୍ଠ ପରିଦର୍ଶନ କରିବା ପରେ ସମସ୍ତ ଅଧ୍ୟାପିକା ଅଧ୍ୟାପକଙ୍କୁ ନେଇ କଲେଜର ଉନ୍ନତି ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାଧ୍ୟାପକ ପ୍ରଦୀପ କୁମାର ରାୟ କାର୍ଯ୍ୟକ୍ରମର ଆଭିମୁଖ୍ୟ କହିଥିବା ବେଳେ ଅଧ୍ୟକ୍ଷ ବେଜ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପିକା ସ୍ୱାଗତିକା ରାୟ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ, ଡ. ସାଜିଆ ତମକୀନ ଅତିଥି ପରିଚୟ ପ୍ରଦାନ ଓ ଅଧ୍ୟାପିକା ବାସ୍ତବିକା ଦାସ ମଞ୍ଚ ସଞ୍ଚାଳନ କରିଥିଲେ। ଅଧ୍ୟାପକ ଆଶୀର୍ବାଦ ମହାନ୍ତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥିଲେ। ଅଧ୍ୟାପକ ସତ୍ୟନ କୁମାର ଜେନା ଧନ୍ୟବାଦ ଦେଇଥିଲେ। ଧାମନଗର ମହାବିଦ୍ୟାଳୟ ସମେତ ୮ କଲେଜର ଅଧ୍ୟକ୍ଷ ଓ ଆଧ୍ୟାପିକା ଅଧ୍ୟାପକ ଉପସ୍ଥିତ ଥିଲେ।

## ପଶ୍ଚିମବଙ୍ଗ ବିଧାୟକଙ୍କ ଧାମରା ପରିଦର୍ଶନ

ଘଣ୍ଟେଶର,୧୪।୯(ବିପିନ ଦାଶ)

କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶରେ ପଶ୍ଚିମବଙ୍ଗର କଲ୍ୟାଣୀ ବିଧାୟକ ଅମ୍ବିକା ରଏ ରବିବାର ଅପରାହ୍ନ ୪ଟାରେ ଭଦ୍ରକ ଜିଲାର ଧାମରା ପରିଦର୍ଶନ କରିଛନ୍ତି। ଏଠାରେ ରହୁଥିବା ବଙ୍ଗୀୟ ଭାଷାଭାଷୀ ଲୋକଙ୍କ ସହ ସେ ଭାବ ଆଦାନ ପ୍ରଦାନ କରିଛନ୍ତି। ମା’ ଧାମରାଇଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ସେ ଧାମରା ବନ୍ଦର ସଂଲଗ୍ନ ଦୋସିଙ୍ଗା ପଞ୍ଚାୟତରେ ରହୁଥିବା ବଙ୍ଗୀୟ ଭାଷାଭାଷୀ ଲୋକଙ୍କ ସହ ମିଶିଥିଲେ। ଦୀର୍ଘବର୍ଷ ଧରି ଏଠାରେ ରହିଆସୁଥିବା ବେଳେ ଓଡ଼ିଆ ଲୋକଙ୍କ ସହ ମିଳିମିଶି ଚଳୁଥିବା ନେଇ ସେମାନେ ବିଧାୟକଙ୍କ ସହ ଆଲୋଚନା କରିଥିଲେ। ପଶ୍ଚିମବଙ୍ଗ ଏବଂ ଓଡ଼ିଶା ଲୋକଙ୍କ ମଧ୍ୟରେ ଭାଷାର କେବଳ ପରିବର୍ତ୍ତନ ଥିବାବେଳେ ସେମାନେ ଆଜି ପର୍ଯ୍ୟନ୍ତ ଗୋଟିଏ ମୁଦ୍ରାର ଦୁଇପାର୍ଶ୍ୱ ସଦୃଶ ହୋଇ ଚଳି ଆସୁଛନ୍ତି ବୋଲି ବିଧାୟକ ରାୟ କହିଥିଲେ। ସେ କେନ୍ଦ୍ର ସରକାରଙ୍କ ଗୃହ ବିଭାଗ ନିର୍ଦ୍ଦେଶରେ ଅନୁଧ୍ୟାନ କରିବାକୁ ଆସିଥିଲେ। ତେବେ କୌଣସିଠାରେ କିଛି ଅଭିଯୋଗ ତାଙ୍କର ହସ୍ତଗତ ହୋଇ ନ ଥିବା ଜଣାଯାଇଛି। ଏହି ପରିଦର୍ଶନ ସମୟରେ ଧାମରାଇ ମଣ୍ଡଳର ପୂର୍ବତନ ଭାଜପା ସଭାପତି ଦେବେନ୍ଦ୍ର ନାୟକ, ଯୁବନେତା ଅତୁଲ ଜାନା, ପୂର୍ଣ୍ଣେନ୍ଦୁ ପଣ୍ଡା, ମାନସ ଜେନା ପ୍ରମୁଖ ଉପସ୍ଥିତ ଥିଲେ।


ପଶ୍ଚିମବଙ୍ଗର କଲ୍ୟାଣୀ ବିଧାୟକ ଅମ୍ବିକା ରଏ ଧାମରାଠାରେ ରହୁଥିବା ବଙ୍ଗୀୟ ଭାଷାଭାଷୀ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

## ‘ଭାଇଚାରାର ସହର ଭଦ୍ରକ’


ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଜଣେ ନୃତ୍ୟଶିଳ୍ପୀଙ୍କୁ ପୁରସ୍କୃତ କରୁଛନ୍ତି।

**ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପିତ**

ଭଦ୍ରକ, ୧୪।୯(ରବିନାରାୟଣ ଖିଲାର)

ଭଦ୍ରକ ହେଉଛି ଭାଇଚାରାର ସହର। ଏଠାରେ ଉଭୟ ସମ୍ପ୍ରଦାୟର ମିଳିତ ସହଯୋଗରେ ଗଣେଶ ପୂଜା ପାଳନ କରାଯାଏ। ଏପରିକି ରକ୍ତଦାନ ଶିବିରରେ ମଧ୍ୟ ଉଭୟ ସମ୍ପ୍ରଦାୟର ବ୍ୟକ୍ତି ରକ୍ତଦାନ କରିବା ସହ ଚାରାରୋପଣ ଭଳି ସାମାଜିକ କାର୍ଯ୍ୟ କରିଥାନ୍ତି। କଦମବେଢ଼ାସ୍ଥିତ ନାୟକ କଲୋନୀର ବାବା ଗଜାନନ ପୂଜା କମିଟି ପକ୍ଷରୁ ଆୟୋଜିତ ସାଂସ୍କୃତିକ ମହୋତ୍ସବର ଶନିବାର ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥିମାନେ ଏହି ମତବ୍ୟକ୍ତ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା କଂଗ୍ରେସ ସଂଯୋଜକ ଅସିତ ପଟ୍ଟନାୟକ ଏବଂ ବିଶିଷ୍ଟ ଅତିଥି ଭାବେ କାଉନସିଲର ଫରିଆଦ ଖାଁ, ଯୁବନେତା ସନିଆ ନନ୍ଦ, ଆଶିଷ ଅମିତାଭ ମହାପାତ୍ର, ପ୍ରାକ୍ତନ କାଉନସିଲର ଘାଉଲି ଜେନା, ଯୁବନେତା ସଞ୍ଜୀବ ଦାସ, କଣ୍ଠଶିଳ୍ପୀ ଶଶିକଳା ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। କମିଟିର ସଭାପତି ସନିଆ ନାୟକ ଅତିଥି ପରିଚୟ ପ୍ରଦାନ ଓ ସମ୍ପାଦକ ଶିବା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟଅତିଥିଙ୍କ ଦ୍ୱାରା ନୃତ୍ୟଶିଳ୍ପୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ଯୁବ ସାମାଜିକ କର୍ମୀଙ୍କୁ ଶ୍ରଦ୍ଧାଞ୍ଜଳି

ଧାମନଗର,୧୪।୯(ସନ୍ତୋଷ କୁମାର ମହାପାତ୍ର)

ଧାମନଗର ବ୍ଲକ ଭଗବାନପୁର ପଞ୍ଚାୟତର ଯୁବ ସାମାଜିକ କର୍ମୀ, ପୂର୍ବତନ ସମିତିସଭ୍ୟାଙ୍କ ସ୍ୱାମୀ ସ୍ୱର୍ଗତ ଶଶିକାନ୍ତ ଶଙ୍ଖୁଆ( ୪୮)ଙ୍କ ଏକାଦଶାହ ଅବସରରେ ଶନିବାର ସନ୍ଧ୍ୟାରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସ୍ୱର୍ଗତ ତାଙ୍କ ବାସଭବନରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ବିଜେଡି ନେତା ଡା. ସଞ୍ଜୟ ଦାସ, ଜିଲା ପରିଷଦ ଉପାଧ୍ୟକ୍ଷା ଚୁନିବାଳା ବିଶ୍ୱାଳ, ସରପଞ୍ଚଙ୍କ ପ୍ରତିନିଧି କପିଳେନ୍ଦ୍ର ବଳ, ପୂର୍ବତନ ସରପଞ୍ଚ ରମଣୀ ରଞ୍ଜନ ଦାଶ, ରାଜକିଶୋର ଖଟୁଆ, ପୂର୍ବତନ ସରପଞ୍ଚଙ୍କ ପ୍ରତିନିଧି ସୁଦର୍ଶନ ମାଝୀ, ସମିତିସଭ୍ୟ ସୁଦୀପ୍ତ ଖଟୁଆ, ସମିତି ସମ୍ପାଦକ ପ୍ରକାଶ ଚନ୍ଦ୍ର ରାଉତ, ସମବାୟ ସଭାପତି ଅଭିମନ୍ୟୁ ସ୍ୱାଇଁ, ବରିଷ୍ଠ ଭାଜପା ନେତା ତ୍ରିଲୋଚନ ନାୟକ, ଶିକ୍ଷକ ନେତା ପର୍ଶୁରାମ ପାତ୍ର, ପଞ୍ଚାୟତ ବିଜେଡି ସଭାପତି ଗୌରାଙ୍ଗ ଦାଶ, ପଞ୍ଚାୟତ ଭାଜପା ସଭାପତି ରାଜକିଶୋର ଦାଶ, ଶମ୍ଭୁନାଥ ସାହୁ, ଦାଶରଥି ବେହେରା, ସୁରେନ୍ଦ୍ର ନନ୍ଦୀ ପ୍ରମୁଖ ସଭାରେ ଉପସ୍ଥିତ ଥିଲେ। ସାନଭାଇ ସୋମନାଥ ଶଙ୍ଖୁଆ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ।

## ହାଇୱାରୁ ବ୍ୟାଟେରି ଚୋରି ସନ୍ଦେହ, ୩ ଅଟକ

ଭଣ୍ଡାରିପୋଖରୀ,୧୪।୯ (ରାଜେନ୍ଦ୍ର ଶତପଥୀ)

୧୬ନଂ. ଜାତୀୟ ରାଜପଥର ଭଣ୍ଡାରିପୋଖରୀ ବଜାର ହନୁମାନ ଛକ ନିକଟରେ ଶନିବାର ରାତିରେ ଏକ ହାଇୱାରୁ ବ୍ୟାଟେରି ଚୋରି ସନ୍ଦେହରେ ୩ଜଣଙ୍କୁ ପୋଲିସ ଅଟକ ରଖିଛି। ଛିଡ଼ା ହୋଇଥିବା ହାଇୱା (ଓଡି ୨୨ ଏକ୍ସ ୭୭୮୦)ରୁ ୨ଟି ବ୍ୟାଟେରି ଚୋରି ହୋଇଥିଲା। ହାଇୱା ଚାଳକ ଓ ସ୍ଥାନୀୟ ଲୋକେ ୩ ସନ୍ଦିଗ୍ଧଙ୍କୁ ଅଟକ ରଖି ଥାନାକୁ ସୂଚନା ଦେଇଥିଲେ। ପୋଲିସ ୩ଜଣଙ୍କୁ ଥାନାକୁ ନେଇ ପଚରାଉଚରା କରୁଛି।

## ରାଜ୍ୟ ସଭାପତିଙ୍କ ଗସ୍ତ ନେଇ ଭାଜପାର ପ୍ରସ୍ତୁତି


ପ୍ରସ୍ତୁତି ବୈଠକରେ ଭାଜପା କର୍ମକର୍ତ୍ତା।

ଚାନ୍ଦବାଲି,୧୪।୯(କିଷାନ ପାତ୍ର)

ଦ୍ୱିତୀୟ ଥର ପାଇଁ ଭାଜପା ରାଜ୍ୟ ସଭାପତି ପଦ ଅଳଙ୍କୃତ କରିବା ପରେ ମନମୋହନ ସାମଲ ଆସନ୍ତା ୧୬ ତାରିଖରେ ପ୍ରଥମ ଥର ନିଜ ବିଧାନସଭା କ୍ଷେତ୍ର ଚାନ୍ଦବାଲି ଗସ୍ତରେ ଆସୁଛନ୍ତି। ଚାନ୍ଦବାଲି ନିର୍ବାଚନୀମଣ୍ଡଳୀ ଭାଜପା ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପାଇଁ ଶନିବାର ନିର୍ବାଚନୀମଣ୍ଡଳୀ ସଂଯୋଜକ କିଶୋର କୁମାର ନାୟକଙ୍କ ଅଧ୍ୟକ୍ଷତାରେ ହୋଟେଲ କୈରଭଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତିଙ୍କ ସହ ଏମ୍‌ପି ଅଭିମନ୍ୟୁ ସେଠୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆସିବାର କାର୍ଯ୍ୟକ୍ରମ ରହିଛି। ଚାନ୍ଦବାଲି ବିନ୍ଧା ଛକଠାରେ ପୂର୍ବାହ୍ନ ୧୦ଟାରେ ରାଜ୍ୟ ସଭାପତି ପହଞ୍ଚିବା ପରେ କର୍ମୀମାନେ ବାଇକ୍ ଶୋଭାଯାତ୍ରାରେ ବୈଠକସ୍ଥଳ କାଳୀମନ୍ଦିର ପଡ଼ିଆ ପର୍ଯ୍ୟନ୍ତ ପାଛୋଟି ନେବେ। ରାଜ୍ୟ କୃଷକ ମୋର୍ଚ୍ଚା ସଂଯୋଜକ ଉପେନ୍ଦ୍ର କୁମାର ରାଉଳ, ରାଷ୍ଟ୍ରୀୟ ପରିଷଦ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ପାଣି, ଜିଲା ସାଧାରଣ ସମ୍ପାଦକ କମଳାକାନ୍ତ ସୂତାର, ଆରଡ଼ି ଜୋନ୍ ସଭାପତି ସନ୍ଦୀପ କୁମାର ନାୟକ, ଗଜଲକ୍ଷ୍ମୀ ମଣ୍ଡଳ ସଭାପତି ଚନ୍ଦନ କୁମାର ବଳ, ସନାତନ ସାହୁ, ଯୁବନେତା ସୁଶାନ୍ତ ପୁହାଣ, ସମିତିସଭ୍ୟ ଅଭୟ ବଳ, ପାରିଷଦ ଚନ୍ଦନ ରାଉତ, ଶୀତ ମହାଳିକ, ଜଗନ୍ନାଥ ରାଉତ, ବିଜୟ କୁମାର ବେହେରା, କାହ୍ନୁଚରଣ ବେହେରା, ପ୍ରତାପ ରାୟ, ରବୀନ୍ଦ୍ର ଦାସ, ଅର୍ଜିତ ପଣ୍ଡା, ନୀଳମଣି ପଣ୍ଡା, ସନ୍ତୋଷ ବାରିକ, ଦେବାଶିଷ ନାୟକ, ମନୋରଞ୍ଜନ ଖୁଣ୍ଟିଆ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ।


**OFFICE OF THE TRANSPORT COMMISSIONER-CUM-CHAIRMAN**
**STATE TRANSPORT AUTHORITY, ODISHA, CUTTACK**
**TENDER CALL NOTICE**

Notice No: 13679 Date- 13/09/2025

**No.JJ-50** : Sealed tenders are invited for a Request for Proposal (RFP) For “Selection of Transport Management Company (TMC) For 84th Annual Session of The Indian Road Congress at Bhubaneswar by the office of Transport Commissioner for online submission latest by **04/10/2025, 04:00 PM.**

For details, please visit the websites www.odishatransport.gov.in and www.enivida.odisha.gov.in. The RFP will be available on the websites from 15/09/2025.

By the orders of Transport Commissioner, Odisha
Sd./- Joint Commissioner,
Transport (Tech.) STA, Odisha,
Cuttack

OIPR-38003/11/0090/2526

**GOVERNMENT OF ODISHA** No.O-776
**OFFICE OF THE EXECUTIVE ENGINEER**
**RURAL WORKS ELECTRICAL DIVISION**
**BHUBANESWAR**
E-Mail : eerwel_bbsr@yahoo.co.in
**e-Procurement Notice NO - EERWELBBSR - 14/2025-26**

| | | |
|---|---|---|
| 1 | Name of the work | (i) EI to Provision of New Video Conferencing System & Glow Sign Board at O/o Executive Engineer, RW Division, Puri-**7.14 lakhs** (ii) EI to Provision of New Video Conferencing System, Conventional LA, DG Set & Glow Sign Board at 0/0 Executive Engineer RW Division Nimapara- **20.17 lakhs**, (iii) EI to Provision of New Video Conferencing System, Conventional LA & Glow Sign Board at Olo Executive Engineer, RW Division, Nayagarh-**13.44 lakhs** (iv) SITC of 20KVA DG Set, LA, CCTV Camera & Glow Sign Board to RW Circle office Kendrapara-Jajpur at Chandikhole & RW Division Jajpur-II-**26.89 lakhs** (v) SITC of 20KVA DG Set & Glow Sign Board to RW Division office at Kendrapara-I & RW Division office at Kendrapara-II-**20.30lakhs** |
| 2 | Estimated Cost | From **23.56 lakhs** to **39.27 lakhs** (Excluding GST) |
| 3 | Period of completion | **180** days |
| 4 | Date and time of availability of Bid documents in the portal | From Dt.**18.09.2025** at 12.00 A.M. to Dt.**03.10.2025** up to 5.00 P.M. |
| 5 | Date & Time of opening of tender | Dt.**04.10.2025** at 01:00 P.M. |
| 6 | Procurement officer/Name and address of the officer inviting Bids | Executive Engineer, R.W EL.Divn. BBSR At - 1st floor of Divn. Complex, Rasulgarh Behind Esplanade Mall. Dist. - Khordha, Odisha, Pincode-751010 |

Further details can be seen from the Govt. Website www.tenderorissa.gov.in

Sd./- Executive Engineer,
Rural work Electrical Division,
Bhubaneswar

OIPR-25168/11/0019/2526

**GOVERNMENT OF ODISHA** No.O-744
**OFFICE OF THE EXECUTIVE ENGINEER**
**RURAL WORKS ELECTRICAL DIVISION**
**BHUBANESWAR**
E-Mail : eerwel_bbsr@yahoo.co.in
**e-Procurement Notice NO - EERWELBBSR - 12/2025-26**

| | | |
|---|---|---|
| 1 | Name of the work | (i) Provision of Conventional Lighting Arrestor, DG Set and Glow Sign Board at RW Division Bhadrak-I and Bhadrak-II.-37.56 lakhs (ii) Provision of Conventional Lighting Arrestor, DG Set and Glow Sign Board, AC, Solar Light and Video Conferencing at RW Division Balasore-I and Balasore-II-39.27 lakhs (iii) Provision of Conventional Lighting Arrestor, DG Set and Glow Sign Board, AC, Solar Light and Video Conferencing at RW Circle Balasore-23.56 lakhs (iv) Provision of Conventional Lightning Arrestor, DG Set and Glow Sign Board, AC, Solar Light and Video Conferencing at RW Division Jaleswar - 29.39 lakhs |
| 2 | Estimated Cost | From **23.56 lakhs** to **39.27 lakhs** (Excluding GST) |
| 3 | Period of completion | **180** days |
| 4 | Date and time of availability of Bid documents in the portal | From Dt.**16.09.2025** at 12.00 A.M. to Dt.**24.09.2025** up to 5.00 P.M. |
| 5 | date & Time of opening of tender | Dt.**25.09.2025** at 01:00 P.M. |
| 6 | Procurement officer/Name and address of the officer inviting Bids | Executive Engineer, R.W EL.Divn. BBSR At - 1st floor of Divn. Complex, Rasulgarh Behind Esplanade Mall. Dist. - Khordha, Odisha, Pincode-751010 |

Further details can be seen from the Govt. Website www.tenderorissa.gov.in

Sd./- Executive Engineer,
Rural work Electrical Division,
Bhubaneswar

OIPR-25168/11/0016/2526

**WATCO**
**OFFICE OF THE GENERAL MANAGER,**
**WATCO DIVISION-I, BHUBANESWAR,**
Vanivihar Square, Bhubaneswar-751022, Odisha, India
Telefax : +91-674-2542821 E-mail - gmdivonewatco@gmail.com
No.C-1048
**NATIONAL COMPETITIVE BIDDING THROUGH e-PROCUREMENT**
**Invitation For Bids (IFB)**
**GMWATCO-I/47/ 2025-26 Dt.10.09.2025**

| | | |
|---|---|---|
| 01 | Name of the work | **04 Nos. (Four nos works)** |
| 02 | Estimate cost | Rs.10.00 Lakhs to 24.61 Lakhs |
| 03 | Period of completion | 60 days |
| 04 | Class of contractor | “B, C & D” Class |
| 05 | Date & Time of availability of bid document in the portal | From 11.00 A.M. of Dt.17.09.2025 to 5.00 P.M. of 03.10.2025 |
| 06 | Last date / time of receipt of bids in the portal | 5.00 P.M. of 03.10.2025 |
| 07 | Date & Time of opening of bids | AT 12.30 P.M. of 04.10.2025 |
| 08 | Name and address of the Officer Inviting Bid | General Manager WATCO Division-I, BBSR |

Further details can be seen from the e-Procurement portal “https://www.tendersorissa.gov.in”

Sd./- GENERAL MANAGER,
WATCO DIVISION-I, BHUBANESWAR

OIPR-13083/11/0018/2526

**GOVERNMENT OF ODISHA** No.O-757
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, CUTTACK**
e-mail : serw_ctc@yahoo.com

No. Tender Online RWC-19/2025 **e-Procurement NOTICE** Letter No. 3169 Date : 09.09.2025

1. **Name of the work** : Construction of **Road & Building** works.
2. **Class of contractor**
   c) Estimated cost more than Rs.6.00 Crore & upto Rs.50.00 Crore : Special Class (of Odisha PWD) & relevant class of other licensing authorities.
   d) Estimated cost more than Rs.1.00 Crore & upto Rs.20.00 Crore : A Class (of Odisha PWD) & relevant class of other licensing authorities.
   c) Estimated cost more than Rs.20.00 Lakh & upto Rs.3.00 Crore : B Class (of Odisha PWD) & relevant class of other licensing authorities.
3. **Time for Completion** : As specified in the **Column-7 of the Annexure**.
4. **Detail Projects** : **As per Annexure attached**
5. **Other Details** :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 1 | 2 |
| Chief Construction Engineer, Rural Works Circle, Cuttack | Tender Online RWC-19/25 | 16.09.2025 at 11.30 A.M. | 03.10.2025 up to 05.00 P.M. | 03.10.2025 up to 02.00 P.M. | 04.10.2025 at 11.30 A.M. | Will be intimated later |

Further details can be seen from the website www.tendersodisha.gov.in

Sd./- Chief Construction Engineer
Rural Works Circle, Cuttack

OIPR-25097/11/0032/2526

**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**
(ଗ୍ରାମ୍ୟ/ପୋଷ୍ଟ–ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର–୭୬୦୦୧୧, ଗଞ୍ଜାମ, ଓଡ଼ିଶା)
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**
No.O-714: At/PO-Ambapua, Near Income Tax Office, Berhampur-760011, Ganjam, Odisha)
(E-Mail: serwbpr2004@yahoo.com, Tel. No.-0680-2404287)
**NATIONAL COMPETITIVE BIDDING THROUGH e-Procurement**
**Bid Identification No.Online Tender/25-2025-26/BPR**

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online_Tender/ 25-2025-26/BPR | Bridge work under SETU BANDHANA YOJANA (SBY) & Road Works under MMSY-TRIP | 03 Nos. | From Rs.318.43 Lakhs to Rs.533.44 Lakhs | “A” Class as applicable | Period of Completion as provided as per Col. No.5 of Annexure of NIT |

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Chief Construction Engineer, R.W. Circle, Berhampur | Online Tender/25-2025-26/BPR | 18.09.2025 at 10.00 A.M. | 04.10.2025 upto 5.30 P.M. |

(i) EMD/ Bid Security, Cost of Bid Document is to be transferred through Online as per the procedure mentioned in the DTCN.
(ii) Non-submission of the information/documents through online by the bidder as per the items mentioned in the eligible criteria of the DTCN will also liable for rejection of his tender.
Further details & Corrigendum if any can be seen from the website:- www.tendersodisha.gov.in

OIPR-25071/11/0128/2526 Sd./- Chief Construction Engineer, R.W.Circle, Berhampur

## ବାଲ୍ୟବିବାହ ମୁକ୍ତ ବିଶ୍ୱ ସଂକଳ୍ପ ସପ୍ତାହ

ପାଟଣା,୧୪ା୯(ବୀର କିଶୋରଦାଶ): କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟ ବୈତରଣୀ ନଦୀ ସନ୍ନିକଟ ପରମେଶ୍ୱର ଶିବ ମନ୍ଦିରଠାରେ ହାମାରା ବଚପନ ଟ୍ରଷ୍ଟ ପକ୍ଷରୁ ଶନିବାର ବାଲ୍ୟ ବିବାହ ମୁକ୍ତ ବିଶ୍ୱ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂଜକଙ୍କୁ ନେଇ ସଂକଳ୍ପ ସପ୍ତାହ ପାଳନ କରଯାଇଛି। ମୁଖ୍ୟ ପୂଜକ ସ୍ମୃତିରଞ୍ଜନ ରଥ, ହମାରା ବଚପନ ଟ୍ରଷ୍ଟ କର୍ମୀ ବେବିରାଣି ମହାପାତ୍ର, ଟ୍ରଷ୍ଟ ଜିଲା ସଂଯୋଜକ ହୃଦାନନ୍ଦ ସେନାପତି, ସିଏସ୍‌ଡବ୍ଲ୍ୟୁ ଦୀପକ ନନ୍ଦ ପ୍ରମୁଖ ଯୋଗଦେଇ ବାଲ୍ୟ ବିବାହା ବନ୍ଦ ନିମନ୍ତେ ଧର୍ମ ଗୁରୁଙ୍କ ସହାୟତା ଲୋଡ଼ିଥିଲେ।

# ଜବରଦଖଲରେ ଗ୍ରାମ୍ୟ ଜଙ୍ଗଲ ଜମି

## ନୋଟିସ୍‌ର ୬ ମାସ ପରେ ବି ଉଚ୍ଛେଦ ହେଉନି

କେନ୍ଦୁଝର,୧୪ା୯ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝରଗଡ଼ ପୌରପାଳିକାର ୱାର୍ଡ ନମ୍ବର ୧୭ ଅନ୍ତର୍ଗତ ବଡ଼ହଳରେ ଅନେକ ଏକର ଗ୍ରାମ୍ୟ ଜଙ୍ଗଲ ଜମି ଜବରଦଖଲ ହୋଇଛି। କେତେଜଣ ଲୋକ ଗ୍ରାମ୍ୟ ଜଙ୍ଗଲ ଜମିକୁ ବାଡ଼ ଘେରାଇଥିବାବେଳେ ଆଉ କେତେଜଣ ଘର, କଲ୍ୟାଣମଣ୍ଡପ କରିଛନ୍ତି। ଏ ନେଇ ଅଭିଯୋଗ ପରେ ବି ପ୍ରଶାସନ ପକ୍ଷରୁ ଉଚ୍ଛେଦ ପାଇଁ ପଦକ୍ଷେପ ନିଆଯାଉନାହିଁ।

ପ୍ରକାଶ ଯେ, ବଡ଼ହଳ ମୌଜାର ଖାତା ନମ୍ବର ୧୨୩, ପ୍ଲଟ୍ ନମ୍ବର ୧୯୬, ୧୯୯, ୨୦୦ ଏବଂ ୨୦୨ରେ ରହିଥିବା ମୂଲ୍ୟବାନ ଜମି ଜବରଦଖଲ ହୋଇଛି। ଏହି ମୂଲ୍ୟବାନ ଜମିକୁ ବାଡ଼ ଦେବା ସହ ଘର, କଲ୍ୟାଣ ମଣ୍ଡପ ନିର୍ମାଣ ହୋଇଛି। ଏପରି କି ଜବରଦଖଲକାରୀମାନେ ମୌଖିକ ଭାବେ ଜମି ବିକ୍ରି ମଧ୍ୟ କରୁଛନ୍ତି। ଖୋଦ ଜିଲା ମୁଖ୍ୟାଳୟଠାରୁ ମାତ୍ର ୨ କି.ମି. ଦୂରରେ ସରକାରଙ୍କ ଅନେକ ଏକର ଜମି ଜବରଦଖଲ ହୋଇଥିଲେ ହେଁ ଉଚ୍ଛେଦ ହେଉନାହିଁ। କେନ୍ଦୁଝରଗଡ଼ ପୌରପାଳିକା ପକ୍ଷରୁ ପତ୍ର ସଂଖ୍ୟା ୨୨୭୪, ୨୯ ମାର୍ଚ୍ଚ ୨୦୨୫ରେ ନୋଟିସ୍ ହୋଇଥିଲା। ୭ ଦିନ ମଧ୍ୟରେ ସନ୍ତୋଷ ଜନକ ଉତ୍ତର ନ ଦେଲେ ଜବରଦଖଲ ମୁକ୍ତ କରାଯିବ ବୋଲି ନୋଟିସ୍‌ରେ ଉଲ୍ଲେଖ ରହିଥିଲା। ଇତି ମଧ୍ୟରେ ନୋଟିସ୍ ଦିଆଯିବାର ୬ ମାସ ପରେ ମଧ୍ୟ ଜମିରୁ ଜବରଦଖଲ ମୁକ୍ତ ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ। କେନ୍ଦୁଝର ସଦର ତହସିଲ, କେନ୍ଦୁଝରଗଡ଼ ପୌରପାଳିକା ପକ୍ଷରୁ ପଦକ୍ଷେପ ନିଆଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଏ ନେଇ ସଦର ତହସିଲଦାର ଶୁଭେନ୍ଦୁ ସାହୁ କହିଛନ୍ତି, ଅଭିଯୋଗର ଯାଞ୍ଚ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଉଦ୍ଧାର କାର୍ଯ୍ୟରେ ଯୋଗଦେଲା ଏନ୍‌ଡିଆର୍‌ଏଫ୍

### ଗୁଣ୍ଡିଚାଘାଗିରେ ଯୁବକ ନିଖୋଜକୁ ୭ ଦିନ ବିତିଲା

ଘଟଗାଁ,୧୪ା୯(ରାଜେନ୍ଦ୍ର କୁମାର ପଟ୍ଟନାୟକ)

କେନ୍ଦୁଝର ଜିଲା ଘଟଗାଁ ଗୁଣ୍ଡିଚାଘାଗି ଜଳପ୍ରପାତରେ ଯୁବକ ଭାସିଯାଇ ନିଖୋଜ ଘଟଣାକୁ ୭ ଦିନ ବିତିଲା। ଘଟଣାରେ ଅଗ୍ନିଶମ କର୍ମଚାରୀ, ପୋଲିସ ସହାୟତାରେ ଉଦ୍ଧାର କାର୍ଯ୍ୟ କରାଯାଉଥିବା ବେଳେ ଆଜି ପର୍ଯ୍ୟନ୍ତ କୌଣସି ପତ୍ତା ମିଳିପାରିନାହିଁ। ଶେଷରେ ରବିବାର ଏନ୍‌ଡିଆରଏଫ ଟିମ୍ ଉଦ୍ଧାର କାର୍ଯ୍ୟରେ ଯୋଗଦେଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ସେପ୍ଟେମ୍ବର ୮ରେ ବାଲେଶ୍ୱର ଜିଲା... ଦେବେଶ କୁମାର ବେହେରା ଘଟଗାଁ ମା' ତାରିଣୀଙ୍କ ଦର୍ଶନ କରିବାକୁ ଭଉଣୀ, ଭିଣୋଇଙ୍କ ସହ ଆସିଥିଲେ। ମା'ଙ୍କ ଦର୍ଶନ ସାରି ଗୁଣ୍ଡିଚାଘାଗି ବୁଲିବାକୁ ଯାଇଥିବା ବେଳେ ସେଠାରେ ଜଳସ୍ରୋତରେ ପଡ଼ିଯାଇ ନିଖୋଜ ହୋଇଯାଇଥିଲେ। ଘଟଣାକୁ ୭ ଦିନ ବିତିଥିଲେ ହେଁ ଯୁବକଙ୍କ କୌଣସି ପତ୍ତା ମିଳୁନାହିଁ। ରବିବାର ଉଦ୍ଧାର କାର୍ଯ୍ୟରେ ସ୍ୱତନ୍ତ୍ର ସହାୟତା ପାଇଁ ପ୍ରଶାସନ ତରଫରୁ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବାହିନୀ (ଏନ୍‌ଡିଆରଏଫ) ମଧ୍ୟ ଯୋଗଦେଇଥିବା ଜଣାଯାଇଛି। ସ୍ୱତନ୍ତ୍ର ତାଲିମପ୍ରାପ୍ତ ଯବାନ ଦୁର୍ଘଟଣା ଘଟିଥିବା ସ୍ଥାନ ଓ ଆଖପାଖର ବଡ଼ ଗଣ୍ଡ ମଧ୍ୟରେ ଖୋଜାଖୋଜି କରିଥିଲେ। ବହୁ ଚେଷ୍ଟା ପରେ ମଧ୍ୟ ସନ୍ଧ୍ୟା ସୁଦ୍ଧା କୌଣସି ସଫଳତା ମିଳିପାରିନାହିଁ। ପୂର୍ବରୁ ନିୟୋଜିତ ସ୍ଥାନୀୟ ଅଗ୍ନିଶମ ବାହିନୀର କର୍ମଚାରୀ ଓ ଓଡ୍ରାଫ ଦଳ ମଧ୍ୟ ତଲାସୀ ଅଭିଯାନ ଜାରି ରଖିଥିଲେ। ଏନ୍‌ଡିଆରଏଫ ଟିମ୍‌ର ତଲାସୀ ଅଭିଯାନ ବେଳେ ପ୍ରଶାସନ ତରଫରୁ ଏବିଡିଓ ଚିତ୍ତରଞ୍ଜନ ନାୟକ, ଘଟଗାଁ ପୋଲିସ ବାହିନୀ, ସରପଞ୍ଚ ଅନ୍ନପୂର୍ଣ୍ଣା ଦେହୁରୀ, ସାମାଜିକକର୍ମୀ ସଞ୍ଜୟ ମିଶ୍ର ଓ ବଣଚକୁଳିଆ ଗ୍ରାମର ଯୁବକ ସଂଘ ପ୍ରମୁଖ ଉପସ୍ଥିତ ରହି ସକ୍ରିୟ ସହଯୋଗ କରୁଥିଲେ।

## ବ୍ୟାଙ୍କ ଜଟିଳ ବ୍ୟବସ୍ଥାରେ ପେଷି ହେଉଛନ୍ତି ହିତାଧିକାରୀ

### ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଅର୍ଥ ମିଳିବାରେ ବିଳମ୍ବ

କେନ୍ଦୁଝର,୧୪ା୯ (ନରେଶ ଚନ୍ଦ୍ର ପଟ୍ଟନାୟକ)

ସରକାର ଜମାଖାତାଧାରୀଙ୍କ ପାଇଁ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଲାଗୁ କରିଛନ୍ତି। ଏହା ଦ୍ୱାରା ଘରର ମୁଖିଆଙ୍କ କୌଣସି ଅସୁବିଧା ହେଲେ ପରିବାର ଲୋକେ ସହାୟତା ପାଇପାରୁଛନ୍ତି। ମାତ୍ର ବ୍ୟାଙ୍କର ଜଟିଳ ବ୍ୟବସ୍ଥା କାରଣରୁ ବୀମା ଟଙ୍କା ନୋମିନୀଙ୍କ ଖାତାକୁ ଯିବାରେ ମାସରୁ ଊର୍ଦ୍ଧ୍ୱ ସମୟ ଲାଗୁଥିବାରୁ ଲୋକେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଭଳି ଏକ ଦୃଷ୍ଟାନ୍ତ ଟାଉନ ଥାନା ଅନ୍ତର୍ଗତ ବାଂଶପାଳ ବ୍ଲକ୍ କୁଣ୍ଡେଇ ଗ୍ରାମର ବିଧବା ମହିଳା ଉର୍ବଶୀ ମହାନ୍ତଙ୍କ କ୍ଷେତ୍ରରେ ଦେଖାଯାଇଛି।

ପ୍ରକାଶ ଯେ, ଉର୍ବଶୀଙ୍କ ସ୍ୱାମୀ ଅଶୋକ ମହାନ୍ତଙ୍କ ସଡ଼କ ଦୁର୍ଘଟଣାରେ ୨୦୨୩ରେ ମୃତ୍ୟୁ ଘଟିଥିଲା। ଅଶୋକ ଘରର ଏକ ମାତ୍ର ରୋଜଗାରକ୍ଷମ ହୋଇଥିବାରୁ ଦେହାନ୍ତ ଫଳରେ ସ୍ତ୍ରୀ ଉର୍ବଶୀ ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଥିଲେ। ତାଙ୍କ ସହ ପୁଅ ଓ ୭୮ ବର୍ଷ ବୟସ୍କା ମା' ରହୁଛନ୍ତି। ସ୍ୱାମୀଙ୍କ ନାମରେ ବସନ୍ତପୁର ବରୋଦା ବ୍ୟାଙ୍କରେ ଏକ ସଞ୍ଚୟ ଖାତା ରହିଥିଲା। ଉର୍ବଶୀ ସେଥିରେ ନୋମିନୀ ଅଛନ୍ତି। ଏଣୁ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ ୨ ଲକ୍ଷ ଟଙ୍କା ମିଳିବାର ବ୍ୟବସ୍ଥା ଥିବାରୁ ବ୍ୟାଙ୍କରେ ଉକ୍ତ ବୀମା ଟଙ୍କା, ସଞ୍ଚୟ ଖାତାରେ ଥିବା ଅର୍ଥ ତାଙ୍କ ଖାତାକୁ ସ୍ଥାନାନ୍ତର କରିବାକୁ ଆବେଦନ କରିଥିଲେ। ନିୟମ ମୁତାବକ ଧାର୍ଯ୍ୟ ସମୟ ମଧ୍ୟରେ ବ୍ୟାଙ୍କରେ ସ୍ୱାମୀ ଓ ତାଙ୍କର ପାସ୍ ବୁକ୍, ସତ୍ୟପାଠ, ସ୍ୱାମୀଙ୍କ ମୃତ୍ୟୁ ପ୍ରମାଣପତ୍ର, ଲିଗାଲ୍ ହେୟାର ପ୍ରମାଣପତ୍ର ଜମା କରିଛନ୍ତି। ଆବେଦନ କରିବାର ୮ ମାସ ବିତିଥିଲେ ମଧ୍ୟ ଅଦ୍ୟାବଧି ସ୍ୱାମୀଙ୍କ ବୀମା ଓ ସଞ୍ଚିତ ଟଙ୍କା ପାଇପାରୁନାହାନ୍ତି। ପଚାରିଲେ ଉପରକୁ କାଗଜପତ୍ର ପଠାଯାଇଛି ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଉଥିବା ଉର୍ବଶୀ କହିଛନ୍ତି। ବ୍ୟାଙ୍କ ଶାଖା ପରିଚାଳକ ଦେବ ରଞ୍ଜନ ବେହେରା କହିଛନ୍ତି, ସବୁ କିଛି ଅନ୍‌ଲାଇନରେ ଆବେଦନ କରାଯାଇଥାଏ। ତେବେ ଦିଆଯାଇଥିବା ପ୍ରମାଣପତ୍ରରେ କିଛିଟା ସମସ୍ୟା ଥିଲା। ଅଭିଯୋଗ ପରେ ହେଡ୍ ଅଫିସକୁ ପୁଣି ଜଣାଇ ଦିଆଯାଇଛି। କିଛି ମାସ ମଧ୍ୟରେ ସ୍ୱାମୀଙ୍କ ସମସ୍ତ ଟଙ୍କା ସ୍ତ୍ରୀଙ୍କ ଜମାଖାତାକୁ ସ୍ଥାନାନ୍ତର ହୋଇଯିବ। ସାମାଜିକକର୍ମୀ ଡମ୍ବରୁଧର ଘଣା କହିଛନ୍ତି, ପ୍ରଶାସନ ସମସ୍ତ ବ୍ୟାଙ୍କକୁ ଏ ସଂକ୍ରାନ୍ତରେ ଚିଠି କରିବା ଆବଶ୍ୟକ ବୋଲି କହିଥିଲେ।

## ଶିକ୍ଷକ ସଂଘ ନୂତନ କର୍ମକର୍ତ୍ତାଙ୍କ ସାମୂହିକ ଶପଥପାଠ



ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଓ ଶିକ୍ଷକ ସଂଘର ନବ ନିର୍ବାଚିତ କର୍ମକର୍ତ୍ତା।

ପାଟଣା,୧୪ା୯(ବୀରକିଶୋର ଦାଶ )

କେନ୍ଦୁଝର ଜିଲା ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ନବ ନିର୍ବାଚିତ କର୍ମକର୍ତ୍ତାଙ୍କ ସାମୂହିକ ସପଥ ପାଠ ଉତ୍ସବ ପାଟଣା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲା ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ପୂର୍ବତନ ସଭାପତି ଅତୁଲ କୁମାର ବଳଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥିଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଯୋଗଦେଇ ସରକାର ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ କାର୍ଯ୍ୟ ଆରମ୍ଭ କରିଛନ୍ତି। ଶିକ୍ଷକଙ୍କ ସମସ୍ୟାଗୁଡ଼ିକୁ ସରକାର ସମାଧାନ କରିବେ। ମୁଖ୍ୟ ବକ୍ତାଭାବେ ଶିକ୍ଷାବିତ୍ କୈଳାଶ ଚନ୍ଦ୍ର ବାରିକ, ସମ୍ମାନିତ ଅତିଥିଭାବେ ପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାତ, ରାଜ୍ୟ ସଂଘ ଉପଦେଷ୍ଟା ବିଜୟ ନାୟକ, ପାଟଣା ବିଧାୟକଙ୍କ ବ୍ଲକ୍ ପ୍ରତିନିଧି କମଳା କାନ୍ତ ଦାଶ, ସଂଗଠନର ପୂର୍ବତନ ଜିଲା ସମ୍ପାଦକ ମୁକୁନ୍ଦ ଚରଣ ସାହୁ, ସଂଘର ବ୍ଲକ୍ ସଭାପତି ନନ୍ଦ କିଶୋର ନାଏକ ପ୍ରମୁଖ ଯୋଗଦେଇଥିଲେ। ନବ ନିର୍ବାଚିତ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସନ୍ତୋଷ କୁମାର ଜେନା, ଉପ ସଭାପତି ତିଳଉମା ବେହେରା, ଗୋବର୍ଦ୍ଧନ ଜେନା, ସମ୍ପାଦକ କମଳାକାନ୍ତ ପତି, ଯୁଗ୍ମ ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତ, ବିଶନାଥ ମାଝୀ, ବୁଦ୍ଧଦେବ ନାୟକ , ସଂଗଠନ ସମ୍ପାଦକ ସଚିଦାନନ୍ଦ ପ୍ରଧାନ, ଜିଲା ସଂଯୋଜକ ରବିନ୍ଦ୍ର କୁମାର ନାୟକ ଓ କୋଷଧକ୍ଷ ଅଶୋକ କୁମାର ବରାଳ ପ୍ରମୁଖ ସାମୂହିକ ଭାବେ ଶପଥ ଗ୍ରହଣ କରିଥିଲେ।

## 'ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ' ପ୍ରସ୍ତୁତି

ଚମ୍ପୁଆ,୧୪ା୯(ମହେଶ୍ୱର ଦାସ)

ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ୭୫ତମ ଜନ୍ମ ଦିବସ ଉପଲକ୍ଷେ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨ ସମଗ୍ର ଦେଶରେ ଆରମ୍ଭ ହେବାକୁ ଯାଉଛି 'ସୁସ୍ଥ ନାରୀ ସଶକ୍ତ ପରିବାର' ଅଭିଯାନ। ଏକ ସୁସ୍ଥ ଭବିଷ୍ୟତ ପିଢ଼ି ଗଠନ ପାଇଁ ଶିବିର ମାଧ୍ୟମରେ ସମସ୍ତ ବୟସର ମହିଳା ଓ ଝିଅଙ୍କୁ ପ୍ରାଥମିକତା ଭିତ୍ତିରେ ବ୍ୟାପକ ସ୍ୱାସ୍ଥ୍ୟ ପରୀକ୍ଷା ଓ ସେବା ପ୍ରଦାନ କରାଯିବ। ଏହି ନେଇ ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ପ୍ରସ୍ତୁତି ବୈଠକ ଚମ୍ପୁଆ ବିଡିଓ ସ୍ମୃତିରଞ୍ଜନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭଣ୍ଡା ମେଡିକାଲ ଅଫିସର ଡା. ଓମପ୍ରକାଶ ବାରିକ, ମା' ତାରିଣୀ ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶକ ଡ. ଗଣେଶ୍ୱର ମହାନ୍ତ, ବ୍ଲକ୍ ସଂଯୋଜକ ଓଏଲ୍‌ଏମ୍ ସୁବ୍ରତ ପଣ୍ଡା, ଜିପିଜିଓ ମୋନାଲିସା ନାଏକ, ସାମାଜିକ ସୁରକ୍ଷା ଅଧିକାରିଣୀ ଶ୍ରାବଣୀ ଜେନା ଓ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର କର୍ମଚାରୀମାନେ ଯୋଗଦେଇଥିଲେ। ଏହିପରି ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ଓ ଉପସ୍ୱାସ୍ଥ୍ୟ କେନ୍ଦ୍ର, ଆୟୁଷ ଆରୋଗ୍ୟ କେନ୍ଦ୍ରର କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ 'ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ' ଅନ୍ତର୍ଗତ ଆଗାମୀ ବଂଶଧର ନୀରବ, ଆତ୍ମନିର୍ଭରଶୀଳ ଓ ସମୃଦ୍ଧ ହେଲେ ଦେଶର ଅଭିବୃଦ୍ଧି ବୃଦ୍ଧି ପାଇବ। ଏହି ଲକ୍ଷ ନେଇ ନାରୀ ଓ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିର ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏଥିସହ ରକ୍ତ ପରୀକ୍ଷା, ଅଣସଂକ୍ରମକ ରୋଗ, ରକ୍ତ ସର୍କରା, ରକ୍ତ ହୀନତା, ଟିକାକରଣ, ଚକ୍ଷୁ ପରୀକ୍ଷା, ରକ୍ତଦାନ ଶିବିର ଧାର୍ଯ୍ୟ ବିଦ୍ୟାଳୟରେ ଆୟୋଜନ କରାଯିବାକୁ ଠିକ୍ ହୋଇଥିଲା। ଚମ୍ପୁଆ ବ୍ଲକ୍‌ରେ ଏହି ଜାତୀୟ କାର୍ଯ୍ୟକ୍ରମର ଶତ ପ୍ରତିଶତ ସଫଳତା ପାଇଁ ବିଡିଓ ସାହୁ ସମସ୍ତଙ୍କର ସହଯୋଗ କାମନା କରିଥିଲେ।

## ଲୋକଙ୍କ ଅଭିଯୋଗ ଗ୍ରହଣକଲେ ମୁଖ୍ୟମନ୍ତ୍ରୀ


ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକଙ୍କ ନିକଟରୁ ଅଭିଯୋଗ ପତ୍ର ଗ୍ରହଣ କରୁଛନ୍ତି।

କେନ୍ଦୁଝର,୧୪ା୯(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଗସ୍ତ ସାରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ଅପରାହ୍ନରେ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଭୁବନେଶ୍ୱର ଫେରିଛନ୍ତି। ଫେରିବା ପୂର୍ବରୁ ସ୍ଥାନୀୟ ଲୋକଙ୍କ ଅଭିଯୋଗ ଶୁଣିବା ସହ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ମୁଖ୍ୟମନ୍ତ୍ରୀ ଶନିବାର ବିଭିନ୍ନ କାର୍ଯ୍ୟରେ ଯୋଗଦେଇ ରାତିରେ ସ୍ଥାନୀୟ ସର୍କିଟ ହାଉସରେ ରହିଥିଲେ। ରାତିରେ ଦଳୀୟ ନେତା, କର୍ମୀ ତଥା ବିଭିନ୍ନ ବର୍ଗର ଲୋକଙ୍କ ସହିତ ଭେଟ କରି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ରବିବାର ସକାଳେ ମଧ୍ୟ ଲୋକେ ତାଙ୍କୁ ଭେଟି ସମସ୍ୟା ଜଣାଇଥିଲେ। ଅଭିଯୋଗ ପତ୍ର ଗ୍ରହଣ କରିବା ସହ ସମାଧାନ କରିବା ନେଇ ଆଶ୍ୱାସନା ଦେଇଥିଲେ।

## ପ୍ରାଥମିକ ଶିକ୍ଷକ ସଂଘର ନିନ୍ଦା

### ମହୁଲପଙ୍କା ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ ଅଟକ ପ୍ରସଙ୍ଗ

ବଉଳା,୧୪ା୯(ଦୁର୍ଗା ପ୍ରସାଦ ଆୟଚ): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ମହୁଲପଙ୍କା ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ ଶୁକ୍ରବାର ସକାଳ ୧୦ରୁ ରାତି ୮ ଟା ପର୍ଯ୍ୟନ୍ତ କମିଟି ସଦସ୍ୟ, ଅଭିଭାବକ ଅଟକ ରଖିଥିଲେ। ଘଟଣାରେ ଗୋଷ୍ଠୀ ଶିକ୍ଷାଧିକାରୀ ଚୁପ୍ ରହିଥିବା ବେଳେ ରବିବାର ହାଟଡ଼ିହୀ ଶିକ୍ଷକ ସଂଘ(ଏନ୍‌ପିଏସ୍) ଘଟଣାକୁ ନିନ୍ଦା କରିଛି। ପ୍ରକାଶ ଯେ, ପଡିଆରିପଲ୍ଲୀ ପଞ୍ଚାୟତ ମହୁଲପଙ୍କା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବକୁ ନେଇ ମୁଖ୍ୟ ଫାଟକକୁ ଅଭିଭାବକ ଓ କମିଟି ସଦସ୍ୟ ତାଲା ପକାଇଦେଇଥିଲେ। ଏହି ସମୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରବିନାରାୟଣ ଦାସମହାପାତ୍ରଙ୍କୁ ଗେଟ ପାଖରେ ରାତି ୮ଟା ପର୍ଯ୍ୟନ୍ତ ଅଟକ ରଖିଥିଲେ। ସୋସୋ ପୋଲିସ ପହଞ୍ଚି ଉଦ୍ଧାର କରିଥିଲା। ଶିକ୍ଷକଙ୍କୁ ଅଟକ ଓ ମାନସିକ ନିର୍ଯାତନା ଦେବାକୁ ନେଇ ଶିକ୍ଷକ ସଂଘର ସଭାପତି ରାଜକିଶୋର ସ୍ୱାଇଁଙ୍କ ସଭାପତିତ୍ୱରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସଂଘର କେଶବ କର, କ୍ଷେତ୍ରବାସୀ ମିଶ୍ର, ସୁରେନ୍ଦ୍ରନାଥ ରାଉତ, ଶ୍ରୀକାନ୍ତ ସେଠୀ, ସୁଦର୍ଶନ ମୁଦୁଲି ପ୍ରମୁଖ ଘଟଣାକୁ ଦୃଢ଼ ନିନ୍ଦାକରିଛନ୍ତି। ଯେଉଁ କମିଟି ସଦସ୍ୟ ଓ ଅଭିଭାବକମାନେ ଶିକ୍ଷକଙ୍କୁ ସମ୍ମାନ ନ ଦେବେ, ସେହି ବିଦ୍ୟାଳୟକୁ ଏହି ବର୍ଗର ଶିକ୍ଷକମାନେ ଯିବେନାହିଁ ବୋଲି ଆଲୋଚିତ ହୋଇଥିଲା। ଲିଖିତ ଭାବେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଦିଆଯିବା ନେଇ ସଭାପତି ସ୍ୱାଇଁ ସୂଚନା ଦେଇଛନ୍ତି। ଶିକ୍ଷକଙ୍କର ଭୁଲ୍ ନ ଥାଇ ଯଦି କମିଟି ସଦସ୍ୟ ଓ ଅଭିଭାବକ ଏଭଳି ବ୍ୟବହାର କରନ୍ତି ସଂଘ ଆଗାମୀ ଦିନରେ ପଦକ୍ଷେପ ନେବ ବୋଲି ଆଲୋପତ ହୋଇଥିଲା।


## ଚୋରା ଖଣିଜ ବୋଝେଇ ଟ୍ରକ୍ ଜବତ

ଯୋଡ଼ା,୧୪ା୯(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଥାନା ଅନ୍ତର୍ଗତ ବେହେରା ହଟିଂ ଅଞ୍ଚଳରୁ ଶନିବାର ବିଳମ୍ବିତ ରାତିରେ ପୋଲିସ ଏକ ଚୋରା ଖଣିଜ ବୋଝେଇ ଟ୍ରକ୍‌କୁ ଜବତ କରିଛି। ପୋଲିସକୁ ଦେଖି ଖଣିଜ ଚୋରା ବ୍ୟବସାୟୀ ଏବଂ ଟ୍ରକ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସୂଚନା ଅନୁଯାୟୀ, ଉକ୍ତ ପରିତ୍ୟକ୍ତ କ୍ରସର୍ ହତାରେ ଖଣି ବିଭାଗ, ବନ ବିଭାଗ ଏବଂ ଯୋଡ଼ା ପୋଲିସ ପକ୍ଷରୁ ବାରମ୍ବାର ତନଖି, ତଦନ୍ତ କରାଯାଇଛି। ମାତ୍ର ଚୋରା ଖଣିଜ ବ୍ୟବସାୟୀ ଚତୁରତାର ସହ ପରିତ୍ୟକ୍ତ ଖଣିଜ ଗଦାରୁ ପ୍ରତିଦିନ ଟ୍ରିପ୍ ଟ୍ରିପ୍ ଲୁହାପଥର ଚୋରାରେ ପରିବହନ କରୁଛନ୍ତି। ଶନିବାର ରାତିରେ ଟ୍ରକ୍ (ନଂ. ଓଡି ୩୨ ଜେ ୫୨୫୩) ଯୋଗେ ଚୋରାରେ ଲୁହାପଥର ବୋଝେଇ ଚାଲିଥିଲା। ପୋଲିସ ଖବର ପାଇ ଘଟଣାସ୍ଥଳରେ ଚଢ଼ାଉ କରି ଟ୍ରକ୍‌କୁ ଜବତ କରିଥିଲା। ଡ୍ରାଇଭର, ଚୋରା ଖଣିଜ ବ୍ୟବସାୟୀ ଫେରାର ହୋଇଯାଇଥିବା ବେଳେ ପୋଲିସ ଟ୍ରକ୍ ଜବତ କରି ତଦନ୍ତ ଆରମ୍ଭ କରିଛି। କ୍ରସରରୁ ଗତ ଫେବୃଆରୀଠାରୁ ଏଯାବତ୍ ପ୍ରାୟ ୫ରୁ ଊର୍ଦ୍ଧ୍ୱ ଖଣିଜ ବୋଝେଇ ଟ୍ରକ୍‌କୁ ପୋଲିସ ଓ ଖଣି ବିଭାଗ ଜବତ କରିଛି। କ୍ରସର ମାଲିକଙ୍କୁ ବାରମ୍ବାର ଖଣି ବିଭାଗ ପକ୍ଷରୁ ଓପନିଂ ଷ୍ଟକ୍ ଓ ବାଲାନ୍ସ ଷ୍ଟକ୍ ଦେବା ପାଇଁ ଖଣି ବିଭାଗ ପକ୍ଷରୁ ଚିଠି ଦିଆଯାଉଛି। ଏ ପର୍ଯ୍ୟନ୍ତ କୌଣସି ଉତ୍ତର ମିଳି ନ ଥିବା ଖଣି ଅଧିକାରୀ ଦୀପକ ଧିରୁଆ କହିଛନ୍ତି। ତେଣେ ଅହରହ ଖଣିଜ ଚୋରି ହେବାରେ ଲାଗିଛି। ଅନତି ଦୂରରେ ଥିବା ଓଡ଼ିଶା ଖଣି ନିଗମକୁ କାହିଁକି ଏହାର କଷ୍ଟଡିଆନ କରାଯାଉନାହିଁ। ଏହା ମଧ୍ୟ ସାଧାରଣରେ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ଢେଙ୍କିକୋଟ,୧୪ା୯(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଢେଙ୍କିକୋଟ୍ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ସାରୁପାଟ ପଞ୍ଚାୟତ ସାରୁପାଟରେ ଶନିବାର ପୋଖରୀରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସୁନାଟାଙ୍ଗିରି ଗ୍ରାମର ମିଥୁନ ନାଏକ(୩୫)। ମିଥୁନ ସାରୁପାଟ ଗ୍ରାମର ରଙ୍ଗାଧର ନାଏକଙ୍କ ଝିଅକୁ ବିବାହ କରି ସାରୁପାଟ ଗ୍ରାମରେ ରହୁଥିଲେ। ସେ ଜଣେ ରାଜମିସ୍ତ୍ରୀ ହୋଇଥିବା ବେଳେ ଶନିବାର କାମରୁ ଫେରି ଗ୍ରାମ ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ଅସାବଧାନତାବସତଃ ସେ ପୋଖରୀରେ ବୁଡ଼ିଯାଇଥିଲେ। ଘରକୁ ଫେରିବା ବିଳମ୍ବ ହେବାରୁ ଘରଲୋକ ପୋଖରୀକୁ ଯାଇ ହୁଡ଼ାରେ ଲୁଗାପଟା ଥିବା ବେଳେ ତାଙ୍କର ଦେଖା ଦର୍ଶନ ମିଳି ନ ଥିଲା। କେନ୍ଦୁଝର ଦମକଳ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ଢେଙ୍କିକୋଟ ପୋଲିସ ବିଟ ହାଉସ ଅଧିକାରୀ ତ୍ରିନାଥ ନାୟକଙ୍କ ଉପସ୍ଥିତିରେ ଖୋଜାଖୋଜି କରି ତାଙ୍କୁ ଉଦ୍ଧାର କରି କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଗାଁ ଥାନାରେ ଏକ ମାମଲା(ନଂ. ୪୭/୨୫) ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ ଜାରି ରଖିଛି।



## ବାଲ୍ୟବିବାହ ମୁକ୍ତ ବିଶ୍ୱ ସଂକଳ୍ପ ସପ୍ତାହ

ପାଟଣା,୧୪।୯(ବୀର କିଶୋରଦାଶ): କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟ ବୈତରଣୀ ନଦୀ ସନ୍ନିକଟ ପରମେଶ୍ୱର ଶିବ ମନ୍ଦିରଠାରେ ହାମାରା ବଚପନ ଟ୍ରଷ୍ଟ ପକ୍ଷରୁ ଶନିବାର ବାଲ୍ୟ ବିବାହ ମୁକ୍ତ ବିଶ୍ୱ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂଜକଙ୍କୁ ନେଇ ସଂକଳ୍ପ ସପ୍ତାହ ପାଳନ କରଯାଇଛି। ମୁଖ୍ୟ ପୂଜକ ସ୍ମୃତିରଞ୍ଜନ ରଥ, ହମାରା ବଚପନ ଟ୍ରଷ୍ଟ କର୍ମୀ ବେବିରାଣି ମହାପାତ୍ର, ଟ୍ରଷ୍ଟ ଜିଲା ସଂଯୋଜକ ହୃଦାନନ୍ଦ ସେନାପତି, ସିଏସ୍‌ଡବ୍ଲ୍ୟୁ ଦୀପକ ନନ୍ଦ ପ୍ରମୁଖ ଯୋଗଦେଇ ବାଲ୍ୟ ବିବାହା ବନ୍ଦ ନିମନ୍ତେ ଧର୍ମ ଗୁରୁଙ୍କ ସହାୟତା ଲୋଡ଼ିଥିଲେ।

# ଜବରଦଖଲରେ ଗ୍ରାମ୍ୟ ଜଙ୍ଗଲ ଜମି

## ନୋଟିସ୍‌ର ୬ ମାସ ପରେ ବି ଉଚ୍ଛେଦ ହେଉନି

କେନ୍ଦୁଝର,୧୪।୯
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝରଗଡ଼ ପୌରପାଳିକାର ୱାର୍ଡ ନମ୍ବର ୧୭ ଅନ୍ତର୍ଗତ ବଡ଼ହଳରେ ଅନେକ ଏକର ଗ୍ରାମ୍ୟ ଜଙ୍ଗଲ ଜମି ଜବରଦଖଲ ହୋଇଛି। କେତେଜଣ ଲୋକ ଗ୍ରାମ୍ୟ ଜଙ୍ଗଲ ଜମିକୁ ବାଡ଼ ଘେରାଇଥିବାବେଳେ ଆଉ କେତେଜଣ ଘର, କଲ୍ୟାଣମଣ୍ଡପ କରିଛନ୍ତି। ଏ ନେଇ ଅଭିଯୋଗ ପରେ ବି ପ୍ରଶାସନ ପକ୍ଷରୁ ଉଚ୍ଛେଦ ପାଇଁ ପଦକ୍ଷେପ ନିଆଯାଉନାହିଁ। ପ୍ରକାଶ ଯେ, ବଡ଼ହଳ ମୌଜାର ଖାତା ନମ୍ବର ୧୨୩, ପ୍ଲଟ୍ ନମ୍ବର ୧୯୬, ୧୯୯, ୨୦୦ ଏବଂ ୨୦୨ରେ ରହିଥିବା ମୂଲ୍ୟବାନ ଜମି ଜବରଦଖଲ ହୋଇଛି। ଏହି ମୂଲ୍ୟବାନ ଜମିକୁ ବାଡ଼ ଦେବା ସହ ଘର, କଲ୍ୟାଣ ମଣ୍ଡପ ନିର୍ମାଣ ହୋଇଛି। ଏପରି କି ଜବରଦଖଲକାରୀମାନେ ମୌଖିକ ଭାବେ ଜମି ବିକ୍ରି ମଧ୍ୟ କରୁଛନ୍ତି। ଖୋଦ ଜିଲା ମୁଖ୍ୟାଳୟଠାରୁ ମାତ୍ର ୨ କି.ମି. ଦୂରରେ ସରକାରଙ୍କ ଅନେକ ଏକର ଜମି ଜବରଦଖଲ ହୋଇଥିଲେ ହେଁ ଉଚ୍ଛେଦ ହେଉନାହିଁ। କେନ୍ଦୁଝରଗଡ଼ ପୌରପାଳିକା ପକ୍ଷରୁ ପତ୍ର ସଂଖ୍ୟା ୨୨୭୪, ୨୯ ମାର୍ଚ୍ଚ ୨୦୨୫ରେ ନୋଟିସ୍ ହୋଇଥିଲା। ୭ ଦିନ ମଧ୍ୟରେ ସନ୍ତୋଷ ଜନକ ଉତ୍ତର ନ ଦେଲେ ଜବରଦଖଲ ମୁକ୍ତ କରାଯିବ ବୋଲି ନୋଟିସ୍‌ରେ ଉଲ୍ଲେଖ ରହିଥିଲା। ଇତି ମଧ୍ୟରେ ନୋଟିସ୍ ଦିଆଯିବାର ୬ ମାସ ପରେ ମଧ୍ୟ ଜମିରୁ ଜବରଦଖଲ ମୁକ୍ତ ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ। କେନ୍ଦୁଝର ସଦର ତହସିଲ, କେନ୍ଦୁଝରଗଡ଼ ପୌରପାଳିକା ପକ୍ଷରୁ ପଦକ୍ଷେପ ନିଆଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଏ ନେଇ ସଦର ତହସିଲଦାର ଶୁଭେନ୍ଦୁ ସାହୁ କହିଛନ୍ତି, ଅଭିଯୋଗର ଯାଞ୍ଚ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ‘ପ୍ରଧାନଶିକ୍ଷକଙ୍କ କବଳରୁ ରକ୍ଷା ନ କଲେ ଜୀବନ ହାରିଦେବି’

## ବିଇଓଙ୍କୁ ନିବେଦନ କଲେ ଶିକ୍ଷୟିତ୍ରୀ

ଟିହିଡ଼ି,୧୪।୯(ସଞ୍ଜିତ ବଳ)

ପ୍ରଧାନଶିକ୍ଷକଙ୍କ କବଳରୁ ମୋତେ ରକ୍ଷା କରନ୍ତୁ। ମୋ ପ୍ରତି ତାଙ୍କ ଦୁର୍ବ୍ୟବହାର ସୀମା ଟପିଲାଣି। ମାନସିକ ଭାରସାମ୍ୟ ହରାଇ ମୁଁ କେତେବେଳେ ଜୀବନ ହାରିଦେବି। ଏହା ହେଉଛି ଜଣେ ସହକାରୀ ଶିକ୍ଷୟିତ୍ରୀଙ୍କ ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ଆକୁଳ ନିବେଦନ। ଟିହିଡ଼ି ବ୍ଲକ ଗାଜିପୁର ପାଟଣା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ସ୍କୁଲର ଶିକ୍ଷୟିତ୍ରୀ କଳ୍ପଲତା ଦାସ ମହାପାତ୍ର ଗତ କିଛିଦିନ ଧରି ପ୍ରଧାନଶିକ୍ଷକ ତାଙ୍କ ପ୍ରତି ଦୁର୍ବ୍ୟବହାର କରିଆସୁଥିବା ଅଭିଯୋଗ କରିଛନ୍ତି। ଶନିବାର ସେ ବିଇଓଙ୍କ ନିକଟରେ ସବିଶେଷ ବିବରଣୀ ସହ ଲିଖିତ ଅଭିଯୋଗ କରି ତାଙ୍କୁ ଅନ୍ୟ ଏକ ସ୍କୁଲକୁ ବଦଳି କରିଦେବାକୁ ନିବେଦନ କରିଛନ୍ତି।

ସେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ପ୍ରଧାନଶିକ୍ଷକ ଭାବେ ଗିରିଧାରୀ ଚାନ୍ଦ ଯୋଗଦେବା ପରେ ସ୍କୁଲର ପରିସ୍ଥିତି ବିଗିଡ଼ି ଚାଲିଛି। କିଛିଦିନ ପୂର୍ବେ ପ୍ରଧାନଶିକ୍ଷକ ସ୍କୁଲର ଜଣେ ଶିକ୍ଷକଙ୍କୁ ମିଛରେ ବଦ୍‌ନାମ କରି ତାଙ୍କୁ ସ୍କୁଲରୁ ହଟାଇବାରେ ସକ୍ଷମ ହୋଇଥିଲେ। ତେବେ ସେ ନେଇଥିବା ମାତୃତ୍ୱଜନିତ ଛୁଟି ପରେ ସ୍କୁଲରେ ଯୋଗଦାନ କରିବାକୁ ପ୍ରଧାନଶିକ୍ଷକଙ୍କୁ ଦରଖାସ୍ତ ଦେଇଥିଲେ। ହେଲେ ପ୍ରଧାନଶିକ୍ଷକ ଦରଖାସ୍ତରେ ତ୍ରୁଟି ଥିବା ଦର୍ଶାଇ ତୁମକୁ କିଏ ଚାକିରି ଦେଲା, ମୋ ପାଖକୁ ଆସ ଲେଖିବା ଶିଖାଇଦେବି ବୋଲି କହିଥିବା ଶିକ୍ଷୟିତ୍ରୀ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏହାବ୍ୟତୀତ ପ୍ରାର୍ଥନା ସମୟରେ ମଧ୍ୟ ପ୍ରଧାନଶିକ୍ଷକ ତାଙ୍କୁ ମାନସିକ ଯନ୍ତ୍ରଣା ଦେଇଥିଲେ। ସ୍କୁଲ କଥା ସିଆର୍‌ସିସିଙ୍କୁ କାହିଁକି ଜଣାଉଛ ବୋଲି କହିବା ସହ ତାଙ୍କଠାରୁ ବଳ ପୂର୍ବକ ମୋବାଇଲ ଛଡ଼ାଇ ନେଇ ଚେକ୍ କରିଥିଲେ। ସ୍କୁଲରେ ରହିବାକୁ ହେଲେ ସେ ଯାହା କହିବେ ତାଙ୍କ କଥା ମାନି ଚଳିବାକୁ ହେବ, ନ ହେଲେ ସ୍କୁଲରୁ ବିଦା କରିଦେବେ ବୋଲି ପ୍ରଧାନଶିକ୍ଷକ ଧମକ ଦେଇଥିବା ଶିକ୍ଷୟିତ୍ରୀ ଦାସ ମହାପାତ୍ର ଦର୍ଶାଇଛନ୍ତି। ପ୍ରଧାନଶିକ୍ଷକଙ୍କ ଏଭଳି ବ୍ୟବହାରରେ ସେ ମାନସିକ ଭାବେ ଭାଙ୍ଗି ପଡ଼ିଛନ୍ତି। ଏପରିକି ସେ ଠିକ୍ ରୂପେ ଶିକ୍ଷାଦାନ କରିପାରୁ ନ ଥିବା ବେଳେ ନିଜ ଶିଶୁପୁତ୍ରର ଯତ୍ନ ନେଇପାରୁ ନ ଥିବା ଦର୍ଶାଇଛନ୍ତି। ସେ ନ୍ୟାୟ ପାଇଁ ବିଇଓଙ୍କ ଦୃଷ୍ଟି ଆକର୍ଷଣ କରି କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରିଛନ୍ତି। ଏ ସମ୍ପର୍କରେ ପ୍ରଧାନଶିକ୍ଷକ ଚାନ୍ଦଙ୍କୁ ପଚାରିବାରୁ ଶିକ୍ଷୟିତ୍ରୀଙ୍କ ଅଭିଯୋଗ ସମ୍ପୂର୍ଣ୍ଣ ମନଗଢ଼ା ଏବଂ ସେ ତାଙ୍କୁ କେବେ ଦୁର୍ବ୍ୟବହାର କରି ନ ଥିବା କହିଛନ୍ତି।

# ବ୍ୟାଙ୍କ ଜଟିଳ ବ୍ୟବସ୍ଥାରେ ପେଷି ହେଉଛନ୍ତି ହିତାଧିକାରୀ

## ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଅର୍ଥ ମିଳିବାରେ ବିଳମ୍ବ

କେନ୍ଦୁଝର,୧୪।୯ (ନରେଶ ଚନ୍ଦ୍ର ପଟ୍ଟନାୟକ)

ସରକାର ଜମାଖାତାଧାରୀଙ୍କ ପାଇଁ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଲାଗୁ କରିଛନ୍ତି। ଏହା ଦ୍ୱାରା ଘରର ମୁଖିଆଙ୍କ କୌଣସି ଅସୁବିଧା ହେଲେ ପରିବାର ଲୋକେ ସହାୟତା ପାଇପାରୁଛନ୍ତି। ମାତ୍ର ବ୍ୟାଙ୍କର ଜଟିଳ ବ୍ୟବସ୍ଥା କାରଣରୁ ବୀମା ଟଙ୍କା ନୋମିନୀଙ୍କ ଖାତାକୁ ଯିବାରେ ମାସରୁ ଊର୍ଦ୍ଧ୍ୱ ସମୟ ଲାଗୁଥିବାରୁ ଲୋକେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଭଳି ଏକ ଦୃଷ୍ଟାନ୍ତ ଟାଉନ ଥାନା ଅନ୍ତର୍ଗତ ବାଂଶପାଳ ବ୍ଲକ୍ କୁଣ୍ଡେଇ ଗ୍ରାମର ବିଧବା ମହିଳା ଉର୍ବଶୀ ମହାନ୍ତଙ୍କ କ୍ଷେତ୍ରରେ ଦେଖାଯାଇଛି।

ପ୍ରକାଶ ଯେ, ଉର୍ବଶୀଙ୍କ ସ୍ୱାମୀ ଅଶୋକ ମହାନ୍ତଙ୍କ ସଡ଼କ ଦୁର୍ଘଟଣାରେ ୨୦୨୩ରେ ମୃତ୍ୟୁ ଘଟିଥିଲା। ଅଶୋକ ଘରର ଏକ ମାତ୍ର ରୋଜଗାରକ୍ଷମ ହୋଇଥିବାରୁ ଦେହାନ୍ତ ଫଳରେ ସ୍ତ୍ରୀ ଉର୍ବଶୀ ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଥିଲେ। ତାଙ୍କ ସହ ପୁଅ ଓ ୭୮ ବର୍ଷ ବୟସ୍କା ମା’ ରହୁଛନ୍ତି। ସ୍ୱାମୀଙ୍କ ନାମରେ ବସନ୍ତପୁର ବରୋଦା ବ୍ୟାଙ୍କରେ ଏକ ସଞ୍ଚୟ ଖାତା ରହିଥିଲା। ଉର୍ବଶୀ ସେଥିରେ ନୋମିନୀ ଅଛନ୍ତି। ଏଣୁ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ ୨ ଲକ୍ଷ ଟଙ୍କା ମିଳିବାର ବ୍ୟବସ୍ଥା ଥିବାରୁ ବ୍ୟାଙ୍କରେ ଉକ୍ତ ବୀମା ଟଙ୍କା, ସଞ୍ଚୟ ଖାତାରେ ଥିବା ଅର୍ଥ ତାଙ୍କ ଖାତାକୁ ସ୍ଥାନାନ୍ତର କରିବାକୁ ଆବେଦନ କରିଥିଲେ। ନିୟମ ମୁତାବକ ଧାର୍ଯ୍ୟ ସମୟ ମଧ୍ୟରେ ବ୍ୟାଙ୍କରେ ସ୍ୱାମୀ ଓ ତାଙ୍କର ପାସ୍ ବୁକ୍, ସତ୍ୟପାଠ, ସ୍ୱାମୀଙ୍କ ମୃତ୍ୟୁ ପ୍ରମାଣପତ୍ର, ଲିଗାଲ୍ ହେୟାର ପ୍ରମାଣପତ୍ର ଜମା କରିଛନ୍ତି। ଆବେଦନ କରିବାର ୮ ମାସ ବିତିଥିଲେ ମଧ୍ୟ ଅଦ୍ୟାବଧି ସ୍ୱାମୀଙ୍କ ବୀମା ଓ ସଞ୍ଚିତ ଟଙ୍କା ପାଇପାରୁନାହାନ୍ତି। ପଚାରିଲେ ଉପରକୁ କାଗଜପତ୍ର ପଠାଯାଇଛି ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଉଥିବା ଉର୍ବଶୀ କହିଛନ୍ତି। ବ୍ୟାଙ୍କ ଶାଖା ପରିଚାଳକ ଦେବ ରଞ୍ଜନ ବେହେରା କହିଛନ୍ତି, ସବୁ କିଛି ଅନ୍‌ଲାଇନରେ ଆବେଦନ କରାଯାଇଥାଏ। ତେବେ ଦିଆଯାଇଥିବା ପ୍ରମାଣପତ୍ରରେ କିଛିଟା ସମସ୍ୟା ଥିଲା। ଅଭିଯୋଗ ପରେ ହେଡ୍ ଅଫିସକୁ ପୁଣି ଜଣାଇ ଦିଆଯାଇଛି। କିଛି ମାସ ମଧ୍ୟରେ ସ୍ୱାମୀଙ୍କ ସମସ୍ତ ଟଙ୍କା ସ୍ତ୍ରୀଙ୍କ ଜମାଖାତାକୁ ସ୍ଥାନାନ୍ତର ହୋଇଯିବ। ସାମାଜିକକର୍ମୀ ଡମ୍ବରୁଧର ଘଣା କହିଛନ୍ତି, ପ୍ରଶାସନ ସମସ୍ତ ବ୍ୟାଙ୍କକୁ ଏ ସଂକ୍ରାନ୍ତରେ ଚିଠି କରିବା ଆବଶ୍ୟକ ବୋଲି କହିଥିଲେ।

# ‘ନୀରୋଗ ରହିବା ପାଇଁ ଯୋଗ ଏକମାତ୍ର ମାଧ୍ୟମ’



ଜିଲାସ୍ତରୀୟ ବୈଠକରେ ପତଞ୍ଜଳି ଯୋଗ ସମିତିର କର୍ମକର୍ତ୍ତା।

ଭଦ୍ରକ,୧୪।୯(ସନାତନ ରାଉତ)

ଭଦ୍ରକ ଜିଲା ପତଞ୍ଜଳି ଯୋଗ ସମିତି ପକ୍ଷରୁ ରବିବାର ବନ୍ତଛକ ନିକଟସ୍ଥ ଜିଲା କାର୍ଯ୍ୟାଳୟଠାରେ ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଯୋଗଗୁରୁ ସୁରେନ୍ଦ୍ର ଦାସ, ମହିଳା ପ୍ରଭାରୀ ଅର୍ପିତା ମହାନ୍ତି, ସହପ୍ରଭାରୀ ସସ୍ମିତା ଦାସ, କୋଷାଧ୍ୟକ୍ଷ ହରେକୃଷ୍ଣ ଯେନା, ଯୁବ ପ୍ରଭାରୀ ଚିନ୍ମୟ ସାହୁ, ଗିରିଶ ପାଢ଼ୀ, ଯୋଗୀ ସଞ୍ଜୀବ ନାୟକ, କାହ୍ନୁ ଚରଣ ସାହୁ, ସଞ୍ଜୟ ନାୟକ, ସନ୍ତୋଷ ନାଥ, ପଞ୍ଚାନନ ମିଶ୍ର, ସୁଦର୍ଶନ ଯେନା, ଆରତି ପାଣିଗ୍ରାହୀ, ଆଶାରାଣୀ ମୁଦୁଲି, ରମାମଣୀ ପଣ୍ଡା, ଜୟଶ୍ରୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବର୍ତ୍ତମାନ ସମାଜରେ ବିଭିନ୍ନ ପ୍ରକାର ରୋଗ କାୟା ବିସ୍ତାର କରିଥିବା ବେଳେ ନୀରୋଗ ରହିବା ପାଇଁ ଯୋଗ ହିଁ ଏକମାତ୍ର ମାଧ୍ୟମ ବୋଲି ଅତିଥିମାନେ କହିଥିଲେ।

ଏହି ଅବସରରେ ବିଶ୍ୱ ଯୋଗଗୁରୁ ବାବା ରାମଦେବଙ୍କ ଭାରତ ସ୍ୱାଭିମାନ ରାଜ୍ୟ ସଙ୍ଗଠନ ପ୍ରମୁଖ ସୁଧାଂଶୁ ଶେଖର ଅଧିକାରୀ ଭଦ୍ରକ ଜିଲା ଯୋଗ ପ୍ରଚାରକ ଧରଣୀଧର କରଙ୍କୁ ଜିଲା ସଙ୍ଗଠନର ପ୍ରମୁଖ ଦାୟିତ୍ୱ ପ୍ରଦାନ କରିଛନ୍ତି। ତାଙ୍କୁ ଏହି ଦାୟିତ୍ୱ ମିଳିବା ପରେ ସେ ବାବା ରାମଦେବ ଏବଂ ଓଡ଼ିଶା ରାଜ୍ୟ ପ୍ରଭାରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏଥିସହ ଜିଲାର ସମସ୍ତ ଯୋଗ ଶିକ୍ଷକ ଓ ସାଧକଙ୍କୁ ମିଳିତ ଭାବେ ନିଜେ ଯୋଗ ଅଭ୍ୟାସ ଓ ସମଗ୍ର ଜିଲାରେ ଯୋଗର ପ୍ରଚାର ପ୍ରସାର ପାଇଁ ପ୍ରେରଣା ଦେଇଛନ୍ତି। ପୂର୍ବରୁ ତାଙ୍କଠାରୁ ତାଲିମ ନେଇ ଶତାଧିକ ଯୋଗ ଶିକ୍ଷକ ବିଭିନ୍ନ ଡାକ୍ତରଖାନାରେ ଯୋଗ ଶିକ୍ଷକ ଭାବେ ନିଯୁକ୍ତି ପାଇଛନ୍ତି। ସନ୍ତୋଷ ପଣ୍ଡା, ମଳୟ ରାଉଳ, କାଳନ୍ଦୀ ପାତ୍ର, ଶିଶିର ପାତ୍ର, ଶ୍ରୀବତ୍ସ କର, ଚନ୍ଦ୍ରଶେଖର କର ପ୍ରମୁଖ ସହଯୋଗ କରିଥିଲେ।

# ଲୋକଙ୍କ ଅଭିଯୋଗ ଗ୍ରହଣକଲେ ମୁଖ୍ୟମନ୍ତ୍ରୀ

କେନ୍ଦୁଝର,୧୪।୯(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଗସ୍ତ ସାରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ଅପରାହ୍ନରେ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଭୁବନେଶ୍ୱର ଫେରିଛନ୍ତି। ଫେରିବା ପୂର୍ବରୁ ସ୍ଥାନୀୟ ଲୋକଙ୍କ ଅଭିଯୋଗ ଶୁଣିବା ସହ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ମୁଖ୍ୟମନ୍ତ୍ରୀ ଶନିବାର ବିଭିନ୍ନ କାର୍ଯ୍ୟରେ ଯୋଗଦେଇ ରାତିରେ ସ୍ଥାନୀୟ ସର୍କିଟ ହାଉସରେ ରହିଥିଲେ। ରାତିରେ ଦଳୀୟ ନେତା, କର୍ମୀ ତଥା ବିଭିନ୍ନ ବର୍ଗର ଲୋକଙ୍କ ସହିତ ଭେଟ କରି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ରବିବାର ସକାଳେ ମଧ୍ୟ ଲୋକେ ତାଙ୍କୁ ଭେଟି ସମସ୍ୟା ଜଣାଇଥିଲେ। ଅଭିଯୋଗ ପତ୍ର ଗ୍ରହଣ କରିବା ସହ ସମାଧାନ କରିବା ନେଇ ଆଶ୍ୱାସନା ଦେଇଥିଲେ।

# ସାମାଜିକ ସୁରକ୍ଷା ସଚେତନତା




ସଚେତନତା ଶିବିରରେ ଅତିଥି ଓ ଅନ୍ୟମାନେ।

ବନ୍ତ,୧୪।୯(ହରିନାରାୟଣ ମହାନ୍ତି)

ବନ୍ତ ବ୍ଲକ ବସନ୍ତିଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରବିବାର ସାମାଜିକ ସୁରକ୍ଷା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଅଶୋକ କୁମାର ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବସନ୍ତିଆସ୍ଥିତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର ବେହେରା, ମୁଖ୍ୟବକ୍ତା ବନ୍ତ ପଞ୍ଚାୟତର ସମିତିସଭ୍ୟ ପରମେଶ୍ୱର ବାରିକ, ସମ୍ମାନିତ ଅତିଥି ଭାବେ ଆଇନଜୀବୀ ଅରବିନ୍ଦ ଦାସ, ସାମାଜିକ କର୍ମୀ ପ୍ରଦୀପ କୁମାର ପଣ୍ଡା ଓ ଶିକ୍ଷକ ଲକ୍ଷ୍ମୀଧର ପଣ୍ଡା ଯୋଗ ଦେଇଥିଲେ। ଯୁବବର୍ଗର ସମାଜ ପ୍ରତି ଉତ୍ତରଦାୟିତ୍ୱ, ନିଶା ଓ ତମାଖୁ ଦ୍ରବ୍ୟ ବର୍ଜନ, ସୁସ୍ଥ ପରିବେଶ ପ୍ରତି ଧ୍ୟାନ ଦେଲେ ସମାଜର ପରିବର୍ତ୍ତନ ହୋଇପାରିବ ବୋଲି ଅତିଥିମାନେ ପରାମର୍ଶ ଦେଇଥିଲେ। ସୁନୀଲ ଦାସ, ରୁଦ୍ରନାରାୟଣ ମହାନ୍ତି, ଅଜୟ ରଞ୍ଜନ ମହାନ୍ତି, ମନ୍ମଥ ମହାନ୍ତି, ମାନସ ନାୟକ, ଅଜିତ କୁମାର ଧଳ, ତପସ୍ୱିନୀ ମଲ୍ଲିକ, ମମତା ପାଣିଗ୍ରାହୀ, ବର୍ଷାରାଣୀ ରାଉତ, ଦମୟନ୍ତୀ ସାହୁଙ୍କ ସମେତ ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀର ସଭ୍ୟା ଶିବିରରେ ଯୋଗ ଦେଇଥିଲେ।

# ପ୍ରାଥମିକ ଶିକ୍ଷକ ସଂଘର ନିନ୍ଦା

### ମହୁଲପଙ୍କା ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ ଅଟକ ପ୍ରସଙ୍ଗ

ବଉଳା,୧୪।୯(ଦୁର୍ଗା ପ୍ରସାଦ ଆୟଚ): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ମହୁଲପଙ୍କା ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ ଶୁକ୍ରବାର ସକାଳ ୧୦ରୁ ରାତି ୮ ଟା ପର୍ଯ୍ୟନ୍ତ କମିଟି ସଦସ୍ୟ, ଅଭିଭାବକ ଅଟକ ରଖିଥିଲେ। ଘଟଣାରେ ଗୋଷ୍ଠୀ ଶିକ୍ଷାଧିକାରୀ ଚୁପ୍ ରହିଥିବା ବେଳେ ରବିବାର ହାଟଡ଼ିହୀ ଶିକ୍ଷକ ସଂଘ(ଏନ୍‌ପିଏସ୍) ଘଟଣାକୁ ନିନ୍ଦା କରିଛି। ପ୍ରକାଶ ଯେ, ପଡିଆରିପଲ୍ଲୀ ପଞ୍ଚାୟତ ମହୁଲପଙ୍କା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବକୁ ନେଇ ମୁଖ୍ୟ ଫାଟକକୁ ଅଭିଭାବକ ଓ କମିଟି ସଦସ୍ୟ ତାଲା ପକାଇଦେଇଥିଲେ। ଏହି ସମୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରବିନାରାୟଣ ଦାସମହାପାତ୍ରଙ୍କୁ ଗେଟ ପାଖରେ ରାତି ୮ଟା ପର୍ଯ୍ୟନ୍ତ ଅଟକ ରଖିଥିଲେ। ସୋସୋ ପୋଲିସ ପହଞ୍ଚି ଉଦ୍ଧାର କରିଥିଲା। ଶିକ୍ଷକଙ୍କୁ ଅଟକ ଓ ମାନସିକ ନିର୍ଯାତନା ଦେବାକୁ ନେଇ ଶିକ୍ଷକ ସଂଘର ସଭାପତି ରାଜକିଶୋର ସ୍ୱାଇଁଙ୍କ ସଭାପତିତ୍ୱରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସଂଘର କେଶବ କର, କ୍ଷେତ୍ରବାସୀ ମିଶ୍ର, ସୁରେନ୍ଦ୍ରନାଥ ରାଉତ, ଶ୍ରୀକାନ୍ତ ସେଠୀ, ସୁଦର୍ଶନ ମୁଦୁଲି ପ୍ରମୁଖ ଘଟଣାକୁ ଦୃଢ଼ ନିନ୍ଦାକରିଛନ୍ତି। ଯେଉଁ କମିଟି ସଦସ୍ୟ ଓ ଅଭିଭାବକମାନେ ଶିକ୍ଷକଙ୍କୁ ସମ୍ମାନ ନ ଦେବେ, ସେହି ବିଦ୍ୟାଳୟକୁ ଏହି ବର୍ଗର ଶିକ୍ଷକମାନେ ଯିବେନାହିଁ ବୋଲି ଆଲୋଚିତ ହୋଇଥିଲା। ଲିଖିତ ଭାବେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଦିଆଯିବା ନେଇ ସଭାପତି ସ୍ୱାଇଁ ସୂଚନା ଦେଇଛନ୍ତି। ଶିକ୍ଷକଙ୍କର ଭୁଲ୍ ନ ଥାଇ ଯଦି କମିଟି ସଦସ୍ୟ ଓ ଅଭିଭାବକ ଏଭଳି ବ୍ୟବହାର କରନ୍ତି ସଂଘ ଆଗାମୀ ଦିନରେ ପଦକ୍ଷେପ ନେବ ବୋଲି ଆଲୋପତ ହୋଇଥିଲା।

# ଚୋରା ଖଣିଜ ବୋଝେଇ ଟ୍ରକ୍ ଜବତ

ଯୋଡ଼ା,୧୪।୯(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଥାନା ଅନ୍ତର୍ଗତ ବେହେରା ହଟିଂ ଅଞ୍ଚଳରୁ ଶନିବାର ବିଳମ୍ବିତ ରାତିରେ ପୋଲିସ ଏକ ଚୋରା ଖଣିଜ ବୋଝେଇ ଟ୍ରକ୍‌କୁ ଜବତ କରିଛି। ପୋଲିସକୁ ଦେଖି ଖଣିଜ ଚୋରା ବ୍ୟବସାୟୀ ଏବଂ ଟ୍ରକ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସୂଚନା ଅନୁଯାୟୀ, ଉକ୍ତ ପରିତ୍ୟକ୍ତ କ୍ରସର୍ ହତାରେ ଖଣି ବିଭାଗ, ବନ ବିଭାଗ ଏବଂ ଯୋଡ଼ା ପୋଲିସ ପକ୍ଷରୁ ବାରମ୍ବାର ତନଖି, ତଦନ୍ତ କରାଯାଇଛି। ମାତ୍ର ଚୋରା ଖଣିଜ ବ୍ୟବସାୟୀ ଚତୁରତାର ସହ ପରିତ୍ୟକ୍ତ ଖଣିଜ ଗଦାରୁ ପ୍ରତିଦିନ ଟ୍ରିପ୍ ଟ୍ରିପ୍ ଲୁହାପଥର ଚୋରାରେ ପରିବହନ କରୁଛନ୍ତି। ଶନିବାର ରାତିରେ ଟ୍ରକ୍ (ନଂ. ଓଡି ୩୨ ଜେ ୫୨୫୩) ଯୋଗେ ଚୋରାରେ ଲୁହାପଥର ବୋଝେଇ ଚାଲିଥିଲା। ପୋଲିସ ଖବର ପାଇ ଘଟଣାସ୍ଥଳରେ ଚଢ଼ାଉ କରି ଟ୍ରକ୍‌କୁ ଜବତ କରିଥିଲା। ଡ୍ରାଇଭର, ଚୋରା ଖଣିଜ ବ୍ୟବସାୟୀ ଫେରାର ହୋଇଯାଇଥିବା ବେଳେ ପୋଲିସ ଟ୍ରକ୍ ଜବତ କରି ତଦନ୍ତ ଆରମ୍ଭ କରିଛି। କ୍ରସରରୁ ଗତ ଫେବୃଆରୀଠାରୁ ଏଯାବତ୍ ପ୍ରାୟ ୫ରୁ ଊର୍ଦ୍ଧ୍ୱ ଖଣିଜ ବୋଝେଇ ଟ୍ରକ୍‌କୁ ପୋଲିସ ଓ ଖଣି ବିଭାଗ ଜବତ କରିଛି। କ୍ରସର ମାଲିକଙ୍କୁ ବାରମ୍ବାର ଖଣି ବିଭାଗ ପକ୍ଷରୁ ଓପନିଂ ଷ୍ଟକ୍ ଓ ବାଲାନ୍ସ ଷ୍ଟକ୍ ଦେବା ପାଇଁ ଖଣି ବିଭାଗ ପକ୍ଷରୁ ଚିଠି ଦିଆଯାଉଛି। ଏ ପର୍ଯ୍ୟନ୍ତ କୌଣସି ଉତ୍ତର ମିଳି ନ ଥିବା ଖଣି ଅଧିକାରୀ ଦୀପକ ଧୁରୁଆ କହିଛନ୍ତି। ତେଣେ ଅହରହ ଖଣିଜ ଚୋରି ହେବାରେ ଲାଗିଛି। ଅନତି ଦୂରରେ ଥିବା ଓଡ଼ିଶା ଖଣି ନିଗମକୁ କାହିଁକି ଏହାର କଷ୍ଟଡିଆନ କରାଯାଉନାହିଁ। ଏହା ମଧ୍ୟ ସାଧାରଣରେ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ଢେଙ୍କିକୋଟ,୧୪।୯(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଢେଙ୍କିକୋଟ୍ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ସାରୁପାଟ ପଞ୍ଚାୟତ ସାରୁପାଟରେ ଶନିବାର ପୋଖରୀରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସୁନାଟାଙ୍ଗିରି ଗ୍ରାମର ମିଥୁନ ନାଏକ(୩୫)। ମିଥୁନ ସାରୁପାଟ ଗ୍ରାମର ରଙ୍ଗାଧର ନାଏକଙ୍କ ଝିଅକୁ ବିବାହ କରି ସାରୁପାଟ ଗ୍ରାମରେ ରହୁଥିଲେ। ସେ ଜଣେ ରାଜମିସ୍ତ୍ରୀ ହୋଇଥିବା ବେଳେ ଶନିବାର କାମରୁ ଫେରି ଗ୍ରାମ ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ଅସାବଧାନତାବସତଃ ସେ ପୋଖରୀରେ ବୁଡ଼ିଯାଇଥିଲେ। ଘରକୁ ଫେରିବା ବିଳମ୍ବ ହେବାରୁ ଘରଲୋକ ପୋଖରୀକୁ ଯାଇ ହୁଡ଼ାରେ ଲୁଗାପଟା ଥିବା ବେଳେ ତାଙ୍କର ଦେଖା ଦର୍ଶନ ମିଳି ନ ଥିଲା। କେନ୍ଦୁଝର ଦମକଳ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ଢେଙ୍କିକୋଟ ପୋଲିସ ବିଟ ହାଉସ ଅଧିକାରୀ ତ୍ରିନାଥ ନାୟକଙ୍କ ଉପସ୍ଥିତିରେ ଖୋଜାଖୋଜି କରି ତାଙ୍କୁ ଉଦ୍ଧାର କରି କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଗାଁ ଥାନାରେ ଏକ ମାମଲା(ନଂ. ୪୭/୨୫) ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରି ତଦନ୍ତ ଜାରି ରଖିଛି।

DSPL-259

ଓଡ଼ିଶା ସରକାର

କାର୍ତ୍ତିକ ହବିଷ୍ୟାଳୀ ବ୍ରତ - ୨୦୨୫

ଶ୍ରୀକ୍ଷେତ୍ର ପୁରୀରେ ପ୍ରତିବର୍ଷ ପବିତ୍ର କାର୍ତ୍ତିକ ମାସରେ "ରାଇଦାମୋଦର ବ୍ରତ" ପାଳନ କରିବା ନିମିତ୍ତ ଓଡ଼ିଶା ସରକାରଙ୍କ ଦ୍ୱାରା ହବିଷ୍ୟାଳୀ ମା'ମାନଙ୍କ ପାଇଁ ରହଣୀ, ଶ୍ରୀ ଜଗନ୍ନାଥ ଦର୍ଶନ, ମହାପ୍ରସାଦ ସେବନ ଏବଂ ଅନ୍ୟାନ୍ୟ ସମସ୍ତ ବ୍ୟବସ୍ଥା ଜିଲ୍ଲା ପ୍ରଶାସନ, ପୁରୀଙ୍କ ସହାୟତାରେ କରାଯାଉଛି। ଚଳିତ ବର୍ଷ ପୁରୀରେ ହବିଷ୍ୟାଳୀ ବ୍ରତ ପାଳନ କରିବା ପାଇଁ ଆଗ୍ରହୀ ମା'ମାନେ ସେପ୍ଟେମ୍ବର ୧୯ ତାରିଖ ଦିବା ୧୦ ଘଟିକା ଠାରୁ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହେବା ପର୍ଯ୍ୟନ୍ତ ଅନ୍‌ଲାଇନ୍ ଲିଙ୍କ୍ https://edistrict.odisha.gov.in ମାଧ୍ୟମରେ ନିଜର ନାମ ପଞ୍ଜିକରଣ କରିପାରିବେ।

ଏ ସମ୍ପର୍କରେ ଅଧିକ ଜାଣିବା ପାଇଁ ନିମ୍ନରେ ପ୍ରଦତ୍ତ ଫୋନ୍ ନମ୍ବର ସହିତ ଯୋଗାଯୋଗ କରିବାକୁ ଅନୁରୋଧ।

ଆବେଦନର ନିୟମାବଳୀ :
୧. କେବଳ ବିଧବା ମହିଳା (ସର୍ବୋଚ୍ଚ ବୟସ ସୀମା ୭୦ବର୍ଷ)ଓ ବିବାହିତ ମହିଳା (୫୦ବର୍ଷରୁ ୭୦ବର୍ଷ) ପର୍ଯ୍ୟନ୍ତ ଆବେଦନ କରିପାରିବେ।
୨. ଶାରୀରିକ ଓ ମାନସିକ ଭାବେ ସୁସ୍ଥ ଥିବା ଆବଶ୍ୟକ।
୩. ନୂତନ ଆବେଦନକାରୀଙ୍କୁ ପ୍ରାଧାନ୍ୟ ଦିଆଯିବ।

ବି.ଦ୍ର : ଏଠାରେ ଅବଗତ କରାଇଦିଆଯାଉଛି ଯେ, ଅନ୍‌ଲାଇନ୍‌ରେ ପଞ୍ଜିକରଣକରି ହିତାଧିକାରୀ ଭାବେ ଚୟନ ହୋଇଥିବା ମା'ମାନଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ଶିବିର ନିକଟରେ ଆସି ଅପ୍ରତ୍ୟାଶିତ ଅନୁରୋଧକୁ ଗ୍ରହଣ କରାଯିବ ନାହିଁ। ଶିବିରରେ ହିତାଧିକାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଅସୁସ୍ଥ ଥିଲେ ପ୍ରବେଶ ଅନୁମତି ମିଳିବ ନାହିଁ।



OIPR-24014/13/0017/2526

ଅଧିକ ଜାଣିବା ପାଇଁ ଯୋଗାଯୋଗ କରନ୍ତୁ :
ଜିଲ୍ଲା ସଂସ୍କୃତି ଅଧିକାରୀ : - ୯୬୯୨୭୨୦୫୯୪, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ : - ୯୪୩୭୩୦୨୬୧୮
ଜିଲ୍ଲା କ୍ରୀଡ଼ା ଅଧିକାରୀ : - ୭୭୩୫୫୧୭୪୮୨, ଜିଲ୍ଲା କାର୍ଯ୍ୟାଳୟ : - (୦୬୭୫୨) ୨୨୨୬୬୪

## ଆଦିବାସୀ ନାବାଳିକା ଅନ୍ତଃସତ୍ତ୍ୱା, ୨ ଅଟକ

ନୀଳଗିରି,୧୪।୯(ପ୍ରଶାନ୍ତ ବିଶ୍ୱାଳ)- ନୀଳଗିରି ବ୍ଲକ ବରହମପୁର ଥାନା ଅଞ୍ଚଳର ଜଣେ ୧୫ ବର୍ଷୀୟା ଆଦିବାସୀ ନାବାଳିକା ଅନ୍ତଃସତ୍ତ୍ୱା ହୋଇଥିବା ଜଣାପଡିଛି। ଏନେଇ ପୋଲିସ ୨ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ଗାଁ ପାଖରେ ଥିବା ଏକ ହାଇସ୍କୁଲରେ ପୂର୍ବରୁ ଛାତ୍ରୀ ଜଣକ ପାଠ ପଢୁଥିଲେ। ସ୍କୁଲରୁ ଫେରିବା ବାଟରେ ଅଭିଯୁକ୍ତ ୫୬ ବର୍ଷୀୟ ଜଣେ ପଡ଼ୋଶୀ ତାଙ୍କୁ ଚକୋଲେଟ ଦେବା ବାହାନାରେ ଘରକୁ ଡାକି ବଳାତ୍କାର କରିଥିବା ଅଭିଯୋଗରେ ଦର୍ଶାଯାଇଛି।

## ୪୪୦ ଲିଟର ଦେଶୀ ମଦ ଜବତ

ବାହାନଗା,୧୪।୯(ଅରୂପ କୁମାର ଦାସ)- ବାହାନଗା ବ୍ଲକ ଗୋପାଳପୁର ଥାନା ଶାଳଗାଁ- କୁଆପଦା ରାସ୍ତାରୁ ପୋଲିସ ୪୪୦ ଲିଟର ଦେଶୀ ମଦ ସହିତ ୨ଟି ବାଇକ୍ ଜବତ କରିଛି। ଥାନା ଅଧିକାରୀ ଅଶୋକ ବାରିକ ସଦଳବଳେ ଜଗି ରହିଥିଲେ। ମଦ ବେପାରୀ ଦ୍ୱୟ ପୋଲିସକୁ ଦେଖି ମଦ ଓ ୨ ବାଇକ୍ ଛାଡ଼ି ପଳାଇ ଯାଇଥିଲେ। ପୋଲିସ ତାହା ଜବତ କରିବା ସହ ଏକ ମାମଲା ରୁଜୁ କରିଛି।

# ବକେୟା ଦରମା, ପୁନଃ ନିଯୁକ୍ତି ଦାବି

## ଆଉଟ୍‌ସୋର୍ସିଂ କର୍ମଚାରୀ ମହାସଂଘ ପକ୍ଷରୁ ଜିଲାପାଳଙ୍କୁ ସ୍ମାରକପତ୍ର


ଜିଲାପାଳଙ୍କ ଅଫିସ ସମ୍ମୁଖରେ ଆଉଟସୋର୍ସିଂ କର୍ମଚାରୀମାନେ।

ବାଲେଶ୍ୱର,୧୪।୯(ବାଞ୍ଛାନିଧି ଦେ)

ସରକାରୀ ଆଉଟ୍‌ସୋର୍ସିଂ କର୍ମଚାରୀ ମହାସଂଘ ତରଫରୁ ବାଲେଶ୍ୱର ଜିଲାପାଳଙ୍କୁ ଶନିବାର ୨ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଗତ ଦୁଇବର୍ଷ ଧରି ଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ଉପଜିଲାପାଳ ଏବଂ ସମସ୍ତ ତହସିଲ କାର୍ଯ୍ୟାଳୟରେ ପ୍ରାୟ ୯୦ ଜଣ ଆଉଟ୍‌ସୋର୍ସିଂ କର୍ମଚାରୀ କାର୍ଯ୍ୟ କରିଆସୁଥିଲେ। କିନ୍ତୁ କୌଣସି କାରଣ ନ ଥାଇ କେତେଜଣ କର୍ମଚାରୀଙ୍କୁ ଛଟେଇ କରାଯାଇଛି। ୭ ମାସରୁ ଊର୍ଦ୍ଧ୍ୱ ସମୟ ହେଲା କୌଣସି ଆଉଟ୍‌ସୋର୍ସିଂ କର୍ମଚାରୀଙ୍କୁ ଦରମା ଦିଆଯାଇ ନାହିଁ। ତେଣୁ ଆଉଟ୍‌ସୋର୍ସିଂ କର୍ମଚାରୀ ମହାସଂଘ ଜିଲା ଶାଖା ତରଫରୁ ବକେୟା ଦରମା ପୈଠ କରିବା ସହ ଛଟେଇ କର୍ମଚାରୀଙ୍କୁ ପୁନଃନିଯୁକ୍ତି ଦେବାପାଇଁ ଜିଲା ସଭାପତି ମନୋଜ ରାଉତ ଦାବି କରିଛନ୍ତି।

୮ରୁ ୧୦ ହଜାର ଟଙ୍କା ଦରମାରେ କର୍ମଚାରୀଙ୍କ ପରିବାର ଚଳେ। ଯଦି ଯଥାଶୀଘ୍ର କର୍ମଚାରୀଙ୍କ ବକେୟା ଦରମା ଦିଆ ନ ଯାଏ ତେବେ ଆଗାମୀ ଦିନରେ ଏହି ଆଉଟ୍‌ସୋର୍ସିଂ କର୍ମଚାରୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନରେ ବସିବେ ବୋଲି ରାଜ୍ୟ ଗଣମାଧ୍ୟମ ସଂଯୋଜକ ସାନୁ କୁମାର ଶାସମଲ ଚେତାବନୀ ଦେଇଛନ୍ତି। ସ୍ମାରକପତ୍ର ପ୍ରଦାନ ସମୟରେ ସନ୍ତୋଷ କୁମାର ବଗାଲ, ମାନସ ପଣ୍ଡା, ସାବିତ୍ରୀ ନାଥ, ଜୟନ୍ତ ସାହୁ, ସନ୍ତୋଷ ମହନ୍ତ, ରଣଜିତ ଗିରି, ବିଳାସିନୀ ଦାସ, ମମତା ସାହୁଙ୍କ ସହ ବହୁ ଆଉଟସୋର୍ସିଂ କର୍ମଚାରୀ ଉପସ୍ଥିତ ଥିଲେ।

## ପ୍ରଫେସର ଦେବାଶିଷ ପାତ୍ରଙ୍କୁ 'ଭାରତୀୟ ଭାଷା ସମ୍ମାନ-୨୦୨୫'

### ଏଫ୍ଏମ୍ ବିଶ୍ୱବିଦ୍ୟାଳୟ ପାଇଁ ଆଣିଲେ ଗୌରବ

ବାଲେଶ୍ୱର,୧୪।୯(ବାଞ୍ଛାନିଧି ଦେ)


ପ୍ରଫେସର ଦେବାଶିଷ ପାତ୍ରଙ୍କୁ ସମ୍ମାନିତ କରାଯାଉଛି।

ବାରଣାସୀର କାଶୀ ବିଦ୍ୟାପୀଠ ଅଡିଟୋରିୟମ୍‌ରେ ହିନ୍ଦୁସ୍ଥାନ ସମାଚାର ପକ୍ଷରୁ ଆୟୋଜିତ ଭାରତୀୟ ଭାଷା ସମ୍ମିଳନୀ ଅବସରରେ ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ପ୍ରଫେସର ଦେବାଶିଷ ପାତ୍ରଙ୍କୁ 'ଭାରତୀୟ ଭାଷା ସମ୍ମାନ-୨୦୨୫' ସମ୍ମାନରେ ସମ୍ମାନିତ କରାଯାଇଛି। ଓଡ଼ିଆ ଭାଷା ଓ ସାହିତ୍ୟ କ୍ଷେତ୍ରରେ ନିଜର ଅସାଧାରଣ ଅବଦାନ ସହ ଆଦିବାସୀ ଅଧ୍ୟୟନ ଓ ଗବେଷଣା ତଥା ସାହିତ୍ୟର ବିବିଧ ବିଷୟରେ ଶତାଧିକ ପ୍ରକାଶନମାଳା ପାଇଁ ପ୍ରଫେସର ପାତ୍ରଙ୍କୁ ଏହି ଜାତୀୟ ସମ୍ମାନ ପ୍ରଦାନ କରାଯାଇଛି। 'ମାତୃଭାଷା ଓ ବିକଶିତ ଭାରତ' ବିଷୟକୁ ଆଧାର କରି ଆୟୋଜିତ ଏହି ସମ୍ମିଳନୀକୁ ମୁଖ୍ୟଅତିଥି ଜମ୍ମୁ ଓ କାଶ୍ମୀରର ଲେଫ୍ଟେନାଣ୍ଟ ଗଭର୍ଣ୍ଣର ମନୋଜ ସିହ୍ନା ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷା ସଂସ୍କୃତି ଉତ୍ଥାନ ନ୍ୟାସର ଜାତୀୟ ସଚିବ ଅତୁଲ ଭାଇ କୋଠାରୀ ଯୋଗଦେଇ ସମ୍ମିଳନୀର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନନୀୟ ଅତିଥି ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅଜିତ କୁମାର ଚତୁର୍ବେଦୀ, କାଶୀ ବିଦ୍ୟାପୀଠର କୁଳପତି ପ୍ରଫେସର ଆନନ୍ଦ କୁମାର ତ୍ୟାଗୀ ଉପସ୍ଥିତ ଥିଲେ। ହିନ୍ଦୁସ୍ଥାନ ସମାଚାର ଗ୍ରୁପ୍‌ର ଅଧ୍ୟକ୍ଷ ଅରବିନ୍ଦ ବାଳଚନ୍ଦ୍ର ମଣ୍ଡେକର ଏହି ସମ୍ମିଳନୀରେ ସଭାପତିତ୍ୱ କରିଥିଲେ। ସମ୍ମିଳନୀରେ ସମ୍ବିଧାନ ସ୍ୱୀକୃତ ୨୨ଟି ଭାରତୀୟ ଭାଷାରୁ ପ୍ରତିଷ୍ଠିତ ସାହିତ୍ୟିକମାନେ ସମ୍ମାନିତ ହୋଇଥିଲେ।

ଏହି ଅବସରରେ ଏଫ୍ଏମ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ପ୍ରଫେସର ପାତ୍ରଙ୍କ ସଫଳତା ବିଶ୍ୱବିଦ୍ୟାଳୟ ପରିବାର ପାଇଁ ଗୌରବ। ଏହା ଓଡ଼ିଆ ସାହିତ୍ୟ ଓ ବିଶ୍ୱବିଦ୍ୟାଳୟ ପାଇଁ ଜାତୀୟ ମାନ୍ୟତା ପ୍ରାପ୍ତିର ଏକ ଅବିସ୍ମରଣୀୟ ମୁହୂର୍ତ୍ତ ଭାବେ ପରିଗଣିତ ହୋଇ ରହିବ ବୋଲି କହିଥିଲେ।

## ବ୍ଲକ୍‌ସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା


ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ପ୍ରତିଯୋଗୀଙ୍କ ସହ ଅତିଥି ଓ ବିଚାରକ।

ଖଇରା,୧୪।୯(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ କୃଷ୍ଣଚନ୍ଦ୍ର ପତ୍ରୀ ସଭାପତିତ୍ୱ କରିଥିଲେ। ଜିଲା ସଂଯୋଜକ ଅକ୍ଷୟ କୁମାର ପଣ୍ଡା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ସ୍ୱାମୀ ସୁଗିତାନନ୍ଦ ଗିରି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୀତା ମହାତ୍ମ୍ୟ ଉପରେ ଆଲୋକପାତ କରିଥିଲେ। ଉକ୍ତ ପ୍ରତିଯୋଗିତାରେ ପ୍ରଭଞ୍ଜନ ନାୟକ, କୃପାସିନ୍ଧୁ ପଣ୍ଡା, ଆଦ୍ୟାଶା ଦାସମହାପାତ୍ର, ପ୍ରଭାସିନୀ ବାରିକ କୃତିତ୍ୱ ଅର୍ଜନ କରିଥିଲେ। ଉଦୟ ରଞ୍ଜନ ଦାସ, ବୁଦ୍ଧିରାମ ପାଣିଗ୍ରାହୀ, ଅକ୍ଷିତ କୁମାର ଜେନା, ଶିବ ପ୍ରସାଦ ବଳ ଓ ଦ୍ୱାରିକାନାଥ ଶତପଥୀ ବିଚାରକ ଦାୟିତ୍ୱ ତୁଲାଇଥିଲେ। ପ୍ରଦ୍ୟୁମ୍ନ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

## 'ବାଲେଶ୍ୱରର ବିକାଶରେ ଗୋପନାରାୟଣଙ୍କ ଅବଦାନ ଅତୁଳନୀୟ'

### ପୂର୍ବତନ ବିଧାୟକଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ

ବାଲେଶ୍ୱର,୧୪।୯(ବାଞ୍ଛାନିଧି ଦେ)

ଅବିଭକ୍ତ ବାଲେଶ୍ୱର ଜିଲାର ସାମଗ୍ରୀକ ବିକାଶ କ୍ଷେତ୍ରରେ ପୂର୍ବତନ ବିଧାୟକ ଗୋପନାରାୟଣ ଦାସଙ୍କ ଅବଦାନ ଅତୁଳନୀୟ। ତାଙ୍କ ବିଧାୟକତ୍ୱ ସମୟରେ ଶିଳ୍ପବିହୀନ ବାଲେଶ୍ୱର ଜିଲାରେ ବହୁ ବୃହତ୍ ଓ ମଧ୍ୟମ ଧରଣର ଶିଳ୍ପ ପ୍ରତିଷ୍ଠା ପାଇଁ ସେ ପଦକ୍ଷେପ ନେଇଥିଲେ। ଏପରିକି ବାଲିଘାଟ ପୋଲ ନିର୍ମାଣ, ଜିଲା ମୁଖ୍ୟ ଚିକିତ୍ସାଳୟରେ ଶିଶୁ ଭବନ ନିର୍ମାଣ, ଚାନ୍ଦିପୁରରେ ଆଇଟିଆର୍ ପ୍ରତିଷ୍ଠା ସହ 'ଅଗ୍ନି' କ୍ଷେପଣାସ୍ତ୍ର ଭଳି ଦୂରଗାମୀ କ୍ଷେପଣାସ୍ତ୍ର ପରୀକ୍ଷାରେ ମୂଳଦୁଆ ସେ ପକାଇ ପାରିଥିଲେ। ତେଣୁ ତାଙ୍କୁ 'ଅଗ୍ନି ବିଧାୟକ' ଭାବେ ତତ୍କାଳୀନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀ ସମ୍ବୋଧନ କରୁଥିଲେ ବୋଲି ରବିବାର ହୋଟେଲ ହରିପ୍ଲାଜାରେ ସ୍ୱର୍ଗତ ବିଧାୟକ ଦାସଙ୍କ ତୃତୀୟ ଶ୍ରାଦ୍ଧବାର୍ଷିକୀ ଅବସରରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଅତିଥିମାନେ ମତବ୍ୟକ୍ତ କରିଥିଲେ।


ପ୍ରତିମୂର୍ତ୍ତି ନିକଟରେ ସରକାରୀ ଉପ-ମୁଖ୍ୟ ସଚେତକଙ୍କ ସହ ଅନ୍ୟମାନେ।

ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ପୂର୍ବତନ ଏମ୍‌ପି ପ୍ରଦୀପ ମାଝୀ, ବିଜେଡି ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର, ପୂର୍ବତନ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ସ୍ୱରୂପ କୁମାର ଦାସ ଓ ମୁକ୍ତିକାନ୍ତ ମଣ୍ଡଳ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଗିରିଶ ଚନ୍ଦ୍ର ଦାଶ, ଭାଜପା ଜିଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ବରିଷ୍ଠ ଖବରଦାତା ରଞ୍ଜନ ବାଗ, ବାର ଆସୋସିଏସନ୍ ସଭାପତି କେଶବ ଚନ୍ଦ୍ର ଆଚାର୍ଯ୍ୟ, ଶିଳ୍ପପତି ସଂଗ୍ରାମ ଦାସ, କାଉନସିଲର ପଦ୍ମଲୋଚନ ଲେଙ୍କା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦାସଙ୍କ ସ୍ମୃତିଚାରଣ କରିଥିଲେ। ବରିଷ୍ଠ ଖବରଦାତା ବିପ୍ଳବ କୁମାର ମହାନ୍ତି ସ୍ମୃତି ସଭାରେ ଅଧ୍ୟକ୍ଷତା କରିଥିଲେ। ପୂର୍ବତନ ସରପଞ୍ଚ ଗଣେଶ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ପୂର୍ବାହ୍ନରେ ଓଟି ରୋଡ୍ ସ୍ଥିତ ସ୍ୱର୍ଗତ ଦାସଙ୍କ ପ୍ରତିମୂର୍ତ୍ତିରେ ସାମୂହିକ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସରକାରୀ ଉପ-ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ସଦର ବିଧାୟକ ମାନସ କୁମାର ଦତ୍ତ, ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ, ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା, ଯୁବନେତା ବିକ୍ରମ ପଣ୍ଡା, ରେମୁଣା ବ୍ଲକ୍ ଚେୟାରମ୍ୟାନ ରାଜେନ୍ଦ୍ର ରାଉତ, ବଂଶୀଧର ଦଳେଇ, ଆଇନଜୀବୀ ଶାନ୍ତନୁ ଦାସ, ଛାତ୍ରନେତା ସିମନ ଦାସମହାପାତ୍ର, ବିକାଶ ପାଢ଼ୀଙ୍କ ସମେତ ବହୁ ଜନପ୍ରତିନିଧି ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସ୍ୱର୍ଗତ ବିଧାୟକଙ୍କ ଧର୍ମପତ୍ନୀ ବୀଣାପାଣି ଦାସ, ବଡ଼ପୁଅ ବିଭୁପଦ ଦାସ, ବଡ଼ ବୋହୂ ପୂରବୀ ଦାସ, ସାନପୁଅ ଦେବଦତ୍ତ ଦାସ, ସାନବୋହୂ ପ୍ରିୟମ୍ବଦା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶନିବାର ଅପରାହ୍ନରେ ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ ଓ ବରିଷ୍ଠ କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ ସ୍ୱର୍ଗତ ବିଧାୟକଙ୍କ ବାସଭବନରେ ପହଞ୍ଚି ତାଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ଆଦର୍ଶ ପ୍ରଧାନ ଶିକ୍ଷକଙ୍କ ସ୍ମୃତିଚାରଣ ସଭା

ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/ କାଳିପଦା(ରାଜଶ୍ରୀ ପାଣିଗ୍ରାହୀ),୧୪।୯

ବାଲିଆପାଳ ବ୍ଲକ ପ୍ରତାପପୁର ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମାର୍କଣ୍ଡ ଚରଣ ସାହୁଙ୍କ ଏକାଦଶାହ ଉପଲକ୍ଷେ ଶୁକ୍ରବାର ଅପରାହ୍ନରେ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ବିଶିଷ୍ଟ ସାହିତ୍ୟିକ ବ୍ରଜେନ୍ଦ୍ର ନାଥ ଗିରି ସଭାପତିତ୍ୱ କରିଥିଲେ। ସ୍ୱର୍ଗତ ମାର୍କଣ୍ଡ ଚରଣ ସାହୁ କେବଳ ଜଣେ ଖ୍ୟାତନାମା ଛାତ୍ରବତ୍ସଳ ପ୍ରଧାନ ଶିକ୍ଷକ ନ ଥିଲେ, ଏକାଧାରରେ ଜଣେ ସୁସାହିତ୍ୟିକ, କବି, ଗାଳ୍ପିକ, ନାଟ୍ୟକାର ସୁସଂଗଠକ ତଥା ସ୍ୱାମୀ ନିଗମାନନ୍ଦ ପରମହଂସ ଦେବଙ୍କ ଆଦର୍ଶରେ ଅନୁପ୍ରାଣିତ ଆଧ୍ୟାତ୍ମିକ ସାଧକ ଥିଲେ ବୋଲି ବକ୍ତାମାନେ କହିଥିଲେ। ସ୍ମୃତିଚାରଣ ସଭାରେ ମୁଖ୍ୟ ଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଧୀରେନ୍ଦ୍ର ନାଥ ହାଜିରା, ଜଳଧର ସାହୁ, ସାମାଜିକ କର୍ମୀ ବିକାଶ ରଞ୍ଜନ ଗିରି, ସୁସାହିତ୍ୟିକ ନଳିନୀକାନ୍ତ ପାଢ଼ୀ, ଜଗନ୍ନାଥ ସେବା ସଂସ୍ଥାର ପ୍ରତିଷ୍ଠାତା ଜଗନ୍ନାଥ ପ୍ରଧାନ ଓ ତାଙ୍କ ସ୍ତ୍ରୀ ଶଙ୍କରୀମଣି ପ୍ରଧାନ, ମନ୍ମଥ କୁମାର ରାଉତ, ଗୌରୀପ୍ରସାଦ ମହାନ୍ତି, ପ୍ରଫୁଲ୍ଲ ସି, ମନ୍ମଥ ରାଉତ, ହରେକୃଷ୍ଣ ରାଉତ, ମୃତ୍ୟୁଞ୍ଜୟ ସାମନ୍ତରାୟ, ଜୟନ୍ତ ଜେନା, ରାଧାକୃଷ୍ଣ ସାହୁ, ତପନ ସାହୁ, ପୂର୍ଣ୍ଣଚନ୍ଦ୍ର ଗୋଛାୟତ, ଅଞ୍ଜଳି ବିଶ୍ୱାଳ, ରାଧାକୃଷ୍ଣ ରାଉତ, ଅଶ୍ୱିନୀ ପାତ୍ର, ଅଜୟ ପାତ୍ର, ସରପଞ୍ଚ କସ୍ତୁରୀବାଳା ପାତ୍ର, ପର୍ଶୁରାମ ସାହୁ ପ୍ରମୁଖ ବହୁ ବ୍ୟକ୍ତି ଯୋଗ ଦେଇଥିଲେ। ପୁତ୍ର ରମାକାନ୍ତ ସାହୁ, ଦୁଇ ନାତି ଦିବ୍ୟଲୋଚନ,ରାଜୀବ ଲୋଚନ ଓ ୩ କନ୍ୟା ଓ ଜ୍ୱାଇଁ ପ୍ରମୁଖ ଉପସ୍ଥିତଥିଲେ।

## ରୋଟାରୀ କ୍ଲବ୍ ପକ୍ଷରୁ ଅସହାୟଙ୍କୁ ସହାୟତା


କ୍ଲବ ପକ୍ଷରୁ ନିଃସହାୟ ଲୋକଙ୍କୁ ସହାୟତା ପ୍ରଦାନ କରାଯାଉଛି।

ଜଳେଶ୍ୱର,୧୪।୯ (ସତ୍ୟରଞ୍ଜନ ପ୍ରଧାନ)

ସୁବର୍ଣ୍ଣରେଖା ରାଇବଣିଆ ରୋଟାରୀ କ୍ଲବ୍ ପକ୍ଷରୁ ନିଃସହାୟ ଲୋକଙ୍କୁ ସହାୟତା ପ୍ରଦାନ କରାଯାଇଛି। ରବିବାର ଅପରାହ୍ନରେ ଆମ୍ବଳିଆଠା ଛକ ନିକଟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଅନେକ ନିଃସହାୟମାନଙ୍କୁ ଛତା, ମଶାରୀ ଗାମୁଛା ପ୍ରଦାନ କରାଯାଇଥିଲା। କ୍ଲବର ସଭାପତି ପ୍ରାଣକୃଷ୍ଣ ଗିରିଙ୍କ ପୌରହିତ୍ୟରେ ପୂର୍ବତନ ସଭାପତି ଡ. ଅଜିତ୍ କୁମାର ମହାନ୍ତି, ଅଧ୍ୟାପକ ସୁଧୀର କୁମାର କର, ଡ. ନୀଳକଣ୍ଠ ଖଣ୍ଡା, ସୁନିଲ କୁମାର ନାୟକ, ଡ. ଅକ୍ଷୟ କୁମାର ପରିଡ଼ା, ସପନ କୁମାର ଜେନା, ଉପସଭାପତି ସୁକୁମାର ରଣା ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ଅତିଥି ଭାବେ ଚିତ୍ତରଞ୍ଜନ ପରିଡ଼ା, ନନ୍ଦନ କୁମାର କର, ସୁଶାନ୍ତ କୁମାର ଦେ, ସ୍ୱରୂପ ନନ୍ଦୀ, ରଘୁନାଥ ଜେନା ପ୍ରମୁଖ ଯୋଗଦେଇଥିଲେ।

## 'ଅବକ୍ଷୟ ସଂସ୍କୃତିରେ ସୁଧାର ଆଣେ ସଂସ୍କୃତ ଭାଷା'

ଭୋଗରାଇ,୧୪।୯(ପ୍ରଦୀପ ଦାସ )

ସଂସ୍କୃତ ଭାଷା ଦିବ୍ୟ ଚେତନାକୁ ଜାଗ୍ରତ କରେ। ଅବକ୍ଷୟ ସଂସ୍କୃତିରେ ସୁଧାର ଆଣି ସାରା ବିଶ୍ୱକୁ ଏକତାର ବନ୍ଧନରେ ବାନ୍ଧିଥାଏ ବୋଲି ରବିବାର ବାଲେଶ୍ୱର ଜିଲାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଆରଆଇଏଚଏସ ମହାବିଦ୍ୟାଳୟ ଅଡିଟୋରିୟମ ହଲରେ ଦେବଭାଷା ବିକାଶ ପରିଷଦ ପକ୍ଷରୁ ୮ମ ବାର୍ଷିକ ପ୍ରତିଷ୍ଠା ଦିବସରେ ସଂସ୍କୃତ ଓ ସଂସ୍କୃତି ସମ୍ପନ୍ନ ବିଶାରଦମାନେ ମତପ୍ରକାଶ କରିଛନ୍ତି। ପରିଷଦର ସଭାପତି ଡା. ଶ୍ରୀଶ କୁମାର ଦାଶଙ୍କ ପୌରହିତ୍ୟରେ ପରିଚାଳିତ ବୌଦ୍ଧିକ ପରିବେଶକୁ ମୁଖ୍ୟ ଅତିଥି ଆରଆଇଏଚ ଏସ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ବିଜୟ କୁମାର ମିଶ୍ର ଉଦ୍‌ଘାଟନ କରିଥିଲେ। ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳର ଛାତ୍ରମାନେ ବୈଦିକ ମଙ୍ଗଳା ଚରଣ ପାଠ କରିଥିଲେ। ଲକ୍ଷ୍ୟ ଉଦ୍ଦେଶ୍ୟ ଓ ସମ୍ଭାଷଣ ପ୍ରଦାନ କରିଥିଲେ ଦେବ ଭାଷା ବିକାଶ ପରିଷଦର ମହାସଚିବ ଡ. ସତୀଶ ଚନ୍ଦ୍ର ପଣ୍ଡା। ମୁଖ୍ୟବକ୍ତା ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ପୁରୀର ଅବସରପ୍ରାପ୍ତ ପ୍ରଫେସର କମଳେଶ ମିଶ୍ର ଯୋଗ ଦେଇଥିଲେ। ଏହି ଅବସରରେ ପଣ୍ଡିତ ଷଷ୍ଠୀ ଚରଣ ନନ୍ଦ ଓ ନିରଞ୍ଜନ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମାରୋହକୁ ପରିଚାଳନା କରିଥିଲେ ଶିକ୍ଷକ ସମନ୍ୱୟ ସମିତିର ମହା ସଚିବ ନଟରଞ୍ଜନ ଘରାଇ, ଅଧ୍ୟାପକ ବ୍ରଜବିହାରୀ ପତି, ଦେବାଶିଷ ପଣ୍ଡା, ଓଷ୍ଟାର ସମ୍ପାଦକ ଶାଶ୍ୱତ କୁମାର ଜେନା, ପ୍ରବୀଣ ଶିକ୍ଷକ ବିଜୟ କୁମାର ସିଂ, ସୁଶାନ୍ତ କୁମାର ମିଶ୍ର, ଚନ୍ଦନ କୁମାର ପଣ୍ଡା। ସଂସ୍କୃତ ଶିକ୍ଷକ ଦେବଶଙ୍କର ଦାଶ ଧନ୍ୟବାଦ ଦେଇଥିଲେ।

## ଡେଙ୍ଗୁ ନିରାକରଣ ସଚେତନତା କାର୍ଯ୍ୟକ୍ରମ

ଜଳେଶ୍ୱର,୧୪।୯(ନବୀନ ସାହୁ)

ଜଳେଶ୍ୱର ବ୍ଲକ ଅଧୀନ ଖୁଦିଆମାଝୀସାହି ପଞ୍ଚାୟତର ବେହେରାସାହି ଗାଁରେ ଦୀର୍ଘଦିନ ଧରି ଡେଙ୍ଗୁ ଆତଙ୍କ ଦେଖାଦେଇଛି। ୨୦ରୁ ଅଧିକ ଲୋକ ଏଥିରେ ଆକ୍ରାନ୍ତ ହେଲେଣି। ଏହି ଡେଙ୍ଗୁକୁ କିଭଳି ନିୟନ୍ତ୍ରଣ କରାଯାଇ ପାରିବ ସେଥିନେଇ ଜଳେଶ୍ୱରର ଅଗ୍ରଣୀ ସାମାଜିକ ସଂଗଠନ ମେ ଆଇ ହେଲ୍ପ ୟୁ ମୋ ପରିବାର ତରଫରୁ ବେହେରାସାହି ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଘରେ ଘରେ ସଚେତନତା ପୋଷ୍ଟର ଲଗାଯିବା ସହିତ ନାଳ ନର୍ଦ୍ଦମାରେ ବ୍ଲିଚିଂ ପାଉଡ଼ର ପକାଇବା, ନାଳ ନର୍ଦ୍ଦମା ଓ ଲୋକଙ୍କ ଘର ଆଗରେ ବିଷାକ୍ତ ସ୍ପ୍ରେ କରିବା, ମଶାରୀ ଟାଙ୍ଗି ଶୋଇବା, ସଫା ସୁତୁରା ରହିବା ପାଇଁ ସଂଗଠନର ସଦସ୍ୟମାନେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ସଂଗଠନର ପ୍ରତିଷ୍ଠାତା ଜଗନ୍ନାଥ ପରିଡ଼ା, ବିପ୍ଳବ କୁମାର ପ୍ରଧାନ, ହରେକୃଷ୍ଣ ଜେନା, ଏମ୍‌ଡ଼ି ରାଜୁ, ରାଜୀବ ବେହେରା, ସଞ୍ଜୀବ ପ୍ରଧାନ, ଉତ୍ତମ ପାଇକରାୟ, ବସନ୍ତ ମହାନ୍ତି, ଅଜୟ ଘୋଷ, ରତିକାନ୍ତ ଘୋଷ, ରଣଜିତ ବେହେରା, ସପନ ବେହେରା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

## ସାବାଡ଼୍ ହେବେ ଶିକାରୀ

### କୁଳଡିହା ଅଭୟାରଣ୍ୟରେ ଜୋରଦାର କୋମ୍ବିଂ ଅପରେଶନ

ନୀଳଗିରି,୧୪।୯(ପ୍ରଶାନ୍ତ ବିଶ୍ୱାଳ)

୨୭୨.୭୫ ବର୍ଗ କିମି ପରିବ୍ୟାପ୍ତ କୁଳଡିହା ଅଭୟାରଣ୍ୟରେ ଆରମ୍ଭ ହୋଇଛି ଜୋରଦାର କୋମ୍ବିଂ ଅପରେଶନ। ବାଲେଶ୍ୱର ଜିଲା ବନଖଣ୍ଡ ଅଧିକାରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଏହାର ନେତୃତ୍ୱ ନେଇଛନ୍ତି। ସରକାରୀ ନିର୍ଦ୍ଦେଶନାମା ଅନୁସାରେ ସମସ୍ତ ବନ କର୍ମଚାରୀ ମାସକୁ ଘଞ୍ଚ ଜଙ୍ଗଲରେ ୧୦୦ କି.ମି ଚାଲି ପାଟ୍ରୋଲିଂ କରିବେ। ସବୁଜବାହିନୀ ଓ ଗାର୍ଡ ୧୦୦ କି.ମି. ଚାଲିବା ସହ ଫରେଷ୍ଟର ୭୫ କି.ମି. ରେଞ୍ଜର ୫୦ କି.ମି., ଏସିଏଫ୍ ୨୫କି.ମି. ଏବଂ ଡିଏଫ୍‌ଓ ୧୫ କି.ମି ଜଙ୍ଗଲରେ ଚାଲି ଜୀବଜନ୍ତୁଙ୍କ ଗତିବିଧି ଲକ୍ଷ୍ୟ କରିବା ସହ ଶିକାରୀଙ୍କ ଉପରେ ନଜର ରଖିବେ।

ଏହି ପରିପ୍ରେକ୍ଷୀରେ ରବିବାର କୁଲଡ଼ିହା ଅଭୟାରଣ୍ୟ ଚାରିପଟୁ ୪ଟି ଟିମ୍ ବନ୍ଧୁକ ଧରି କୋମ୍ବିଂ ଅପରେଶନ ଆରମ୍ଭ କରି କୁଲଡିହାର ଅଗ୍ରଭାଗ ମଣ୍ଡଳେଶ୍ୱରୀଠାରେ ପହଞ୍ଚିଥିଲେ। ସେଠାରେ ପୂଜାର୍ଚ୍ଚନା କରିବା ପରେ ପୁଣି ତଳକୁ ଓହ୍ଲାଇଥିଲେ। ବନ କର୍ମଚାରୀଙ୍କ ପକ୍ଷରୁ ହଠାତ୍ ଏହି ଅପରେଶନ ଆରମ୍ଭ ହୋଇଥିବାରୁ ଶିକାରୀମାନେ ଛତ୍ରଭଙ୍ଗ ଦେଇଥିବା ଜଣାପଡ଼ିଛି। ଏହି ପାଟ୍ରୋଲିଂ ଟିମ୍‌ରେ ଡିଏଫ୍‌ଓ ମଲ୍ଲିକ, ଏସିଏଫ୍ ଶୋଭନ ଦିଗନ୍ତ ଚାନ୍ଦ ଓ କୁଲଡ଼ିହା ରେଞ୍ଜର ଦାୟିତ୍ୱରେ ଥିବା ଏସିଏଫ୍ ସୁବ୍ରତ କୁମାର ବେହେରା ପ୍ରମୁଖ ରହିଛନ୍ତି।


ମଣ୍ଡଳେଶ୍ୱରୀଠାରେ ବନ ବିଭାଗ ଅଧିକାରୀ ଓ କର୍ମଚାରୀ।

## ୬.୬୬କୋଟି ବ୍ୟୟ ଅଟକଳରେ ନିର୍ମାଣ ହେବ ରାସ୍ତା

### ଭିତ୍ତିପ୍ରସ୍ତର ସ୍ଥାପନ କଲେ ବିଧାୟକ

ବାଲେଶ୍ୱର,୧୪।୯(ବାଞ୍ଛାନିଧି ଦେ)

ବାଲେଶ୍ୱର ୬୦ନଂ. ଜାତୀୟ ରାଜପଥଠାରୁ ନୂଆପୁର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ବିଧାୟକ ମାନସ କୁମାର ଦତ୍ତ ରବିବାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ମୋଟ ୪.୯୦୦ କିମି ରାସ୍ତା ନିର୍ମାଣ ପାଇଁ ୬କୋଟି ୬୬ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି ରାସ୍ତା ବଇଞ୍ଚା, ବୁଆଁଳ ଓ ନଗ୍ରମ ପଞ୍ଚାୟତ ଦେଇ ଜାତୀୟ ରାଜପଥକୁ ଯୋଡ଼ି ହେବ। ଏ ନେଇ ବଇଞ୍ଚା ପଞ୍ଚାୟତର ଗୁଜୁରୀବଜାର ଛକଠାରେ ବିଧାୟକ ଦତ୍ତ ନୂତନ ରାସ୍ତାର ଶିଳାନ୍ୟାସ କରିଥିଲେ। ଏହି ରାସ୍ତା ନିର୍ମାଣ ଦ୍ୱାରା ଜନସାଧାରଣ ସିଧାସଳଖ ଜାତୀୟ ରାଜପଥ ଦେଇ ବିଭିନ୍ନ ସ୍ଥାନକୁ ଯାତାୟତ କରିପାରିବେ। ଏହି ୩ ପଞ୍ଚାୟତ ସମେତ ସଦର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବହୁ ପଞ୍ଚାୟତବାସୀ ଉପକୃତ ହେବେ। ବିଶେଷ କରି ବନ୍ୟାଞ୍ଚଳ ଭାବେ ପରିଚିତ ପଞ୍ଚାୟତଗୁଡ଼ିକର ଜନସାଧାରଣଙ୍କ ପାଇଁ ଉନ୍ନତମାନର ଯାତାୟତ ବ୍ୟବସ୍ଥାକୁ ରାଜ୍ୟସରକାର ପ୍ରାଥମିକତା ଦେଉଛନ୍ତି। ରାସ୍ତା ନିର୍ମାଣରେ ଉତ୍ତମ ଗୁଣବତ୍ତା ରକ୍ଷା ସହିତ ଠିକ୍ ମାନଦଣ୍ଡ ଓ ଧାର୍ଯ୍ୟ ସମୟସୀମା ମଧ୍ୟରେ ଶେଷ କରିବାକୁ ବିଧାୟକ ଦତ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ବିଧାୟକ ବୁଆଁଳ ପଞ୍ଚାୟତ ପାଇଁ ଉଦ୍ଦିଷ୍ଟ ୪୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ୧୦ରୁ ଅଧିକ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଜିଲା ପରିଷଦ ସଦସ୍ୟ ଗୟାଧର ବେହେରା, ବଇଞ୍ଚା ସରପଞ୍ଚ ରବିନାରାୟଣ ପ୍ରଧାନ, ସମିତିସଭ୍ୟା ଗୀତା ସୋରେନ, ବୁଆଁଳ ସରପଞ୍ଚ ଜିତେନ ଯେନା, ସମିତିସଭ୍ୟ ମାୟାଧର ମହାଳିକ, ନଗ୍ରମ ସରପଞ୍ଚ ବନିତା ଭୂୟାଁ ଓ ସମିତିସଭ୍ୟ ରଞ୍ଜନ କୁମାର ପାଣି ପ୍ରମୁଖ ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ବରିଷ୍ଠ ଭାଜପା ନେତା ରବିନାରାୟଣ ମହାପାତ୍ର, ପର୍ଶୁରାମ ବେହେରା, ଗୌରାଙ୍ଗ ଦାସ, କାହ୍ନୁ ମହାଳିକ, ଶ୍ରୀକାନ୍ତ ମହାପାତ୍ର, ରାଜେନ୍ଦ୍ର ଚାଟାର୍ଜୀ, କାର୍ତ୍ତିକ ଚନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।


ଶିଳାନ୍ୟାସ କାର୍ଯ୍ୟକ୍ରମରେ ବିଧାୟକଙ୍କ ସହ ଅନ୍ୟମାନେ।

# ଘର ସାମ୍ନାରୁ ନାବାଳିକାଙ୍କୁ ଅପହରଣ

ବାସୁଦେବପୁର,୧୪।୯ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଚୁଡ଼ାମଣି ସାମୁଦ୍ରିକ ଥାନା ଅଧୀନ ରାଧାନାଥପୁର ଆଡ଼ିଆ ଗ୍ରାମରେ ଶନିବାର ରାତିରେ ଜଣେ ବ୍ୟକ୍ତିଙ୍କ ଘର ସାମ୍ନାରୁ ତାଙ୍କ ନାବାଳିକା ଝିଅକୁ ଦୁର୍ବୃତ୍ତମାନେ ଅପହରଣ କରିନେଇଛନ୍ତି। ଭଦ୍ରକ ଏସ୍‌ପି ମନୋଜ ରାଉତଙ୍କ ନିର୍ଦ୍ଦେଶକ୍ରମେ ବାସୁଦେବପୁର ପୋଲିସ ସେହି ଅଞ୍ଚଳର ବିଭିନ୍ନ ରାସ୍ତାକୁ ବ୍ଲକେଡ୍ କରି ଛାନ୍‌ବିନ୍ କରିଛି। ଏନେଇ ନାବାଳିକାଙ୍କ ଅଜାଙ୍କ ଅଭିଯୋଗକ୍ରମେ ଚୁଡ଼ାମଣି ସାମୁଦ୍ରିକ

## ବିଭିନ୍ନ ରାସ୍ତାକୁ ନାକାବନ୍ଦୀ କରି ପୋଲିସର ଛାନ୍‌ବିନ୍

ଥାନାରେ ଏକ ମାମଲା (ନଂ. ୭୪/୨୫) ରୁଜୁ ହୋଇଛି। ରବିବାର ଏସ୍‌ପି ରାଉତ ଉକ୍ତ ଗ୍ରାମରେ ପହଞ୍ଚି ନାବାଳିକାଙ୍କ ପରିବାର ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ସୂଚନା ଅନୁଯାୟୀ, ୮ ବର୍ଷୀୟା ନାବାଳିକା ରାତି ପ୍ରାୟ ୮ଟା ବେଳେ ଶୌଚହେବାକୁ ଘରୁ ବାହାରକୁ ଆସିଥିଲେ। ଏହିସମୟରେ ପୂର୍ବରୁ ଅନ୍ଧାରରେ ରାସ୍ତାରେ ଜଗି ରହିଥିବା ୨ଜଣ ଅଚିହ୍ନା ଯୁବକ ଜୋରଜବରଦସ୍ତି ତାଙ୍କୁ ଉଠାଇ ନେଇ ବାଇକ୍‌ରେ ବସାଇ ଚମ୍ପଟ ମାରିଥିଲେ। ନାବାଳିକାଙ୍କ ବଡ଼ଭଉଣୀ ଏହା ଦେଖି ଘର ଲୋକଙ୍କୁ ଡାକ ପକାଇଥିଲେ। ପରିବାର ଲୋକ ଓ ପଡ଼ୋଶୀ ଆଖପାଖ ଅଞ୍ଚଳ ଖୋଜାଖୋଜି କରିବା ପରେ ନାବାଳିକାଙ୍କର କୌଣସି ସୂରାକ ନ ପାଇ ଚୁଡ଼ାମଣି ସାମୁଦ୍ରିକ ଥାନାକୁ ଜଣାଇଥିଲେ। ପରେ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ବାସୁଦେବପୁର ଥାନାଧିକାରିଣୀ ଲୋପାମୁଦ୍ରା ନାୟକ, ନାୟକାଣିଡିହି ଥାନାଧିକାରିଣୀ ରାଜଲକ୍ଷ୍ମୀ ନାୟକ, କଣ୍ଟିଆ ସାମୁଦ୍ରିକ ଥାନାଧିକାରିଣୀ ସାବିତ୍ରୀ ପଣ୍ଡା, ଚୁଡ଼ାମଣି ସାମୁଦ୍ରିକ ଥାନାଧିକାରିଣୀ ବନାନୀ ବେହେରା ପ୍ରମୁଖ ବାସୁଦେବପୁରର ବିଭିନ୍ନ ରାସ୍ତାକୁ ବ୍ଲକେଡ୍ କରି ଅପହୃତା ନାବାଳିକାଙ୍କୁ ଉଦ୍ଧାର ପାଇଁ ଉଦ୍ୟମ ଚଳାଇଛନ୍ତି। ଭଦ୍ରକ ସଦର ଏସ୍‌ଡିପିଓ ବିତ୍ରାନନ୍ଦ ସେଠୀ ଏହି ଘଟଣାର ତଦନ୍ତ ଦାୟିତ୍ୱ ନେଇଛନ୍ତି। ଖୁବ୍‌ଶୀଘ୍ର ନାବାଳିକାଙ୍କୁ ଉଦ୍ଧାର କରାଯିବ ବୋଲି ଏସ୍‌ପି ପ୍ରତିଶ୍ରୁତି ଦେଇଛନ୍ତି।

**୨ ଯୁବକଙ୍କୁ ଅପହରଣ ସହ ଆକ୍ରମଣ ଓ ଗୁଳିମାଡ଼ ଘଟଣା**

# ପୂର୍ବ ଶତ୍ରୁତାରୁ ହତ୍ୟା ଉଦ୍ୟମ: ୩ ଗିରଫ

## ଖଣ୍ଡା, ଖୋକା, ୨ ବାଇକ ଜବତ

ଖୋର୍ଦ୍ଧା,୧୪।୯(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ଅଧୀନ ହାଟବସ୍ତ ଛକରୁ ୨ଯୁବକଙ୍କୁ ଅପହରଣ ପରେ ଆକ୍ରମଣ ଓ ଗୁଳିମାଡ଼ ଘଟଣାର ପର୍ଦ୍ଦାଫାଶ୍ କରିଛି ପୋଲିସ। ଏହି ମାମଲାରେ ୩ ଅଭିଯୁକ୍ତଙ୍କୁ ଗିରଫ ପରେ ରବିବାର କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବାଙ୍କୋଇର ଭିକାରି ଜୟସିଂହ ଓରଫ ହାଡ଼ିଆ(୨୩), ବାବୁଲୁ ବରାଡ଼ ଓରଫ ବବୁଲୁ(୨୧) ଏବଂ ଅଜିତ କୁମାର ଦଳେଇ ଓରଫ ବାବୁ (୪୦)। ସେମାନଙ୍କଠାରୁ ୨ଟି ବାଇକ (ନଂ ଓଡି୦୨-ଏଜେଡ୍-୪୦୮୨ ଏବଂ ଓଡି୩୩ କ୍ୟୁ-୫୧୮୪), ଖଣ୍ଡା, ୩ଟି ଖୋକା ଜବତ କରାଯାଇଛି। ଏହି ଘଟଣାର ଅନ୍ୟତମ ଅଭିଯୁକ୍ତ ସୂର୍ଯ୍ୟକାନ୍ତ ଛୋଟରାୟ ଓରଫ ସିଲୁଙ୍କ ସମେତ ଅନ୍ୟମାନେ ଫେରାର ଅଛନ୍ତି। ପୂର୍ବ ଶତ୍ରୁତାରୁ ଅଭିଯୁକ୍ତମାନେ ସମ୍ପୃକ୍ତ ଯୁବକ ଦ୍ୱୟଙ୍କୁ ହତ୍ୟା ଉଦ୍ୟମ କରିଥିଲେ ବୋଲି ପୋଲିସ ପ୍ରାଥମିକ ଅନୁସନ୍ଧାନରୁ ଜାଣିବାକୁ ପାଇଛି।

ପୋଲିସ ସୂଚନା ଅନୁଯାୟୀ, ଗତ ୧୦ ତାରିଖ ରାତିରେ ହାଟବସ୍ତ ଛକରେ ପ୍ରାୟ ୧୦ରୁ ୧୨ଜଣ ଯୁବକ ବିଭିନ୍ନ ପ୍ରକାର ମାରଣାସ୍ତ୍ର ଧରି ୬ଟି ବାଇକରେ ଆସି ପହଞ୍ଚିଥିଲେ। ଘଟଣାସ୍ଥଳରେ ସେମାନେ ବଡ଼କୁମାରୀ ଗ୍ରାମର ମାନସ ଜେନା ଓ ଦୀପକ ପରିଡ଼ାଙ୍କୁ ଖଣ୍ଡାରେ ଆକ୍ରମଣ ସହ ଗୁଳିମାଡ଼ କରି ଅପହରଣ କରିନେବା ପରେ ହତ୍ୟା ଧମକ ଦେଇଥିଲେ। ପରେ ଅଭିଯୁକ୍ତମାନେ ମାନସ ଓ ଦୀପକଙ୍କୁ ପଟାବନ୍ଧା ଡ୍ୟାମ୍ ଆଡ଼କୁ ନେଇଯାଇ ସେଠାରେ ଉଲଗ୍ନ କରିଥିଲେ। ହତ୍ୟା ଉଦ୍ଦେଶ୍ୟରେ ମାନସଙ୍କୁ ଘେରିଯାଇ ଖଣ୍ଡାରେ ମୁଣ୍ଡ, ମୁହଁ, ହାତ ଏବଂ ଶରୀରର ଅନ୍ୟ ସ୍ଥାନରେ ଆକ୍ରମଣ, ଛୁରାଘାତ, ଗୁଳିମାଡ କରିଥିଲେ। ଦୀପକଙ୍କ ମୁଣ୍ଡରେ ବୋତଲରେ ପିଟିଦେବା ସହ ଖଣ୍ଡାରେ ହାଣିଥିଲେ। ଏହାପରେ ଅଭିଯୁକ୍ତମାନେ ଉଭୟଙ୍କୁ ଫତେଗଡ଼ ଥାନା ଅନ୍ତର୍ଗତ ବାଲିଆପଟା ଜଙ୍ଗଲ ଅଞ୍ଚଳକୁ ନେଇଯାଇଥିଲେ। ସେଠାରେ ସେମାନଙ୍କୁ ଜୋରଜବରଦସ୍ତ ଅପରିଷ୍କାର ପାଣି ପିଆଇ ଛାଡ଼ିଦେଇଥିଲେ। ମାନସଙ୍କ ବେକରୁ ସୁନାଚେନ ଓ ମୋବାଇଲ ଫୋନ ଛଡାଇ ନେଇଥିଲେ। ଏହି ଘଟଣା ସମ୍ପର୍କରେ ଫତେଗଡ଼ ପୋଲିସ ଖବର ପାଇ ଅଭିଯୁକ୍ତମାନଙ୍କୁ ଧରିବାକୁ ଉଦ୍ୟମ କରୁଥିବାବେଳେ ସେମାନେ ପୋଲିସ ଉପରକୁ ଗୁଳି ଚଳାଇଥିଲେ। ଏନେଇ ଫତେଗଡ ଥାନାରେ ବିଏନ୍ଏସ୍ ଦଫା ୧୧୫(୨),୧୦୯/୧୨୬/(୨),୧୩୨/୩(୫), ଆର୍ମସ ଆକ୍ଟ ୨୫/୨୭ ଅନୁଯାୟୀ ଏକ ମାମଲା (ନଂ. ୨୯୩/୨୫) ରୁଜୁ ହୋଇଛି। ବୋଲଗଡ଼ ପୋଲିସ ପହଞ୍ଚି ଆହତ ଦ୍ୱୟଙ୍କୁ ଉଦ୍ଧାର କରି ପ୍ରଥମେ ରାଜସୁନାଖଲା ଡାକ୍ତରଖାନାରେ ଭର୍ତ୍ତିକରିଥିଲା। ପରେ ଉଭୟଙ୍କୁ ଭୁବନେଶ୍ୱର ଏମ୍‌ସକୁ ସ୍ଥାନାନ୍ତର କରାଯାଇଥିଲା। ଆହତ ମାନସଙ୍କ ଭାଇ ନିହାରଙ୍କ ଅଭିଯୋଗ କ୍ରମେ ଥାନାରେ ବିଏନ୍ଏସ୍ ଦଫା ୧୨୬(୨)/୨୯୬/୧୧୫(୨)/୧୧୭(୨)/୧୧୮(୨)/୧୦୯/୧୪୦(୩)/୩୦୩/୩୫୧(୨)/୩(୫) ଏବଂ ୨୫/୨୭ ଆର୍ମସ ଆକ୍ଟରେ ଏକ ମାମଲା (ନଂ. ୨୦୭/୨୫) ରୁଜୁ ହୋଇଥିଲା।

ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶ କ୍ରମେ ସଦର ଏସ୍‌ଡିପିଓ ଅନିଲ ମହାନ୍ତିଙ୍କ ନେତୃତ୍ୱରେ ବୋଲଗଡ଼ ଥାନାଧିକାରୀ ସ୍ନିଗ୍ଧାମୟୀ ବରାଳ, ସଦର ଥାନାଧିକାରୀ କାହ୍ନୁଚରଣ ସ୍ୱାଇଁ, ଆଦର୍ଶ ଥାନାଧିକାରୀ ସଞ୍ଜୟ ନାୟକ, ବେଗୁନିଆ ଥାନାଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା, ଏସ୍ଆଇ ଏଲ୍.ପି. ପାଢ଼ୀ, ଏଏସ୍ଆଇ ଟି.କେ. ନାୟକ, ପି.କେ. ଦଳାଇ ପ୍ରମୁଖଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିଲେ। ୩ଜଣଙ୍କୁ ଗିରଫ କରାଯାଇଥିବାବେଳେ ଅନ୍ୟମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ପି ଶର୍ମା ସୂଚନା ଦେଇଛନ୍ତି।



ଗିରଫ ୩ ଅଭିଯୁକ୍ତ ଏବଂ ଜବତ ଖଣ୍ଡା ଓ ଗୁଳି।

**ସୁରକ୍ଷାବଳ ସହ ଗୁଳି ବିନିମୟ**

# ମାଓବାଦୀ ସବ୍ ଜୋନାଲ କମାଣ୍ଡର ନିହତ

ରାଉରକେଲା,୧୪।୯(ସଙ୍ଗୀତା ଜେନା)

ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତରେ ମାଓବାଦୀ ଦମନ ପ୍ରକ୍ରିୟା ଜୋରଦାର କରାଯାଇଛି। କ୍ରମବର୍ଦ୍ଧିଷ୍ଣୁ ଅପରାଧ ନିୟନ୍ତ୍ରଣ ପାଇଁ ପ୍ରାୟ ୨ବର୍ଷ ହେଲା ଉକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନ କରାଯାଉଛି। ଏହି କ୍ରମରେ ରବିବାର ସକାଳ ୬ଟାରେ ସୀମାନ୍ତ ସରଣ୍ଡା ଅଞ୍ଚଳରେ କୋମ୍ବିଂ ବେଳେ ସୁରକ୍ଷାବଳ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ ସୁରକ୍ଷାବଳଙ୍କ ଗୁଳିମାଡ଼ରେ ଜଣେ ମାଓବାଦୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ମାଓବାଦୀ ସବ୍ ଜୋନାଲ କମାଣ୍ଡର ମୁଖଦେବ ଯାଦବ। ତାଙ୍କ ମୁଣ୍ଡ ଉପରେ ୫ ଲକ୍ଷ ଟଙ୍କା ପୁରସ୍କାର ରାଶି ଘୋଷଣା ହୋଇଥିଲା। ଏ ନେଇ ସିଆର୍‌ପିଏଫ୍ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

ସୂଚନା ଅନୁଯାୟୀ, ସରଣ୍ଡା ଜଙ୍ଗଲ ସଂଲଗ୍ନ ମାନାଟୁ ଜଙ୍ଗଲରେ ସୁରକ୍ଷାବଳ ଏବଂ ପ୍ରତିବନ୍ଧିତ ମାଓବାଦୀ ସଙ୍ଗଠନ ଟିଏସ୍‌ପିଏସ୍ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ପାଲାମୁ ଏସ୍‌ପି ରିଷ୍ମା ରାମେଶନଙ୍କ ନେତୃତ୍ୱରେ ସୁରକ୍ଷାବଳଙ୍କ ଗୁଳିମାଡ଼ର ସାମ୍ନା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ଯାଞ୍ଚ ବେଳେ ଘଟଣାସ୍ଥଳରେ ସବ୍ ଜୋନାଲ କମାଣ୍ଡର ମୁଖଦେବଙ୍କ ମୃତଦେହ ମିଳିଥିଲା। ସେହିପରି ଗୋଟିଏ ଇନସାସ୍ ରାଇଫଲ୍, ପିସ୍ତଲ, ଗୁଳି ଓ ମାଗାଜିନ୍ ସହ ଅନ୍ୟ ସାମଗ୍ରୀ ଜବତ ହୋଇଛି। ସେପ୍ଟେମ୍ବର ୩ ରାତିରେ ଉକ୍ତ ମାଓବାଦୀ ସଙ୍ଗଠନ ସହିତ ଗୁଳି ବିନିମୟ ସମୟରେ ପାଲାମୁ ଜିଲାର ୨ ଜଣ ଯବାନ୍ ଶହୀଦ ହୋଇଥିଲେ। ପରେ ସୁରକ୍ଷାବଳ ପକ୍ଷରୁ କୋମ୍ବିଂ ଅପରେଶନ କରାଯାଇ ଟିଏସ୍‌ପିଏସି ସୁପ୍ରିମୋ ଶଶିକାନ୍ତ ଗୁଞ୍ଜୁଙ୍କୁ ଟାର୍ଗେଟ କରାଯାଇଥିଲା। ତାଙ୍କ ମୁଣ୍ଡ ଉପରେ ୧୦ଲକ୍ଷ ଟଙ୍କା ପୁରସ୍କାର ରାଶି ରହିଥିଲା। ରବିବାର ସକାଳେ କୋମ୍ବିଂ ଅପରେଶନ ସମୟରେ ମାଓବାଦୀମାନେ ସୁରକ୍ଷାବଳଙ୍କ ଉପରକୁ ଆଖିବୁଜା ଗୁଳିଚାଳନା କରିଥିଲେ। ଏହାର ଜବାବରେ ୨୦୯ କୋବ୍ରା, ଜାଗୁଆର ଏବଂ ସିଆର୍‌ପିଏଫ୍ (ଏସ୍‌ଟିଏଫ୍) ସମେତ ସୁରକ୍ଷାବଳଙ୍କ ପାଲଟା ଗୁଳିମାଡ଼ କରିଥିଲେ। ସୁଯୋଗ ନେଇ ମାଓବାଦୀମାନେ ଘଟଣାସ୍ଥଳ ଛାଡ଼ି ଫେରାର ହୋଇଯାଇଥିଲେ। ନିହତ ମାଓବାଦୀଙ୍କ ମୃତଦେହ ଜବତ ହୋଇଛି ଏବଂ କୋମ୍ବିଂ ଅପରେଶନ ଜାରି ରହିବ ବୋଲି ଏସ୍‌ପି ରାମେଶନ୍ କହିଛନ୍ତି।




କୋମ୍ବିଂ ବେଳେ ଜବତ ମାଓବାଦୀ ସାମଗ୍ରୀ।

# ସୀମାନ୍ତରେ ଗୁଳି ବିନିମୟ, ଜଣେ ମାଓବାଦୀ ନିହତ


ମାଲକାନଗିରି,୧୪।୯(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲାରେ ସୁରକ୍ଷାକର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ଜଣେ ମାଓବାଦୀ ନିହତ ହୋଇଛନ୍ତି। ମୃତ ମାଓବାଦୀଙ୍କ ନାମ ଅରୁଣ ମାଡକାମ ବୋଲି ଜଣାପଡ଼ିଛି। ତାଙ୍କ ଉପରେ ୮ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ସୂଚନା ଅନୁଯାୟୀ, ମାଓବାଦୀଙ୍କ ଗତିବିଧି ସମ୍ପର୍କରେ ଖବର ପାଇ ବିଜାପୁର ଡିଆର୍‌ଜି, ଏସ୍‌ଟିଏଫ୍ ଓ କୋବ୍ରା ୨୦୨ ଯବାନମାନେ ମିଳିତ ଭାବେ ବିଜାପୁର ଜିଲାର କାକେକୋର୍ମା ଜଙ୍ଗଲରେ ସର୍ଚ୍ଚ ଅପରେଶନ କରିଥିଲେ। ଏହି ସମୟରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟିଥିଲା। ଏଥିରେ ମାଓବାଦୀମାନେ ଯବାନମାନଙ୍କ ଆକ୍ରମଣକୁ ପ୍ରତିହତ କରି ନ ପାରି ଜଙ୍ଗଲ ମଧ୍ୟରେ ଛତ୍ରଭଙ୍ଗ ଦେଇଥିଲେ। ଯବାନଙ୍କ ସର୍ଚ୍ଚ ଅପରେଶନ ସମୟରେ ମାଓବାଦୀ ଅରୁଣଙ୍କ ମୃତଦେହ ଜବତ କରାଯାଇଥିଲା। ଏଥିସହ ଘଟଣାସ୍ଥଳରେ ୧୨ ବନ୍ଧୁକ, ବିଜିଏଲ୍ ଲଞ୍ଚର, ବିସ୍ଫୋରକ ସାମଗ୍ରୀ, ସ୍କାନର ସେଟ୍, ସୋଲାରପ୍ଲେଟ, ମାଓବାଦୀ ପୁସ୍ତିକା ଏବଂ ଔଷଧ ଆଦି ସାମଗ୍ରୀ ଜବତ କରାଯାଇଛି।




ଜବତ ହୋଇଥିବା ମାଓବାଦୀ ସାମଗ୍ରୀ।

## BUSINESS




ଜୟଆଲୁକ୍କାସ୍ ପକ୍ଷରୁ ତେଲଙ୍ଗାନାର କୁକାଟପଲ୍ଲୀରେ ଗ୍ରାଣ୍ଡ ନୂତନ ଦ୍ୱିତୀୟ ଶୋ'ରୁମ୍ ଉଦ୍‌ଘାଟନ ଅବସରରେ ପିଏସି ଅଧ୍ୟକ୍ଷ ତଥା ସେରଲିଙ୍ଗମପଲ୍ଲୀ ବିଧାୟକ ଆରେକାପୁଡ଼ି ଗାନ୍ଧୀ, ବିବେକାନନ୍ଦ ନଗର କଲୋନି କର୍ପୋରେଟର ରୋଜା ଦେବୀ, ଜୟଆଲୁକ୍କାସ୍‌ର କାର୍ଯ୍ୟକାରୀ ନିର୍ଦ୍ଦେଶକ ଆଣ୍ଟୋନି ଜୋସ୍, ଥମାସ୍ ମାଥ୍ୟୁ, ସିଓଓ ହେନ୍‌ରୀ ଜର୍ଜ, ରିଟେଲ ମୁଖ୍ୟ ରାଜେଶ କୃଷ୍ଣନ୍, ମାର୍କେଟିଂ ମୁଖ୍ୟ ଅନୀଶ ଭାର୍ଗୀସ, ଆଞ୍ଚଳିକ ପରିଚାଳକ ସୁନୀଲ ପିଏସ୍ ପ୍ରମୁଖ ଉପସ୍ଥିତ ଅଛନ୍ତି।




ଜୟଆଲୁକ୍କାସ୍ ପକ୍ଷରୁ ତାମିଲନାଡୁର ତାଞ୍ଜାଭୁର୍‌ରେ ଗ୍ରାଣ୍ଡ ନୂତନ ଦ୍ୱିତୀୟ ଶୋ'ରୁମ୍ ଉଦ୍‌ଘାଟନ ଅବସରରେ ତାଞ୍ଜାଭୁର୍ ନଗର ନିଗମର ମେୟର ଥିରୁ ସାନ ରାମାନାଥାନ୍, ଜୟଆଲୁକ୍କାସ୍‌ର କାର୍ଯ୍ୟକାରୀ ନିର୍ଦ୍ଦେଶକ ଆଣ୍ଟୋନି ଜୋସ୍ ଓ ଥମାସ୍ ମାଥ୍ୟୁ, ସିଓଓ ହେନ୍‌ରୀ ଜର୍ଜ, ରିଟେଲ ମୁଖ୍ୟ ରାଜେଶ କୃଷ୍ଣନ୍, ମାର୍କେଟିଂ ମୁଖ୍ୟ ଅନୀଶ ଭାର୍ଗୀସ ପ୍ରମୁଖ ଉପସ୍ଥିତ ଅଛନ୍ତି।

# 'ହ୍ୱାଇଟ ଗୁଡ୍ସ' ପାଇଁ ପିଏଲ୍ଆଇ ଯୋଜନାର ପୁନଃ ଆବେଦନ

ଭୁବନେଶ୍ୱର,୧୪।୯(ଅନୁରାଧା ମହାରଣା)



କେନ୍ଦ୍ର ସରକାର ଏୟାର କଣ୍ଡିଶନର ଓ ଏଲ୍ଇଡି ଲାଇଟ ଆଦି 'ହ୍ୱାଇଟ ଗୁଡ୍ସ' ପାଇଁ ପ୍ରଡକ୍ସନ ଲିଙ୍କ୍‌ଡ ଇନ୍‌ସେଣ୍ଟିଭ (ପିଏଲ୍ଆଇ) ଯୋଜନାର ଆବେଦନ ୱିଣ୍ଡୋ ୩୦ ଦିନ ପାଇଁ ପୁନଃ ଖୋଲିଛନ୍ତି। ଏହା ସୋମବାରରୁ ଅକ୍ଟୋବର ୧୪ ପର୍ଯ୍ୟନ୍ତ ଖୋଲା ରହିବ। ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ କହିଛି, ଶିଳ୍ପ ଜଗତର ଅଧିକ ନିବେଶ ଚାହିଦାକୁ ଦେଖି ଏହି ନିଷ୍ପତ୍ତି ନିଆଯାଇଛି। ଏହା ପରେ କୌଣସି ଆବେଦନ ଗ୍ରହଣ କରାଯିବ ନାହିଁ। ନୂଆ ଆବେଦନକାରୀ, ବର୍ତ୍ତମାନର ଲାଭାର୍ଥୀ ଯେଉଁମାନେ ଉଚ୍ଚ ଲକ୍ଷ୍ୟ ହାସଲ କରିବାକୁ ଚାହାନ୍ତି କିମ୍ବା ଅଧିକ ନିବେଶ ପାଇଁ ପ୍ରସ୍ତାବ ଦେଉଛନ୍ତି ଏବଂ ସେମାନଙ୍କ ଗୋଷ୍ଠୀ କମ୍ପାନୀ ଆବେଦନ କରୁଛନ୍ତି, ସେମାନେ ନିର୍ଦ୍ଧାରିତ ସର୍ତ୍ତ ସହ ଆବେଦନ କରିପାରିବେ। ଚତୁର୍ଥ ପର୍ଯ୍ୟାୟରେ ସ୍ୱୀକୃତ ଆବେଦନକାରୀ ସର୍ବାଧିକ ୨ ବର୍ଷ ପାଇଁ ପିଏଲ୍ଆଇ ପାଇବେ। ସରକାରଙ୍କ ତଥ୍ୟ ଅନୁସାରେ, ଏହି ଯୋଜନାରେ ବର୍ତ୍ତମାନ ସୁଦ୍ଧା ୮୩ଟି କମ୍ପାନୀକୁ ଲାଭାର୍ଥୀ ଭାବେ ଚୟନ କରାଯାଇଛି। ଏମାନେ ୧୦,୪୦୬ କୋଟି ଟଙ୍କା ନିବେଶ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ନିବେଶ ଏସି ଓ ଏଲ୍ଇଡି ଲାଇଟ୍‌ର ସମ୍ପୂର୍ଣ୍ଣ ମୂଲ୍ୟ ଶୃଙ୍ଖଳରେ ଉପକରଣ ଉତ୍ପାଦନକୁ ବୃଦ୍ଧି କରିବ, ଯେଉଁଥିରେ ବର୍ତ୍ତମାନ ଭାରତରେ ପର୍ଯ୍ୟାପ୍ତ ମାତ୍ରାରେ ଉତ୍ପାଦନ ହେଉ ନ ଥିବା ଉପକରଣ ମଧ୍ୟ ଅନ୍ତର୍ଭୁକ୍ତ ରହିଛି। ୨୦୨୧ ଏପ୍ରିଲ ୭ରେ ଏହି ଯୋଜନାକୁ କେନ୍ଦ୍ରୀୟ କ୍ୟାବିନେଟ ଅନୁମୋଦନ କରିଥିଲା। ଏହା ୨୦୨୧-୨୨ରୁ ୨୦୨୮-୨୯ ପର୍ଯ୍ୟନ୍ତ ୭ ବର୍ଷ ପାଇଁ କାର୍ଯ୍ୟକାରୀ ହେବ ଏବଂ ଏହାର କ୍ୟାପିଟାଲ ଏକ୍ସପେଣ୍ଡିଚର ଖର୍ଚ୍ଚ ୬,୨୩୮ କୋଟି ଟଙ୍କା। ସୂଚନା ଥାଉକି, ପିଏଲ୍ଆଇ ଯୋଜନା ହେଉଛି ଭାରତ ସରକାରଙ୍କ ଏକ ପ୍ରମୁଖ ଶିଳ୍ପ ନୀତି। ଏହା ଅଧୀନରେ କମ୍ପାନୀଗୁଡ଼ିକୁ ସେମାନଙ୍କ ସମୃଦ୍ଧିଶୀଳ ଉତ୍ପାଦନ ଆଧାରରେ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଏ। ଏହା ଭାରତକୁ ବିଶ୍ୱ ଉତ୍ପାଦନ କେନ୍ଦ୍ର କରିବା ସହ 'ମେକ୍ ଇନ୍ ଇଣ୍ଡିଆ' ଓ 'ଆତ୍ମନିର୍ଭର ଭାରତ'କୁ ସଶକ୍ତ କରି ଘରୋଇ ଉତ୍ପାଦନ, ନୂଆ ରୋଜଗାର ଓ ରପ୍ତାନି କ୍ଷମତା ବୃଦ୍ଧି ଲକ୍ଷ୍ୟ ରଖିଛି।

# କମିବନି ୫ଟଙ୍କିଆ ଚିପ୍ସ, ବିସ୍କୁଟ ଦାମ

ଭୁବନେଶ୍ୱର,୧୪।୯

କେନ୍ଦ୍ର ସରକାର ଜିଏସଟି ସଂସ୍କାରରେ ବଡ଼ ପରିବର୍ତ୍ତନ ଆଣିଛନ୍ତି, ଯାହା ଦୈନନ୍ଦିନ ଜୀବନରେ ବ୍ୟବହୃତ ଜିନିଷକୁ ଶସ୍ତା କରିବ। ଜିଏସଟି କାଉନସିଲ ଅନେକ ଜିନିଷରେ ଟିକସ ହାର ହ୍ରାସ କରି ୫% ଓ ୧୮% ଦୁଇଟି ଟିକସ ହାରକୁ ଅନୁମୋଦନ କରିଛି। ନୂଆ ହାର ୨୨ ସେପ୍ଟେମ୍ବର ୨୦୨୫ରୁ ଲାଗୁ ହେବ। ଏହାଦ୍ୱାରା ବିସ୍କୁଟ, ସାବୁନ, ଟୁଥପେଷ୍ଟ ଭଳି ଜିନିଷ ଶସ୍ତା ହେବ। ତେବେ, ମନିକଂଟ୍ରୋଲ ଡଟ କମର ରିପୋର୍ଟ ଅନୁସାରେ, ଏଫଏମସିଜି କମ୍ପାନୀମାନେ କହିଛନ୍ତି ଯେ ୫ ଟଙ୍କାର ଚିପ୍ସ, ବିସ୍କୁଟ, ୧୦ ଟଙ୍କାର ସାବୁନ ଓ ୨୦ ଟଙ୍କାର ଟୁଥପେଷ୍ଟର ଦାମ ଅପରିବର୍ତ୍ତିତ ରହିବ। କାରଣ, ଭାରତୀୟ ଗ୍ରାହକ ଏହି ମାନକ ମୂଲ୍ୟରେ ଅଭ୍ୟସ୍ତ। ୧୦ କିମ୍ବା ୨୦ ଟଙ୍କା ବଦଳରେ ୯ କିମ୍ବା ୧୮ ଟଙ୍କା କଲେ ଗ୍ରାହକଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇପାରେ, ଯାହା ସେମାନଙ୍କ କ୍ରୟ ଅଭ୍ୟାସ ଓ ବିକ୍ରି ଉପରେ ପ୍ରଭାବ ପକାଇବ। ଏହି ପଦକ୍ଷେପ ଗ୍ରାହକଙ୍କ ସୁବିଧା ଓ ବଜାର ସ୍ଥିରତା ମଧ୍ୟରେ ସନ୍ତୁଳନ ରକ୍ଷା କରିବ।

# ବିଓଆଇ ପକ୍ଷରୁ ରି-କେୱାଇସି ପରିପୂର୍ତ୍ତି ଅଭିଯାନ

ଭୁବନେଶ୍ୱର,୧୪।୯(ଅନୁରାଧା ମହାରଣା)

ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ), ଭୁବନେଶ୍ୱର ରିଜିଅନ ପକ୍ଷରୁ ପୁରୀ ଜିଲା ଅରଖକୁଦା ଓ ଗୋପିନାଥପୁର ପଞ୍ଚାୟତରେ ରି-କେୱାଇସି ପରିପୂର୍ତ୍ତି ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳର ଉପଆଞ୍ଚଳିକ ପ୍ରବନ୍ଧକ ଶ୍ୟାମଳ କୁମାର ଦାସ, ଅରଖକୁଦା ପଞ୍ଚାୟତର ସରପଞ୍ଚ ସୁମିତ୍ରା ବେହେରା, ଗୋପିନାଥପୁର ପଞ୍ଚାୟତର ସରପଞ୍ଚ ସରୋଜ କୁମାର ଲେଙ୍କା ଏବଂ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ଅଧିକାରୀ ସନ୍ତୋଷ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ରି-କେୱାଇସି, ପିଏମ୍‌ଜେଜେୱାଇ, ପିଏମ୍‌ଏସ୍‌ବିୱାଇ, ଅଟଳ ପେନ୍‌ସନ ଯୋଜନା ଏବଂ ଓ ଅମ୍ବୁଡ୍‌ସମ୍ୟାନ ଆଦି ଗୁରୁତ୍ୱପୂର୍ଣ୍ଣ ବିଷୟରେ ସଚେତନତା ସୃଷ୍ଟି କରାଯାଇଥିଲା। ଉପ-ଆଞ୍ଚଳିକ ପ୍ରବନ୍ଧକ ଦାସ ସମାଜରେ ସାମାଜିକ ସୁରକ୍ଷା ଯୋଜନାର ପ୍ରଭାବ ଉପରେ ଗୁରୁତ୍ୱାରୋପ କରିଥିବା ସହ ଗ୍ରାମାଞ୍ଚଳରେ ବ୍ୟାଙ୍କିଙ୍ଗ୍ ସେବାର ପ୍ରବେଶ ଉପରେ ଗୁରୁତ୍ୱ ଦେଇଥିଲେ।

# ୟୁପିଆଇ ଟ୍ରାଞ୍ଜାକ୍ସନ ସୀମା ୧୦ ଲକ୍ଷକୁ ବୃଦ୍ଧି

ଭୁବନେଶ୍ୱର,୧୪।୯(ଅନୁରାଧା ମହାରଣା)

ନ୍ୟାଶନାଲ ପେମେଣ୍ଟସ କର୍ପୋରେଶନ ଅଫ ଇଣ୍ଡିଆ (ଏନପିସିଆଇ) ସେପ୍ଟେମ୍ବର ୧୫ରୁ ପର୍ସନ-ଟୁ-ମର୍ଚାଣ୍ଟ (ପି୨ଏମ) ୟୁପିଆଇ ଟ୍ରାଞ୍ଜାକ୍ସନର ସୀମା ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛି। ଏହା ଦ୍ୱାରା ୟୁପିଆଇ ବ୍ୟବହାର କରୁଥିବା ବଡ଼ ନେଣଦେଣ ଆହୁରି ସହଜ ହେବ। କ୍ୟାପିଟାଲ ମାର୍କେଟରେ ନିବେଶ ଓ ବୀମା ପ୍ରିମିୟମ ପେମେଣ୍ଟର ସୀମା ୨ ଲକ୍ଷରୁ ୫ ଲକ୍ଷ ଟଙ୍କାଙ୍କୁ ବୃଦ୍ଧି କରାଯାଇଛି। ମାତ୍ର ଦିନକୁ ସର୍ବାଧିକ ୧୦ ଲକ୍ଷ ଟଙ୍କାରୁ ଅଧିକ ପେମେଣ୍ଟ କରାଯାଇ ପାରିବ ନାହିଁ। କ୍ୟାପିଟାଲ ମାର୍କେଟ, ବୀମା ପ୍ରିମିୟମ, କ୍ରେଡିଟ କାର୍ଡ ବିଲ, ଟ୍ରାଭେଲ ଓ ସରକାରୀ ଇ-ମାର୍କେଟପ୍ଲେସ (ଜିଇଏମ) ଭଳି କ୍ଷେତ୍ରରେ ପ୍ରତି ଟ୍ରାନ୍ସାକ୍ସନର ସୀମା ୨ ଲକ୍ଷରୁ ୫ ଲକ୍ଷ ଟଙ୍କା ହୋଇଛି। ଗହଣା ଓ ବ୍ୟାଙ୍କିଂ ସେବା ୟୁପିଆଇ ମାଧ୍ୟମରେ ଗହଣା କ୍ରୟର ସୀମା ପ୍ରତି ଟ୍ରାଞ୍ଜାକ୍ସନ ୧ ଲକ୍ଷରୁ ବଢ଼ି ୨ ଲକ୍ଷ ଟଙ୍କା କରାଯାଇଛି। ଏହି କ୍ଷେତ୍ରରେ ଦୈନିକ ସର୍ବାଧିକ ୬ ଲକ୍ଷ ଟଙ୍କା ଟ୍ରାଞ୍ଜାକ୍ସନ କରାଯାଇ ପାରିବ। ଡିଜିଟାଲ ଅନବୋର୍ଡିଂ ମାଧ୍ୟମରେ ଫିକ୍ସଡ ଡିପୋଜିଟ ଭଳି ବ୍ୟାଙ୍କିଂ ସେବା ପାଇଁ ପ୍ରତି ଟ୍ରାଞ୍ଜାକ୍ସନ ୫ ଲକ୍ଷ ଟଙ୍କା ସୀମା ରହିଛି। ତେବେ, ପର୍ସନ-ଟୁ-ପର୍ସନ (ପି୨ପି) ପେମେଣ୍ଟର ଦୈନିକ ସୀମା ୧ ଲକ୍ଷ ଟଙ୍କା ଅପରିବର୍ତ୍ତିତ ରହିଛି। ଏନପିସିଆଇର ଏହି ପଦକ୍ଷେପ ବଡ଼ ନେଣଦେଣକୁ ସହଜ କରି ଗ୍ରାହକ ଅଭିଜ୍ଞତା ଉନ୍ନତ କରିବା ଲକ୍ଷ୍ୟ ରଖିଛି। ଏହା ବିଭିନ୍ନ କ୍ଷେତ୍ରରେ ପେମେଣ୍ଟ ପ୍ରକ୍ରିୟାକୁ ସୁଗମ କରିବ ଏବଂ ଉପଭୋକ୍ତା ଓ ବ୍ୟବସାୟୀ ଉଭୟଙ୍କୁ ଉପକୃତ କରିବ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସ୍କୁଲ ହଷ୍ଟେଲରେ ୧୩ ଛାତ୍ରୀ ଅସୁସ୍ଥ, କାରଣ ଅସ୍ପଷ୍ଟ

**ଜୟପୁର,୧୪।୯(ପବନ ପାଣିଗ୍ରାହୀ)**

କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍ ଭେଜାହାଣ୍ଡି ୟୁପିଏସ୍ ନୋଡାଲ ସ୍କୁଲ ହଷ୍ଟେଲର ୧୩ଜଣ ଛାତ୍ରୀ ରବିବାର ଅସୁସ୍ଥ ହୋଇପଡ଼ିଛନ୍ତି। ସେମାନଙ୍କୁ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗତ ୩ ଦିନ ଭିତରେ ମୋଟ ୨୪ ଜଣ ଛାତ୍ରୀ ଝାଡ଼ାରେ ଆକ୍ରାନ୍ତ ହୋଇଛନ୍ତି। ତେବେ ଏହାର କାରଣ ଅସ୍ପଷ୍ଟ ରହିଛି।

ସୂଚନା ଅନୁଯାୟୀ, ୩ ଦିନ ତଳେ ଉକ୍ତ ହଷ୍ଟେଲର ୯ଜଣ ଦଶମ ଶ୍ରେଣୀ ଛାତ୍ରୀ ଝାଡ଼ାରେ ଆକ୍ରାନ୍ତ ହୋଇଥିଲେ। ସେମାନଙ୍କୁ କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୬ଜଣ ସୁସ୍ଥ ହୋଇଥିବା ବେଳେ ୩ ଜଣଙ୍କୁ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଶନିବାର ଅନ୍ୟ ୪ ଛାତ୍ରୀ ଝାଡ଼ା ହେବାରୁ ସେମାନଙ୍କୁ ହଷ୍ଟେଲରେ ଔଷଧ ଦେଇ

## ୩ ଦିନରେ ୨୪ ଛାତ୍ରୀ ଝାଡ଼ାରେ ଆକ୍ରାନ୍ତ

ଚିକିତ୍ସା କରାଯାଇଥିଲା। ରବିବାର ହଷ୍ଟେଲର ଷଷ୍ଠ, ସପ୍ତମ ଓ ଦଶମ ଶ୍ରେଣୀର ୧୩ ଛାତ୍ରୀ ଝାଡ଼ାରେ ଆକ୍ରାନ୍ତ ହେବାରୁ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିବା ୱାର୍ଡେନ୍ ତନୁଶ୍ରୀ ଜେନା ସୂଚନା ଦେଇଛନ୍ତି। ଛାତ୍ରୀମାନଙ୍କ ଚିକିତ୍ସା ଜାରି ରହିଛି। ସେମାନଙ୍କ ମଧ୍ୟରେ ଝାଡ଼ା ବ୍ୟତୀତ ଅନ୍ୟ କୌଣସି ଲକ୍ଷଣ ଦେଖାଯାଉ ନ ଥିବା ୱାର୍ଡେନ୍ କହିଛନ୍ତି। ଆକ୍ରାନ୍ତ ସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ନୋଡାଲ ସ୍କୁଲରେ ଶହେ ସିଟ୍ ବିଶିଷ୍ଟ ହଷ୍ଟେଲରେ ୪ର୍ଥରୁ ୧୦ମ ଶ୍ରେଣୀର ଛାତ୍ରୀ ରହୁଛନ୍ତି। ହଷ୍ଟେଲରେ ସ୍ୱାସ୍ଥ୍ୟ କର୍ମୀଙ୍କ ଟିମ୍ ପହଞ୍ଚି ଅନ୍ୟ ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ଜଣାପଡ଼ିଛି।


SPOT ADMISSION 2025-27
B.Ed
Approved by NCTE & Govt of Odisha
BAJIRAO B.ED ACADEMY LLP
Education For All !!!
Near Ganjam Kala Parishad, Berhampur -760001
99380 25554
63708 53214

VIKRAMA SIMHAPURI UNIVERSITY, Andra Pradesh
YOGI VEMANA UNIVERSITY, Andra Pradesh
Equivalent to Utkal & FM University
B.Ed. Regular (2025-27)
₹80,000/-
Total Course Fee
Counselling Centre - Odisha
Khan Nagar, Badambadi, Cuttack-12
7749063161
9439857522


## ବାକ୍ସରେ ଛାତ୍ରଙ୍କୁ ପୂରାଇବା ଘଟଣା

# ଛାତ୍ରାବାସ ଦାୟିତ୍ୱରୁ ହଟିଲେ ଶିକ୍ଷୟିତ୍ରୀ

**ବଣାଇଁ,୧୪।୯(ପ୍ରଦୀପ ତ୍ରିପାଠୀ)**

ସୁନ୍ଦରଗଡ଼ ଜିଲା ଗୁରୁଣ୍ଡିଆ ବ୍ଲକ ଅନ୍ତର୍ଗତ ଜର୍ଡା ସରକାରୀ ନୋଡାଲ ହାଇସ୍କୁଲର ଛାତ୍ରାବାସରୁ ଶୁକ୍ରବାର ଜଣେ ଛାତ୍ର ଅଚେତ ଅବସ୍ଥାରେ ବାକ୍ସ ଭିତରୁ ଉଦ୍ଧାର ହେବା ଘଟଣାରେ ପ୍ରଶାସନ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଛାତ୍ରାବାସ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ମୀନା କିଷାନଙ୍କୁ ଦାୟିତ୍ୱରୁ ହଟାଯାଇଛି। ଏଣିକି ଜଣେ ନୁହେଁ, ସମସ୍ତ ଶିକ୍ଷକ ରୋଷ୍ଟର କ୍ରମରେ ଛାତ୍ରାବାସ ଦାୟିତ୍ୱ ତୁଲାଇବେ ବୋଲି ପ୍ରଧାନ ଶିକ୍ଷକ ଗଙ୍ଗାଧର ସେଠ୍ ସୂଚନା ଦେଇଛନ୍ତି। ଗୁରୁଣ୍ଡିଆ ପୋଲିସ ଘଟଣାର ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ଜର୍ଡା ସରକାରୀ ନୋଡାଲ ହାଇସ୍କୁଲର ଛାତ୍ରାବାସରୁ ଗତ ୧୨ ତାରିଖରେ ଜଣେ ଛାତ୍ରଙ୍କୁ ଅଚେତ ଅବସ୍ଥାରେ ବାକ୍ସ ଭିତରୁ ଉଦ୍ଧାର କରାଯାଇଥିଲା। ମାଡ଼ ଭୟରେ ଉକ୍ତ ଛାତ୍ରଙ୍କୁ ତାଙ୍କର ଜଣେ ସହପାଠୀ ଏକ ବାକ୍ସ ଭିତରେ ପୂରାଇ ଦେଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ଏହି ଘଟଣା ପ୍ରଚାରିତ ହେବା ପରେ ଶନିବାର ବଣାଇଁ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ସ୍ୱଦୀପ ଟପ୍ପୋ, ଗୁରୁଣ୍ଡିଆ ବିଡିଓ ହାବିଲ ହାଖା, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିଦ୍ୟାଳୟରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସ୍କୁଲର ପ୍ରଧାନ ଶିକ୍ଷକ ପିଟିଏ କମିଟି ବୈଠକ ଡାକି ଛାତ୍ରାବାସ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ମୀନାଙ୍କୁ ଦାୟିତ୍ୱରୁ ହଟାଇଛନ୍ତି। ଛାତ୍ରାବାସ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ବିଦ୍ୟାଳୟରେ ନ ରହି କୁଚିଣ୍ଡାରୁ ଯିବା ଆସିବା କରିଥାନ୍ତି। ଅଭିଭାବକମାନେ ଶିକ୍ଷକଙ୍କ ଭରସାରେ ପିଲାଙ୍କୁ ଛାଡ଼ି ଦେଉଥିବା ବେଳେ ଏଭଳି ଦାୟିତ୍ୱହୀନତା ସରକାରୀ ଛାତ୍ରାବାସ ପରିଚାଳନାକୁ ବଦ୍‌ନାମ କରିଥିବା ସ୍ପଷ୍ଟ ହୋଇଯାଇଛି। ସ୍ଥାନୀୟ ବାସିନ୍ଦା ଛାତ୍ରାବାସ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀଙ୍କୁ ଦାୟୀ କରିଥିବା ବେଳେ ଆଜିକୁ ପ୍ରାୟ ୮ ବର୍ଷ ହେଲା ସେ ଏହି ଦାୟିତ୍ୱ ତୁଲାଉଥିବା ଓ ପୂର୍ବରୁ ଛାତ୍ରମାନେ ତାଙ୍କ ନାଁରେ ଅଭିଯୋଗ ଆଣିଥିବା କହିଛନ୍ତି। ତାଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

ଉଲ୍ଲେଖଯୋଗ୍ୟ, କୌଣସି କାରଣ ଯୋଗୁ ତୃତୀୟ ଶ୍ରେଣୀର ଛାତ୍ର ଏବଂ ତାଙ୍କର ସହପାଠୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଭୟଭୀତ ହୋଇ ମାଡ଼ ଭୟରେ ଜଣେ ସହପାଠୀ ତାଙ୍କୁ ଏକ ବାକ୍ସ ଭିତରେ ପୂରାଇ ଦେଇଥିଲେ। ପ୍ରାର୍ଥନା କ୍ଲାସ ପରେ ରୋଲ୍ ନମ୍ବର ପଢ଼ିବା ସମୟରେ ଛାତ୍ର ଜଣକ ଅନୁପସ୍ଥିତ ଥିବା ଜଣାପଡ଼ିଥିଲା। ଏହା ଦେଖି ୱାର୍ଡେନ ପ୍ରଧାନଶିକ୍ଷକଙ୍କୁ ଜଣାଇ ସମସ୍ତେ ଖୋଜିଥିଲେ। କୌଣସି ସ୍ଥାନରେ ତାଙ୍କୁ ନ ପାଇବା ପରେ ତାଙ୍କ ଘରକୁ ଫୋନ କରିଥିଲେ। ପରିବାର ଲୋକେ ଛାତ୍ରାବାସରେ ପହଞ୍ଚି ଖୋଜାଖୋଜି କରିଥିଲେ। ଏହି ସମୟରେ ଏକ ବନ୍ଦ ବାକ୍ସ ଭିତରୁ କିଛି ଶବ୍ଦ ଶୁଣାଯାଇଥିଲା। ପରିବାର ଲୋକେ ଖୋଲିବା ପରେ ଅଚେତ ଅବସ୍ଥାରେ ଛାତ୍ରଙ୍କୁ ଉଦ୍ଧାର କରିଥିଲେ। ପରେ ତାଙ୍କୁ ଜର୍ଡା ଡାକ୍ତରଖାନାରେ ଚିକିତ୍ସା କରିବା ପରେ ଘରକୁ ନେଇଯାଇଥିଲେ।

# ୨୦୨୯ ଆମର: କେ.ସି. ବେଣୁଗୋପାଳ

## ଗାନ୍ଧୀ ଜୟନ୍ତୀରୁ ରାଜ୍ୟସାରା ପଦଯାତ୍ରା

**ଭୁବନେଶ୍ୱର,୧୪।୯(ରବିନାରାୟଣ ଜେନା)**




କୌଣସି ନେତା ବଡ଼ କିମ୍ବା ଛୋଟ ନୁହନ୍ତି। ସମସ୍ତେ କଂଗ୍ରେସ ନେତା। ଓଡ଼ିଶାରେ ଭକ୍ତଚରଣ ଦାସଙ୍କ ନେତୃତ୍ୱରେ କଂଗ୍ରେସ ଠିକଣା ବାଟରେ ଚାଲୁଛି। ଦଳର ନେତା ଓ କର୍ମୀମାନେ କଠିନ ପରିଶ୍ରମ କଲେ ଉଭୟ ଭାଜପା-ବିଜେଡିକୁ ହରାଇବା ସମ୍ଭବ। ୨୦୨୯ ଆମର ହେବ ବୋଲି ଏଆଇସିସି ସାଧାରଣ ସମ୍ପାଦକ(ସଙ୍ଗଠନ) କେ.ସି. ବେଣୁଗୋପାଳ କହିଛନ୍ତି।

ରବିବାର କଂଗ୍ରେସ ଭବନରେ ପଲିଟିକାଲ ଆଫେୟାର୍ସ କମିଟି ବୈଠକରେ ବେଣୁଗୋପାଳ କହିଛନ୍ତି, ଜାତୀୟ ସ୍ତରରେ ଯେଭଳି ଲଢ଼େଇ ହେଉଛି ସେଭଳି ଓଡ଼ିଶାରେ ଭୋଟ ଚୋରି ପ୍ରସଙ୍ଗ ସହ ମହିଳାଙ୍କୁ ନ୍ୟାୟ, ଆଦିବାସୀ ଓ ବେରୋଜଗାର ମୁଖ୍ୟ ପ୍ରସଙ୍ଗ ହେବ। ଖୁବ୍ କମ୍ ଦିନ ମଧ୍ୟରେ ଓଡ଼ିଶାରେ ଭାଜପା ଆଣ୍ଟି ପିପୁଲ ହୋଇଯାଇଛି। ଭାଜପା ସରକାର ବିରୋଧରେ କେନ୍ଦ୍ରରେ ଯେମିତି ଲଢ଼େଇ ଚାଲିଛି ଓଡ଼ିଶାରେ ବି ସେମିତି ଲଢ଼େଇ ଜୋରଦାର ହେବ।

ସେ କହିଛନ୍ତି, ଭୋଟର ପରିଚୟପତ୍ର ସ୍ୱତନ୍ତ୍ର ସଘନ ସଂଶୋଧନ(ଏସ୍ଆଇଆର) ଦେଶର ଗଣତନ୍ତ୍ରକୁ ଧ୍ୱଂସ କରିବାର ଯୋଜନା କରୁଛି। ଏହା କେବଳ ଭୋଟ ଚୋରି ପାଇଁ ଉଦ୍ଦିଷ୍ଟ। ନିର୍ବାଚନ କମିଶନ ନିରପେକ୍ଷ ହୋଇ ରହିନାହିଁ। ଭୋଟ ଚୋରି ମାଧ୍ୟମରେ ହିଁ ଭାଜପା ଗୋଟିଏ ପରେ ଗୋଟିଏ ରାଜ୍ୟରେ କ୍ଷମତାସୀନ ହେବାକୁ ଚେଷ୍ଟା କରୁଛି। ତେଣୁ ଓଡ଼ିଶାରେ ଆଗ୍ରେସିଭ ଢଙ୍ଗରେ କାମ କରିବାକୁ ହେବ।

ସେ ଆହୁରି କହିଛନ୍ତି, କିଛି ଦିନରେ ସୃଜନ ପ୍ରକ୍ରିୟାରେ ଦେଶର ସମସ୍ତ ଜିଲାରେ ସଙ୍ଗଠନ ହୋଇଯାଇଥିବ। ଆସନ୍ତା ୩୦ ସେପ୍ଟେମ୍ବର ସୁଦ୍ଧା ଓଡ଼ିଶାର ସମସ୍ତ ୩୫ ସାଙ୍ଗଠନିକ ଜିଲାର ସଭାପତି ଚୟନ କାର୍ଯ୍ୟ ଶେଷ ହେବ। ଦଳର ନେତା ରାହୁଲ ଗାନ୍ଧୀଙ୍କ ମାର୍ଗଦର୍ଶନରେ ଗୁଜରାଟରେ ହୋଇଥିବା ୧୦ ଦିନିଆ ପ୍ରଶିକ୍ଷଣ ଶିବିର ଶୈଳୀରେ ଓଡ଼ିଶା କଂଗ୍ରେସ ମଧ୍ୟ ଅନୁରୂପ କାର୍ଯ୍ୟକ୍ରମ କରିବ।

ଏହି ଅବସରରେ ବେଣୁଗୋପାଳ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଦ୍ୱାରା ପ୍ରସ୍ତାବିତ ଗାନ୍ଧୀ ଜୟନ୍ତୀଠାରୁ ହେବାକୁ ଥିବା ବର୍ଷବ୍ୟାପୀ ପଦଯାତ୍ରାକୁ ପ୍ରଶଂସା କରି କହିଲେ, ଏଥିରେ ଯେପରି ସମସ୍ତ ସକ୍ରିୟ ନେତା ଓ କର୍ମୀ ଭାଗ ନିଅନ୍ତି ତାହା ଦେଖିବାକୁ ହେବ। ପି.ଏ.ସି. ବୈଠକରେ ଅଧ୍ୟକ୍ଷତା କରି ଏଆଇସିସିର ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ କହିଥିଲେ, କଂଗ୍ରେସ ଏବେ ରାଜ୍ୟରେ ଆଗକୁ ବଢୁଛି। ପିସିସି ସଭାପତି କହିଲେ, ସଂଗଠନ ସୃଜନରେ ଅଗଣିତ କଂଗ୍ରେସ ନେତା ଓ କର୍ମୀଙ୍କ ଅକ୍ଲାନ୍ତ ପରିଶ୍ରମ ବୃଥା ଯିବନାହିଁ। ଆସନ୍ତା ଅକ୍ଟୋବର ୨ରୁ ବର୍ଷବ୍ୟାପୀ ପଦଯାତ୍ରାରେ ଭାଗନେବାକୁ ସେ ଦଳର ନେତା ଓ କର୍ମୀଙ୍କୁ ଆହ୍ୱାନ କରିଥିଲେ।

ପିଏସି ବୈଠକରେ ଦୁଇଟି ପ୍ରମୁଖ ପ୍ରସଙ୍ଗକୁ ନେଇ ଜୋର୍ ଚର୍ଚ୍ଚା ହୋଇଥିଲା। ସେଥିମଧ୍ୟରେ ଜିଲା ସଭାପତି ଚୟନ ଓ ଭୋଟ ଚୋରି କାର୍ଯ୍ୟକ୍ରମକୁ ଜୋରଦାର କରିବାକୁ ନିଷ୍ପତ୍ତି ହୋଇଛି। ଏହାସହିତ ତୃଣମୂଳ ସ୍ତରକୁ ମଜଭୁତ କରିବା ସହ ବିଧାନସଭା ଭିତରେ ଓ ବାହାରେ ଲଢ଼େଇ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ପ୍ରମୁଖ ଉପସ୍ଥିତ ଥିଲେ।

# ସୁରଟରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ



ଶିବରାମ ପଲେଇ (ଫାଇଲ ଫଟୋ)

**ଧରାକୋଟ,୧୪।୯(ବିଷ୍ଣୁ କେଶରୀ ଆଚାର୍ଯ୍ୟ)**

ଗଞ୍ଜାମ ଜିଲା ଧରାକୋଟ ବ୍ଲକର ଓଳମ୍ବା ପଞ୍ଚାୟତ ଅନ୍ତର୍ଗତ କସେଇ ଗ୍ରାମର ଜଣେ ଯୁବକଙ୍କ ସୁରଟରେ ମୃତ୍ୟୁ ଘଟିଛି। ସେ ହେଲେ ଏହି ଗ୍ରାମର ପୀତବାସ ପଲେଇଙ୍କ ପୁଅ ଶିବରାମ (୩୦)। ଶିବରାମ ଗୁଜରାଟର ସୁରଟରେ ଏକ ସୂତା କଳରେ ଦୀର୍ଘ ୧୦ ବର୍ଷ ଧରି ଶ୍ରମିକ ରୂପେ କାମ କରୁଥିଲେ। ସେଠାରେ ସେ ଅପେକ୍ଷା ନଗର ହାଉସିଂ ବୋର୍ଡରେ ରହୁଥିଲେ। ଶନିବାର ରାତି ୯ଟାରେ ପାଣି ମୋଟର ସୁଇଚ ମାରିବା ବେଳେ ଅଚାନକ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ସେ ଗୁରୁତର ହୋଇ ପଡ଼ିଥିଲେ। ତାଙ୍କୁ ତୁରନ୍ତ ନିକଟସ୍ଥ ମେଡିକାଲକୁ ନିଆଯାଇଥିଲାସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶିବରାମ ପରିବାର ଅତି ଗରିବ ଶ୍ରେଣୀର। ସେ ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ଶିବରାମଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ପ୍ରଶାସନ ନିକଟରେ ଗ୍ରାମବାସୀ ଦାବି କରିଛନ୍ତି। ତେବେ ଗ୍ରାମକୁ ମୃତଦେହ ଆଣି ନ ପାରି ପରିବାର ଲୋକେ ସୁରଟରେ ସହଯୋଗୀମାନଙ୍କ ସହାୟତାରେ ତାଙ୍କର ସତ୍କାର କରିଥିବା ଜଣାପଡ଼ିଛି।

# ହାତ ଧରିଲେ ହରିଶଙ୍କର

**ଭୁବନେଶ୍ୱର,୧୪।୯(ରବିନାରାୟଣ ଜେନା)**

ନିକଟରେ ବିଜେଡି ଛାଡ଼ିଥିବା ଛାତ୍ରନେତା ତଥା ରେଭେନ୍ସା କଲେଜର ପୂର୍ବତନ ଛାତ୍ରସଂଘ ସଭାପତି ହରିଶଙ୍କର ରାଉତ ରବିବାର ହାତ ଧରିଛନ୍ତି। କଂଗ୍ରେସ ଭବନଠାରେ ଅନୁଷ୍ଠିତ ମିଶ୍ରଣପର୍ବରେ ଏଆଇସିସି ସଙ୍ଗଠନ ସମ୍ପାଦକ କେ.ସି. ବେଣୁଗୋପାଳଙ୍କ ଉପସ୍ଥିତିରେ ହରିଶଙ୍କର ତାଙ୍କର ସମର୍ଥକଙ୍କ ସହ କଂଗ୍ରେସରେ ସାମିଲ ହୋଇଛନ୍ତି। ଏହି ଅବସରରେ ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଏବଂ ପିସିସି ସଭାପତି ଭକ୍ତ ଚରଣ ଦାସ ପ୍ରମୁଖ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ହରିଶଙ୍କରଙ୍କୁ କଂଗ୍ରେସ ଦଳକୁ ସ୍ୱାଗତ କରିଥିଲେ। ଏହି ଅବସରରେ ଭକ୍ତ କହିଥିଲେ, ରାଜ୍ୟରେ ଭାଜପା ଓ ବିଜେଡି ଲୋକଙ୍କଠାରୁ ଆସ୍ଥା ହରାଇ ସାରିଛନ୍ତି। କଂଗ୍ରେସ ଏବେ ଏକମାତ୍ର ବିକଳ୍ପ। ମିଶ୍ରଣ ପର୍ବ କାର୍ଯ୍ୟକ୍ରମକୁ ଏଆଇସିସି ଓଡ଼ିଶା ସହ ପ୍ରଭାରୀ ଶାହନୱାଜ ଚୌଧୁରୀ ସଂଯୋଜନା କରିଥିବା ବେଳେ ଏମ୍‌ପି ସପ୍ତଗିରି ଉଲ୍ଲାକା, ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍, ପିସିସି କୋଷାଧ୍ୟକ୍ଷ ସିଦ୍ଧାର୍ଥ ସ୍ୱରୂପ ଦାଶ, ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସେବା ପକ୍ଷରେ ୧ଲକ୍ଷ ଚାରା ଲଗାଇବ ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା

**ଭୁବନେଶ୍ୱର,୧୪।୯(ରବିନାରାୟଣ ଜେନା)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମଦିବସ ଉପଲକ୍ଷେ ଭାଜପା ପକ୍ଷରୁ ଆରମ୍ଭ ହେବାକୁ ଥିବା ସେବାପକ୍ଷରେ ଅନୁସୂଚିତ ଜାତି ମୋର୍ଚ୍ଚା ୧ଲକ୍ଷ ଚାରା ରୋପଣ କରିବ। ଭାଜପା କାର୍ଯ୍ୟାଳୟଠାରେ ରବିବାର ଅନୁସୂଚିତ ଜାତି ମୋର୍ଚ୍ଚା ପକ୍ଷରୁ ଅନୁଷ୍ଠିତ ବୈଠକରେ ଭାଜପା ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗରିବ ଓ ଦଳିତ ବର୍ଗର ଉତ୍ଥାନ ଲାଗି ବିଭିନ୍ନ କଲ୍ୟାଣକାରୀ ଯୋଜନା ପ୍ରଣୟନ ସହ ଅନୁସୂଚିତ ଜାତିର ଆର୍ଥିକ ବିକାଶଠାରୁ ଆରମ୍ଭ କରି ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଭଳି ଅନେକ ଉଲ୍ଲେଖନୀୟ କାର୍ଯ୍ୟ କରିଚାଲିଛନ୍ତି। ତାଙ୍କ ଜନ୍ମଦିନ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୟନ୍ତୀ ପର୍ଯ୍ୟନ୍ତ ସେବା ପକ୍ଷ ଭାବେ ପାଳନ କରାଯିବ। ଏହି ଅବସରରେ ରାଜ୍ୟ ଭାଜପା ମୁଖପାତ୍ର ତଥା ଅନୁସୂଚିତ ଜାତି ମୋର୍ଚ୍ଚାର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲୀପ ମଲ୍ଲିକ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରୁ ଆରମ୍ଭ ହେବାକୁ ଥିବା ସେବା ପକ୍ଷରେ ଚାରା ରୋପଣ, ସ୍ୱଚ୍ଛତା ଅଭିଯାନ, ସ୍ୱାସ୍ଥ୍ୟ ଶିବିର ଓ ମୋଦିଜୀଙ୍କ ଜୀବନ ଉପରେ ପ୍ରଦର୍ଶନୀ ଆୟୋଜନ କରାଯିବ। ସେବା ପକ୍ଷରେ ମଣ୍ଡଳସ୍ତରରେ ''ମା' ପାଇଁ ଗଛଟିଏ'' କାର୍ଯ୍ୟକ୍ରମ କରାଯାଇ ସମୁଦାୟ ୧ ଲକ୍ଷ ଚାରା ରୋପଣ କରି ସବୁଜ ପରିବେଶର ବାର୍ତ୍ତା ଦିଆଯିବ। ବୈଠକରେ ଅନୁସୂଚିତ ଜାତି ମୋର୍ଚ୍ଚାର ରାଜ୍ୟ ସାଧାରଣ ସମ୍ପାଦକ ସୀମାଙ୍କ ଖଟେଇ ପ୍ରମୁଖ ଉପସ୍ଥିତ ଥିଲେ।


# Classified Everyday

**0674-2580101, 9692975378**



REAL ESTATE
SALE

ଭୁବନେଶ୍ୱର ପଟିଆ ନିକଟବର୍ତ୍ତୀ New ODM Global School-2 ଏବଂ KIIT କଲେଜରୁ ଅଳ୍ପ ଦୂରତାରେ ବାସୋପଯୋଗୀ ଏବଂ investment ପ୍ଲଟ୍ କିଣି ଗୃହ ନିର୍ମାଣ କରନ୍ତୁ। 9692276835, 7077632085. D-1698

ଭୁବନେଶ୍ୱର ନଖରାଛକରୁ ୨ K.M. ଦୂରରେ ଘରବାରି ପ୍ଲଟ 8,40,000/- ରେ ମିଳୁଛି। 8093465134. D-1923

ଭୁବନେଶ୍ୱର NISER, IIT ଜଟଣୀ ପାଖରେ ପ୍ରସ୍ତାବିତ BDA 200ft ରୋଡକୁ ଲାଗି investment ପ୍ଲଟ୍ ପୋଜେସନ ଥାଇ Sqft.- 650/-, 850/- ବିକ୍ରି ହେଉଛି- 9337166296. D-1942

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Newly open health benefits spa by experts therapist con 8658088274. D-1866

Newly open Jyoti SPA positively health benefits (expert therapist). 8458067955. D-76936

The massage felt totally professional! & comfortable at all times- 7978109255. D-76492

## AFFIDAVIT

I, Hadibandhu Behera, S/o- Late Kunthu Behera, Village- Chitalpur (saradhabereni), P.O.- Chitalpur, P.S.- Rasol, Dist.- Dhenkanal solemnly declare that I have changed my name from Hadi Behera to Hadibandhu Behera and father's name from Kuntha Behera to Kunthu Behera, dated- 08.09.2025 before Executive Magistrate, Hindol. D-1978

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Shantilata Jena, W/o- Krushna Chandra Jena, Village- Mulubasanta, P.S.- Mahanga, Dist.- Cuttack- 754204, Odisha, State by virtue of affidavit No.- 7135, dt- 07.08.2025 before Executive Magistrate, Cuttack that I have changed my name Shanti Malik to Shantilata Jena and Shantilata Jena and Shanti Malik is one and same person. D-1981

Nakula Charan Jena, S/o- Maguni Jena, Village- Mulabasanta, P.S.- Mahanga, Dist.- Cuttack, Odisha- 754204, state virtue of affidavit No.- 7136, dt- 07.08.2025 before Executive Magistrate, Cuttack that I have changed Nakula Malik to Nakula Charan Jena Nakula Charan Jena and Nakula Malik is one and same person. D-1982

By virtue of an affidavit sworn before Executive Magistrate, Bhadrak, I Mamina Jena (33 yrs), W/o- Dipuna Jena, Vill/P.O.- Totapada, P.S.- Ghanteswar, Dist.- Bhadrak declare that I have changed my name in my Lic policy bearing No. 596882629 from Purnima Jena to Mamina Jena for all future purposes. D-1979

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an affidavit sworn before the Executive Magistrate, Garadpur, dated- 30.06.2025. I, Tapan Kumar Dash, resident of Village- Pandia, P.O.- Tikanpur, P.S.- Patkura, District.- Kendrapara, Odisha, do hereby declare that: The name of my son has been changed from "Srutiranjan Dash" to "Smruti Ranjan Dash". His Date of Birth, which was earlier recorded as "05/05/2008," stands corrected to "05/03/2009." Henceforth, my son shall be known and recognized as "Smruti Ranjan Dash", Date of Birth "05/03/2009" for all official records, documents and legal purposes.
Sd./- Tapan Kumar Dash
(Father of Smruti Ranjan Dash) D-1894

By virtue of an affidavit sworn before Notary Public, Bhubaneswar, date-08.09.2025, I, S. Surya Narayan Reddy, resident of Plot No-242, Sikharchandi Nagar, Near Tumbeswari Temple, P.O.- KIIT, P.S.- Infocity, Bhubaneswar, Dist.- Khordha, Odisha, declare that I have changed my minor son name from S.Navin Kumar to S.Naveen Kumar Reddy. Henceforth, he shall be known as S.Naveen Kumar Reddy for all purposes. D-1983

By virtue of an affidavit sworn before Executive Magistrate, Bhubaneswar, dated- 11.09.2025, I, Bijaya Kumar Parida, S/o- Kamalakanta Parida, Permanent resident of At- Sahani Sahi, Nuapada, P.O.- Nuapada, P.S.- Balipatna, Dist.- Khordha, Odisha, PIN- 752102, currently residing At- Sahani Sahi, Nuapada, P.O.- Nuapada, P.S.- Balipatna, Dist.- Khordha, Odisha, PIN- 752102, declare that I have changed my name from Bijay Kumar Parida to Bijaya Kumar Parida. Henceforth, I shall be known as Bijaya Kumar Parida for all purposes. D-1980

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## ମନେ ପଡ଼ନ୍ତି

ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



୰ମାଳତୀ ଲତା ପଣ୍ଡା
N6-505, Jaydev Vihar
ତିରୋଧାନ: ୧୧।୧୦।୨୦୨୦
ମା ତୋର ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ତୋର ପିଲାମାନେ
ଧ-୧୯୭୭

## ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ



୰ ବିରଞ୍ଚି ନାରାୟଣ ଦାସ
ବମିଖାଲ, ଭୁବନେଶ୍ୱର
ସବୁକିଛି ଏଇଠି ତ ଅଛି,
କେବଳ ତୁମେ ନାହିଁ ମୋ ସାଥେ।
ତୁମ ବିନା ଜୋଛନାରେ ଜଳିଯାଏ ମନ,
କିଏ ବା ଧରିବ ହାତ ଜୀବନର କଣ୍ଟାପଥେ॥
ସ୍ମୃତିର ପୃଷ୍ଠାରେ ରହିଗଲ ତୁମେ,
ଜୀବନର ପ୍ରତିଟି ପାହାଚେ।
ସବୁଠାରେ ତୁମର ଛବି,
ଆଖି ଆଗରେ ସଦା ନାଚେ॥
ତୁମର ପତ୍ନୀ, କନ୍ୟା, ବନ୍ଧୁ ଓ ପରିବାରବର୍ଗ

# ଦେଶର ବିକାଶରେ ଇଞ୍ଜିନିୟରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଦେଶର ଅଭିବୃଦ୍ଧି ଓ ବିକାଶରେ ଇଞ୍ଜିନିୟରଙ୍କର ଭୂମିକା ଅନସ୍ୱୀକାର୍ଯ୍ୟ। ରାସ୍ତା, କୋଠା, ବନ୍ଧଗୁଡ଼ିକଠାରୁ ଆରମ୍ଭକରି କଳକାରଖାନା, ଯାନବାହନ, ବିଦ୍ୟୁତ ଉତ୍ପାଦନ, ଜଳସେଚନ ଆଦି ଦ୍ୱାରା ଦେଶର ପ୍ରଗତି ହୋଇଥାଏ। ଦେଶ ନିର୍ମାଣରେ ଏମାନଙ୍କର ଗୁରୁତ୍ୱକୁ ସ୍ୱୀକୃତି ଜଣାଇବା ପାଇଁ ପ୍ରତିବର୍ଷ ସେପ୍ଟେମ୍ବର ୧୫ରେ 'ଜାତୀୟ ଇଞ୍ଜିନିୟର୍ସ ଦିବସ' ପାଳନ କରାଯାଉଛି। ଏହି ଦିବସକୁ ଚୟନ କରିବାର ଉଦ୍ଦେଶ୍ୟ ଭାରତର ବିଶିଷ୍ଟ ଇଞ୍ଜିନିୟର ତଥା ଆଧୁନିକ ଭାରତର ଅନ୍ୟତମ ନିର୍ମାତା ସାର୍ ମୋକ୍ଷଗୁଣ୍ଡମ ବିଶ୍ୱେଶ୍ୱରାୟାଙ୍କ ଜନ୍ମ ଦିବସ। ଏଣୁ ଏହା ମଧ୍ୟ ହେଉଛି ତାଙ୍କ ପ୍ରତି ଆମର ଶ୍ରଦ୍ଧାଞ୍ଜଳି।



ବିଶ୍ୱେଶ୍ୱରାୟା ୧୮୬୧ ସେପ୍ଟେମ୍ବର ୧୫ରେ କର୍ନାଟକର ମୁଦେନହାଲିଠାରେ ଭୂମିଷ୍ଠ ହୋଇଥିଲେ। ପୁଣେର ବିଜ୍ଞାନ କଲେଜରୁ ସିଭିଲ ଇଞ୍ଜିନିୟରିଂ ସ୍ନାତକ ଡିଗ୍ରୀ ହାସଲ ପରେ ସେ ତତ୍‌କାଳୀନ ବ୍ରିଟିଶ ସରକାରଙ୍କ ଅଧୀନରେ କାର୍ଯ୍ୟ କରିଥିଲେ। ସେ ଅନେକ ବନ୍ଦର ଡିଜାଇନ୍ ଓ ନିର୍ମାଣ କରିଥିଲେ। ତେବେ ନଦୀ ବନ୍ଧ ପାଇଁ ସ୍ୱୟଂକ୍ରିୟ ଫାଟକ ଉଦ୍ଭାବନ ହେଉଛି ତାଙ୍କର ବଡ଼ କୃତି। ସେ ୧୯୦୮ରେ ସରକାରଙ୍କଠାରୁ

## ଆଜି ଜାତୀୟ ଇଞ୍ଜିନିୟର୍ସ ଦିବସ

ସ୍ୱେଚ୍ଛାକୃତ ଅବସର ନେଇ ହାଇଦ୍ରାବାଦରେ ମୁଖ୍ୟଯନ୍ତ୍ରୀ ଭାବେ ଯୋଗ ଦେଇଥିଲେ। ସେଠାରେ ସେ ମୁସି ନଦୀ ବନ୍ୟାରୁ ସହରକୁ ରକ୍ଷାକରିବା ପାଇଁ ଉପାୟ ବାହାର କରିଥିଲେ। ଏହାପରେ ମହୀଶୂର ରାଜ୍ୟର ମୁଖ୍ୟଯନ୍ତ୍ରୀ ଭାବେ ଯୋଗଦେଲେ। ମହୀଶୂର କୃଷ୍ଣରାଜସାଗର ବନ୍ଧ ହେଉଛି ତାଙ୍କର କୀର୍ତ୍ତି।

ବିଶ୍ୱେଶ୍ୱରାୟା ମହୀଶୂର ରାଜ୍ୟର ଦେୱାନ ମଧ୍ୟ ଥିଲେ। ଏହି ସମୟରେ ସେ ରାଜ୍ୟରେ ଅନେକ ସ୍କୁଲ ସ୍ଥାପନ କରିଥିଲେ। ଚନ୍ଦନ କାଠରୁ ସାବୁନ୍ ଓ ତେଲ ପ୍ରସ୍ତୁତ ପାଇଁ କାରଖାନା ସହ ଏକ ଲୁହା ଇସ୍ପାତ କାରଖାନା ମଧ୍ୟ ପ୍ରତିଷ୍ଠା କରିଥିଲେ। ଏଥିସହ ବାଙ୍ଗାଲୋରଠାରେ ଗୋଟିଏ କଲେଜ ମଧ୍ୟ ସ୍ଥାପନ କରିଥିଲେ।

ବ୍ରିଟିଶ ସରକାର ତାଙ୍କୁ ୧୯୧୫ରେ 'ନାଇଟ୍' ଉପାଧି ପ୍ରଦାନ କରିଥିଲେ। ଦେଶ ସ୍ୱାଧୀନ ହେବା ପରେ ଭାରତ ସରକାର ତାଙ୍କୁ ୧୯୫୫ ମସିହାରେ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଭାରତ ରତ୍ନ' ପ୍ରଦାନ କରିଥିଲେ। ସେ ଜୀବନ ସାରା ସଚ୍ଚୋଟ, କର୍ମତତ୍ପର ଓ ନିଷ୍ଠାବାନ୍ ହୋଇ କାର୍ଯ୍ୟ କରିଥିଲେ। ଏହି ଭବ୍ୟପ୍ରତିଷ୍ଠ ଇଞ୍ଜିନିୟର ୧୯୬୨ ଏପ୍ରିଲ ୧୪ ରେ ଇହଲୀଳା ସମ୍ବରଣ କରିଥିଲେ। ଆଜିର ଦିବସରେ ଆମେ ତାଙ୍କର ସ୍ମୃତିକୁ ମନେ ପକାଇ ଦେଶକୁ ଇଞ୍ଜିନିୟରିଂ କ୍ଷେତ୍ରରେ ଆଗେଇ ନେବାକୁ ସଂକଳ୍ପ କରିବା। ତେବେ ଚଳିତ ବର୍ଷ ଇଞ୍ଜିନିୟର୍ସ ଦିବସର ଆଲୋଚ୍ୟ ବିଷୟ ହେଉଛି 'ଗଭୀର ପ୍ରଯୁକ୍ତି ଏବଂ ଇଞ୍ଜିନିୟରିଂ ଉତ୍କର୍ଷ : ଭାରତର ପ୍ରଯୁକ୍ତିବିଦ୍ୟାକୁ ଆଗକୁ ନେବା''।

**-ଇଂ. ମାୟାଧର ସ୍ୱାଇଁ,**
ମୋ : ୯୪୩୮୬୯୩୭୨୪

# ଗଣତନ୍ତ୍ରର ନୀତିଗୁଡ଼ିକୁ ପ୍ରୋତ୍ସାହନ ସହ ବଜାୟ ରଖିବାକୁ ପ୍ରାଧାନ୍ୟ

ପ୍ରତିବର୍ଷ ସେପ୍ଟେମ୍ବର ୧୫ରେ ପାଳିତ ହୋଇଆସୁଛି ଅନ୍ତର୍ଜାତୀୟ ଗଣତନ୍ତ୍ର ଦିବସ। ଏହି ଦିବସ ପାଳନର ଉଦ୍ଦେଶ୍ୟ, ଗଣତାନ୍ତ୍ରିକ ନୀତିଗୁଡ଼ିକୁ ପ୍ରୋତ୍ସାହିତ କରିବା, ମାନବାଧିକାରକୁ ବଜାୟ ରଖିବା, ଅଂଶଗ୍ରହଣକୁ ଉତ୍ସାହିତ କରିବା ଏବଂ ଅନ୍ତର୍ଭୁକ୍ତ ସମାଜକୁ ପ୍ରୋତ୍ସାହନ ଦେବା। ଏଥିସହ ଏହି ଦିବସ ସ୍ୱାଧୀନତାର ସୁରକ୍ଷା, ନିରପେକ୍ଷ ଏବଂ ସମାନ ସରକାରୀ ବ୍ୟବସ୍ଥା ଗଠନରେ ସମସ୍ତ 'ସ୍ୱର'ର ଯୋଗଦାନକୁ ଗୁରୁତ୍ୱ ପ୍ରଦାନ କରିଥାଏ। ସୂଚନାଯୋଗ୍ୟ ୨୦୦୭ରେ ଗଣତନ୍ତ୍ରର ନୀତିଗୁଡ଼ିକୁ ପ୍ରୋତ୍ସାହନ ସହ ବଜାୟ ରଖିବା ପାଇଁ ମିଳିତ ଜାତିସଂଘ ସାଧାରଣ ପରିଷଦ



## ଅନ୍ତର୍ଜାତୀୟ ଗଣତନ୍ତ୍ର ଦିବସ

ଦ୍ୱାରା 'ଜାତୀୟ ଗଣତନ୍ତ୍ର ଦିବସ' ପାଳନ ଲାଗି ନିଷ୍ପତ୍ତି ନିଆଯାଇଥିଲା। ତେବେ ଏହି ଦିବସର ଉତ୍ପତ୍ତି ୧୯୮୮ ମସିହାରେ ଆରମ୍ଭ ହୋଇଥିବା ନୂତନ ଏବଂ ପୁନଃସ୍ଥାପିତ ଗଣତନ୍ତ୍ର ଉପରେ ଅନ୍ତର୍ଜାତୀୟ ସମ୍ମିଳନୀରୁ ସୃଷ୍ଟି ହୋଇଥିଲା। ଏଥିସହ ଏହା ଏକ ପ୍ରମୁଖ ମାଇଲଖୁଣ୍ଟ ଥିଲା କାରଣ ୧୯୯୭ ସେପ୍ଟେମ୍ବର ୧୫ରେ ଗଣତନ୍ତ୍ର ଉପରେ ସାର୍ବଜନୀନ ଘୋଷଣାପତ୍ର ଆନ୍ତଃ-ସଂସଦୀୟ ସଂଘ ଦ୍ୱାରା ଗୃହୀତ ହୋଇଥିଲା। ତେବେ ୨୦୦୮ ସେପ୍ଟେମ୍ବର ୧୫ରେ ପ୍ରଥମ ଅନ୍ତର୍ଜାତୀୟ ଗଣତନ୍ତ୍ର ଦିବସ ୪୬ଟି ଜାତୀୟ ସଂସଦ ଦ୍ୱାରା ପାଳନ କରାଯାଇଥିଲା।

# ନୂଆବର୍ଷରେ ଅନନ୍ୟା, କାର୍ତ୍ତିକଙ୍କ ଯୋଡ଼ି



ଅନନ୍ୟା ପାଣ୍ଡେ

**ମୁମ୍ବାଇ:** ଅଭିନେତ୍ରୀ ଅନନ୍ୟା ପାଣ୍ଡେ ଏବଂ ଅଭିନେତା କାର୍ତ୍ତିକ ଆର୍ଯ୍ୟନଙ୍କ ଆଗାମୀ ଫିଲ୍ମ 'ତୁ ମେରୀ ମେ ତେରା, ମେ ତେରା ତୁ ମେରୀ' ଫିଲ୍ମ ଆସନ୍ତା ଡିସେମ୍ବର ୩୧ରେ ରିଲିଜ୍ ହେବ। ପୂର୍ବରୁ ଏହି ଫିଲ୍ମ ଫେବୃଆରୀ ୧୩ରେ ରିଲିଜ୍ ହେବ ବୋଲି ଘୋଷଣା ହୋଇଥିଲା। ତେବେ ଫିଲ୍ମଟିକୁ ଦେଢ଼ ମାସ ପୂର୍ବରୁ ଶୀଘ୍ର ରିଲିଜ୍ କରାଯିବ ବୋଲି ଫିଲ୍ମ ନିର୍ମାତା ନିଷ୍ପତ୍ତି ନେଇଛନ୍ତି। ଏନେଇ ଅନନ୍ୟା ଏବଂ କାର୍ତ୍ତିକ ଏକ ଇନ୍‌ଷ୍ଟାଗ୍ରାମ ପୋଷ୍ଟ ମାଧ୍ୟମରେ ସୂଚନା ଦେଇଛନ୍ତି। କ୍ୟାପ୍‌ଶନ୍‌ରେ ଉଭୟେ ଲେଖିଛନ୍ତି, ଚଳିତବର୍ଷର ଶେଷ ଦିନ ଆପଣ ଆମ ସହ ବିତାଇବେ ଏବଂ ନୂଆବର୍ଷ ଆମ ସହ ପାଳିବେ। ସମୀର ବିଦ୍ୱାନ୍ସଙ୍କ ନିର୍ଦ୍ଦେଶିତ ଏବଂ ଧର୍ମା ପ୍ରଡକ୍ସନ ବ୍ୟାନରରେ ନିର୍ମିତ ଏହି ଫିଲ୍ମରେ ଅନନ୍ୟା ଏବଂ କାର୍ତ୍ତିକଙ୍କ ବ୍ୟତୀତ ଅଭିନେତା ଜ୍ୟାକି ଶ୍ରଫ୍ ଏବଂ ଅଭିନେତ୍ରୀ ନୀନା ଗୁପ୍ତାଙ୍କୁ ମଧ୍ୟ ଦେଖିବାକୁ ମିଳିବ। ପୂର୍ବରୁ ୨୦୧୯ରେ ରିଲିଜ୍ ହୋଇଥିବା 'ପତି, ପତ୍ନି ଔର ୱୋ' ଫିଲ୍ମରେ କାର୍ତ୍ତିକ ଏବଂ ଅନନ୍ୟାଙ୍କୁ ଏକାଠି ଦେଖିବାକୁ ମିଳିଥିଲା। ଉକ୍ତ ଫିଲ୍ମରେ ଅଭିନେତ୍ରୀ ଭୂମି ପେଡ୍‌ନାକର ମଧ୍ୟ ନଜରକୁ ଆସିଥିଲେ।

# ଶୌଚାଳୟ ପାଲଟିଛି ଟୁରିଷ୍ଟ ହଟ୍‌ସ୍ପଟ୍

ବେଜିଂ

ଚାଇନାର ଗାନ୍‌ସୁ ପ୍ରଦେଶସ୍ଥିତ ଡୁନ୍‌ହୁଆଙ୍ଗ୍ ନାଇଟ୍ ମାର୍କେଟରେ ଥିବା ଏକ ନୂତନ ସାର୍ବଜନୀନ ଶୌଚାଳୟକୁ ନେଇ ସମ୍ପ୍ରତି ସୋସିଆଲ ମିଡିଆରେ ଚର୍ଚ୍ଚା ଲାଗି ରହିଛି। ସାଧାରଣତଃ ଲୋକମାନେ ଶୌଚାଳୟକୁ କେବଳ ଏକ ଆବଶ୍ୟକତା ବୋଲି ଭାବିଥାନ୍ତି। ତେବେ ଭାଇରାଲ ହେଉଥିବା ଶୌଚାଳୟଟିକୁ ଏପରି ଭାବରେ ଡିଜାଇନ୍ କରାଯାଇଛି, ଯାହା ସମ୍ପ୍ରତି ଏହାକୁ ଏକ ଟୁରିଷ୍ଟ ହଟ୍‌ସ୍ପଟ୍‌ରେ ପରିଣତ କରିଛି। ଏବେ ଏହି ଶୌଚାଳୟ ଡୁନ୍‌ହୁଆଙ୍ଗ୍ ପବ୍ଲିକ୍ ପିୟୋର୍ କଲ୍‌ଚରାଲ୍ ସ୍ପେସ୍ ନାମରେ ପ୍ରସିଦ୍ଧି ଲାଭ କରିଛି, ଯାହାକୁ ଦେଖିବାକୁ ଦୂର ଦୂରାନ୍ତରରୁ ଲୋକ ଆସୁଛନ୍ତି।



୨ ମହଲା ବିଶିଷ୍ଟ ଏହି ସାର୍ବଜନୀନ ଶୌଚାଳୟରେ ଡୁନ୍‌ହୁଆଙ୍ଗ୍‌ର ସଂସ୍କୃତିକୁ ନେଇ ବିଭିନ୍ନ ଚିତ୍ର କଳା ପ୍ରଦର୍ଶିତ ହୋଇଛି। ଏହାର ପ୍ରତ୍ୟେକ କୋଣରେ କଳା ଏବଂ ଐତିହ୍ୟର ସ୍ପର୍ଶ ଅନୁଭବ କରିହେବ। ଏହି କାରଣରୁ ପର୍ଯ୍ୟଟକମାନେ ଏହାକୁ କେବଳ ଏକ ଶୌଚାଳୟ ନୁହେଁ ବରଂ ଏକ ସାଂସ୍କୃତିକ ସ୍ଥାନ ବୋଲି ବିବେଚନା କରୁଛନ୍ତି। ଏହି ଶୌଚାଳୟରେ ମା'ଶିଶୁ କୋଠରି, ଶିଶୁ ସୁରକ୍ଷା ଆସନ, ଅଟୋ କ୍ଲିନିଂ ସିଷ୍ଟମ ଏବଂ ବୟସ୍କ ଓ ଅକ୍ଷମଙ୍କ ପାଇଁ ସୁବିଧା ରହିଛି।


**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, ANGUL**
E-Mail : sencrwangul@yahoo.co.in, Ph. : 06764-236404
No. 2721// Dt. 12.09.2025

**1st Corrigendum to Bid Identification No. Bridge Online-AGL-12/2025-26**

**No.O-769** : Due to some technical error in website of wamis, the last date of Online for bidding and opening of the date has been modified as follows in respect of tender for the work "Construction of weir Adjacent to H.L. Bridge over Badajor Nallah on PWD Road to Madrangmunda Road in the District of Dhenkanal for the year 2025-26" invited vide Tender Call Notice Bid Identification No. Bridge Online-AGL-12/2025-26 by the Procurement officer Chief Construction Engineer, Rural Works Circle, Angul.

| Availability of Tender on-line for bidding | | Date & Time of opening Technical Bid |
|---|---|---|
| From | To | |
| 03.09.2025 at 10.00 A.M. | 22.09.2025 upto 3.00 P.M. | 22.09.2025 at 3.30 A.M. |

All other terms and conditions remain unchanged.
OIPR-25180/11/0074/2526 Sd./- Chief Construction Engineer

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BALASORE**
E-Mail ID: serw_balasore@yahoo.in, Ph. No.: 06782-260318, Balia, Balasore
No. O-770

**"e" Procurement Notice for Road Work**
Identification No. Online Tender - Road N.C.B. No. 30 for 2025-26
Letter No. 3201 Date: 10.09.2025

1. Name of the Work : (MMSY - Improvement to existing RD road and MMSY-CMRL)
2. Total No. of Work : 67 Nos. of Work.
3. Estimated Cost : As per annexure
4. Eligible Class of Contractor : As per annexure
5. Period of Completion : As per annexure
6. Other details :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. S.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | NCB No. 30 of 2025-26 | 18.09.2025 at 11.00 A.M. | 03.10.2025 upto 5.00 P.M. | 03.10.2025 upto 5.00 P.M. | 04.10.2025 at 11.00 A.M. | Will be intimated later |

- Further details can be seen from the website: **www.tendersodisha.gov.in**.

OIPR-25105/11/0082/2526 Sd./- Chief Construction Engineer, R.W. Circle, Balasore

**OFFICE OF THE COLLECTOR & DISTRICT MAGISTRATE, CUTTACK**
Letter No. 1265/Culture Dt.12.09.2025

**RFP FOR SELECTION OF EVENT MANAGEMENT AGENCY FOR HISTORIC BALIJATRA, CUTTACK - 2025**

No. F-57: Sealed proposals are invited from Event Management Agencies for on-ground Delivery and Event Management of the **Historic Balijatra Cuttack - 2025** to be held from Dt.05.11.2025 to 12.11.2025 through an open RFP. The detailed information may be downloaded from the Cuttack District website **(cuttack.odisha.gov.in)**.
The bids should be submitted in the prescribed format along with all relevant documents duly signed and sealed. The bid should reach the office of the Collector, Cuttack **on or before Dt.03.10.2025 by 3 P.M.** either by Courier/Speed Post/Registered Post. **No Drop Box facility and hand delivery is available**. The Office of the Collector, Cuttack shall not be responsible for delay in postal delivery or similar reason. The District Administration, Cuttack reserves the right to accept or reject any or all bids without assigning any reason thereof.
For any specific queries kindly Contact Cell No.: **9437222160/9437666453**.
OIPR-24367/11/0008/2526 Sd./- Collector, Cuttack

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍- (୦୬୭୪) ୨୩୯୩୫୨୪
ଏପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ https://oshb.org
ପତ୍ରସଂଖ୍ୟା ୧୯୧ ତା.୬.୯.୨୫

**ବିଜ୍ଞାପନ**

**No.CAD-1775**:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଗୃହ ନଂ.ଏମ.ଆଇ.ଜି-୮୦ (MIG-80), କପିଳପ୍ରସାଦ, ୨ୟ ପର୍ଯ୍ୟାୟ, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ପ୍ରଦୀପ କୁମାର ଭୂୟାଁ, ପିତା-ଭାସ୍କର ଚନ୍ଦ୍ର ଭୂୟାଁ, ସା-ପ୍ଲଟ ନଂ.-୬୩୦, ରାମେଶ୍ୱର ପାଟଣା, ରଥ ରୋଡ, ପୋ-ଓଲ୍ଡ ଟାଉନ, ଥାନା-ଶ୍ରୀ ଲିଙ୍ଗରାଜ, ଜିଲ୍ଲା-ଖୋର୍ଦ୍ଧାଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରହୀତା ଶ୍ରୀ ପ୍ରଦୀପ କୁମାର ଭୂୟାଁ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ଦେବାଶିଷ ଜେନା, ପିତା-ସତ୍ୟପ୍ରିୟ ଜେନା, ସା-ବ୍ରହ୍ମ କୁନ୍ଦଳ, ପୋ-ରେତଙ୍ଗ, ଥାନା-ଏୟାରଫିଲ୍ଡ, ଜିଲ୍ଲା-ଖୋର୍ଦ୍ଧାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।
ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି /ଆପତ୍ତି ଥାଏ, ତାହେଲେ ଏହି ନୋଟିସ୍ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି /ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ଗୃହଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ ।
ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0854/2526

**ODISHA UNIVERSITY OF TECHNOLOGY AND RESEARCH**
P.O.:MAHALAXMI VIHAR, BHUBANESWAR - 751 029
Notice No. OUTR/SBSH/CY/2025-26/22 Date:10-09-2025
**No.KK-230** : **Online-Tenders through e-procurement** under two bid systems are invited from Original Equipment Manufacturers/ Distributers/Authorised Dealers/Agencies for "Supply, Installation and commissioning of "High Temperature Furnace for School of Basic Sciences & Humanities (Chemistry)" at **OUTR, Bhubaneswar**"
Date & Time of available inTenders Odisha Portal : 10-09-2025 at 06.00 P.M.
Last date and time of submission of Bid : 09-10-2025 upto 6.00 P.M.
For details : Please visit : http://tendersodisha.gov.in & http://www.outr.ac.in
For Technical query please contact:Prof. B.R.Das, Head, SBSH Phone No- 9337673699, Email:- hodchemistry@outr.ac.in
OIPR-16005/11/0130/2526 REGISTRAR

**OFFICE OF THE TRANSPORT COMMISSIONER-CUM-CHAIRMAN STATE TRANSPORT AUTHORITY ODISHA, CUTTACK**
**TENDER CALL NOTICE**
Notice No:LXVI-27/2022/13558 Date 12.09.2025
No.JJ-49: Bidders are invited for a Tender for Selection of Agency for Providing Manpower for the office of Transport Commissioner and Sub-Ordinate Offices by the Office of Transport Commissioner for online submission latest by **08.10.2025.**
For details, please visit the websites www.odishatransport.gov.in and www.gem.gov.in.
By the orders of Transport Commissioner Odisha
Sd./- Additional Commissioner Transport (Admin.)
STA, Odisha, Cuttack
OIPR-38003/11/0091/2526

**OFFICE OF THE REGULATED MARKET COMMITTEE JEYPORE, DIST-KORAPUT**
At- Umuri (Phulabada), Po-Railway Station-764001
E-mail: Secretaryrmcjeypore@yahoo.in
Memo No.1242/RMC/2025 Dt.12.09.2025
**E-PROCUREMENT (INVITATION FOR BIDS)**
**BID IDENTIFICATION NO.RMC/JEYPORE-02/2025-26**
No.H-24: The Sub-Collector-cum-Chairman, RMC, Jeypore invites percentage BID through e-procurement in double cover system according to norms of e-procurement.
1. Type of Work : Civil Construction work as in the DTCN
2. Total No. of Work : 03 (Three)
3. Tender Amount Cost : Rs.8.00 Crores to 10.00 Crores
4. Period of Completion : 11 (Eleven) Calendar Months
5. Date & Time availability of BID document in the Portal : From 10.00 AM of Dt.13.09.2025 to 05.00 PM of 22.09.2025
Date & Time of opening of Tender : Date 23.09.2025 at 11.00 AM

Further the details of e-tender documents can be had from the e-Procurement Portal www.tendersodisha.gov.in Corrigendum if any, shall only be published in above website.
Sd./- Sub-Collector-cum-Chairperson RMC, Jeypore
OIPR-01577/11/0004/2526

**ଓଡ଼ିଶା ସରକାର**
**ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ**
**Government of Odisha, Panchayati Raj & D.W.Department**
ଓଡ଼ିଶା ଲୋକସେବା ଭବନ, ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
Odisha Lok Seva Bhawan, Sachibalaya Marg, Bhubaneswar-751001
Fax:0674-2391413, E-mail: prsec.or@nic.in
No.PR-RH-ESTT-0001-2025- 25348/PR&DW Date:13.09.2025
**TENDER NOTICE**
No.i- Sealed tenders are invited from eligible organisations for selection of Service Providing Agencies to provide manpower for State Project Management Unit under Pradhan Mantri Awas Yojana (Gramin). The details of the tenders are available on https://panchayat.odisha.gov.in/ and https://rh.odisha.gov.in/
Interested bidders may submit their bids through Registered/Speed Post/Courier to Director Special Projects, Panchayati Raj and Drinking Water Department, Lokseva Bhawan, Bhubaneswar, Odisha, Pin-751001 from 15.09.2025 to 04.10.2025 upto 5 PM.
Sd./- Director Special Projects Panchayati Raj & Drinking Water Department
OIPR-19001/11/0030/2526

**OFFICE OF THE REVENUE DIVISIONAL COMMISSIONER CENTRAL DIVISION, ODISHA, CUTTACK**
No. Z-03/2024-25/9978/Niz. Dated: 11.09.2025
**TENDER CALL NOTICE**
No. F-58: Sealed quotations/tenders are invited from interested reputed travel agencies/tour operators/private individuals for providing 2 (two) Nos. of Zest/Tigor/Swift Dzire/Xcent/Etios AC Petrol/Diesel driven vehicles for official use of Addl. Secretary to RDC-cum-Registrar, Office of the LAR and R Authority, Cuttack and Join Director, SSD, Office of the RDC (CD), Cuttack on monthly rent basis. The application form of quotation/tender call notice, terms and conditions along with general information for hiring of vehicles etc. will be available with the **Senior Administrative Officer, Office of the Revenue Divisional Commissioner, (Central Division), Odisha, Cuttack** from 12.09.2025 or can be downloaded from website **https://cuttack.odisha.gov.in** & **https://rdccdcuttack.nic.in** from date **12.09.2025 to 24.09.2025**.
Sd./- Revenue Divisional Commissioner Central Division, Cuttack
OIPR-24170/11/0007/2526

**DR. ABHIN CHANDRA HOMOEOPATHIC MEDICAL COLLEGE & HOSPITAL**
Unit - III, Kharvela Nagar, Bhubaneswar, Odisha
email: drachmch@gmail.com, Ph. No.: 0674-2391737
No. 2096 Date: 13.09.25
**NOTIFICATION**
No. E-385: It is hereby notified that as per the recommendation of the technical committee meeting held on 04.09.2025, the extensions for the schedules of tenders (reference No. 1859/Dr ACHMC, Dated: 11.08.2025 and 1860/Dr ACHMC, Dated: 11.08.2025) are made as follows.
- The schedule of sale of the tender book for both tenders is extended to 03.10.2025 upto 4.00 P.M.
- The last date of the submission of the tender documents is extended to 03.10.2025 at 5 P.M.
- The technical bids of both tenders will be opened on 04.10.2025 at 11.30 A.M.

The rest of the terms & conditions of above mentioned tenders will be remained unchanged.
OIPR-10030/11/0011/2526 Sd./- Principal-cum-Superintendent

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER**
**K B K-II, MINOR IRRIGATION CIRCLE, JEYPORE**
sekbkmi2@gmail.com
NATIONAL COMPETITIVE BIDDING
**e-PROCUREMENT NOTICE NO. ONLINE - ACEKBK-IIMIC-01/2025-26**
Letter No.1212 Dt.11.09.2025
**No.A-617** : The **Additional Chief Engineer, K.B.K-II, M.I. Circle, Jeypore** on behalf of **Governor of Odisha** invites **Percentage Rate Bids** in Double Cover System through On-line mode only for the work "Renovation to Siltiguda MIP" in Rayagada Block of Rayagada District under DPIW (Dam Protection and Improvement Work) Scheme for the year 2025-26 as per Annexure to this bid notice from the Class of eligible contractors as mentioned in Column-6 (Six). The bid should be submitted online in the website www.tendersodisha.gov.in by eligible contractors.

| | | | |
|---|---|---|---|
| 1. | Name of the work | : | Renovation to Siltiguda MIP in Rayagada Block of Rayagada District under DPIW (Dam Protrection and Improvement Work) Scheme for the year 2025-26 |
| 2. | Total No. of works | : | **01 (One) No.** |
| 3. | Tender Cost | : | Approximately **Rs.180.00 Lakh** |
| 4. | Class of Contractor | : | As mentioned against work |
| 5. | Period of completion | : | As mentioned against work |
| 6. | Date and time of availability of Bid | : | **From 10.00 AM on 17.09.2025** and upto **5.30 PM on 03.10.2025** Document in portal |
| 7. | Last date / time for receipt of Bid | : | **Upto 5.30 PM on 03.10.2025** Document in portal |
| 8. | Date / Time of opening of Technical Bid | : | **From 11.00 AM on 04.10.2025 At O/o ACE, K.B.K-II, M.I. Circle, Jeypore** |
| 9. | Name and Address of Officer | : | **Additional Chief Engineer, O/o ACE, K.B.K-II, M.I.Circle, Jayanagar, Jeypore-764005** |
| 10. | Mode of Payment of Bid cost and Bid security | : | Online |

Sd./- Additional Chief Engineer K.B.K-II, M.I.Circle, Jeypore
OIPR-32262/11/0004/2526

**Bhubaneswar Development Authority**
Akash Shova Building, Sachivalaya Marg, Bhubaneswar-751001, Odisha, Ph : 0674-2396437
Notice No.17544/BDA Date : 08.09.2025
BDA-Estate2-AL107-0108-2025
Expression of Interest (EOI) For
**Redevelopment of Priyadarshini Market Complex on PPP Mode**
**No.CAD-1760** : The **Bhubaneswar Development Authority (BDA)** is in the process of "Redeveloping of Priyadarshini Market Complex on PPP Mode".
The BDA invites interested entities to submit their EOI for Redevelopment of Priyadarshini Market Complex on PPP Mode. The experience and expertise sought from the bidding entity(ies) include development of residential/commercial/intuitional/commercial-cum-residential/high rise building etc.
Interested firms are requested to submit their documents in the manner specified in the Notice for EOI, available at the BDA website (https://www.bda.gov.in).
The last date of submission : **23.09.2025**
BDA reserves the right to cancel this invitation and / or invite fresh EOI / Bid / RFP with or without amendments to this invitation, without liability or any obligation for such invitation and without assigning any reason. BDA reserves the right to accept or reject any or all proposals without assigning any reason whatsoever.
Sd./- Secretary Bhubaneswar Development Authority
OIPR-13033/11/0379/2526

**ଓଡ଼ିଶା ସରକାର**
ଇ-ମେଲ: **mokhordha@gmail.com**
**ଖଣି ଉପ-ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା କ୍ଷେତ୍ର, ଖୋର୍ଦ୍ଧା**
ସଂଖ୍ୟା: ୨୧୧୧ ତା: ୧୨।୦୯।୨୦୨୫
**ଟେଣ୍ଡର ନିମନ୍ତ୍ରଣ ବିଜ୍ଞପ୍ତି**

No. G-39: ମାଇନ୍ସ ଏବଂ ମିନେରାଲ (ଡେଭଲପମେଣ୍ଟ ଆଣ୍ଡ ରେଗୁଲେସନ୍) ଆକ୍ଟ, ୧୯୫୭ର ଧାରା ୧୫ରେ ରାଜ୍ୟ ସରକାରଙ୍କୁ ଦିଆଯାଇଥିବା କ୍ଷମତା ଅନୁସାରେ ଏବଂ ସମୟ ସମୟରେ ସଂଶୋଧିତ ଓଡ଼ିଶା ମାଇନୋରାଲ୍ ମିନେରାଲ କନ୍ସେସ୍ ନିୟମ, ୨୦୧୬ ଅନୁଯାୟୀ ୦୮ ସଂଖ୍ୟକ ଲଘୁଖଣିଜ ଉତ୍ସର ଇ-ନିଲାମ ମାଧ୍ୟମରେ ଲିଜ୍ ଅନୁଦାନ ପାଇଁ ଟେଣ୍ଡର ଆହ୍ୱାନ କରାଯାଉଛି।
ତଦନୁସାରେ, କ୍ୱାରି ଲିଜ୍ ଅନୁଦାନ ପାଇଁ 'ଫର୍ମ-ଏମ୍' ଫର୍ମାଟ୍‌ରେ (ଉଭୟ ଡିଜିଟାଲ ଓ ଫିଜିକାଲ) ବୈଷୟିକ ବିଡ୍ ଆମନ୍ତ୍ରଣ କରାଯାଉଛି।
ଇଲେକ୍ଟ୍ରୋନିକ୍ ନିଲାମରେ ଅଂଶଗ୍ରହଣ ପାଇଁ ଯୋଗ୍ୟ ସର୍ତ୍ତ, ତାରିଖ ଏବଂ ସମୟ ଟେଣ୍ଡର ଡକ୍ୟୁମେଣ୍ଟରେ ପ୍ରଦାନ କରାଯାଇଛି। କ୍ୱାରିଗୁଡ଼ିକ ପାଇଁ ଇ-ନିଲାମ ପ୍ରକ୍ରିୟାର ସମୟସାରଣୀ, ବିଜ୍ଞପ୍ତି, ଅପ୍‌ଡେଟ୍ ଏବଂ ଅନ୍ୟାନ୍ୟ ବିବରଣୀ ସହିତ ଟେଣ୍ଡର ଡକ୍ୟୁମେଣ୍ଟକୁ **https://www.mstceommerce.com** ୱେବ୍‌ସାଇଟରୁ ଡାଉନଲୋଡ୍ କରାଯାଇପାରିବ।
ଆଗ୍ରହୀ ବିଡରମାନେ ଉପରୋକ୍ତ ୱେବ୍‌ସାଇଟ୍‌ରେ ନିଜକୁ ପଞ୍ଜୀକୃତ କରିପାରିବେ। ସଫଳ ପଞ୍ଜୀକରଣ ପରେ ଇ-ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ ପାଇଁ ବିଡରମାନେ ଲଗଇନ୍ ଆଇଡି ଏବଂ ପାସ୍‌ୱାର୍ଡ ପାଇବେ। ମଡେଲ ଟେଣ୍ଡର ଡକ୍ୟୁମେଣ୍ଟ ଏବଂ ମିନେରାଲ ବ୍ଲକ ସାରାଂଶ ଉପରୋକ୍ତ ୱେବ୍‌ସାଇଟ୍‌ରେ ମାଗଣାରେ ଉପଲବ୍ଧ।
ଇଚ୍ଛୁକ ବିଡରମାନେ ନିଜର ଲଗ୍‌ଇନ୍ ୟୁଜର ID ଏବଂ ପାସ୍‌ୱାର୍ଡ ବ୍ୟବହାର କରି ଫର୍ମ - Mରେ ଆବଶ୍ୟକୀୟ ବିବରଣୀ ଏବଂ ପ୍ରଯୁଜ୍ୟ ବାଧ୍ୟତାମୂଳକ ଡକ୍ୟୁମେଣ୍ଟ ଦାଖଲ କରିବେ। 'ଫର୍ମ-ଏମ୍'ର ସଫଳ ଦାଖଲ ପାଇଁ ବିଡରମାନେ ଇ-ନିଲାମ ପୋର୍ଟାଲରେ ଉପଲବ୍ଧ 'ବିଡର ମାନୁଆଲ'କୁ ଅନୁସରଣ କରିବା ଉଚିତ। ଇ-ଟେଣ୍ଡର ଦାଖଲ ପାଇଁ ବିଡରଙ୍କୁ ଦିଆଯାଇଥିବା ଅବଧି, ଖବରକାଗଜ ଏବଂ MSTC ୱେବ୍‌ସାଇଟରେ ଟେଣ୍ଡର ବିଜ୍ଞପ୍ତି ପ୍ରକାଶ ହେବା ଦିନଠାରୁ ଗଣନା କରାଯିବ।
**ସମୟ ସାରଣୀ:**
ଟେଣ୍ଡର ଡକ୍ୟୁମେଣ୍ଟରେ ସବିଶେଷ ସମୟ ସାରଣୀ ଉପଲବ୍ଧ ଅଛି।
ଟେଣ୍ଡର ଆବେଦନର ଶେଷ ତାରିଖ: ୦୯।୧୦।୨୦୨୫
ଆବେଦନ (ବୈଷୟିକ ବିଡ୍) ଖୋଲିବା ତାରିଖ: ୧୩।୧୦।୨୦୨୫
ନିଲାମ ତାରିଖ: ୨୭।୧୦।୨୦୨୫ରୁ ୦୭।୧୧।୨୦୨୫

| କ୍ର. ନଂ. | କ୍ଷେତ୍ର | ଜିଲ୍ଲା | ତହସିଲ | ସୋର୍ସର ନାମ | ମିନେରାଲ | ଲାଣ୍ଡ ସେଡ୍ୟୁଲ | | | | | ପରିମାଣ | MAC per M³ (in Rs.) | MGQ Per Year |
|---|---|---|---|---|---|---|---|---|---|---|---|---|---|
| | | | | | | ମୌଜା | ଖତିୟାନ ନଂ. | ପ୍ଲଟ ନଂ. | କିସମ | କ୍ଷେତ୍ରଫଳ (ଏକର) | | | |
| ୧ | ଖୋର୍ଦ୍ଧା | ଖୋର୍ଦ୍ଧା | ଟାଙ୍ଗୀ | ଜରିପୁଟ କଳାପଥର - ଏ | କଳାପଥର | ଜରିପୁଟ | ୨୯୬ | ୧୧୧୨ | ମୁଣ୍ଡିଆ | ୩.୦୦ | ଗଚ୍ଛିତ ଅଛି | ୫୫୭.୦୦ | ୧୫୦୦୦ ବର୍ଗ ମିଟର |
| ୨ | ଖୋର୍ଦ୍ଧା | ଖୋର୍ଦ୍ଧା | ଟାଙ୍ଗୀ | ଜରିପୁଟ କଳାପଥର - ବି | କଳାପଥର | ଜରିପୁଟ | ୨୯୬ | ୧୧୧୨ | ମୁଣ୍ଡିଆ | ୩.୦୦ | ଗଚ୍ଛିତ ଅଛି | ୫୫୭.୦୦ | ୧୫୦୦୦ ବର୍ଗ ମିଟର |
| ୩ | ଖୋର୍ଦ୍ଧା | ଖୋର୍ଦ୍ଧା | ଟାଙ୍ଗୀ | ଜରିପୁଟ କଳାପଥର - ସି | କଳାପଥର | ଜରିପୁଟ | ୨୯୬ | ୧୧୧୨ | ମୁଣ୍ଡିଆ | ୩.୦୦ | ଗଚ୍ଛିତ ଅଛି | ୫୫୭.୦୦ | ୧୫୦୦୦ ବର୍ଗ ମିଟର |
| ୪ | ଖୋର୍ଦ୍ଧା | ଖୋର୍ଦ୍ଧା | ଟାଙ୍ଗୀ | ରାମଚନ୍ଦ୍ରପୁର ମାଙ୍କଡ଼ା ପଥର-୧ | ମାଙ୍କଡ଼ା ପଥର | ରାମଚନ୍ଦ୍ରପୁର | ୪୬୩ | ୬୫୧ | ପୁରାତନ ପତିତ | ୦.୮୬୮ | ଗଚ୍ଛିତ ଅଛି | ୧୬୦.୦୦ | ୨୭୦୦ ବର୍ଗ ମିଟର |
| ୫ | ଖୋର୍ଦ୍ଧା | ଖୋର୍ଦ୍ଧା | ଟାଙ୍ଗୀ | ରାମଚନ୍ଦ୍ରପୁର ମାଙ୍କଡ଼ା ପଥର-୨ | ମାଙ୍କଡ଼ା ପଥର | ରାମଚନ୍ଦ୍ରପୁର | ୪୬୮ | ୬୪୦ | ପଥର ଟାଙ୍ଗୀ | ୪.୮୨୫ | ଗଚ୍ଛିତ ଅଛି | ୫୭.୦୦ | ୨୭୦୦ ବର୍ଗ ମିଟର |
| ୬ | ଖୋର୍ଦ୍ଧା | ଖୋର୍ଦ୍ଧା | ଟାଙ୍ଗୀ | ତଳଗଡ଼କୁହୁଡ଼ି ମାଙ୍କଡ଼ା ପଥର-୭ | ମାଙ୍କଡ଼ା ପଥର | ତଳଗଡ଼କୁହୁଡ଼ି | ୨୨୬ | ୨୮୩ | ପୁରାତନ ପତିତ | ୫.୦୦ | ଗଚ୍ଛିତ ଅଛି | ୫୭.୦୦ | ୪୦୦୦ ବର୍ଗ ମିଟର |
| ୭ | ଖୋର୍ଦ୍ଧା | ଖୋର୍ଦ୍ଧା | ଟାଙ୍ଗୀ | ତଳଗଡ଼କୁହୁଡ଼ି ମୋରମ - ୧ | ମୋରମ | ତଳଗଡ଼କୁହୁଡ଼ି | ୨୨୬ | ୧୫୫ | ପୁରାତନ ପତିତ | ୨.୦୦ | ଗଚ୍ଛିତ ଅଛି | ୧୬୭.୦୦ | ୨୦୦୦ ବର୍ଗ ମିଟର |
| ୮ | ଖୋର୍ଦ୍ଧା | ଖୋର୍ଦ୍ଧା | ବୋଲଗଡ଼ | ଶ୍ରୀଚନ୍ଦନପୁର କଳାପଥର | କଳାପଥର | ଶ୍ରୀଚନ୍ଦନପୁର | ୫୬୨ | ୦୧ | ପାହାଡ଼ | ୪.୬୨୫ | ଗଚ୍ଛିତ ଅଛି | ୩୪୫.୦୦ | ୬୦୦୦ ବର୍ଗ ମିଟର |

OIPR-30030/11/0008/2526 ସ୍ୱା./- ଖଣି ଅଧିକାରୀ, ଖୋର୍ଦ୍ଧା

# ଭାରତକୁ ରୌପ୍ୟ ପଦକ

**ହାଙ୍ଗଝୋ, ୧୪।୯ (ପି.ଟି.)**

**ଏସିଆ କପ୍ ମହିଳା ହକି**

ଏସିଆ କପ୍ ମହିଳା ହକି ଟୁର୍ନାମେଣ୍ଟର ଫାଇନାଲରେ ହାରି ଭାରତ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛି। ଫଳରେ ଆସନ୍ତାବର୍ଷ ନେଦରଲାଣ୍ଡ ଓ ବେଲଜିୟମରେ ହେବାକୁଥିବା ମହିଳା ବିଶ୍ୱକପ୍ ପାଇଁ ସିଧାସଳଖ ଯୋଗ୍ୟତା ହାସଲ ସୁଯୋଗ ହାତଛଡ଼ା କରିଛି। ରବିବାର ଅନୁଷ୍ଠିତ ଫାଇନାଲରେ ଚାଇନା ୪-୧ ଗୋଲ୍‌ରେ ଭାରତକୁ ହରାଇ ସ୍ୱର୍ଣ୍ଣ ପଦକ ଜିତିଛି। ନବନୀତ କୌର ଖେଳର ପ୍ରଥମ ମିନିଟ୍‌ରେ ଏକ ପେନାଲ୍ଟି କର୍ନରକୁ ଗୋଲ୍‌ରେ ପରିଣତ କରି ଭାରତକୁ ୧-୦ ଅଗ୍ରଣୀ କରାଇଥିଲେ। ପରେ ଚାଇନା ୪ଟି ଗୋଲ୍ ସ୍କୋର କରି ମ୍ୟାଚକୁ ଜିତିନେଇଥିଲା। ଦଳ ପକ୍ଷରୁ ଜିଆି ଓଉ (୨୧ତମ ମିନିଟ), ହଙ୍ଗ୍‌ଲି (୪୧ତମ), ମିରଙ୍ଗ ଜୋଉ (୫୧ତମ) ଓ ଜିଆକ୍ୱି ଝୋଙ୍ଗ୍ (୫୩ତମ) ପ୍ରମୁଖ ଗୋଲ୍ ସ୍କୋର କରିଥିଲେ। ଏସିଆ କପ୍ ଟାଇଟଲ ଜିତିବା ସହ ଚାଇନା ସିଧାସଳଖ ବିଶ୍ୱକପ୍ ଯୋଗ୍ୟତା ହାସଲ କରିଛି। ଅନ୍ୟପକ୍ଷରେ ସୁଯୋଗ ହାତଛଡ଼ା କରିଥିବା ଭାରତକୁ ବିଶ୍ୱକପ୍ ଯୋଗ୍ୟତା ହାସଲ କରିବା ପାଇଁ ଏଣିକି କ୍ୱାଲିଫାୟରର ସହାୟତା ନେବାକୁ ପଡ଼ିବ।

ଭାରତ ୨୦୦୪ ଓ ୨୦୧୭ରେ ୨ ଥର ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ୧୯୯୯ ଓ ୨୦୦୯ରେ ରୌପ୍ୟ ପଦକ ହାସଲ କରିଥିଲା। ସେହିପରି ଦଳକୁ ୧୯୯୩, ୨୦୧୩ ଓ ୨୦୨୨ରେ ବ୍ରୋଞ୍ଜ ପଦକ ମିଳିଥିଲା। ଅନ୍ୟପକ୍ଷରେ ଚାଇନା ପୂର୍ବରୁ ୨୦୦୨, ୨୦୦୬, ୨୦୧୦ ଓ ୨୦୨୨ରେ ୪ ଥର ସ୍ୱର୍ଣ୍ଣ, ୧୯୯୦, ୨୦୦୭ ଓ ୨୦୧୪ରେ ୩ ଥର ରୌପ୍ୟ ଏବଂ ୧୯୯୯ ଓ ୨୦୦୪ରେ ବ୍ରୋଞ୍ଜ ପଦକ ହାସଲ କରିଛି। ଚଳିତ ଟୁର୍ନାମେଣ୍ଟରେ ଉଭୟ ଦଳ ମଧ୍ୟରେ ସୁପର-୪ରେ ମୁକାବିଲା ହୋଇଥିଲା। ଏଥିରେ ଚାଇନା ୪-୧ ଗୋଲରେ ଭାରତକୁ ପରାସ୍ତ କରିଥିଲା। ଫାଇନାଲରେ ତାହାର ପୁନରାବୃତ୍ତି ଘଟିଛି। କୋରିଆକୁ ହରାଇ ଜାପାନ ତୃତୀୟ ଏଠାରେ ଅନୁଷ୍ଠିତ ଏସିଆ କପ୍ ମହିଳା ହକିରେ ଜାପାନ ତୃତୀୟ ସ୍ଥାନ ଅଧିକାର କରିଛି। ଦୁଇ ପରାଜିତ ସେମିଫାଇନାଲିଷ୍ଟଙ୍କ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ଜାପାନ ୨-୧ ଗୋଲରେ ଦକ୍ଷିଣ କୋରିଆକୁ ପରାସ୍ତ କରିଛି। ମ୍ୟାଚର ୧୧ତମ ମିନିଟରେ ପାର୍କ ୟେନଗୁନଙ୍କ ଗୋଲ ବଳରେ କୋରିଆ ଅଗ୍ରଣୀ ହାସଲ କରିଥିଲା। ମାତ୍ର ଦଳ ଏଥିରୁ ଫାଇଦା ଉଠାଇ ପାରି ନ ଥିଲା। ୨୦ତମ ମିନିଟରେ ଜାପାନର ଶିହୋ କୋବାୟାକାୱା ଗୋଲ୍‌ଟି ପରିଶୋଧ କରି ପ୍ରଥମାର୍ଦ୍ଧ ବେଳକୁ ମ୍ୟାଚକୁ ୧-୧ ସ୍ଥିତିକୁ ନେଇ ଆସିଥିଲେ। ତୃତୀୟ କ୍ୱାର୍ଟରରେ ଉଭୟ ଦଳ କଡ଼ା ଟକ୍କର ଦେଇଥିବାବେଳେ ୪ର୍ଥ ତଥା ଅନ୍ତିମ କ୍ୱାର୍ଟରରେ ଜାପାନର ହିରୋକା ମୁରାୟାମା ସ୍କୋର କରିଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା।



ଭାରତ ଓ ଚାଇନା ମଧ୍ୟରେ ଅନୁଷ୍ଠିତ ଫାଇନାଲର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

## ଡେଭିସ୍ କପ୍ କ୍ୱାଲିଫାୟର୍ସରେ ଭାରତ

**ବିଲ, ୧୪।୯:** ଏଠାରେ ଚାଲିଥିବା ସୁଇଜରଲାଣ୍ଡ ବିପକ୍ଷ ୱାର୍ଲ୍ଡ ଗ୍ରୁପ୍-ଆଇ ମୁକାବିଲାକୁ ଭାରତ ୩-୧ ବ୍ୟବଧାନରେ ଜିତିବା ସହ ଡେଭିସ କପ୍ କ୍ୱାଲିଫାୟର୍ସରେ ସ୍ଥାନ ହାସଲ କରିଛି। ମୁକାବିଲାର ପ୍ରଥମ ଦିନ ଦୁଇଟି ସିଙ୍ଗଲ୍ସ ମ୍ୟାଚ୍ ଜିତିଥିବା ଭାରତୀୟ ଦଳ ଦ୍ୱିତୀୟ ଦିନରେ ଡବଲ୍ସ ମୁକାବିଲାରେ ପରାଜୟର ସମ୍ମୁଖୀନ ହୋଇଥିଲା। ଏନ୍ ଶ୍ରୀରାମ ବାଲାଜୀ ଓ ରିଥଭିକ ବୋଲିପାଲି ପ୍ରାୟ ଅଢ଼େଇ ଘଣ୍ଟା ଧରି ଚାଲିଥିବା ମ୍ୟାଚ୍‌ରେ ୭-୬(୩), ୪-୬, ୫-୭ ସେଟ୍‌ରେ ଜାକୁବ ପଲ ଓ ଡୋମିନିକ ଷ୍ଟ୍ରିକରଙ୍କଠାରୁ ପରାସ୍ତ ହୋଇଥିଲେ। ଏହାପରେ ରିଟର୍ନ ସିଙ୍ଗଲ ମ୍ୟାଚ୍‌ରେ ସୁଇଜରଲାଣ୍ଡ ଦଳ ପକ୍ଷରୁ ଏକ ଷ୍ଟ୍ରାଟେଜିକ ପରିବର୍ତ୍ତନ କରାଯାଇଥିଲା। ଜେରୋମ କିମ୍‌ଙ୍କ ବଦଳରେ ଦଳ ପକ୍ଷରୁ ଜୁନିୟର ଅଷ୍ଟ୍ରେଲିଆନ୍ ଓପନ ଚାମ୍ପିୟନ ବର୍ନେଟଙ୍କୁ କୋର୍ଟ ପଠାଯାଇଥିଲା। ହେଲେ ନାଗଲ ମ୍ୟାଚ୍‌କୁ ୬-୧, ୬-୩ ସେଟ୍‌ରେ ଜିତି ନେଇଥିଲେ। ଭାରତ ୩୨ ବର୍ଷର ବ୍ୟବଧାନରେ କୌଣସି ୟୁରୋପିଆନ ଦେଶକୁ ଆୱେ ମୁକାବିଲାରେ ପରାସ୍ତ କରିଛି। ଅନ୍ତିମ ଥର ୧୯୯୩ରେ ଲିଆଣ୍ଡର ପେସ ଓ ରମେଶ କ୍ରିଷ୍ଣନଙ୍କ ନେତୃତ୍ୱରେ ଭାରତ ଏକ ଆୱେ ମ୍ୟାଚ୍‌ରେ ଫ୍ରାନ୍ସକୁ ପରାସ୍ତ କରିଥିଲା। ଡେଭିସ କପ୍ କ୍ୱାଲିଫାୟର୍ସର ପ୍ରଥମ ରାଉଣ୍ଡ ମ୍ୟାଚ୍ ଆସନ୍ତା ବର୍ଷ ଜାନୁଆରୀରେ ଖେଳାଯିବ।

## ଭାରତୀୟ ଦଳରେ କିଟ୍‌ର ଆର୍ଯ୍ୟନ

**ଭୁବନେଶ୍ୱର, ୧୪।୯ (ତପନ ସ୍ୱାଇଁ)**

**ରାଜ୍ୟଗୋଷ୍ଠୀ ବିଚ୍ ହ୍ୟାଣ୍ଡବଲ**

ମାଳଦ୍ୱୀପର କୁଲୁଡୁଫୁସିଠାରେ ସୋମବାରଠାରୁ ୨୪ ତାରିଖ ପର୍ଯ୍ୟନ୍ତ ପ୍ରଥମ ରାଜ୍ୟଗୋଷ୍ଠୀ ବିଚ ହ୍ୟାଣ୍ଡବଲ ପ୍ରତିଯୋଗିତା ହେବାକୁ ଯାଉଛି। ଭାରତୀୟ ଦଳରେ ଓଡ଼ିଶାର ଏକମାତ୍ର ଖେଳାଳି ଆର୍ଯ୍ୟନ ବ୍ରାହ୍ମୀନ ସ୍ଥାନ ପାଇଛନ୍ତି। ଆର୍ଯ୍ୟନ ଏବେ କିଟ୍ ବିଶ୍ୱବିଦ୍ୟାଳୟରେ ଯୋଗ ଓ ନେଚରୋପାଥିର ପିଜି ପ୍ରଥମ ବର୍ଷ ଛାତ୍ର। ଆର୍ଯ୍ୟନ ଗତ ମେ'ମାସରେ ଓମାନଠାରେ ହୋଇଯାଇଥିବା ଏସିଆ ପୁରୁଷ ବିଚ୍ ହ୍ୟାଣ୍ଡବଲରେ ଅଂଶ ଗ୍ରହଣ କରିଥିଲେ। ଏବେ ରାଜ୍ୟଗୋଷ୍ଠୀ ବିଚ ହ୍ୟାଣ୍ଡବଲ ପାଇଁ ମନୋନୀତ ହୋଇଥିବାରୁ ଆର୍ଯ୍ୟନଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ, ଓଡ଼ିଶା ହ୍ୟାଣ୍ଡବଲ ସଂଘ ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ମାନସ କୁମାର ସିଂ, କୋଷାଧ୍ୟକ୍ଷ ଶୀତେନ୍ଦ୍ରନାଥ ଦାସ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।



ଆର୍ଯ୍ୟନ ବ୍ରାହ୍ମୀନ

## ଆତିକା ମିର ୟୁଏଇ କାର୍ଟିଂ ରେସ ଜିତିଲେ

**ଦୁବାଇ, ୧୪।୯ (ପି.ଟି.)**

ଭାରତର ୧୦ ବର୍ଷୀୟା ରେସିଂ ପ୍ରୋଡିଜି ଆତିକା ମିର ରବିବାର ପ୍ରଥମ ମହିଳା ଭାବେ ମିନିମ୍ୟାକ୍ସ କାଟେଗୋରୀରେ ୟୁଏଇ କାର୍ଟିଂ ରେସ୍ ଜିତି ଇତିହାସ ରଚିଛନ୍ତି। ଏହି ପ୍ରବଳ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ରେସରେ ୧୪ ଡ୍ରାଇଭର ଭାଗ ନେଇଥିବା ବେଳେ ସେମାନଙ୍କ ମଧ୍ୟରେ ଏକମାତ୍ର ବାଳିକା ଥିଲେ ଆତିକା। ସେ ଦୁବାଇ କାର୍ଟଡ୍ରୋମଠାରେ ଅନୁଷ୍ଠିତ ଡିଏମ୍‌ସି ଚାମ୍ପିୟନଶିପ୍ ଓପନରକୁ ପୋଲ ପୋଜିଶନରୁ ଜିତିଛନ୍ତି। ତାଙ୍କ ପ୍ରତିଭାକୁ ଚିହ୍ନି ପାରି ଫର୍ମୁଲା-୧ ତାଙ୍କ ସହିତ ଚଳିତ ବର୍ଷ ଏଫ୍-୧ ଏକାଡେମୀ ଡିସ୍କଭର୍ ପ୍ରୋଗ୍ରାମ ଲାଗି ଚୁକ୍ତି କରିଥିଲା। ଏ କ୍ଷେତ୍ରରେ ମଧ୍ୟ ସେ ପ୍ରଥମ ମହିଳା ଥିଲେ।

## ଯସ୍ମିନ, ମୀନାକ୍ଷୀଙ୍କୁ ସ୍ୱର୍ଣ୍ଣ, ନୂପୁରଙ୍କୁ ରୌପ୍ୟ



ଭାରତୀୟ ବକ୍ସିଂ ଫେଡେରେଶନ ସଭାପତି ଅଜୟ ସିଂ ଓ ଅନ୍ୟମାନଙ୍କ ସହ ପଦକ ବିଜୟୀ ବକ୍ସର।

**ଲିଭରପୁର, ୧୪।୯ (ପି.ଟି.)**

**ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍**

ଭାରତୀୟ ବକ୍ସର ଯସ୍ମିନ ଲାମ୍ବୋରିଆ ଓ ମୀନାକ୍ଷୀ ହୁଡା ଏଠାରେ ଚାଲିଥିବା ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଲାଭ କରିଥିବାବେଳେ ନୂପୁର ଶେଓରାନ ଓ ପୂଜାରାଣୀ ଅଣ ଅଲିମ୍ପିକ କାଟେଗୋରିରେ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ଜିତିଛନ୍ତି। ଯସ୍ମିନ ଶନିବାର ବିଳମ୍ବିତ ରାତିରେ ୫୭ କେଜି ଶ୍ରେଣୀ ଫାଇନାଲରେ ପ୍ୟାରିସ ଅଲିମ୍ପିକ୍ସ ରୌପ୍ୟ ବିଜେତା ପୋଲାଣ୍ଡର ଜୁଲିଆ ସିଜରମେଟାଙ୍କୁ ୪-୧ (୩୦-୨୭, ୨୯-୨୮, ୩୦-୨୭, ୨୮-୨୯, ୨୯-୨୮)ରେ ହରାଇ ଦେଇଛନ୍ତି। ନବାଗତ ମୀନାକ୍ଷୀ ରବିବାର ସମାନ ବ୍ୟବଧାନରେ ୪୮କେଜି ଶ୍ରେଣୀ ଫାଇନାଲରେ ପ୍ୟାରିସ ଅଲିମ୍ପିକ୍ସ ବ୍ରୋଞ୍ଜ ବିଜେତା କାଜାଖସ୍ତାନର ନାଜିମ୍ କିଜାଇବେଙ୍କୁ ହରାଇ ଜୁଲାଇରେ ଅନୁଷ୍ଠିତ ବିଶ୍ୱକପ୍ ପରାଜୟର ପ୍ରତିଶୋଧ ନେଇଛନ୍ତି। ଏଠାରେ ବିଜୟ ଦ୍ୱାରା ଯସ୍ମିନ ୯ମ ଓ ମୀନାକ୍ଷୀ ୧୦ମ ଭାରତୀୟ ମହିଳା ବକ୍ସର ଭାବେ ବିଶ୍ୱ ଚାମ୍ପିୟନ ହୋଇପାରିଛନ୍ତି। ପୂର୍ବରୁ ଯେଉଁ ୮ଜଣ ବିଶ୍ୱ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ଜିତିଛନ୍ତି, ସେମାନେ ହେଲେ ୬ଥର ବିଜେତା ମେରୀକମ୍ (୨୦୦୨, ୨୦୦୫, ୨୦୦୬, ୨୦୦୮, ୨୦୧୦ ଓ ୨୦୧୮), ଦୁଇଥର ବିଜେତା ନିଖତ ଜରିନ୍ (୨୦୦୨ ଓ ୨୦୨୩), ସରିତା ଦେବୀ (୨୦୦୬), ଜେନି ଆର୍‌ଏଲ୍ (୨୦୦୬), ନୀତୁ ଘାଙ୍ଘାସ୍ (୨୦୨୩), ଲଭଲିନା ବର୍ଗୋହେନ (୨୦୨୩) ଓ ସ୍ୱିଟି ବୁରା (୨୦୨୩)। ଅନ୍ୟପକ୍ଷରେ ନୂପୁର ୮୦+କେଜି କାଟେଗୋରିରେ ରୌପ୍ୟ ଏବଂ ପୂଜା ୮୦କେଜି କାଟେଗୋରିରେ ରୌପ୍ୟ ହାସଲ କରିଛନ୍ତି। ନୂପୁର ଶନିବାର ରାତିରେ ଅନୁଷ୍ଠିତ ଦ୍ୱିତୀୟ ଫାଇନାଲରେ ପୋଲାଣ୍ଡର ଆଗାଟା କାଜମାରାସ୍କାଙ୍କଠାରୁ ୨-୩ରେ ଅଳ୍ପକେ ହାରିଯାଇଥିଲେ। ଏହା ପୂର୍ବରୁ ପୂଜା ସ୍ଥାନୀୟ ଫେଭରାଇଟ ଏମିଲି ଆସକ୍ୱିଥଙ୍କଠାରୁ ବିଭାଜିତ ନିଷ୍ପତ୍ତି ୧-୪ରେ ହାରିଯାଇଥିଲେ।

## ଭାରତ 'ଏ' ଦଳରେ ଅଭିଷେକ, ଅର୍ଶଦୀପ

**ମୁମ୍ବାଇ, ୧୪।୯ (ପି.ଟି.)**

ଅଷ୍ଟ୍ରେଲିଆ 'ଏ' ବିପକ୍ଷ ଦ୍ୱିତୀୟ ଓ ତୃତୀୟ ଦିନିକିଆ ପାଇଁ ରବିବାର ଭାରତ 'ଏ' ଦଳ ଘୋଷଣା କରାଯାଇଛି। ଏଥିରେ ଓପନର ଅଭିଷେକ ଶର୍ମା ଓ ବାମହାତୀ ପେସର ଅର୍ଶଦୀପ ସିଂଙ୍କୁ ନିଆଯାଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ସିନିୟର ସିଲେକ୍ସନ ପ୍ୟାନେଲ ଆହୁରି ମଧ୍ୟ ଶେଷ ଦୁଇଟି ମ୍ୟାଚ ପାଇଁ ତିଳକ ବର୍ମା ଓ ହର୍ଷିତ ରାଣାଙ୍କୁ ସାମିଲ କରିଛି। ଏହି ୪ଜଣ ଖେଳାଳି ଏସିଆକପ୍ ପାଇଁ ବର୍ତ୍ତମାନ ୟୁଏଇରେ ଅଛନ୍ତି। ସେପ୍ଟେମ୍ବର ୨୮ରେ ଟୁର୍ନାମେଣ୍ଟ ଶେଷ ହେଲେ ସେମାନେ ଯାଇ ଭାରତୀୟ 'ଏ' ଦଳରେ ଯୋଗଦେବ। ଲକ୍ଷ୍ନୌରେ ଦୁଇଟି ୪ ଦିନିଆ ଅନ୍ ଅଫିସିଆଲ ଟେଷ୍ଟ ମ୍ୟାଚ ଖେଳିସାରିବାର କିଛିଦିନ ପରେ ଦୁଇଟି 'ଏ' ଦଳ କାନପୁରର ଗ୍ରିନ୍‌ପାର୍କ ଷ୍ଟାଡିୟମରେ ୫୦ ଓଭର ବିଶିଷ୍ଟ ୩ ମ୍ୟାଚ ସିରିଜ ଖେଳିବେ। ସେପ୍ଟେମ୍ବର ୩୦ରେ ଖେଳାଯିବାକୁଥିବା ପ୍ରଥମ ମ୍ୟାଚରେ ରଜତ ପଟିଦାର ଭାରତ 'ଏ' ଦଳର ନେତୃତ୍ୱ ନେବାକୁଥିବା ବେଳେ ତିଳକ ଅବଶିଷ୍ଟ ଦୁଇଟି ମ୍ୟାଚରେ ଅଧିନାୟକତ୍ୱ କରିବେ। ଭାରତ 'ଏ' ଦଳ ମନୋନୀତ କରିଥିବା ଅଜିତ ଅଗରକରଙ୍କ ନେତୃତ୍ୱାଧୀନ ସିନିୟର ସିଲେକ୍ସନ କମିଟି ପ୍ରଥମ ଦିନିକିଆ ପାଇଁ ୧୩ ଜଣିଆ ଦଳ ମନୋନୀତ କରିଥିବା ବେଳେ ଦ୍ୱିତୀୟ ଓ ତୃତୀୟ ମ୍ୟାଚ ପାଇଁ ୧୫ ଖେଳାଳି ବାଛିଛନ୍ତି। ଦିଲ୍ଲୀର ବାମହାତୀ ବ୍ୟାଟର ପ୍ରିୟାଂଶ ଆର୍ଯ୍ୟ ଓ ସିମରଜିତ ସିଂ କେବଳ ଓପନିଂ ମ୍ୟାଚ ଖେଳିବେ।



ଟୋକିଓରେ ଚାଲିଥିବା ୱାର୍ଲ୍ଡ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ୧୦୦ ମିଟର ଇଭେଣ୍ଟରେ ପୁରୁଷ ବିଭାଗ ଚାମ୍ପିୟନ ଜାମାଇକାର ଓବ୍‌ଲିକ୍ ସେଭିଲେ ଓ ମହିଳା ବର୍ଗ ଚାମ୍ପିୟନ ଆମେରିକାର ମେଲିସା ଜେଫର୍ସନ-ଉଡେନ।

## ସ୍କୁଲ୍ସ ଓପନ ଚେସ୍: ଶିବମ୍ ଚାମ୍ପିୟନ

**ଭୁବନେଶ୍ୱର, ୧୪।୯ (ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଚନ୍ଦ୍ରଶେଖରପୁରସ୍ଥିତ ସ୍ନିଗ୍ଧା ଏକାଡେମୀରେ ସ୍କୁଲ୍ସ ଓପନ ଚେସ୍ ଚାମ୍ପିୟନଶିପ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଜେ.ଭି. ଶିବମ୍ ପୂରା ୫ ପଏଣ୍ଟ ପାଇ ଚାମ୍ପିୟନ ହୋଇଛନ୍ତି। ସତ୍ୟମ୍ ସ୍ୱରୂପ ସାହୁ, ଦିବ୍ୟାଂଶୁ କୁମାର ପଶାୟତ, ସାତ୍ୱିକ ତ୍ରିପାଠୀ ଓ ଆଶୁତୋଷ ଅରୁଣ ଦାସ ଟପ୍-୫ ଫିନିଶ୍ କରିଛନ୍ତି। ବିଭିନ୍ନ ବୟସ ଏବଂ ବାଳିକା ବର୍ଗର ଶ୍ରେଷ୍ଠ ଖେଳାଳିଙ୍କୁ ଏଜ୍ ଗ୍ରୁପ୍ ଏବଂ ଅନ୍ୟ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ସ୍ନିଗ୍ଧା ଏକାଡେମୀର ପରିଚାଳନା ନିର୍ଦ୍ଦେଶକ ବିଚିତ୍ରା ରଥ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଓ ଟୁର୍ନାମେଣ୍ଟ ନିର୍ଦ୍ଦେଶକ କନୋଜ କୁମାର ବେହେରା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।





ପୁରସ୍କାର ସହ କୃତୀ ପ୍ରତିଯୋଗୀମାନେ।

## ରାଜ୍ୟ ହୁଇଲଚେୟାର ରଗ୍‌ବୀ ଚୟନ ଟ୍ରାଏଲ୍ସ

**ଭୁବନେଶ୍ୱର, ୧୪।୯ (ତପନ ସ୍ୱାଇଁ)**

ରାଜ୍ୟ ହୁଇଲଚେୟାର ରଗ୍‌ବୀ ଚୟନ ଟ୍ରାଏଲ୍ସ କଳିଙ୍ଗ ଷ୍ଟାଡିୟମର ବାସ୍କେଟବଲ କୋର୍ଟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ଜିଲାରୁ ୬୦ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ କ୍ରୀଡ଼ାବିତ ଅଂଶଗ୍ରହଣ କରିଥିଲେ। ଏଥିରୁ ପ୍ରଦର୍ଶନ ଭିତ୍ତିରେ ମନୋନୀତ ୧୨ କ୍ରୀଡ଼ାବିତଙ୍କୁ କଳିଙ୍ଗ ଷ୍ଟାଡିୟମରେ ଆସନ୍ତା ୧୮ରୁ ୨୯ ଯାଏ କ୍ୟାମ୍ପରେ ପ୍ରଶିକ୍ଷଣ ଦିଆଯିବ। ସେମାନଙ୍କ ମଧ୍ୟରୁ ୮ ଜଣଙ୍କୁ ଚୟନ କରାଯାଇ ମଧ୍ୟପ୍ରଦେଶରେ ହେବାକୁଥିବା ଜାତୀୟ ପାରା ହୁଇଲଚେୟାର ରଗ୍‌ବୀ ପ୍ରତିଯୋଗିତାରେ ଅଂଶଗହଣ ପାଇଁ ପଠାଯିବ। ଏହି ପ୍ରତିଯୋଗିତା ଅକ୍ଟୋବର ୩ରୁ ୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପାରା ସ୍ପୋର୍ଟ୍ସ ଆସୋସିଏଶନର କର୍ମକର୍ତ୍ତାଙ୍କ ସହ ରଗ୍‌ବୀ କୋଚ ସୁରେନ୍ଦ୍ର କୁମାର ଜେନା ଟ୍ରାଏଲ୍ସକୁ ପରିଚାଳନା କରିବା ସହ କ୍ୟାମ୍ପ ପାଇଁ ଖେଳାଳି ଚୟନ କରିଥିଲେ। ଶେଷରେ ସଭାପତି କମଳାକାନ୍ତ ରଥ କ୍ରୀଡ଼ାବିତ୍‌ଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ।

## ବାଳକ, ବାଳିକାରେ ଭୁବନେଶ୍ୱର ଚାମ୍ପିୟନ

**ଭୁବନେଶ୍ୱର, ୧୪।୯ (ଅନାଦି କର)**

**ମିନି ଜୁନିୟର ହ୍ୟାଣ୍ଡବଲ**

ଓଡ଼ିଶା ରାଜ୍ୟ ହ୍ୟାଣ୍ଡବଲ ଆସୋସିଏଶନ ତରଫରୁ ରବିବାର ବିଡାନାସୀ ଖେଳପଡ଼ିଆରେ ଦ୍ୱାଦଶ ଓଡ଼ିଶା ମିନି ଜୁନିୟର ହ୍ୟାଣ୍ଡବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ କଟକ, ଭୁବନେଶ୍ୱର, ଖୋର୍ଦ୍ଧା, ବରଗଡ଼, ବାଲେଶ୍ୱର, ଢେଙ୍କାନାଳ, କେନ୍ଦ୍ରାପଡ଼ାର ବାଳକ ଓ ବାଳିକା ଖେଳାଳିମାନେ ଭାଗ ଦେଇଥିଲେ। ଅନ୍ନବ କୁମାର ସିହ୍ନା ଖେଳ ପରିଚାଳନା କରିଥିଲେ। ବାଳକ ବିଭାଗରେ ଭୁବନେଶ୍ୱର ଚାମ୍ପିୟନ ଓ କଟକ ରନରଅପ୍ ହୋଇଥିଲା। ବାଳିକା ବିଭାଗରେ ଭୁବନେଶ୍ୱର ଚାମ୍ପିୟନ ଓ ଖୋର୍ଦ୍ଧା ରନରଅପ୍ ହୋଇଥିଲା। ଏହି ପ୍ରତିଯୋଗିତାରୁ ବଛାଯାଇଥିବା ଖେଳାଳି ଆସନ୍ତା ୨୬ ତାରିଖରୁ ଆରମ୍ଭ ହେବାକୁ ଥିବା ଜାତୀୟ ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିନିଧିତ୍ୱ କରିବେ। ପୁରସ୍କାର ବିତରଣ ଉତ୍ସବରେ କଟକ ମେୟର ସୁବାସ ସିଂ ମୁଖ୍ୟ ଅତିଥି ଏବଂ ସନ୍ତୋଷ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଓଡ଼ିଶା ରାଜ୍ୟ ହ୍ୟାଣ୍ଡବଲ ଆସୋସିଏଶନର ସଭାପତି ଗୋପୀନାଥ ସାହୁ, ସମ୍ପାଦକ ବୀରେନ୍ଦ୍ର କୁମାର ବେହେରା, ଉପ ସଭାପତି ପ୍ରେମାନନ୍ଦ ବିହାରୀ, ଯୁଗ୍ମ ସମ୍ପାଦକ ଯଶବନ୍ତ ବରମୁଣ୍ଡ ଓ ଟ୍ରେଜରର ଉପେନ୍ଦ୍ରନାଥ ଦାସ ଓ ଅନ୍ୟ ଜିଲାର ସଭାପତି ଓ ସମ୍ପାଦକ ଉପସ୍ଥିତ ଥିଲେ।



ଚାମ୍ପିୟନ ଭୁବନେଶ୍ୱର ଦଳର ବାଳିକା ଓ ବାଳକ ଦଳ।

## ଏଏଫ୍‌ସି ଏସିଆନ କପ୍ କ୍ୱାଲିଫାୟର୍ସ: ଫେରିଲେ ଛେତ୍ରୀ

**ନୂଆଦିଲ୍ଲୀ, ୧୪।୯ (ପି.ଟି.)**

କାଫା ନେଶନ୍ସ କପ୍ ଫୁଟବଲ ଟୁର୍ନାମେଣ୍ଟରେ ଭାରତ ପୋଡିୟମରେ ସ୍ଥାନ ହାସଲ କରିବା ପରେ ଜାତୀୟ ପୁରୁଷ ଦଳର ମୁଖ୍ୟ କୋଚ୍ ଖାଲିଦ ଜମିଲ ଆଗାମୀ ସିଙ୍ଗାପୁର ବିପକ୍ଷ ଏଏଫ୍‌ସି ଏସିଆ କପ୍ କ୍ୱାଲିଫାୟର ମ୍ୟାଚ୍ ପାଇଁ ରବିବାର ୩୦ ଜଣିଆ ସମ୍ଭାବ୍ୟ ଦଳ ଘୋଷଣା କରିଛନ୍ତି। କାଫା ନେଶନ୍ସରେ ଖେଳି ନ ଥିବା ସୁନୀଲ ଛେତ୍ରୀ ଦଳକୁ ଫେରିଛନ୍ତି। ଆସନ୍ତା ୨୦ ତାରିଖରୁ ବେଙ୍ଗାଲୁରୁରେ ପ୍ରସ୍ତୁତି କ୍ୟାମ୍ପ ଆରମ୍ଭ ହେବ ଓ ଖେଳାଳିମାନେ ଗୋଟିଏ ଦିନ ପୂର୍ବରୁ ଭେନ୍ୟୁରେ ପହଞ୍ଚିବେ। ମୋହନ ବାଗାନ ଏସ୍‌ଜି ଓ ଏଫ୍‌ସି ଗୋଆର ଖେଳାଳିମାନେ ସେମାନଙ୍କ ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍ ୨ ମ୍ୟାଚ୍ ଖେଳିସାରିଥିବାରୁ କ୍ୟାମ୍ପରେ ଯୋଗ ଦେବେ। ଏଥିସହିତ ୨୩ ବର୍ଷରୁ କମ ଭାରତୀୟ ଦଳର ଦୁଇ ଖେଳାଳିଙ୍କ ସହ ମୋଟ ୫ ଖେଳାଳିଙ୍କ ଷ୍ଟାଣ୍ଡବାଇ ରଖାଯାଇଛି। ଭାରତୀୟ ଦଳ ଆସନ୍ତା ଅକ୍ଟୋବର ୯ ଓ ୧୪ ତାରିଖରେ ସିଙ୍ଗାପୁରକୁ ଭେଟିବ। ଏହି ମ୍ୟାଚ୍ ଲାଗି ସମ୍ଭାବ୍ୟ ଦଳରୁ ଖେଳାଳିଙ୍କୁ ଚୟନ କରାଯିବ।

## କିସ୍ ବାଳିକା ଓ ବାଳକ ଦଳ ଚାମ୍ପିୟନ

**ଭୁବନେଶ୍ୱର, ୧୪।୯ (ତପନ ସ୍ୱାଇଁ)**

**ସବ୍‌ଜୁନିୟର ରଗ୍‌ବୀ**

କଳିଙ୍ଗ ଷ୍ଟାଡିୟମରେ ରବିବାର ଉଦ୍‌ଯାପିତ ଅଲ୍ ଓଡ଼ିଶା ଆନ୍ତଃଜିଲା ୧୫ ବର୍ଷରୁ କମ୍ ସବ୍‌ଜୁନିୟର ରଗ୍‌ବୀ ୭ଏସ୍ ଚାମ୍ପିୟନଶିପ୍‌ରେ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସେସ (କିସ୍) ବାଳିକା ଓ ବାଳକ ଦଳ ଚାମ୍ପିୟନ ହୋଇଛି। କିସ୍ ବାଳକ ବର୍ଗ ଫାଇନାଲରେ ୨୫-୦ରେ ମୟୂରଭଞ୍ଜକୁ ଏବଂ ବାଳିକା ବର୍ଗ ଫାଇନାଲରେ ଜଗତ୍‌ସିଂହପୁରକୁ ୨୦-୦ରେ ପରାସ୍ତ କରିଛି। କେନ୍ଦୁଝର ବାଳିକା ଓ ବାଳକ ଦଳ ତୃତୀୟ ସ୍ଥାନ ଅଧିକାର କରିଛି। ରାଜ୍ୟ ରଗ୍‌ବୀ ଫୁଟବଲ ଆସୋସିଏଶନ ସମ୍ପାଦକ ଉପେନ୍ଦ୍ର କୁମାର ମହାନ୍ତି, କୋଷାଧ୍ୟକ୍ଷ ଶକ୍ତିରଞ୍ଜନ ମହାନ୍ତି, ବାଲେଶ୍ୱର ରଗ୍‌ବୀ ଫୁଟବଲ ଆସୋସିଏଶନ ସଭାପତି ପ୍ରଭାକର ମିଶ୍ର, ଜାତୀୟ ରଗ୍‌ବୀ ଖେଳାଳି ତଥା ବୈଷୟିକ ଅଧିକାରୀ ସୁରେନ୍ଦ୍ର ଜେନା, ମୁନା ମୁର୍ମୁ, ରାଜକିଶୋର ହେମ୍ବ୍ରମ, ଦିବ୍ୟ ରଞ୍ଜନ ଦାସ ଓ ଧୀରେନ ରାଉତ ପ୍ରମୁଖ ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।






ବାଳିକା ଓ ବାଳକ ବର୍ଗ ଚାମ୍ପିୟନ କିସ୍ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

# ଭୟଙ୍କର ପରମାଣୁ ଶକ୍ତି



ଡ. କମଳାକାନ୍ତ ଜେନା

''ପାରମ୍ପରିକ ଶକ୍ତି ଉତ୍ସ ସାଙ୍ଗକୁ ପରମାଣୁ ଶକ୍ତି, ପବନ ଶକ୍ତି ଓ ଜୁଆର ଶକ୍ତିର ବ୍ୟବହାର ହେଉଛି। ବିଶେଷକରି ପରମାଣୁ ଶକ୍ତିର ବ୍ୟବହାର ଅସୁରକ୍ଷିତ। ଏହାର ଉତ୍ପାଦନ କ୍ଷେତ୍ରରେ ସାମାନ୍ୟ ଅସାବଧାନତା ଶହ ଶହ ଜୀବନ ନେଇପାରେ। ଏହାର ବିକିରଣଜନିତ କୁପ୍ରଭାବ ପାଞ୍ଚ ପିଢ଼ି ପର୍ଯ୍ୟନ୍ତ ରହିପାରେ। କିନ୍ତୁ ଅଳ୍ପ ଖର୍ଚ୍ଚରେ ଅଧିକ ପରମାଣୁ ଶକ୍ତି ଉତ୍ପାଦନ ସମ୍ଭବ। ତେଣୁ ସେଥିରେ ରହିଥିବା ବିପଦକୁ ଏଡ଼େଇବା ସକାଶେ ଆମେ ଯଥେଷ୍ଟ ସାବଧାନତା ଅବଲମ୍ବନ କରିପାରିବା। ଏହାର ମାରାତ୍ମକ ବିକିରଣ ଯେମିତି ପରିବେଶ ଓ ମାନବଜାତିର କ୍ଷତି ନ କରିବ, ସେଥିପ୍ରତି ପ୍ରଥମେ ଯତ୍ନବାନ ହେବା।''





କାମ କରିବା ପାଇଁ ଓ କଳକାରଖାନା ଚାଲିବା ନିମିତ୍ତ ଶକ୍ତି ଖର୍ଚ୍ଚ ହୁଏ। ଶକ୍ତିର ଅନେକ ରୂପ ରହିଛି। ଆମକୁ ଖାଦ୍ୟରୁ ଶକ୍ତି ମିଳେ, କିନ୍ତୁ କୋଇଲା, ଡିଜେଲ, ପେଟ୍ରୋଲ ବା ବିଜୁଳି ଶକ୍ତିରେ କଳକାରଖାନା ଓ ମୋଟରଗାଡ଼ି ଚାଲେ। ଆମେ ଯେଉଁ ଶକ୍ତି ବ୍ୟବହାର କରୁ, ସେସବୁ ବିଭିନ୍ନ ଉପାୟରେ ସୂର୍ଯ୍ୟଠାରୁ ଆସିଛି। ସୂର୍ଯ୍ୟଠାରୁ ନିରବଚ୍ଛିନ୍ନ ଭାବରେ ଆସୁଥିବା ଶକ୍ତି ସହାୟତାରେ ପୃଥିବୀରେ ଜୀବନ ସମ୍ଭବ ହୋଇପାରିଛି। ଏମିତି ୫୦୦ କୋଟି ବର୍ଷ ଧରି ଚାଲିଛି, ଆହୁରି ୭୦୦ କୋଟି ବର୍ଷ ଚାଲିବ। ସୂର୍ଯ୍ୟଠାରୁ ତାପ ଶକ୍ତି ଓ ଆଲୋକ ଶକ୍ତି ଆମ ପାଖକୁ ଆସୁଥିବ। ଆମେ ଆଲୋକ ଓ ତାପ ପାଇବା ପାଇଁ ସାଧାରଣତଃ କାଠ, କୋଇଲା ଓ ତେଲ ଜାଳୁ। କିନ୍ତୁ ସୂର୍ଯ୍ୟ ଭିତରେ ସେସବୁ ଜଳେ ନାହିଁ, ବରଂ ଉଦ୍‌ଜାନ ସହିତ ଉଦ୍‌ଜାନ ମିଶି ହିଲିୟମ୍ ସୃଷ୍ଟି ହୁଏ। ସେଥିରେ ବିପୁଳ ଶକ୍ତି ଉତ୍ପନ୍ନ ହୁଏ। ସେହି ଶକ୍ତିର ନାମ 'ପରମାଣୁ ଶକ୍ତି' (ଆଟମିକ୍ ଏନର୍ଜି)। ଭବିଷ୍ୟତରେ ପରମାଣୁ ଶକ୍ତି ହିଁ ସମସ୍ତ ଶକ୍ତି ଚାହିଦାର ଚରମ ଉତ୍ସ ବୋଲି ଆଜି ଚର୍ଚ୍ଚା ହେଉଛି।

କୋଇଲା, ପେଟ୍ରୋଲ ଓ ଡିଜେଲ ଭଳି ପାରମ୍ପରିକ ଶକ୍ତି ଉତ୍ସ ଆଜି ସରିବାକୁ ବସିଛି। ସେଗୁଡ଼ିକ ତିଆରି ହେବା ପାଇଁ ଲକ୍ଷ ଲକ୍ଷ ବର୍ଷ ଲାଗିଥିଲା। କିନ୍ତୁ ଦିନ କେଇଟାରେ ସରିଯିବ। ତେଣୁ ଏମିତି ଶକ୍ତିର ସନ୍ଧାନ ଜାରି ରହିଛି, ଯାହା ସରିବ ନାହିଁ। ସୌରଶକ୍ତି ନିଃସନ୍ଦେହରେ ଏହି କ୍ଷେତ୍ରରେ ସବୁଠାରୁ ନିର୍ଭରଯୋଗ୍ୟ ଦିଗ। କିନ୍ତୁ ସଂପ୍ରତି ଏହାର ଉତ୍ପାଦନ କ୍ଷମତା ସନ୍ତୋଷଜନକ ନୁହେଁ। ଆମର ଆବଶ୍ୟକତାକୁ ପୂରଣ କରିବା ଭଳି ସୌରଶକ୍ତିରୁ ଯଥେଷ୍ଟ ବିଜୁଳିଶକ୍ତି ଉତ୍ପାଦନ ହୋଇପାରୁ ନାହିଁ। ତେଣୁ ପାରମ୍ପରିକ ଶକ୍ତି ଉତ୍ସ ସାଙ୍ଗକୁ ପରମାଣୁ ଶକ୍ତି, ପବନ ଶକ୍ତି ଓ ଜୁଆର ଶକ୍ତିର ବ୍ୟବହାର ହେଉଛି। ବିଶେଷକରି ପରମାଣୁ ଶକ୍ତିର ବ୍ୟବହାର ଅସୁରକ୍ଷିତ। ଏହାର ଉତ୍ପାଦନ କ୍ଷେତ୍ରରେ ସାମାନ୍ୟ ଅସାବଧାନତା ଶହ ଶହ ଜୀବନ ନେଇପାରେ। ଏହାର ବିକିରଣଜନିତ କୁପ୍ରଭାବ ପାଞ୍ଚ ପିଢ଼ି ପର୍ଯ୍ୟନ୍ତ ରହିପାରେ। କିନ୍ତୁ ଅଳ୍ପ ଖର୍ଚ୍ଚରେ ଅଧିକ ପରମାଣୁ ଶକ୍ତି ଉତ୍ପାଦନ ସମ୍ଭବ। ତେଣୁ ସେଥିରେ ରହିଥିବା ବିପଦକୁ ଏଡ଼ାଇବା ସକାଶେ ଆମେ ଯଥେଷ୍ଟ ସାବଧାନତା ଅବଲମ୍ବନ କରିପାରିବା। ଏହାର ମାରାତ୍ମକ ବିକିରଣ ଯେମିତି ପରିବେଶ ଓ ମାନବଜାତିର କ୍ଷତି ନ କରିବ, ସେଥିପ୍ରତି ପ୍ରଥମେ ଯତ୍ନବାନ ହେବା।


ଆମର ବିଜୁଳି ଶକ୍ତି ଦରକାର। ତେଣୁ ଶକ୍ତି ଯେଉଁ ରୂପରେ ଥିଲେ ବି ଆମେ ତାକୁ ବିଜୁଳି ଶକ୍ତିରେ ପରିଣତ କରୁ। ବିଜୁଳି ଶକ୍ତି ଉତ୍ପାଦନ ସକାଶେ ଅଧିକ କୋଇଲା ବ୍ୟବହୃତ ହୁଏ। ତାପଜ ବିଦ୍ୟୁତ୍ କେନ୍ଦ୍ରରେ କୋଇଲାକୁ ଜାଳି ପାଣି ଗରମ କରାଯାଏ। ସେଥିରୁ ସୃଷ୍ଟି ହେଉଥିବା ଜଳୀୟବାଷ୍ପ ଦ୍ୱାରା ଟର୍ବାଇନ୍ ବୁଲିଲେ ବିଜୁଳି ଶକ୍ତି ଉତ୍ପନ୍ନ ହୁଏ। ପରମାଣୁ ଶକ୍ତି ଉତ୍ପାଦନ କେନ୍ଦ୍ରରେ କୋଇଲା ବଦଳରେ ପରମାଣୁ ଶକ୍ତି ବ୍ୟବହାର କରାଯାଏ। ନିଉକ୍ଲୀୟ ଜାଳେଣିରୁ ମିଳୁଥିବା ତାପକୁ ବ୍ୟବହାର କରି ପାଣି ଗରମ କରାଯାଏ। ବର୍ତ୍ତମାନ ପାଇଁ ଏହା ହେଉଛି ପରମାଣୁ ଶକ୍ତିକୁ ଜନସାଧାରଣଙ୍କ ବ୍ୟବହାର ଉପଯୋଗୀ କରିବାର ଏକମାତ୍ର ଉପାୟ। ଭାରତର ତାରାପୁର, କୋଟା, କାଇଗା, ନାରୋରା, କଲ୍ପକମ୍ ଓ କାକ୍ରାପାଡ଼ାଠାରେ ରହିଥିବା ଆମର ପରମାଣୁ ରିଆକ୍ଟରଗୁଡ଼ିକରୁ ବିଜୁଳି ଶକ୍ତି ଉତ୍ପାଦନ କରାଯାଉଛି।

ପରମାଣୁ ଶକ୍ତି ଉତ୍ପାଦନରେ ନୀତିନିୟମ ନ ମାନିଲେ ଓ ଏହାର ତେଜସ୍କ୍ରିୟ ପାଉଁଶକୁ ସୁରକ୍ଷିତ ଭାବରେ ସମୁଦ୍ର ତଳେ ନ ପୋତିଲେ ବିକିରଣ ଓ ପ୍ରଦୂଷଣଜନିତ କ୍ଷତି ହେବ। ଏହାକୁ ଶାନ୍ତିପୂର୍ଣ୍ଣ ପ୍ରୟୋଗ ବୋଲି ଦାବି କରିପାରିବା ନାହିଁ। ଏହାର ଶାନ୍ତିପୂର୍ଣ୍ଣ ବ୍ୟବହାର ବିକାଶ ପ୍ରକ୍ରିୟାର ସହାୟକ ହେବ। ନ ହେଲେ ପ୍ରଳୟ ସୃଷ୍ଟି କରିବ।

ଏହି ପରମାଣୁ ଶକ୍ତି ଦିନେ ହିରୋସୀମା ଓ ନାଗାସାକି ସହରକୁ ଧ୍ୱଂସ କରିଦେଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ଚାଲିଥାଏ। ୧୯୪୫ ଅଗଷ୍ଟ ୬ ତାରିଖ ସକାଳେ ଜାପାନର ହିରୋସୀମା ସହର ଉପରେ ହଠାତ୍ ନିଆଁର ଝଡ଼ ମାଡ଼ି ଆସିଲା। ସାରା ସହର ପ୍ରଚଣ୍ଡ କମ୍ପନରେ ଥରିଗଲା। ଲୋକମାନେ କିଛି ବୁଝିବା ଆଗରୁ ନିଆଁରେ ପୋଡ଼ି ପାଉଁଶ ହୋଇଗଲେ। ତାହା କୌଣସି ପ୍ରାକୃତିକ ଦୁର୍ବିପାକ ନ ଥିଲା, ବରଂ ଆମେରିକାର ପରମାଣୁ ବୋମା ଜାପାନ ଉପରେ ପଡ଼ିଥିଲା, ଯାହାର ନାମ ଥିଲା 'ଲିଟିଲ ବୟ'। ପରମାଣୁ ବୋମା ବିସ୍ଫୋରଣ ହେତୁ କେଇଟା ମାତ୍ର ସେକେଣ୍ଡ ଭିତରେ ସାରା ସହର ଧ୍ୱସ୍ତବିଧ୍ୱସ୍ତ ହୋଇଗଲା। ଅଗଷ୍ଟ ୯ ତାରିଖରେ ସେମିତିକା ଆଉ ଏକ ପରମାଣୁ ବୋମା 'ଫ୍ୟାଟ ମ୍ୟାନ୍' ନାଗାସାକି ସହରକୁ ଧୂଳିସାତ୍ କରିଦେଲା। ଦୀର୍ଘ ୮୦ ବର୍ଷ ତଳର ଦୁଇଟା ପରମାଣୁ ବୋମାର ପ୍ରଳୟ ମାନବଜାତି ଭୁଲିନାହିଁ। ସେଠାରେ ରହୁଥିବା ଲୋକମାନେ ଏବେ ବି ତେଜସ୍କ୍ରିୟ ବିକିରଣର ଶିକାର ହେଉଛନ୍ତି। ମାନବ ଜୀବନ ବିପକ୍ଷରେ ପରମାଣୁ ଶକ୍ତିର ଏଭଳି ପ୍ରୟୋଗ ନିୟମ ବିରୁଦ୍ଧ। ମଣିଷ ହୃଦୟରୁ ମାନବିକତା ଲୋପ ପାଇଗଲେ ପରମାଣୁ ଶକ୍ତିର ଅପପ୍ରୟୋଗ ପୃଥିବୀକୁ ଧ୍ୱଂସ ମୁହଁକୁ ଠେଲି ଦେଇପାରିବ। ଶକ୍ତି ଉତ୍ପାଦନ କ୍ଷେତ୍ରରେ ଶୃଙ୍ଖଳା ଏକାନ୍ତ କାମ୍ୟ।

– କୋଅର୍ଡିନେଟର, ସ୍ନାତକୋତ୍ତର ପ୍ରାୟୋଗିକ ପଦାର୍ଥ ବିଜ୍ଞାନ ବିଭାଗ, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଭଦ୍ରକ
ମୋ : ୯୪୩୯୫୦୧୬୫୧

## ଦୀର୍ଘକାଳୀନ କିଡ୍‌ନୀ ରୋଗ




କିଡ୍‌ନୀଦ୍ୱୟ ଆମ ଶରୀରର ଖୁବ୍ ଗୁରୁତ୍ୱପୂର୍ଣ୍ଣ ତଥା ଅପରିହାର୍ଯ୍ୟ ଅଙ୍ଗ। ଏହା ପ୍ରତିନିୟତ ଶରୀରରୁ ଅତିରିକ୍ତ ଜଳ ଏବଂ ବର୍ଜ୍ୟ ନିଷ୍କାସନ କରି ରକ୍ତ ବିଶୋଧନ କରିଥାଏ। ଶରୀରରେ ଜଳ ଏବଂ ଲବଣ ଅଂଶର ସନ୍ତୁଳନ, ରକ୍ତଚାପ ନିୟନ୍ତ୍ରଣ, ଲୋହିତ ରକ୍ତକଣିକା ସଂଶ୍ଳେଷଣ ଆଦି ବିଭିନ୍ନ କାର୍ଯ୍ୟ ସମ୍ପାଦନ କରି ଏହା ଆମକୁ ସୁସ୍ଥ ରଖେ। ଦୀର୍ଘକାଳୀନ କିଡ୍‌ନୀ ରୋଗ ପାଇଁ ମୁଖ୍ୟତଃ ଦାୟୀ ହେଉଛି ଡାଇବେଟିସ୍ ଏବଂ ଉଚ୍ଚ ରକ୍ତଚାପ। ଏହା ଧୀରେ ଧୀରେ କିଡ୍‌ନୀକୁ ଅକାମୀ କରିଦିଏ। ଶରୀରରୁ ଅତିରିକ୍ତ ଜଳ ଏବଂ ବର୍ଜ୍ୟ ନିଷ୍କାସନ କିଡ୍‌ନୀ ପକ୍ଷେ ସମ୍ଭବ ହୋଇପାରେ ନାହିଁ। ୟୁରିନାରି ଟ୍ରାକ୍ ଇନ୍‌ଫେକଶନ ବା ମୂତ୍ରମାର୍ଗରେ ଜୀବାଣୁ ସଂକ୍ରମଣକୁ ଚିକିତ୍ସା ନ କଲେ ତାହା କିଡ୍‌ନୀ କାର୍ଯ୍ୟକୁ ଅକ୍ଷମ କରିପକାଏ। ନେଫ୍ରୋଟିକ୍ ସିଣ୍ଡ୍ରୋମରେ ପରିସ୍ରାରେ ନିଷ୍କାସନ ହୁଏ ବହୁ ପରିମାଣରେ ପ୍ରୋଟିନ୍। ଫଳରେ ରକ୍ତରେ ଆଲ୍‌ବୁମିନ୍ ନାମକ ପ୍ରୋଟିନ୍‌ର ମାତ୍ରା କମିଯାଏ। ଶରୀରରେ ଜଳ ଜମିଯାଇ ପେଟ, ମୁହଁ, ଗୋଡ଼ ଏବଂ ପାଦ ଫୁଲିଯାଏ। ଏଥିପାଇଁ ଯଥେଷ୍ଟ ପାଣି ପିଅନ୍ତୁ। ଦିନକୁ ଅତିକମ୍‌ରେ ଆଠ ଗ୍ଲାସ ପାଣି ପିଇଲେ ଶରୀରରୁ ବିଷାକ୍ତ ଉପାଦାନ ନିଷ୍କାସନ ହୋଇଯିବ। ସୁଷମ ଖାଦ୍ୟ ଖାଆନ୍ତୁ। ଯଥେଷ୍ଟ ଫଳ ଏବଂ ତଟକା ପନିପରିବା ଖାଆନ୍ତୁ। ନିଶାଦ୍ରବ୍ୟ ସେବନ ବର୍ଜନ କରନ୍ତୁ। ଡାଇବେଟିସ୍ କିମ୍ବା ରକ୍ତଚାପ ଥିଲେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଆନ୍ତୁ। ନିୟମିତ ବ୍ୟାୟାମ କରନ୍ତୁ। ବେଶି ଲୁଣ ଖାଆନ୍ତୁ ନାହିଁ। ଡାକ୍ତରଙ୍କ ପରାମର୍ଶ ବିନା ଔଷଧ ଖାଆନ୍ତୁ ନାହିଁ। କିଡ୍‌ନୀ ରୋଗର ନିର୍ଣ୍ଣୟ ପାଇଁ ନିୟମିତ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ। ମନେରଖନ୍ତୁ ଯେ, କିଡ୍‌ନୀ ରୋଗ ହେଲେ ଅନେକ କ୍ଷେତ୍ରରେ କୌଣସି ଲକ୍ଷଣ ପ୍ରକାଶ ପାଇ ନ ଥାଏ।

## ଜାଣିରଖନ୍ତୁ



ଶରୀର ପୋଷଣ ପାଇଁ ଖାଦ୍ୟ ଆବଶ୍ୟକ। ଭୋଜନ ଗ୍ରହଣ ସମୟରେ ବାର୍ତ୍ତାଳାପ ନ କରିବା ଏବଂ ଟିଭି ନ ଦେଖିବା ଭଲ। ଖାଇବାର ଅଧ ଘଣ୍ଟାଏରୁ ଘଣ୍ଟାଏ ଭିତରେ ପାଣି ପିଅନ୍ତୁ। ଖାଦ୍ୟ ଖାଇବା ମଝିରେ ପାଣି ପିଇବା ଅଭ୍ୟାସ ବଦଳାଇବାକୁ ଚେଷ୍ଟା କରନ୍ତୁ। କାରଣ ଏହା ପାଚନକ୍ରିୟାକୁ ପ୍ରଭାବିତ କରିଥାଏ। ଖାଇବା ପରେ ପରେ ଥଣ୍ଡା ପାନୀୟ ପିଅନ୍ତୁ ନାହିଁ କିମ୍ବା ଆଇସ୍‌କ୍ରିମ୍ ଖାଆନ୍ତୁ ନାହିଁ। ବାରମ୍ବାର ଖାଇବା, ଅତ୍ୟଧିକ ପରିମାଣରେ ଖାଇବା, ତେଲ, ମାଛ, ମାଂସ ଓ ଅଣ୍ଡାଦି ଗରିଷ୍ଠ ଭୋଜନ ନିୟମିତ ବା ଅତ୍ୟଧିକ ଖାଇବା ଶରୀର ପାଇଁ କ୍ଷତିକାରକ। ଯଦି ଏହାର ପରିପାକ ଠିକ୍ ରୂପେ ନ ହୁଏ, ତେବେ ଏହାକୁ ଅପକ୍ୱ ଅନ୍ନ କୁହାଯାଏ। ଏହା ଦ୍ୱାରା ପେଟରେ ଟକ୍ସିକ୍ ବା ବିଷ ସୃଷ୍ଟି ହୋଇଥାଏ। ଏହାଫଳରେ ଗ୍ୟାଷ୍ଟ୍ରିକ ସମସ୍ୟା ଦେଖାଦେଇଥାଏ।

## ଭାଇରସ୍ ନିୟନ୍ତ୍ରଣର ସରଳ ଉପାୟ



ଅନେକ ସମୟରେ ଆମେ ବ୍ୟାକ୍ଟେରିଆ କିମ୍ବା ଭାଇରସ୍ ଦ୍ୱାରା ଆକ୍ରାନ୍ତ ହୋଇଥାଉ। ଫଳରେ ଏଥିଯୋଗୁ ଆମେ କେତେକ ରୋଗର ଶିକାର ହେଉ। ହେଲେ ବ୍ୟାକ୍ଟେରିଆ, ଭାଇରସ୍‌କୁ ପ୍ରତିହତ କରିବାର କେତୋଟି ସରଳ ତଥା ସହଜ ଉପାୟ ଆମ ହାତ ପାଆନ୍ତାରେ ରହିଛି। ଏଥିପାଇଁ ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ଦୃଢ଼ ରହିବା ନିହାତି ଦରକାର। ଆମ ଶରୀରରେ ଏଗୁଡିକ କାୟା ବିସ୍ତାର କରିବା ପଛରେ କେତେକ କାରଣ ରହିଛି। ଆମେ ଯଦି ଅପରିଷ୍କାର ହାତକୁ ଠିକ୍ ଭାବରେ ନ ଧୋଇ ଖାଦ୍ୟ ଖାଉ ତେବେ ଶରୀର ଭିତରକୁ ଭାଇରସ ଯିବାର ଏହା ଏକ ସହଜ ମାଧ୍ୟମ ପାଲଟିଥାଏ। ଅପରିଷ୍କାର ସ୍ଥାନରେ ଅଧିକ ସମୟ ରହିଲେ ତାହା ମଧ୍ୟ ଏହାର ଏକ କାରଣ ସାଜିଥାଏ। କାରଣ ଅସ୍ୱାସ୍ଥ୍ୟକର ପରିବେଶ ଅଧିକ ପରିମାଣରେ ଭାଇରସ ସୃଷ୍ଟି କରେ। ତେଣୁ ସେଭଳି ପରିବେଶରେ ଅଧିକ ସମୟ ରହିଲେ ଆମର ଶ୍ୱାସକ୍ରିୟା ବାଟେ ଭାଇରସ ଶରୀର ଭିତରକୁ ପ୍ରବେଶ କରନ୍ତି। ତେଣୁ ଏଭଳି ସ୍ଥାନରେ କାମ କରୁଥିଲେ ମାସ୍କ ବ୍ୟବହାର କରନ୍ତୁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନିଜେ ପରିଷ୍କାର ପରିଚ୍ଛନ୍ନ ରହିବା। ଖାଇବା ପୂର୍ବରୁ ଭଲ ଭାବରେ ସାବୁନ୍ କିମ୍ବା ହ୍ୟାଣ୍ଡୱାଶ ଦ୍ୱାରା ହାତ ଧୁଅନ୍ତୁ।

## ଅବସାଦ ଆଶଙ୍କା ଦୂର କରେ ଭିଟାମିନ୍‌ଯୁକ୍ତ ଖାଦ୍ୟ



ଅବସାଦ ବା ଡିପ୍ରେସନ ଏଭଳି ଏକ ସମସ୍ୟା, ଯାହା ପରୋକ୍ଷରେ ଶରୀରର ଅନେକ କ୍ଷତି କରିଥାଏ। ତେଣୁ ଏଭଳି ସମସ୍ୟାଠାରୁ କିପରି ଦୂରେଇ ରହିବେ, ସେ ନେଇ ସତର୍କ ହେବା ନିହାତି ଦରକାର। ତେବେ ଏଭଳି ଆଶଙ୍କାଠାରୁ ଦୂରେଇ ରଖିବାର ଏକ ଜିନିଷ ଅନେକାଂଶରେ ସହାୟକ ହୋଇଥାଏ। ତାହା କ'ଣ ଜାଣନ୍ତି? ଭିଟାମିନ୍‌ଯୁକ୍ତ ଖାଦ୍ୟ। ଏଭଳି ଖାଦ୍ୟ ଖାଇବା ଦ୍ୱାରା ଜଣେ ଅବସାଦଠାରୁ କେତେକାଂଶରେ ନିଜକୁ ଦୂରେଇ ରଖିପାରିବ ବୋଲି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ଏକ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। 'ଅବସାଦ ଆଶଙ୍କା ଏବଂ ଭିଟାମିନ୍‌ଯୁକ୍ତ ଖାଦ୍ୟ' ଶୀର୍ଷକ ବିଷୟକୁ ନେଇ ସେମାନେ ଏକ ସର୍ଭେ କରିଥିଲେ। ଏହି ସମୟରେ ସେମାନେ ଅବସାଦର ଶିକାର ହୋଇଥିବା କେତେକ ବ୍ୟକ୍ତିଙ୍କୁ ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଇବାକୁ ପରାମର୍ଶ ଦିଆଯାଇଥିଲା। ଅନ୍ୟପକ୍ଷରେ ନିୟମିତ ସମୟ ବ୍ୟବଧାନରେ ଏହାର ପ୍ରଭାବ ଅବସାଦ ଉପରେ କିପରି ପଡୁଛି ତାହାକୁ ତନ୍ନ ତନ୍ନ କରି ତର୍ଜମା କରାଯାଇଥିଲା। ଏହାଦ୍ୱାରା ସେମାନଙ୍କ ମଧ୍ୟରୁ ପ୍ରାୟ ୪୫% ବ୍ୟକ୍ତି ନିଜକୁ ଅବସାଦଠାରୁ କେତେକାଂଶରେ ଦୂରେଇ ରଖିବାରେ ସକ୍ଷମ ହୋଇଥିଲେ ବୋଲି ସର୍ଭେ ରିପୋର୍ଟରୁ ଜଣାପଡ଼ିଛି। ତେଣୁ ଆମକୁ ପ୍ରତିଦିନ ସନ୍ତୁଳିତ ତଥା ଭିଟାମିନ୍‌ଯୁକ୍ତ ଖାଦ୍ୟ ଠିକ୍ ପରିମାଣରେ ଖାଇବା ନିହାତି ଜରୁରୀ।

## ଉପକାରୀ ଆଖୁରସ



ଆଖୁରସରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏହାକୁ ପିଇବା ଦ୍ୱାରା ଶରୀରରେ ଶକ୍ତି ସଞ୍ଚାର ହୋଇଥାଏ। ଏଥିରେ ଏଭଳି ତତ୍ତ୍ୱ ରହିଛି, ଯାହା ଡାଇବେଟିସ୍ ରୋଗୀଙ୍କ ପାଇଁ ଉପକାରୀ। ଏହା ରକ୍ତରେ ଶର୍କରା ପରିମାଣକୁ କେତେକାଂଶରେ ସନ୍ତୁଳିତ ରଖିଥାଏ। ଏହାର ଆଉ ଏକ ଖାସ୍ ଗୁଣ ରହିଛି। ଆଖୁ ରସରେ ପୋଟାସିୟମ ଏବଂ କ୍ୟାଲ୍‌ସିୟମ ଭରି ରହିଛି। ତେଣୁ ଏହାକୁ ପିଇଲେ ତାହା ଦାନ୍ତମୂଳକୁ ଦୃଢ଼ କରିବା ସହ ଦାନ୍ତଜନିତ ସମସ୍ୟାରୁ କେତେକାଂଶରେ ରକ୍ଷା କରିଥାଏ। ଆଖୁରସରେ ମଧ୍ୟ ଆଣ୍ଟି ଅକ୍ସିଡାଣ୍ଟ ଗୁଣ ଅଛି। ଏହାକୁ ପିଇବା ଦ୍ୱାରା ଖାଦ୍ୟ ହଜମ ଠିକ୍ ଭାବେ ହୋଇଥାଏ। ସବୁଠାରୁ ଖାସ୍ କଥା ହେଲା, ଏହା ମଧ୍ୟ ପାକସ୍ଥଳୀ ସଂକ୍ରମଣ ଆଶଙ୍କାକୁ କେତେକାଂଶରେ ଦୂରେଇ ରଖିଥାଏ। କେବଳ ସେତିକି ନୁହେଁ, ଅସ୍ଥି ଏବଂ ମାଂସପେଶୀକୁ ମଜଭୁତ କରିବାରେ ମଧ୍ୟ ଏହା ସାହାଯ୍ୟ କରିଥାଏ। ଅଷ୍ଟିଓପୋରୋସିସ୍, ଆଣ୍ଠୁଗଣ୍ଠି ବାତ ହେବା ଆଦିରୁ ମଧ୍ୟ ଏହା ସୁରକ୍ଷା ପ୍ରଦାନ କରେ। ଆଖୁ ରସରେ ଭିଟାମିନ୍-ସି ଭରି ରହିଛି। ତେଣୁ ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ ଏବଂ ବାହ୍ୟ ଜୀବାଣୁ ଆକ୍ରମଣରୁ ମଧ୍ୟ ରକ୍ଷା କରିଥାଏ। ଏଥିରେ ଗ୍ଲାଇକୋ ଏସିଡ୍ ଥିବାରୁ ଏହା ଚର୍ମରେ ଥିବା କୋଷକୁ କ୍ଷୟ ହେବାକୁ ଦିଏ ନାହିଁ, ଯଦ୍ୱାରା ଚର୍ମର ଚମକ୍ ବଢ଼ିଥାଏ। ଶରୀରରେ ଯଦି କୋଲେଷ୍ଟରଲ୍ କିମ୍ବା ସୋଡିୟମ୍‌ର ପରିମାଣ କମିଯାଏ, ତେବେ ଆଖୁରସ ପିଇବା ଦ୍ୱାରା ଏହା ସନ୍ତୁଳିତ ଅବସ୍ଥାକୁ ଆସିଥାଏ।

## ସ୍ୱାସ୍ଥ୍ୟ ସୂଚନା

➤ଯଦି ଆପଣଙ୍କର ଆଣ୍ଠୁଗଣ୍ଠିଜନିତ ସମସ୍ୟା ରହିଛି, ତେବେ ଶିଡ଼ିଚଢ଼ାରୁ ନିଜକୁ ଯେତେ ବିରତ ରଖିବେ ସେତେ ଭଲ। ଏଥିପାଇଁ ରୁମାଟଏଡ୍ ବିଶେଷଜ୍ଞଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।

➤ନିଜର ମାନସିକତାକୁ ସବୁବେଳେ ସକାରାତ୍ମକ ରଖିବାକୁ ଚେଷ୍ଟା କରନ୍ତୁ। ଏହାଦ୍ୱାରା ଆପଣ ନିଜର ଦୈନନ୍ଦିନ କାମ ଠିକ୍ ଭାବରେ କରିପାରିବେ।

➤ଆମ ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ରହିବା ନିହାତି ଦରକାର। ତେଣୁ ପ୍ରତିଦିନ ଅତିକମ୍‌ରେ ୨–୩ ଲିଟର ପାଣି ପିଅନ୍ତୁ। ଯଦି ଆପଣଙ୍କର କିଡ୍‌ନୀଜନିତ ସମସ୍ୟା ରହିଛି, ତେବେ କେତେ ପାଣି ପିଇବେ ସେ ନେଇ କିଡ୍‌ନୀ ଡାକ୍ତରଙ୍କଠାରୁ ବୁଝି ନିଅନ୍ତୁ।



➤ପ୍ରତିଦିନ ତଟକା ଫଳମୂଳରୁ ପ୍ରସ୍ତୁତ ଜୁସ୍ ପିଅନ୍ତୁ। ଏଥିରୁ ଶରୀରକୁ ଅନେକ ପ୍ରକାର ଉପକାରୀ ତତ୍ତ୍ୱ ମିଳିଥାଏ।

➤ଔଷଧ ବିଷୟରେ ଯେତେ ଅଭିଜ୍ଞତା ଥିଲେ ମଧ୍ୟ ଏ ନେଇ ମନରେ ଉଠୁଥିବା ପ୍ରଶ୍ନଗୁଡ଼ିକୁ ସମାଧାନ କରିବା ପାଇଁ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

➤ପ୍ରତିଦିନ ସକାଳେ କିଛି ସମୟ ଖାଲି ପାଦରେ ଚାଲନ୍ତୁ। ଏହାଦ୍ୱାରା ଶରୀର ଭିତରେ ଥିବା ସ୍ନାୟୁଗୁଡ଼ିକ ଆହୁରି ସକ୍ରିୟ ହୋଇଥାଆନ୍ତି।

➤ଯଦି ଆପଣଙ୍କର ବ୍ଲଡପ୍ରେସର ସମସ୍ୟା ରହିଛି, ତେବେ ଲୁଣଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ସେତେ ଭଲ। କାରଣ ଏହାର ପରିମାଣ ଅଧିକ ହେଲେ ତାହା ବ୍ଲଡପ୍ରେସରକୁ ଅସନ୍ତୁଳିତ ରଖିଥାଏ।

## ଯୋଗ: କିଛି କଥା



ଆଜିକାଲି ନିଜକୁ ସୁସ୍ଥ ଏବଂ ଫିଟ୍ ରଖିବା ଅପରିହାର୍ଯ୍ୟ ହୋଇପଡ଼ିଛି। ଏଥିପାଇଁ ଖାଦ୍ୟପେୟ, ଏକ ସନ୍ତୁଳିତ ଜୀବନଶୈଳୀ, ବ୍ୟାୟାମ ଆଦିର ଆବଶ୍ୟକତା ରହିଛି। ବର୍ତ୍ତମାନ ଏହି ତାଲିକାରେ ପ୍ରମୁଖ ସ୍ଥାନ ଅଧିକାର କରିଛି ଯୋଗ। ଏହାଦ୍ୱାରା ଜଣେ ନିଜକୁ ଅନେକାଂଶରେ ସୁସ୍ଥ ରଖିପାରୁଛି। ଏଥିରୁ ମଧ୍ୟ ମାନସିକ ଶାନ୍ତି ମିଳିଥାଏ। ତେବେ ଯୋଗ କରିବା ପୂର୍ବରୁ ଏ ବିଷୟରେ ଭଲ ଭାବରେ ଅବଗତ ହେବା ନିହାତି ଦରକାର। ତେଣୁ ଯଦି ଏ ନେଇ ନିଷ୍ପତ୍ତି ନେଇଛନ୍ତି, ତେବେ ପ୍ରଥମେ ଜଣେ ଅଭିଜ୍ଞ ଯୋଗ ଏକ୍ସପର୍ଟଙ୍କ ସହ ଆଲୋଚନା କରନ୍ତୁ। କେଉଁ କେଉଁ ଯୋଗ କଲେ ତାହା ଆପଣଙ୍କ ପାଇଁ ଲାଭପ୍ରଦ ସାବ୍ୟସ୍ତ ହେବ ସେହି ବିଷୟରେ ସେ ସବିଶେଷ ସୂଚନା ଦେଇପାରିବେ। ବର୍ତ୍ତମାନ ଯୋଗ ଚାହିଦା ସମଗ୍ର ବିଶ୍ୱରେ କାହିଁରେ କେତେ। ଏହାକୁ ଆହୁରି ପ୍ରସାର କରିବାକୁ ପ୍ରତିବର୍ଷ ଜୁନ୍ ୨୧ ତାରିଖରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଉଛି। ଯୋଗ କରିବା ପୂର୍ବରୁ ମନକୁ ଚାପମୁକ୍ତ ରଖନ୍ତୁ। ସକାଳୁ ଏକ ଶାନ୍ତ ପରିବେଶରେ ଯୋଗ କରନ୍ତୁ। ଏହି ସମୟରେ ଏକାଗ୍ରତା ହେଉଛି ବଡ଼ କଥା। ନିୟମିତ ଯୋଗ କଲେ ତାହାର ସୁପ୍ରଭାବ ଧୀରେ ଧୀରେ ଅନୁଭବ କରିହୁଏ। ନିଜ ଘରେ ହେଉ ଅବା ପାର୍କରେ କିମ୍ବା କୌଣସି ଯୋଗ ଅନୁଷ୍ଠାନରେ ଆପଣ ଯୋଗ କରିପାରିବେ। ପ୍ରତିଦିନ କିଛି ସମୟ ଯୋଗ କଲେ ତଦ୍ୱାରା ଆପଣ ନିଜକୁ ଟେନ୍‌ସନଠାରୁ କେତେକାଂଶରେ ଦୂରେଇ ରଖିପାରିବେ। ଏହାର ସୁପ୍ରଭାବ ଶରୀରର ଅନେକ ଅଙ୍ଗପ୍ରତ୍ୟଙ୍ଗ ଉପରେ ପଡ଼ିଥାଏ।

# ଏସିଆ କପ୍: ପାକିସ୍ତାନ ବିପକ୍ଷରେ ଭାରତୀୟ ବୋଲର ପ୍ରଭାବୀ




ଉଇକେଟ ନେବା ପରେ ଅକ୍ଷର ପଟେଲଙ୍କୁ କୁଲଦୀପ ଯାଦବଙ୍କ ବଧେଇ।

**ଦୁବାଇ, ୧୪।୯**

ଏସିଆ କପ୍ କ୍ରିକେଟରେ ରବିବାର ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱି ଭାରତ ଓ ପାକିସ୍ତାନ ମଧ୍ୟରେ ହାଇପ୍ରୋଫାଇଲ ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ଭାରତୀୟ ବୋଲରମାନେ ଚମତ୍କାର ବୋଲିଂ କରି ପାକିସ୍ତାନକୁ ବଡ଼ ସ୍କୋର କରିବାକୁ ଦେଇ ନାହାନ୍ତି। ପାକିସ୍ତାନ ୨୦ ଓଭରରେ ୯ ଉଇକେଟ ହରାଇ ୧୨୭ ରନ ସଂଗ୍ରହ କରିଛି। ଏକାକୀ ଶାହିବଜାଦା ଫରହାନ ଭାରତୀୟ ବୋଲରଙ୍କୁ କିଛି ପରିମାଣରେ ସଫଳ ମୁକାବିଲା କରି ସର୍ବାଧିକ ୪୦ (୪୪ ବଲ, ୧ ଚୌକା, ୩ ଛକା) ରନ ସଂଗ୍ରହ କରିଛନ୍ତି। ଅଧିନାୟକ ସଲମାନ ଆଘାଙ୍କ ସମେତ ଅନ୍ୟ ସମସ୍ତ ବ୍ୟାଟର ନିରାଶା ଜନକ ବ୍ୟାଟିଂ କରିଛନ୍ତି। ଭାରତ ପକ୍ଷରୁ ହାର୍ଦ୍ଦିକ ପାଣ୍ଡ୍ୟା ଉଇକେଟ ହାସଲ ଅଭିଯାନ ପ୍ରଥମ ଓଭରରୁ ଆରମ୍ଭ କରିଥିବାବେଳେ ମଧ୍ୟଭାଗରେ ଦୁଇ ସ୍ପିନର କୁଲଦୀପ ଯାଦବ ଓ ଅକ୍ଷର ପଟେଲ ପାକିସ୍ତାନକୁ ସ୍ପିନ୍ ଜାଲରେ ଫସାଇବାରେ ସକ୍ଷମ ହୋଇଥିଲେ।

ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ପାକିସ୍ତାନ ଅଧିନାୟକ ସଲମାନ ଆଘା। ଭାରତ ପକ୍ଷରୁ ବୋଲିଂ ଓପନ କରିଥିବା ହାର୍ଦ୍ଦିକ ପାଣ୍ଡ୍ୟା ପ୍ରଥମ ବଲ୍‌କୁ ୱାଇଡ୍ ପକାଇଥିବାବେଳେ ଦ୍ୱିତୀୟ ବଲ୍‌ରେ ସଇମ ଆୟୁବଙ୍କୁ ଆଉଟ କରି ପାକିସ୍ତାନକୁ ଶକ୍ତ ଝଟ୍‌କା ଦେଇଥିଲେ। ଭାରତର ଷ୍ଟ୍ରାଇକ୍ ବୋଲର ଯଶପ୍ରୀତ୍ ବୁମ୍‌ରା ମଧ୍ୟ ନିରାଶ କରି ନ ଥିଲେ। ସେ ନିଜ ପ୍ରଥମ ଓଭରରେ ଅଭିଜ୍ଞ ମହମ୍ମଦ ହାରିସଙ୍କୁ ପ୍ୟାଭିଲିୟନ ପଠାଇ ପାକିସ୍ତାନକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ଓପନର ଶାହିବଜାଦା ଫରହାନ ସତର୍କତାର ଭାରତୀୟ ବୋଲରଙ୍କୁ ମୁକାବିଲା କରିଥିଲେ ହେଁ ସ୍ପିନର ଆସିବାପରେ ରନ୍‌ହାର ଧିମେଇ ଯାଇଥିଲା। ଅକ୍ଷର ପଟେଲ ଚମତ୍କାର ବୋଲିଂ କରି ଫଖର ଜମନ ଓ ଆଘାଙ୍କୁ ଆଉଟ କରିଥିବାବେଳେ ପାକିସ୍ତାନ ୧୦ ଓଭରରେ ୪ ଉଇକେଟ ହରାଇ କେବଳ ୪୯ ରନ କରିବାକୁ ସକ୍ଷମ ହୋଇଥିଲା। ଆୟୁବ (୦) ଗୋଲ୍‌ଡେନ ଡକ୍‌ରେ ଆଉଟ ହୋଇଥିବାବେଳେ ହାରିସ ୩, ଜମନ ୧୭ ଓ ଆଘା ୩ ରନର ଯୋଗଦାନ ଦେଇଥିଲେ। ତାରକା ସ୍ପିନର କୁଲଦୀପ ଯାଦବ ମଧ୍ୟ ପଛରେ ରହି ନ ଥିଲେ। ସେ ନିଜ ଦ୍ୱିତୀୟ ଓଭରର ୪ର୍ଥ ଓ ୫ମ ବଲ୍‌ରେ ୨ଟି ଉଇକେଟ ହାସଲ କରି ମ୍ୟାଚକୁ ଏକପାଖିଆ କରି ଦେଇଥିଲେ। ସେ ଏହି ଓଭରର ୪ର୍ଥ ବଲ୍‌ରେ ହାସନ ନୱାଜ (୫)ଙ୍କୁ ଅକ୍ଷର ପଟେଲଙ୍କ ହାତରେ କ୍ୟାଚ କରାଇଥିବାବେଳେ ୫ମ ବଲ୍‌ରେ ମହମ୍ମଦ ନୱାଜ (୦)ଙ୍କୁ ଶିକାର ବନାଇଥିଲେ। ଶାହିବଜାଦା ଫରହାନ ସର୍ବାଧିକ ୪୦ (୪୪ ବଲ, ୧ ଚୌକା, ୩ ଛକା) ରନ କରିଛନ୍ତି। ଶେଷ ଭାଗରେ ଶାହିନ ଶାହା ଆଫ୍ରିଦୀ କେତେକ ଦର୍ଶନୀୟ ଶଟ୍ ଖେଳିବାରୁ ପାକିସ୍ତାନ ସମ୍ମାନଜନକ ସ୍କୋରରେ ପହଞ୍ଚି ପାରିଥିଲା। ଭାରତ ପକ୍ଷରୁ କୁଲଦୀପ ଯାଦବ ୩ଟି, ଅକ୍ଷର ପଟେଲ ଓ ଯଶପ୍ରୀତ୍ ବୁମ୍‌ରା ୨ଟି ଲେଖାଏ ଏବଂ ହାର୍ଦ୍ଦିକ ପାଣ୍ଡ୍ୟା ଓ ବରୁଣ ଚକ୍ରବର୍ତ୍ତୀ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ୨୦ ଓଭରରେ ୧୨୭/୯ (ଶାହିବଜାଦା ଫରହାନ-୪୦, ଶାହିନ ଶାହ ଆଫ୍ରିଦୀ-୩୩*, ଫଖର ଜମନ-୧୭, କୁଲଦୀପ ଯାଦବ-୩/୧୮, ଅକ୍ଷର ପଟେଲ-୨/୧୮, ଯଶପ୍ରୀତ୍ ବୁମ୍‌ରା-୨/୨୮, ହାର୍ଦ୍ଦିକ ପାଣ୍ଡ୍ୟା-୧/୩୪, ବରୁଣ ଚକ୍ରବର୍ତ୍ତୀ-୧/୨୪)।

## ଗ୍ୟାରୀ ଷ୍ଟିଡ୍ ଆନ୍ଧ୍ର କୋଚ୍

**ନୂଆଦିଲ୍ଲୀ,୧୪।୯(ପି.ଟି.):** ଆନ୍ଧ୍ର କ୍ରିକେଟ୍ ଆସୋସିଏଶନ (ଏସିଏ) ଶନିବାର ନ୍ୟୁଜିଲାଣ୍ଡର ପୂର୍ବତନ କ୍ରିକେଟର ତଥା କୋଚ୍ ଗ୍ୟାରୀ ଷ୍ଟିଡ୍‌ଙ୍କୁ ୨୦୨୫-୨୬ ରଣଜୀ ଟ୍ରଫି ସିଜନ ଲାଗି ମୁଖ୍ୟ କୋଚ୍ ଘୋଷଣା କରିଛି। ଷ୍ଟିଡ୍ ୨୦୧୮ରୁ ଚଳିତବର୍ଷ ପର୍ଯ୍ୟନ୍ତ ନ୍ୟୁଜିଲାଣ୍ଡ ଦଳର ମୁଖ୍ୟ କୋଚ୍ ଥିଲେ। ତାଙ୍କ କାର୍ଯ୍ୟକାଳରେ ନ୍ୟୁଜିଲାଣ୍ଡ ୩ଟି ଆଇସିସି ଟୁର୍ନାମେଣ୍ଟର ଫାଇନାଲରେ ଖେଳିଥିଲା। ଏପରି କି ନ୍ୟୁଜିଲାଣ୍ଡ ୨୦୧୯-୨୧ ୱାର୍ଲ୍ଡ ଚାମ୍ପିୟନଶିପ୍ ଫାଇନାଲ ମଧ୍ୟ ଜିତିଥିଲା। ସେ ନ୍ୟୁଜିଲାଣ୍ଡ ମହିଳା ଦଳର ମଧ୍ୟ କୋଚ୍ ଥିଲେ।







## ମେଘନାଙ୍କୁ ପ୍ରଥମ ପଦକ

ନିଙ୍ଗ୍‌ବୋ, ୧୪।୯ (ପି.ଟି.): ସିଜନ ଶେଷ ଆଇଏସ୍‌ଏସ୍‌ଏଫ୍ ୱାର୍ଲ୍ଡକପ୍ ରାଇଫଲ/ପିସ୍ତଲ ଚାମ୍ପିୟନଶିପ୍‌ରେ ଭାରତର ମେଘନା ସାଜାନାର ମହିଳା ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ଏକ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ବିଶ୍ୱକପ୍‌ରେ ମେଘନାଙ୍କର ଏହା ହେଉଛି ପ୍ରଥମ ପଦକ। ଏହି ପଦକ ସହ ଭାରତ ୫ପଦକ ସହ ଇଭେଣ୍ଟରେ ଏହାର ଅଭିଯାନ ଶେଷ କରିଛି। ୮ ବର୍ଷରେ ମେଘନାଙ୍କର ଏହାଥିଲା ପ୍ରଥମ ବିଶ୍ୱକପ୍ ଫାଇନାଲ। ସେ ୨୩୦.୦ ଶଟ୍ ସହ ନରୱେର ଜିନେଟ୍ ହେଗ୍ ଡ୍ୟୁଷ୍ଟାଡ୍‌ଙ୍କ ପଛରେ ବ୍ରୋଞ୍ଜ ଜିତିଥିଲେ।

## ଶେରାୱତ ଅଯୋଗ୍ୟ ଘୋଷିତ

**ବିଶ୍ୱ କୁସ୍ତି ଚାମ୍ପିୟନଶିପ୍**

**ନୂଆଦିଲ୍ଲୀ, ୧୪।୯ (ପି.ଟି.)**

ଅଧିକ ଓଜନ ଯୋଗୁ ଭାରତର ଅଲିମ୍ପିକ ପଦକ ବିଜେତା ଅମନ ଶେରାୱତ କ୍ରୋଏସିଆର ଜାଗ୍ରେବଠାରେ ଚାଲିଥିବା ବିଶ୍ୱ କୁସ୍ତି ଚାମ୍ପିୟନଶିପ୍‌ରେ ଅଯୋଗ୍ୟ ଘୋଷିତ ହୋଇଛନ୍ତି। ଫଳତଃ ଭାରତୀୟ କୁସ୍ତି ଦଳକୁ ଶକ୍ତ ଧକ୍କା ଲାଗିଛି। ଅମନ ଗତ ବର୍ଷ ପ୍ୟାରିସ ଗେମ୍ସରେ ଏକ ବ୍ରୋଞ୍ଜ ଜିତିଥିଲେ। ପୁରୁଷ ଫ୍ରିଷ୍ଟାଇଲ ୫୭କେଜି ଶ୍ରେଣୀରେ ଓଜନ ବେଳେ ତାଙ୍କ ଓଜନ ୧.୭ କେଜି ଅଧିକ ଥିବା ଦେଖିବାକୁ ମିଳିଥିଲା। ଭାରତୀୟ ଦଳର ଜଣେ ସଦସ୍ୟ କହିଛନ୍ତି, ଅମନ ତାଙ୍କ ଓଜନ ବଜାୟ ନ ରଖିପାରିବା ଦୁର୍ଭାଗ୍ୟଜନକ ଓ ଆଶ୍ଚର୍ଯ୍ୟଜନକ ମଧ୍ୟ। ୱେଟ୍ ସ୍କେଲରେ ଛିଡ଼ା ହେବାବେଳେ ଧାର୍ଯ୍ୟ ଓଜନଠାରୁ ତାଙ୍କ ଓଜନ ୧୭୦୦ଗ୍ରାମ୍ ଅଧିକ ଥିବା ପରିଲକ୍ଷିତ ହୋଇଥିଲା। ଏହା ଆଦୌ ଗ୍ରହଣଯୋଗ୍ୟ ନୁହେଁ। ସେଠିକାର ଜଳବାୟୁ ସହିତ ଅଭ୍ୟସ୍ତ ହେବା ଲାଗି ଜାଗ୍ରେବ୍‌ରେ ଭାରତୀୟ କୁସ୍ତି ଯୋଦ୍ଧାମାନଙ୍କର ଆଗୁଆ ଏକ କ୍ୟାମ୍ପର ଆୟୋଜନ କରାଯାଇଥିଲା। ଓଜନକୁ ସଜାଡ଼ିବା ଲାଗି ଯଥେଷ୍ଟ ସମୟ ଥିଲା। ୨୨ବର୍ଷୀୟ ଅମନ ଛତ୍ରସାଲ ଷ୍ଟାଡିୟମରେ ଟ୍ରେନିଂ ନେଇଥାନ୍ତି। ଭାରତୀୟଙ୍କ ମଧ୍ୟରେ ସେ ଅନ୍ୟତମ ପ୍ରମୁଖ ପଦକ ଦାବିଦାର ଥିଲେ।

## ସାତ୍ୱିକ-ଚିରାଗ, ଲକ୍ଷ୍ୟ ସେନ୍ ରନରଅପ୍

**ହଂକଂ ଓପନ ବ୍ୟାଡ୍‌ମିଣ୍ଟନ**

**ହଂକଂ, ୧୪।୯ (ପି.ଟି.):** ଭାରତର ଷ୍ଟାର ପୁରୁଷ ସିଙ୍ଗଲ୍ସ ଖେଳାଳି ଲକ୍ଷ୍ୟ ସେନ୍ ଏବଂ ଟପ୍ ପୁରୁଷ ଡବଲ୍ସ ଯୋଡ଼ି ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ଏଠାରେ ଚାଲିଥିବା ହଂକଂ ଓପନ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ରନରଅପ୍ ସହ ସେମାନଙ୍କ ଅଭିଯାନ ଶେଷ କରିଛନ୍ତି। ସେ ରବିବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଲକ୍ଷ୍ୟ ବିଶ୍ୱର ୪ ନମ୍ବର ମାନ୍ୟତାପ୍ରାପ୍ତ ଲି' ଶି ଫେଙ୍ଗ୍‌ଙ୍କଠାରୁ ୧୫-୨୧, ୧୨-୨୧ରେ ହାରିଯାଇଛନ୍ତି। ଗତ ନଭେମ୍ବରରେ ଅନୁଷ୍ଠିତ ସୟଦ ମୋଦୀ ସୁପର ୩୦୦ ପରେ ଲକ୍ଷ୍ୟଙ୍କର ଏହା ଥିଲା ପ୍ରଥମ ଫାଇନାଲ। ଲକ୍ଷ୍ୟ ଏହି ଚାଇନିଜ ଖେଳାଳିଙ୍କ ସହ ଜୁନିୟର ସ୍ତରରୁ ଆରମ୍ଭ କରି ଏପର୍ଯ୍ୟନ୍ତ ୧୪ ଥର ମୁକାବିଲା କରି ସାରିଲେଣି। ତାଙ୍କ ବିପକ୍ଷରେ ଲକ୍ଷ୍ୟଙ୍କର ବିଜୟ ପରାଜୟ ରେକର୍ଡ ୭-୬ ରହିଛି। କିନ୍ତୁ ଚଳିତ ସିଜନରେ ଉଭୟ ଅଲ୍ ଇଂଲଣ୍ଡ ଓ ଚାଇନା ଓପନରେ ଲକ୍ଷ୍ୟଙ୍କ ବିପକ୍ଷରେ ପ୍ରାଧାନ୍ୟବିସ୍ତାର କରି ଖେଳିଛନ୍ତି। ଏହି ଚାଇନିଜ ଖେଳାଳି ରବିବାର ଅନୁଷ୍ଠିତ ଫାଇନାଲରେ ବିଶ୍ୱର ୯ ନମ୍ବର ର୍‌୍ୟାଙ୍କିଙ୍ଗ ଭାରତୀୟ ଯୋଡ଼ି ଅଲିମ୍ପିକ ରୌପ୍ୟ ପଦକ ବିଜେତା ୬ଷ୍ଠ ର୍‌୍ୟାଙ୍କିଙ୍ଗପ୍ରାପ୍ତ ଚାଇନାର ଲିଆଙ୍ଗ ୱି କେଙ୍ଗ୍ ଓ ୱାଙ୍ଗ୍ ଚାଙ୍ଗ୍ ଯୋଡ଼ିଙ୍କଠାରୁ ୨୧-୧୯, ୧୪-୨୧, ୧୭-୨୧ରେ ହାରିଯାଇଛନ୍ତି। ଥାଇଲାଣ୍ଡ ଓପନ ଜିତିବାର ୧୬ ମାସ ପରେ ଏହାଥିଲା ସେମାନଙ୍କର ପ୍ରଥମ ଫାଇନାଲ। ସାତ୍ୱିକ-ଚିରାଗ ପୂର୍ବରୁ ଖେଳିଥିବା ସମସ୍ତ ଚାରି ସୁପର ୫୦୦ ଫାଇନାଲରେ ବିଜୟ ଲାଭ କରି ରେକର୍ଡ କରିଥିଲେ। ରବିବାର ପରାଜୟ ଦ୍ୱାରା ଏଥିରେ ବ୍ରେକ୍ ଲାଗିଛି। ଚଳିତ ସିଜନରେ ୬ଟି ଟୁର୍ନାମେଣ୍ଟରେ ସେମିଫାଇନାଲରେ ପ୍ରବେଶ କରିଥିବା ଭାରତୀୟ ଯୋଡ଼ି ଲିଆଙ୍ଗ ଓ ୱାଙ୍ଗ୍‌ଙ୍କ ବିପକ୍ଷରେ ଏହି ଟୁର୍ନାମେଣ୍ଟ ପୂର୍ବରୁ ବିଜୟ ପରାଜୟ ରେକର୍ଡ ୩-୬ ରହିଥିଲା।




1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ